
ISSN No. 3049-2807 (O)
April - June 2026

# ବିନ୍ଦୁ ବିମର୍ଶ

BINDU BIMARSHA...

ଏପ୍ରିଲ୍ - ଜୁନ୍ ୨୦୨୬

QUARTERLY, PEER REVIEWED RESEARCH JOURNAL



ବିନ୍ଦୁ ବିମର୍ଶ

BINDU BIMARSHA

ତ୍ରୈମାସିକ ସମୀକ୍ଷିତ ଗବେଷଣାତ୍ମକ ଓଡ଼ିଆ ପତ୍ରିକା

Quarterly Peer Reviewed Research Journal

ଦ୍ୱିତୀୟ ବର୍ଷ, ଦ୍ୱିତୀୟ ସଂଖ୍ୟା
ଏପ୍ରିଲ୍ - ଜୁନ୍ ୨୦୨୬

**Volume No:.** II, **Issue No:.** II
APRIL - JUNE 2026

ପ୍ରତିଷ୍ଠାତା, ସମ୍ପାଦକ ଓ ପ୍ରକାଶକ
ଡ. ସୌମ୍ୟଜିତ୍ ପଣ୍ଡା

**Founder, Editor & Publisher**
Dr. Soumyajit Panda

# BINDU BIMARSHA

**ISSN:**3049-2807(O)


***BINDU BIMARSHA*** is a quarterly, peer-reviewed online & print academic journal edited and published by **Dr. Soumyajit Panda** since **2025**. The journal publishes original research and scholarly articles in **Odia language**, **literature**, **folk culture**, **comparative literature**, **literary theory** and research methodology with a focus on **region responsive research**. The publication maintains a rigorous peer-review process and adheres to established academic and ethical standards, continuing its print edition from **2025 to the present**.


**City of publication:** Jajpur ‖ **Language of publication:** Odia ‖ **Year of publication:** 2025



**Permanent Official Address**

At- Karajanga, Po- Rajendrapur, Ps-Kuakhia, Via– Kabirpur Dist- Jajpur, State-Odisha, Pin- 755009

**Contact**

Email_ID: bindubimarsha@gmail.com Mobile No. 9439515579

## ସମ୍ପାଦକ ମଣ୍ଡଳୀ

**ଡ. ସୌମ୍ୟଜିତ୍ ପଣ୍ଡା**
ସହାୟକ ଅଧ୍ୟାପକ, ଦୂରନ୍ତର ଶିକ୍ଷାକେନ୍ଦ୍ର
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ଡ. ବନଜା ବାସିନୀ ବାରିକ**
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ଭଦ୍ରକ

**ଡ. ବିପ୍ଳବ ରଞ୍ଜନ ପ୍ରଧାନ**
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଏସ୍.କେ.ସି. ଜି. ସ୍ୱୟଂଶାସିତ ମହାବିଦ୍ୟାଳୟ
ଗଜପତି

**ଡ. ପ୍ରହ୍ଲାଦ ଖିଲ୍ଲା**
(ଏହି ସଂଖ୍ୟା ପାଇଁ ସମ୍ପାଦକ ମଣ୍ଡଳୀରେ ନାହାନ୍ତି)
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ଡ. ପ୍ରୀତିରଞ୍ଜନ ମାଝୀ**
ସହାୟକ ଅଧ୍ୟାପକ, ସଂସ୍କୃତ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ଡ. ମନୀଷା ସାହୁ**
ଓଡ଼ିଆ ଅଧ୍ୟାପକ
ଇସ୍ପାତ ମହାବିଦ୍ୟାଳୟ, ରାଉରକେଲା

**ଡ. ମନୋରଞ୍ଜନ ସାହୁ**
ଓଡ଼ିଆ ବିଭାଗ ମୁଖ୍ୟ,
ବ୍ରାହ୍ମଣୀ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

**ଡ ଶାନ୍ତନୁ କୁମାର ନାୟକ**
ଓଡ଼ିଆ ଅଧ୍ୟାପକ
ଏରୋନଟିକ୍ସ ମହାବିଦ୍ୟାଳୟ, ସୁନାବେଡା, (କୋରାପୁଟ)

**ଚିନ୍ମୟ ସାମଲ**
ଓଡ଼ିଆ ଅଧ୍ୟାପକ,
ପଟ୍ଟାମୁଣ୍ଡେଇ ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

## Editorial Board

**Dr. Soumyajit Panda**
Assistant Professor, (CDOE),
Fakir Mohan University, Balasore

**Dr. Banaja Basini Barik**
Assistant Professor, Department of Odia,
Bhadrak Autonomous College, Bhadrak

**Dr. Biplab Ranjan Pradhan**
Assistant Professor, Department of Odia,
S.K.C.G. Autonomous College, Gajapati

**Dr. Prahlad Khilla**
(Editor not on the board for this issue.)
Assistant Professor, Department of Odia,
Fakir Mohan University, Balasore

**Dr. Pritiranjan Majhi**
Assistant Professor, Department of Sanskrit, Fakir Mohan University, Balasore

**Dr. Manisha Sahu**
Lecturer in Odia,
Ispat College, Rourkela

**Dr. Manoranjan Sahu**
Head, Department of Odia,
Brahmani College, Kendrapada

**Dr. Shantanu Kumar Nayak**
Aeronautics College, Sunabeda
(Koraput)

**Chinmaya Samal**
Lecturer in Odia,
Pattamundai College, Kendrapada

## ଉପଦେଷ୍ଟା ଓ ସମୀକ୍ଷକ ମଣ୍ଡଳୀ


**ପ୍ରଫେସର ନାରାୟଣ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ**
ସଂଯୁକ୍ତ ପ୍ରଫେସର, ଓଡ଼ିଆ ବିଭାଗ ଫକୀରମୋହନ
ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ପ୍ରଫେସର ମନୋରଞ୍ଜନ ପ୍ରଧାନ**
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

**ପ୍ରଫେସର ଦେବାଶିଷ ପାତ୍ର**
ବିଭାଗ ମୁଖ୍ୟ, ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ପ୍ରଫେସର ସନ୍ତୋଷ କୁମାର ରଥ**
ସଂସ୍କୃତି ଅଧ୍ୟୟନ ବିଭାଗ
ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

**ଡ. ଗୋପୀନାଥ ବାଗ**
ସହାୟକ ଅଧ୍ୟାପକ,
ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ଡ. ଜୟନ୍ତ କୁମାର ଦାସ**
ସହାୟକ ଅଧ୍ୟାପକ,
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**ଡ. ଇନ୍ଦ୍ରମଣି ସାହୁ**
ସହାୟକ ଅଧ୍ୟାପକ,
ବିଶ୍ୱଭାରତୀ, ଶାନ୍ତିନିକେତନ

**ଡ. ପରୀକ୍ଷିତ ଭୋଇ**
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ, ସମ୍ବଲପୁର

**ଡ. କଳ୍ପତରୁ ନାୟକ**
ସହାୟକ ଅଧ୍ୟାପକ, ଓଡ଼ିଆ ବିଭାଗ
ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ବୌଦ୍ଧ


## Advisory and Review Board


**Professor Narayan Sahu**
Retired Professor, Department of Odia,
Utkal University, Bhubaneswar

**Professor Krushna Chandra Pradhan**
Associate Professor, Department of Odia,
Fakir Mohan University, Balasore

**Professor Manoranjan Pradhan**
Retired Professor, Department of Odia,
Visva-Bharati University, Santiniketan

**Professor Debashish Patra**
Head, Department of Language and Literature, Fakir Mohan University, Balasore

**Professor Santosh Kumar Rath**
Department of Cultural Studies,
Siksha 'O' Anusandhan University,
Bhubaneswar

**Dr. Gopinath Bag**
Assistant Professor,
Sambalpur University, Sambalpur

**Dr. Jayanta Kumar Das**
Assistant Professor,
Fakir Mohan University, Balasore

**Dr. Indramani Sahu**
Assistant Professor,
Visva-Bharati University, Santiniketan

**Dr. Parikshit Bhoi**
Assistant Professor, Department of Odia,
Gangadhar Meher University, Sambalpur

**Dr. Kalpataru Nayak**
Assistant Professor, Department of Odia,
Adarsha Degree College, Boudh

## ଆମ ବିଷୟରେ

- ବିନ୍ଦୁ ବିମର୍ଶ ଏକ ତ୍ରୈମାସିକ ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ଆଧାରିତ ସମାଲୋଚନାଧର୍ମୀ ପତ୍ରିକା ।
- ଏଣୁ ଏଥିରେ କୌଣସି ପ୍ରକାର ସର୍ଜନାତ୍ମକ ରଚନା (ଗଳ୍ପ, କବିତା, ଉପନ୍ୟାସ, ଅନୁବାଦ ବା ନାଟକ ଆଦି) ଗ୍ରହଣୀୟ ନୁହେଁ।
- ଏହି ପତ୍ରିକା ମଧ୍ୟରେ କେବଳ ଓଡ଼ିଆ ଭାଷାରେ ରଚିତ ସାହିତ୍ୟ ଓ ସଂସ୍କୃତି ଆଧାରିତ ଗବେଷଣାଧର୍ମୀ ପ୍ରବନ୍ଧ ପ୍ରକାଶ ହେବ ।
- ଏହା ବ୍ୟତୀତ ଏହି ପତ୍ରିକାରେ ପୁସ୍ତକ ସମୀକ୍ଷା ଓ ଗବେଷକମାନଙ୍କ ସହିତ ହୋଇଥିବା ପତ୍ରାଳାପ ଓ ଲିଖିତ ସାକ୍ଷାତକାର ସ୍ଥାନ ପାଇବ ।
- ପତ୍ରିକାଟି କେବଳ ମୌଳିକ ସମାଲୋଚନାପାଇଁ ଉଦ୍ଦିଷ୍ଟ । ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ଲେଖା ଏଥିରେ ଗ୍ରହଣୀୟ ହେବନାହିଁ।
- ଲେଖାଗୁଡ଼ିକ କେବଳ ୟୁନିକୋଡ଼ ଅକ୍ଷରରେ ଓ ମାଇକ୍ରୋସଫ୍ଟ ୱାର୍ଡ଼ ଫାଇଲରେ ଗ୍ରହଣୀୟ।
- ଲେଖାର ଅକ୍ଷର ଓଡ଼ିଆ କଳିଙ୍ଗ ଲିପିରେ ରହିବା ଆବଶ୍ୟକ।
- ଲେଖାର ନାମ ୧୬(ବୋଲ୍ଡ), ଲେଖକଙ୍କର ନାମ ୧୩(ବୋଲ୍ଡ) ଓ ତାଙ୍କର ଠିକଣା ୧୧ ଅକ୍ଷର ସାଇଜରେ ରହିବ। ଏହା ସହିତ ଆଲୋଚନାଟି ୧୨ ଅକ୍ଷର ସାଇଜରେ ରହିବ । ଆଲୋଚନା ମଧ୍ୟରେ ଉପଶୀର୍ଷକ ଥିଲେ ଏହା ୧୨ ବୋଲ୍ଡ ଅକ୍ଷର ସାଇଜରେ ରହିବା ବିଧେୟ ।
- ଏହା ଏକ ଦେୟମୁକ୍ତ ପ୍ରକାଶନ ମଞ୍ଚ ଏଣୁ ସମୀକ୍ଷକ ଓ ସମ୍ପାଦକମଣ୍ଡଳୀଙ୍କର ଅନୁମୋଦନ ପରେ ଲେଖାଟି ପ୍ରକାଶ ପାଇବ ।
- ଏହା ତ୍ରୈମାସିକ ଆଧାରରେ ପ୍ରକାଶ ପାଉଥିବାରୁ ଲେଖା ପଠାଇବା ପରେ ପ୍ରେରକଙ୍କୁ ୬ ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ଅନୁରୋଧ ।
- ପ୍ରବନ୍ଧ ପ୍ରେରଣ ସମୟରେ ଲେଖକ ପ୍ରକାଶକଙ୍କୁ ଲେଖାଟି ପ୍ରକାଶ କରିବାପାଇଁ ନିଜର ସ୍ୱୀକୃତି ପତ୍ର ପ୍ରେରଣ କରିବା ଅନିବାର୍ଯ୍ୟ । ଏହା ବିନା ଲେଖାଟି ଗ୍ରହଣୀୟ ନୁହେଁ ।

**-ସମ୍ପାଦକ ମଣ୍ଡଳୀ**

## About Us.

- Bindu Bimarsha is a quarterly Odia literary and cultural criticism magazine. Therefore, it does not accept any form of creative writing such as stories, poems, novels, translations, or plays Etc .
- This magazine publishes research-based articles focused on literatur and culture written only in the Odia language.
- Additionally, the magazine includes book reviews, written interviews, and correspondences with researchers.
- The magazine is dedicated solely to original critiques. Previously published works are not accepted.
- Submissions must be made in Unicode font and in Microsoft Word format.
- The articles should be written in the Odia Kalinga script.
- The title of the article should be in 16-point bold font, the author's name in 13 -point bold font, and the address in 11-point font. The body of the discussion should be in 12-point font. If there are subheadings within the article, they should be in 12-point bold font.
- This is a non-commercial publication platform, and articles are published only after approval from the reviewers and editorial board.
- As the magazine is published quarterly, contributors are requested towait up to 6 months after submission.
- At the time of submission, the author must send a consent letter authorizing the publisher to publish the article. Without this letter, the submission will not be accepted.

**-Editorial Board**

## ଓଡ଼ିଆ ସାହିତ୍ୟରେ ସନ୍ଦର୍ଭ, କୃତିତ୍ୱ ଓ H-Index ସଙ୍କଟ ଓ ସମାଧାନ

ବିବୁଧେ, ଓଡ଼ିଆ ସାହିତ୍ୟ ଏକ ଐତିହ୍ୟବାହୀ ଓ ସଂସ୍କୃତିମୟ ଧାରା, ଯାହା ଶତାବ୍ଦୀଧରି ସାଂସ୍କୃତିକ ସାମାଜିକ ଓ ବୌଦ୍ଧିକ ଜୀବନକୁ ପ୍ରଭାବିତ କରିଆସିଛି। ଏହି ପ୍ରଭାବ କେବଳ ସୃଜନଶୀଳ ସାହିତ୍ୟ ପାଇଁ ନୁହେଁ, ଅପିତୁ ବିଶ୍ଳେଷଣାତ୍ମକ ଓ ବ୍ୟାଖ୍ୟାତ୍ମକ ପରମ୍ପରା ପାଇଁ ମଧ୍ୟ ସାହିତ୍ୟ କୁସୁମ ସମୃଦ୍ଧ। ଆମର ଏହି ସାହିତ୍ୟ ଅନୁସନ୍ଧାନର ଧାରା ଅଦ୍ୟାପି ଚିରାଚରିତ ଧାରାକୁ ବହନ କରିଚାଲିଛି, କିନ୍ତୁ ଆଜିର ବିଶ୍ୱ ଜ୍ଞାନ ପ୍ରଣାଳୀରେ, ଯେଉଁଠି ଗବେଷଣାର ମାନକ ଆନ୍ତର୍ଜାତୀୟ ସୂଚନା ଓ ଡିଜିଟାଲ ପ୍ରଭାବ ଦ୍ୱାରା ନିୟନ୍ତ୍ରିତ, ସେଠାରେ ଓଡ଼ିଆ ସାହିତ୍ୟ ଗବେଷଣା ଏକ ଗୁରୁତର ସଙ୍କଟର ସମ୍ମୁଖୀନ ହୋଇଛି। ସେହି ସଙ୍କଟର କେନ୍ଦ୍ର ସ୍ଥଳରେ ରହିଛି ସନ୍ଦର୍ଭ (Reference), କୃତିତ୍ୱ ସ୍ୱୀକୃତି (Credit) ଓ H-Index (ଗବେଷଣା ପ୍ରଭାବ)। ଏହି ତିନୋଟି ଅଂଶ କେବଳ ଏକ ଆଳଙ୍କାରିକ ବା ତଥ୍ୟାତ୍ମକ ପ୍ରୟୋଗର ଶବ୍ଦ ନୁହେଁ; ଏହା ଗବେଷଣାର ନୈତିକତା, ଗୁଣ ଓ ସ୍ୱୀକୃତିର ମୂଳ ଭିତ୍ତି। ଯହିଁ 'ସନ୍ଦର୍ଭ' ଗବେଷଣାକୁ ପ୍ରାମାଣିକ ଭିତ୍ତି ପ୍ରଦାନ କରେ, ତହିଁ 'କୃତିତ୍ୱ' ତାହାର ନୈତିକତାକୁ ସୁନିଶ୍ଚିତ କରେ ଓ H-Index ତାହାର ପ୍ରଭାବକୁ ଦର୍ଶାଇବାରେ ପ୍ରମୁଖ ଭୂମିକା ନିର୍ବାହ କରେ। ଦୁଃଖର କଥା, ଓଡ଼ିଆ ସାହିତ୍ୟର ଅଧିକାଂଶ ଗବେଷଣାରେ ଏହି ତିନୋଟି ମାନଦଣ୍ଡ ଅପୂର୍ଣ୍ଣ ରହିଯାଉଛି।

ସବୁଠାରୁ ପ୍ରଥମେ ଆସୁଛି **ସନ୍ଦର୍ଭ ବ୍ୟବସ୍ଥାର ଅବ୍ୟବସ୍ଥା।** ଗବେଷଣା କେବଳ ଚିନ୍ତାଧାରାର ସମାହାର ନୁହେଁ; ଏହା ଏକ ପ୍ରମାଣ ଆଧାରିତ ବୈଜ୍ଞାନିକ ପ୍ରକ୍ରିୟା। କିନ୍ତୁ ଓଡ଼ିଆ ଗବେଷଣାରେ ଅନେକ ସମୟରେ ଦେଖାଯାଏ ଯେ citation style ର କୌଣସି ନିୟମିତତା ନାହିଁ। **MLA, APA, Chicago, Harvard, IEEE, Vancouver, AMA, ACS, Turabian, ASA, AP, Bluebook, CSE, MHRA, OSCOLA, AIP, NLM, AAA** ପରି ଆନ୍ତର୍ଜାତୀୟ ମାନକ ଅନୁସରଣ କରିବାରେ ଅସାବଧାନତା ଦେଖିବାକୁ ମିଳୁଛି। ଏପରିକି ସତଚେଷ୍ଟା କରି ମଧ୍ୟ ଆମର ପତ୍ରିକରେ ସନ୍ଦର୍ଭିକରଣର ସମସ୍ୟା ରହୁଛି ଯାହା ଦୁଃଖର ବିଷୟ। ଏକ ଗବେଷଣା ପତ୍ରରେ କୌଣସି ପୁସ୍ତକର ଉଲ୍ଲେଖ ରହିଲେ, ଯଦି ସେହି ପୁସ୍ତକର ପ୍ରକାଶନ ବର୍ଷ, ପ୍ରକାଶକ କିମ୍ବା ସଂସ୍କରଣ ନଦିଆଯାଏ ତେବେ, ଏହା ଗବେଷଣାର ଭରସାଯୋଗ୍ୟତାକୁ ପ୍ରଶ୍ନର କାଠଗଡ଼ରେ ଠିଆ କରେ। ତହୁଁ ଅଧିକ ସମସ୍ୟା ହେଉଛି ତଥ୍ୟର ନୂତନତା ପରୀକ୍ଷା(plagiarism) । ଅର୍ଥାତ୍ ଅନ୍ୟର ଧାରଣାକୁ ନିଜର ଭାବରେ ପ୍ରସ୍ତୁତ କରିବା। ଅନେକ ଗବେଷଣା ପତ୍ରରେ ଏହି ପ୍ରବୃତ୍ତି ଦେଖାଯାଉଛି, ଯାହା ଗବେଷଣାର ନୈତିକ ଭିତ୍ତିକୁ ଅସ୍ଥିର କରୁଛି। ଯଦି ଗବେଷଣାରେ ସନ୍ଦର୍ଭ ଠିକ୍ ନଥାଏ, ତେବେ ସେହି ଗବେଷଣା କେବଳ ଏକ ସାଧାରଣ ଲେଖାରେ ପରିଣତ ହୁଏ।

ଦ୍ୱିତୀୟତଃ, କୃତିତ୍ୱ ଓ ସ୍ୱୀକୃତିର ସଙ୍କଟ ଓଡ଼ିଆ ସାହିତ୍ୟର ଗବେଷଣାରେ ଗଭୀର ଭାବେ ରୂପାୟିତ। ମୂଳ ଲେଖକଙ୍କ ଅବଦାନକୁ ଯଥାଯଥ ମୂଲ୍ୟ ଦେବା ହେଉଛି ଗବେଷଣାର ନୈତିକ ଦାୟିତ୍ୱ। କିନ୍ତୁ ଅନେକ ସମୟରେ ଏହି ଦାୟିତ୍ୱ ଅବହେଳିତ ହେଉଥିବାର ଦେଖିବାକୁ ମିଳୁଛି। ଧରାଯାଉ, ଅଭିମନ୍ୟୁଙ୍କ ସାହିତ୍ୟ ଉପରେ ଅନେକ ଗବେଷଣା ହୋଇଛି। କିନ୍ତୁ ସେହି ଗବେଷଣାମାନଙ୍କ ମଧ୍ୟରୁ କେତେକରେ ପୂର୍ବରୁ ଗବେଷଣା ଲବ୍ଧ ତଥ୍ୟ ଓ ଗବେଷଣାକୁ ଉଲ୍ଲେଖ କରୁନାହାନ୍ତି। ଏହା କେବଳ ଏକ ଅବହେଳା ନୁହେଁ, ବରଂ ଏକ ନୈତିକ ଅସଫଳତା। ଏହି ପ୍ରବୃତ୍ତି ଅନୁବାଦ ଓ ସମ୍ପାଦନାରେ ମଧ୍ୟ ଦେଖାଯାଏ। ଅନେକ ସମୟରେ ଅନୁବାଦକମାନେ ମୂଳ ସ୍ରୋତକୁ ଉଲ୍ଲେଖ କରୁନାହାନ୍ତି, ଯାହା ମୂଳ ଲେଖକଙ୍କ ପ୍ରତି ଅନ୍ୟାୟ। ଏହା ଗବେଷଣା ସଂସ୍କୃତିକୁ ଦୂଷିତ କରୁଛି ଓ ନୂତନ ପିଢ଼ି ପାଇଁ ଭୁଲ୍ ଧାରଣା ସୃଷ୍ଟି କରୁଛି।

ତୃତୀୟତଃ, ଏହି ସମସ୍ୟାର ସବୁଠାରୁ ଦୃଶ୍ୟମାନ ପ୍ରତିଫଳ ହେଉଛି **H-Indexର** ଗୌଣମାନ। H-Index ହେଉଛି ଗବେଷଣାର ପ୍ରଭାବ ଓ ଗୁଣକୁ ମାପିବାର ଏକ ଆନ୍ତର୍ଜାତୀୟ ମାନକ। ଯଦି ଗବେଷଣା ପତ୍ର ଅନ୍ୟମାନଙ୍କ ଦ୍ୱାରା ସନ୍ଦର୍ଭୀତ (cite) ହୁଏ, ତେବେ ତାହା ମୂଳ ଗବେଷଣାର ପ୍ରଭାବ ଓ ତଥ୍ୟଗତ ଯୋଗ୍ୟତାକୁ ବୃଦ୍ଧି କରେ। କିନ୍ତୁ ଓଡ଼ିଆ ସାହିତ୍ୟର ଅଧିକାଂଶ ଗବେଷଣା ପତ୍ର Google Scholar କିମ୍ବା Scopus ପରି ଆନ୍ତର୍ଜାତୀୟ ଡାଟାବେସ୍‌ରେ ଉପଲବ୍ଧ

ନାହିଁ। ତେଣୁ ସେମାନେ citation ପାଉନାହାନ୍ତି ଓ H-Index ନାହିଁ କହିଲେ ଚଳେ। ଏହାର ଅର୍ଥ ଏହା ନୁହେଁ ଯେ ଓଡ଼ିଆ ଗବେଷଣାରେ ଗୁଣମାନରେ ନିମ୍ନ ସ୍ତରର ଅପିତୁ ଆମର ଭାଷା ସାହିତ୍ୟ ଗବେଷଣା ସମକାଳୀନ ଭାରତୀୟ ଭାଷାଗତ ପ୍ରସଙ୍ଗରେ ଅତ୍ୟନ୍ତ ମୂଲ୍ୟବାନ। ପ୍ରକାରନ୍ତରେ କହିଲେ ଏକ ଗୁଣବତ୍ତ ଅପେକ୍ଷା ଦୃଶ୍ୟମାନତାର ସମସ୍ଯା ଅଧିକ ଅଧିକାଂଶ ଗବେଷଣା ବୃହତ୍ତର ପାଠକ ଗୋଷ୍ଠୀ ସମ୍ମୁଖରେ ପହଞ୍ଚୁନାହିଁ। ଏଣୁ ଏହା ଏକ ଦୃଶ୍ୟମାନତାର ସମସ୍ୟା କହିଲେ ଅତ୍ୟୁକ୍ତି ହେବନାହିଁ।

ଏହି ସମସ୍ୟାଗୁଡ଼ିକର ମୂଳ କାରଣ ହେଉଛି ଆମର ଗବେଷଣା ପ୍ରଣାଳୀର ଦୁର୍ବଳତା। ଅନେକ ଗବେଷକ research methodology ବିଷୟରେ ପର୍ଯ୍ୟାପ୍ତ ଶିକ୍ଷା ପାଉନାହାନ୍ତି। ପାଇଲେ ମଧ୍ୟ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରୁନାହାନ୍ତି। ଡିଜିଟାଲ ପ୍ରଣାଳୀ ଓ ପ୍ରକାରଣର ଅଭାବ ଓ online publication ର ଅନୁପସ୍ଥିତି ଏହାକୁ ଅଧିକ ଜଟିଳ କରୁଛି। ଏହା ସହିତ, ଆନ୍ତର୍ଜାତୀୟ ସହଯୋଗ ଓ ଭାଷାଗତ ବାଧା ମଧ୍ୟ ଏକ ବଡ଼ କାରଣ। ତଥାପି, ଏହି ସଙ୍କଟର ସମାଧାନ ସମ୍ଭବ। ପ୍ରଥମେ, ସନ୍ଦର୍ଭ ବ୍ୟବସ୍ଥାକୁ ସୁସଂଗଠିତ କରିବା ଆବଶ୍ୟକ। MLA, APA ପରି citation style କୁ ଅନିବାର୍ଯ୍ୟ କରାଯିବା ଉଚିତ। ତହିଁ ପରେ Zotero, Mendeley ପରି software ବ୍ୟବହାରକୁ ପ୍ରଚଳିତ କରିବା ଆବଶ୍ୟକ। plagiarism checkingକୁ ନିୟମିତ କରାଗଲେ ମଧ୍ୟ ଗବେଷଣାର ନୈତିକତା ସୁଦୃଢ଼ ହେବ।

ଦ୍ୱିତୀୟତଃ, 'କୃତିତ୍ୱ' ଓ 'ସ୍ୱୀକୃତି' ପାଇଁ ମଧ୍ୟ ଏକ ସଠିକ୍ ଶାସ୍ତ୍ରୀୟ ନିୟମ ଗଢ଼ି ତୋଳିବା ଦରକାର। ପ୍ରତ୍ୟେକ ଗବେଷକଙ୍କୁ ମୂଳ ସ୍ରୋତକୁ ଯଥାଯଥ ଶ୍ରେୟ ଦେବା ପ୍ରତି ସଚେତନ କରାଇବା ଆବଶ୍ୟକ। ସେହିପରି ଗବେଷକ ମାନଙ୍କର ପରିଚୟ ପ୍ରଣାଳୀ ରହିବା ଆବଶ୍ୟକ ଏହି କ୍ଷେତ୍ରରେ ORCID ପରି ପ୍ରଣାଳୀ ଗବେଷକଙ୍କ ପରିଚୟକୁ ସ୍ଥିର କରିପାରିବ।

ତୃତୀୟତଃ, H-Index ବୃଦ୍ଧି ପାଇଁ ଓଡ଼ିଆ ଜର୍ଣ୍ଣାଲମାନଙ୍କୁ ଡିଜିଟାଲ ମାଧ୍ୟମରେ ଆଣିବା ସହ DOI(Digital object identified) ପ୍ରଣାଳୀକୁ ଅନୁସରଣ କରି ଆନ୍ତର୍ଜାତୀୟ indexing ପାଇଁ ପ୍ରୟାସୀ ହେବା ଉଚିତ। ଗବେଷକମାନେ ତାଙ୍କର କାମକୁ Google Scholarରେ ଅପଲୋଡ୍ କରିବା ସହିତ ଆନ୍ତର୍ଜାତୀୟ ସମ୍ମେଳନରେ ଅଂଶଗ୍ରହଣ କରିବା ଦରକାର।

ସର୍ବଶେଷରେ, ଏହା ଏକ ସଂଯୁକ୍ତ ପ୍ରୟାସ ହେବା ଦରକାର। ବିଶ୍ୱବିଦ୍ୟାଳୟ, ପତ୍ରିକା ସଂସ୍ଥା ଓ ଗବେଷକମାନେ ଏକାଠି ହୋଇ କାମ କଲେ ହିଁ ଆମ ଗବେଷକ ସମୁଦାୟ ଏହି ସଙ୍କଟର ସମାଧାନ କରିପାରିବ। ଓଡ଼ିଆ ସାହିତ୍ୟର ଗବେଷଣାକୁ ଯଦି ଆମେ ବିଶ୍ୱ ସ୍ତରରେ ପହଞ୍ଚାଇବାକୁ ଚାହୁଁଛୁ, ତେବେ ଏହି ତିନୋଟି ମୂଳ ଭିତ୍ତି ସନ୍ଦର୍ଭ, କୃତିତ୍ୱ ଓ ପ୍ରଭାବକୁ ଦୃଢ଼ କରିବା ଆବଶ୍ୟକ। ଏଥିପାଇଁ ଅନୁସନ୍ଧାନ ନିୟମକୁ ବିଧିବଦ୍ଧ ପାଳନ କରିବା ଅତ୍ୟାବଶ୍ୟକ।

**ସମ୍ପାଦକ**

- ସୌମ୍ୟଜିତ୍ ପଣ୍ଡା

ବିନ୍ଦୁ ବିମର୍ଶ
BINDU BIMARSHA

ISSN No:. 3049-2807(O)
Open Access, Peer Reviewed, Quarterly
Volume No:. IL, Issue No:. II
APRIL – JUNE 2026

# ଏହି ସଂଖ୍ୟାରେ...


| କ୍ର.ସଂ | ଶିରୋନାମା | ଲେଖକ | ପୃଷ୍ଠା |
|---|---|---|---|
| | **ପ୍ରବନ୍ଧ ଓ ସମାଲୋଚନା** | | |
| ୧. | ଆଭାସଧର୍ମୀ ଗଳ୍ପର ସ୍ୱର: ଗାଳ୍ପିକ ନିମାଇଁ ଚରଣ ପଟ୍ଟନାୟକ | ଅଭିମନ୍ୟୁ ସାହୁ | ୯-୧୨ |
| ୨. | ଅପ୍ରାପ୍ତିରେ ସରଦେଇ ଓ ନାଟକ 'ଆହେ ନୀଳଶଇଳ': ଏକ ଆଲୋଚନା | ପ୍ରଜ୍ଞା ପରମିତା ପାତ୍ର | ୧୩-୧୭ |
| ୩. | ପରଜା ଆଦିବାସୀ ଲୋକଗୀତର ସାଂସ୍କୃତିକ ଭାବମାନସ | ଡକ୍ଟର ପ୍ରହ୍ଲାଦ ଖିଲା | ୧୮-୨୪ |
| ୪. | ଓଡ଼ିଆ ଓ ପ୍ରାକୃତ ଭାଷାର ଶାବ୍ଦିକ ସମ୍ବନ୍ଧ: ସାରଳା ମହାଭାରତ | ରମେଶ ଚନ୍ଦ୍ର ପ୍ରଧାନ | ୨୫-୨୭ |
| ୫. | ଅଲଭ୍ୟବାଦ ଓ ପାପୁଲିଏ ଖୁସି | ମାନଶ୍ରୀ ମହାନ୍ତି | ୨୮-୩୦ |
| ୬. | ଓଡ଼ିଆ ମନସ୍ତାତ୍ତ୍ୱିକ ଉପନ୍ୟାସ ଓ ପଦ୍ମଜ ପାଳ | ଆରତୀ ନାୟକ | ୩୧-୩୪ |
| ୭. | ମିଥ୍‌ରୁ ବାସ୍ତବତା 'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ' : ଏକ ସମୀକ୍ଷା | ନିଶିକାନ୍ତ ବଳ | ୩୫-୩୮ |
| ୮. | ମିଥ୍ ପ୍ରୟୋଗର ପ୍ରାସଙ୍ଗିକତା ଓ 'ପୂତନା' କାବ୍ୟର ଆଭିମୁଖ୍ୟ | ବାବୁଲୁ ପଧାନ | ୩୯-୪୪ |
| ୯. | ପଲ୍ଲୀ ଓ ପ୍ରକୃତିର ନିଚ୍ଛକ ପ୍ରତିଛବି: କବି ବିନୋଦ ଚନ୍ଦ୍ର ନାୟକଙ୍କ ଗ୍ରାମପଥ | ଅଜିତ କୁମାର ମୁଖି | ୪୫-୪୮ |
| ୧୦. | ଓଡ଼ିଆ ଭାଷା, ସାହିତ୍ୟ ଓ ଶିକ୍ଷାଦାନରେ ଅନୁବାଦର ଭୂମିକା | ମେନନ୍ ସାହୁ | ୪୯-୫୩ |
| | **ଗବେଷଣା ଚର୍ଚ୍ଚା** | | |
| ୧୧. | ଗବେଷଣା ପ୍ରକ୍ରିୟାରେ ଦ୍ୱିତୀୟ ସ୍ରୋତ ଆଧାରିତ ତଥ୍ୟର ତାତ୍ତ୍ୱିକ ଓ ପ୍ରାୟୋଗିକ ଅଧ୍ୟୟନ | ଡକ୍ଟର ସୌମ୍ୟଜିତ୍ ପଣ୍ଡା[୧]<br>ଡକ୍ଟର ଜୟନ୍ତ କୁମାର ଦାସ[୨] | ୫୪-୬୩ |
| | **ସାକ୍ଷାତକାର** | | |
| ୧୨. | ଯୁବ ସାହିତ୍ୟିକ ଡିଲେଶ୍ୱର ରଣାଙ୍କ ସହ ସୃଜନ ଆଳାପ | ଡକ୍ଟର ଶାନ୍ତନୁ କୁମାର ନାୟକ | ୬୪-୬୬ |


**ଆମ ସହିତ ଯୋଡ଼ି ହୁଅନ୍ତୁ ଓ ନିଜର ମତାମତ ପ୍ରଦାନ କରନ୍ତୁ।**

ଇ-ମେଲ୍- bindubimarsha@gmail.com

ଫୋନ୍- +୯୧ ୯୪୩୯୫ ୧୫୫୬୯

www.bindubimarsha.in

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା ॥ ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II ॥ APRIL—JUNE 2026

# ଆଭାସଧର୍ମୀ ଗଳ୍ପର ସ୍ୱର : ଗାଳ୍ପିକ ନିମାଇଁ ଚରଣ ପଟ୍ଟନାୟକ

ଅଭିମନ୍ୟୁ ସାହୁ

ଗବେଷକ, ଓଡିଆ ଭାଷା, ସାହିତ୍ୟ ଓ ଅନୁବାଦ ବିଭାଗ, ମା ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି

**Date Of Submission:** 07-01-2026 **Date Of Publication:** 14-04-2026

**ABSTRACT ॥ ସଂକ୍ଷିପ୍ତ ସାର**

ଆଭାସଧର୍ମୀ ଗଳ୍ପ ଓଡ଼ିଆ ଗଳ୍ପ ସାହିତ୍ୟ ଜଗତର ଏକ ମାଇଲ୍ ଖୁଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ । ଗଳ୍ପର ଶୈଳୀ ସମସ୍ତଙ୍କ ପାଖରେ ନ ଥାଏ । ଗଳ୍ପଟିଏ ଲେଖିବାକୁ ହେଲେ ନିଜର ସୃଜନ ଶକ୍ତିକୁ ଜାଗ୍ରତ କରିବାକୁ ପଡିଥାଏ । ଗଳ୍ପଟିଏ ଭାବିବା ସହଜ ହୋଇଥାଏ କିନ୍ତୁ; ଶୃଙ୍ଖଳିତ ଭାବରେ ସଜ୍ଜିତ କରିବା ସମସ୍ତଙ୍କ ନିକଟରେ ଦେଖାଯାଇନଥାଏ । ବ୍ୟକ୍ତିର ଦୈନନ୍ଦିନ ଜୀବନର ବିଶେଷ ମୁହୂର୍ତ୍ତର ଭାବାବେଗର ପରିପ୍ରକାଶ ଘଟିଥାଏ ଏହି ଆଭାସ ଗଳ୍ପରେ । ସାଂପ୍ରତିକ ସମୟର ଗାଳ୍ପିକଟିଏ ଦୀର୍ଘ ସମୟ ବ୍ୟୟରେ କେତେକ କାହାଣୀକୁ ଏକତ୍ର କରି ଗଳ୍ପ ଲେଖିଥାଏ କିନ୍ତୁ; ଅଧୁନା ପାଠକମାନେ ବିରାଟ କାୟ କାବ୍ୟ, ଉପନ୍ୟାସ ଓ ଗଳ୍ପ ଇତ୍ୟାଦିକୁ ଅଧ୍ୟୟନ କରିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି । ଶିଶୁଟିଏ କାନ୍ଦିଲେ ଯେପରି ଖେଳନା ମାଧ୍ୟମରେ ତାର ମାନସିକତାରେ ପରିବର୍ତ୍ତନ ଅଣାଯାଇଥାଏ, ଠିକ୍ ସେହିପରି ଆଭାସ ଗଳ୍ପ ଅଧ୍ୟୟନ କରି ପାଠକର ଅନ୍ତର ଭିତରେ ନାନାଦି ଭାବାବେଗର ସୃଷ୍ଟି ଜନ୍ମା ଯାଇଥାଏ । ଆଭାସ ଗଳ୍ପ ମୁଖ୍ୟତଃ କମ୍ ଶବ୍ଦ ବିନ୍ୟାସରେ ଓ କମ୍ ସମୟ ମଧ୍ୟରେ ତାର ମୌଳିକତା ପ୍ରକାଶ କରିଥାଏ । ଏହି ଗଳ୍ପ କିପରି ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ନିଜର ସ୍ୱତନ୍ତ୍ରତା ବଜାୟ ରଖିଛି ତାହା ଆଲୋଚନା କରାଯାଇଛି ।

**ARTICLE NUMBER:** BB-II-II-2026-01

**ORC ID:** 0009-0006-9471-7716

**DOI:** 10.64647/bb.vol.2.issue.2.2026.1

**E-MAIL:** abhi.topnet@gmail.com

**REVIEW STATUS:** Double-Blind Peer Reviewed

**LANGUAGE OF THE ARTICLE:** Odia

**TYPE OF ARTICLE:** Analytical Research

**ପ୍ରମୁଖ ଶବ୍ଦାବଳୀ :**

ସୃଷ୍ଟି, ଆଭାସ ଗଳ୍ପ, ମୌଳିକତା, ଉତ୍ତର ଷାଠିଏ

BINDU BIMARSHA...

ଆଧୁନିକ ମଣିଷର ଜୀବନ ପ୍ରତିଟି ମୁହୂର୍ତ୍ତରେ ଚଳଚଞ୍ଚଳ । ମଣିଷର ରୁଚିର ପରିବର୍ତ୍ତନ ଅନୁଯାୟୀ କଳା ସର୍ବଦା ପରିବର୍ତ୍ତନଶୀଳ। ସାଂପ୍ରତିକ ସମୟରେ କିପରି ମନୁଷ୍ୟର ବ୍ୟସ୍ତ ବହୁଳ ଜୀବନରେ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ପାଠ କରିବାର ଅଭିଳାଷ ମଉଳି ଯାଉଛି । ତେଣୁ ଏ କ୍ଷେତ୍ରରେ ଆଭାସ ଗଳ୍ପ ଓ ମିନିଗଳ୍ପ କିପରି ସରସ ସୁନ୍ଦର ଜୀବନରେ ସହାୟକ ହୋଇପାରୁଛି ତାହା ଆଲୋଚ୍ୟର ବିଷୟବସ୍ତୁ । ଆଭାସ ଗଳ୍ପ, ଗଳ୍ପର ସଂକ୍ଷିପ୍ତୀକରଣ ନୁହେଁ । ଏହା ସ୍ୱତନ୍ତ୍ର ଭାବରେ ସ୍ୱକୀୟ ଶୈଳୀରେ ଉଦ୍ଭାସିତ । ସମାଲୋଚକ ବୈଷ୍ଣବ ଚରଣ ସାମଲଙ୍କ ମତରେ "ଆଧୁନିକ ଜୀବନର ମୂହୁର୍ତ୍ତ ସର୍ବସ୍ୱ ଅଭିଜ୍ଞତାକୁ ନେଇ ଯେଉଁ ଆଭାସ ଗଳ୍ପ ସୃଷ୍ଟି କରାଯାଇଛି ତା'ର ଏକ ସ୍ୱତନ୍ତ୍ର ଭୂମିକା ରହିଛି ,ଏଥିରେ ସନ୍ଦେହ ନାହିଁ । ଆଜିର ଜୀବନ ହେଉଛି ମୁହୂର୍ତ୍ତର ଜୀବନ । ପ୍ରତ୍ୟେକ ମୁହୂର୍ତ୍ତ ମଣିଷ ପକ୍ଷରେ ମୂଲ୍ୟବାନ । ସେହି ମୂହୁର୍ତ୍ତଗୁଡ଼ିକ ମହାସମୁଦ୍ରରେ ଦେଖାଦେଉଥିବା ତରଙ୍ଗ ଭଳି କ୍ଷଣିକ ହେଲେ ହେଁ ତରଙ୍ଗର କ୍ଷଣିକ ମାଧୁର୍ଯ୍ୟ ଭଳି ଏଗୁଡ଼ିକ ବୈଚିତ୍ର୍ୟ ବିମଣ୍ଡିତ । ଏଗୁଡ଼ିକ ସ୍ମୃତିର ସାଗରରେ ନିମଜ୍ଜିତ ହୋଇଯାଉଥିଲେ ହେଁ ବେଳେବେଳେ ମାନସ ରାଜ୍ୟକୁ ଚକିତ ଉଦଭାସ କରେ । ଏହି ମୁହୂର୍ତ୍ତର ଅନୁଭୂତି କ୍ଷଣିକ ମାତ୍ର ଏହାର ପ୍ରଭାବ ଗଭୀର ଭାବବ୍ୟଞ୍ଜକ । ଏ ଅନୁଭୂତି ବସ୍ତୁତଃ ଏକକ । ଏକାନ୍ତ ବ୍ୟକ୍ତିଗତ ଆତ୍ମାର ନିଭୃତ ଅନୁଚିନ୍ତା ହିଁ ସାଧାରଣତଃ ଆଭାସ ଗଳ୍ପରେ ପ୍ରତିଫଳିତ । ସେହି ଆତ୍ମିକ ସଂଳାପର ଅନ୍ତର୍ନିହିତ ଭାବାବେଗକୁ କେତେକ ଚିତ୍ରକଳ୍ପ ଓ ପ୍ରତୀକ ମାଧ୍ୟମରେ ତଥା କାବ୍ୟିକ ଆବେଗ ସାହାଯ୍ୟରେ ରୂପାୟିତ କରାଯାଇଥାଏ । ଏହାକୁ ହିଁ କୁହାଯାଏ ଆଭାସ ଗଳ୍ପ ବା ଆଭାସ ଚିତ୍ର। " (ଓଡିଆ ଗଳ୍ପ : ଉନ୍ମେଷ ଓ ଉତ୍ତରଣ- ,ପୃ-୭୩)

ଏହାର ସୃଷ୍ଟି ସମ୍ପର୍କରେ ଯଦି ଦୃଷ୍ଟି ଦେବା "ସର୍ବପ୍ରଥମେ ୧୯୦୪ ମସିହାରେ ଗ୍ରୀକ୍ ର ଦୈନିକ ସମ୍ବାଦପତ୍ର 'ଲମାର୍ଟିନ'ର କ୍ରୋଡ ପତ୍ରରେ ବିଶ୍ୱବିଖ୍ୟାତ ସାହିତ୍ୟିକ ଫେଲିକ୍ସ ଓ ଫେରିଅନଙ୍କର

CC BY NC

କେତୋଟି ତିନିଧାଡିଆ ଗଳ୍ପ ପ୍ରକାଶ ପାଇଥିଲା । ପରବର୍ତ୍ତୀ ସମୟରେ ବିଶ୍ୱସାହିତ୍ୟରେ ଏହି ଶୈଳୀରେ କ୍ରମବିକାଶ ଘଟି ସାଂପ୍ରତିକ ଆଭାସ ଗଳ୍ପ ସୃଷ୍ଟି ହୋଇଛି।" (ଓଡ଼ିଆ ଗଳ୍ପରେ ନବ ଚେତନା,ପୃ -୨୧୩) ଫ୍ରାନ୍ସରେ ଏହି ଗଳ୍ପର ପ୍ରଥମ ପ୍ରୟୋଗ କରାଯାଇଥିଲା ବୋଲି କେତେକ ଆଲୋଚକ ମତବ୍ୟକ୍ତ କରିଥାନ୍ତି । ଅନ୍ୟ ଅର୍ଥରେ କହିଲେ ଯେତେବେଳେ ଗଳ୍ପରେ କୌଣସି ନିର୍ଦ୍ଦିଷ୍ଟ ଗଳ୍ପାଂଶ ଥାଇ ଏକାଧିକ ମାନସିକ ଭାବାବେଗ କାବ୍ୟିକ ଶୈଳୀରେ ପରିପ୍ରକାଶ ହୋଇଥାଏ, ସେତେବେଳେ ତାହା ଆଭାସ ଗଳ୍ପ ହୁଏ । ବ୍ୟକ୍ତିର ନିଜ ଆକସ୍ମିକ ଚିନ୍ତନ ବା ଅନୁଭୂତି ମୁଖ୍ୟତଃ ଆଭାସ ଗଳ୍ପର ରୂପ ଦେଇଥାଏ । ଗୋଟିଏ ମୁହୂର୍ତ୍ତର ଘଟଣା ଅନ୍ୟ ମୁହୂର୍ତ୍ତରେ ବିଲୀନ ହୋଇ ଯାଇଥାଏ, ତେଣୁ ବିଭିନ୍ନ ମୁହୂର୍ତ୍ତର ଭାବାବେଗ ଘଟଣାକୁ ଗୋଟିଏ ସାର୍ଥକ ଚିତ୍ରକଳ୍ପ ଆଭାସ ଗଳ୍ପରେ ପ୍ରକାଶ କରାଯାଇଥାଏ ।

ଆଭାସର ଅର୍ଥ ସୂଚନା ବା ସଂକ୍ଷିପ୍ତ ବିବରଣୀ । ସାଧାରଣତଃ ଯେଉଁ ଗଳ୍ପରେ ବିସ୍ତୃତ ଭାବରେ ବର୍ଣ୍ଣନା ନ କରାଯାଇ, କେବଳ ମାତ୍ର ସୂଚନା ପ୍ରଦାନ କରାଯାଇଥାଏ । ପ୍ରକୃତରେ ତାହା ହିଁ ଆଭାସ ଗଳ୍ପ । ଅନ୍ୟ ଅର୍ଥରେ ଏହାକୁ କେହି କେହି ଆଭାସ ଚିତ୍ର ବା ରେଖାଚିତ୍ର ବୋଲି ମତ ପ୍ରଦାନ କରିଥାନ୍ତି । ଏହାର ଇଂରାଜୀର ନାମ (sketch)। ଜୀବନର ବାସ୍ତବତାକୁ ଏହା ଚିତ୍ରିତ କରି ନଥାଏ । କେବଳ ଘଟଣା ସମ୍ପର୍କରେ ସୂଚନା ପ୍ରଦାନ କରିବା ଏହାର ପ୍ରମୁଖ ଲକ୍ଷ୍ୟ । ଆଭାସ ଗଳ୍ପ ସାଧାରଣତଃ ଗପ ପରି ମନେ ନହେଲେ ବି ତାହା ସମଗ୍ର କଥାବସ୍ତୁକୁ ସୂଚିତ କରିଥାଏ ଏବଂ ଏହା କ୍ରମଶଃ ଏକ ବିରାଟ ଗଳ୍ପ ଆଡକୁ ଗତିଶୀଳ ହୋଇଥାଏ । ଚିତ୍ରକଳାରେ ଘନବାଦ ବା (cubisim) ଏବଂ ରେଖାଚିତ୍ର ବା (Graphics) ଆର୍ଟ ଶୈଳୀରୁ ଏହି ସାହିତ୍ୟର ଧାରା ଆସିଅଛି । ଆଲୋଚକ ବୈଷ୍ଣବ ଚରଣ ସାମଲ କୁହନ୍ତି – " ଏକାନ୍ତ ବ୍ୟକ୍ତିଗତ ଆତ୍ମାର ନିଭୃତ ଅନୁଚିନ୍ତା ହିଁ ସାଧାରଣତଃ ଆଭାସ ଗଳ୍ପରେ ପ୍ରତିଫଳିତ । ସେହି ଆତ୍ମିକ ସଂଳାପରେ ଅନ୍ତର୍ନିହିତ ଭାବାବେଗକୁ କେତେକ ଚିତ୍ରକଳ୍ପ ଓ ପ୍ରତୀକ ଜରିଆରେ ଏବଂ କାବ୍ୟିକ ଆବେଗ ସାହାଯ୍ୟରେ ରୂପାୟିତ କରାଯାଇଥାଏ। ଏହାକୁ ହିଁ କୁହାଯାଏ ଆଭାସ ଗଳ୍ପ ବା ଆଭାସ ଚିତ୍ର। " (ଓଡିଆ ସାହିତ୍ୟର ଗତି ଓ ପ୍ରକୃତି,ପୃ -୫୭ )

ଓଡ଼ିଆ ଗଳ୍ପ ଜଗତରେ ସୃଷ୍ଟି କରୁଥିବା ଗାଳ୍ପିକମାନଙ୍କ ରଚନା ପରିମାଣାତ୍ମକ ଦୃଷ୍ଟିରୁ ସ୍ୱଳ୍ପ ହେଲେ ମଧ୍ୟ ଗୁଣାତ୍ମକ ଦୃଷ୍ଟିରୁ ବେଶ୍ ପ୍ରଶଂସନୀୟ । ଆଭାସ ଗଳ୍ପର ସୃଷ୍ଟି ମୁଖ୍ୟତଃ ଉତ୍ତର ଷାଠିଏ କାଳରୁ ଜନ୍ମ ଲାଭ କରିଅଛି ବୋଲି ମନେ କରାଯାଏ । ଅନେକ ଗଳ୍ପ ଅଛି ଯାହାକୁ କାହାଣୀ ପ୍ରାଧାନ୍ୟ, ଚରିତ୍ର ପ୍ରାଧାନ୍ୟ, ଘଟଣା ପ୍ରାଧାନ୍ୟକୁ ଗୁରୁତ୍ୱାରୋପ କରାଯାଇଥାଏ କିନ୍ତୁ; ଏ ଧରଣର ଗଳ୍ପରେ ସେ ସମସ୍ତ କଥାବସ୍ତୁର ଅବତାରଣା କରାଯାଇନଥାଏ, କେବଳ ସେ ସମ୍ପର୍କରେ ସୂଚିତ କରାଯାଇଥାଏ । ତେଣୁ ସଫଳ ଆଭାସଧର୍ମୀ ଗଳ୍ପ ପାଇଁ ଲେଖକର ପରିଶ୍ରମ ଯେତିକି ଆବଶ୍ୟକ ତା' ଅପେକ୍ଷା ପାଠକର ବୌଧିକ ଗ୍ରହଣଶୀଳତା ଯଥେଷ୍ଟ ଦରକାର । ସମାଲୋଚକ ବୈଷ୍ଣବ ଚରଣ ସାମଲଙ୍କ ମତରେ-"ଗାଳ୍ପିକ ବ୍ରହ୍ମାନନ୍ଦ ପଣ୍ଡାଙ୍କୁ ଓଡ଼ିଆ ଆଭାସ ଗଳ୍ପର ଜନକ କହିଲେ ଭୁଲ୍ ହେବ ନାହିଁ । " (ଓଡିଆ ସାହିତ୍ୟର ଗତି ଓ ପ୍ରକୃତି-ପୃ ,୫୭ ) ପରେ ପରେ ନୂତନ ଭାବରେ ରବି ପଟ୍ଟନାୟକ ,ଶାନ୍ତନୁ ଆଚାର୍ଯ୍ୟ, ନିମାଇଁ ଚରଣ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ରତ୍ନାକର ଚଇନି, ପୂର୍ଣ୍ଣାନନ୍ଦ ଦାନୀ, କହ୍ନେଇଲାଲ ଦାସ ଓ ଡୋଳାମଣି ପୁରୋହିତ ପ୍ରମୁଖ ଓଡ଼ିଆ ସାହିତ୍ୟିକ ଆଭାସ ଗଳ୍ପ କ୍ଷେତ୍ରରେ ଆପଣାର ସ୍ୱକୀୟତା ପ୍ରତିପାଦିତ କରିଛନ୍ତି । ଏତଦ୍ ସହିତ ଶାନ୍ତନୁ ଆଚାର୍ଯ୍ୟଙ୍କ 'ଶେଷ ସମ୍ବାଦ', ରବି ସ୍ୱାଇଁଙ୍କ 'ସମ୍ବିତ', ରବି ପଟ୍ଟନାୟକଙ୍କର 'ଅସାମାଜିକ ଡାଏରୀ', ପ୍ରଫୁଲ୍ଲ ତ୍ରିପାଠୀଙ୍କ 'ତରଙ୍ଗ', 'ଗଙ୍ଗା', 'ହୁଗୁଳି ଓ ମହାନଦୀ' 'ଗୋଟିଏ ଅସଲ କଥା', 'ଦୁଇଟି ଅଙ୍କନ', 'ସବୁ ଗଲା ପରେ ଏବଂ ନିମାଇଁ ଚରଣ ପଟ୍ଟନାୟକଙ୍କର 'ନିରାମୀ', 'ସୃଷ୍ଟି ଓ ସ୍ରଷ୍ଟା', 'ଲାଜକୁଳୀ ଲତା', 'ପଦ୍ମତୋଳା' ଆଦି ଗଳ୍ପ ଗୁଡିକ ଆଭାସ ଗଳ୍ପକୁ ନମୁନା ଭାବେ ଗ୍ରହଣ କରାଯାଇପାରେ।

ନିମାଇଁ ଚରଣ ପଟ୍ଟନାୟକ ଉତ୍ତର ଷାଠିଏ ପିଢ଼ିର ଜଣେ ଧୂରୀଣ ଗାଳ୍ପିକ ଭାବରେ ବେଶ୍ ପରିଚିତ। ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡାଙ୍କ ସମୟରେ ଆଭାସ ଗଳ୍ପର ସବୁ ସଂରଚନା ସମ୍ଭବ ହୋଇପାରିଛି । ସେ ହେଉଛନ୍ତି ଏହି ଧରଣ ଗଳ୍ପର ସ୍ରଷ୍ଟା । ପରବର୍ତ୍ତୀ ସମୟରେ ରବି ପଟ୍ଟନାୟକ, ଶାନ୍ତନୁ ଆଚାର୍ଯ୍ୟ , ପ୍ରଫୁଲ୍ଲ କୁମାର ତ୍ରିପାଠୀ , କହ୍ନେଇ ଲାଲ ଦାସଙ୍କ ସମେତ ନିମାଇଁ ଚରଣ ପଟ୍ଟନାୟକଙ୍କ ନାମ ଉଲ୍ଲେଖ ରହିଅଛି ।

ନିମାଇଁ ଚରଣ ପଟ୍ଟନାୟକଙ୍କ ଅନେକ ଗଳ୍ପରେ ଏହି ଆଭାସ ଗଳ୍ପର ପ୍ରଭାବ ଦେଖିବାକୁ ମିଳି ନ ଥିଲେ ମଧ୍ୟ ଯେଉଁ କିଛିଟା ସ୍ୱରୂପ ଦେଖିବାକୁ ମିଳିଅଛି ତାହା ଖୁବ୍ ଓଜନଦାର। ପରିମାଣ ଦୃଷ୍ଟିରୁ ସ୍ୱଳ୍ପ ହେଲେ ମଧ୍ୟ ଗୁଣାତ୍ମକ ଦୃଷ୍ଟିରୁ ବେଶ୍ ପ୍ରସିଦ୍ଧି ଅର୍ଜନ କରିପାରିଛି । ତାଙ୍କ ରଚନାରେ "ନିରାମୀ", "ସୃଷ୍ଟି ଓ ସ୍ରଷ୍ଟା", "ଲାଜକୁଳୀ ଲତା"ଓ "ପଦ୍ମତୋଳା" ଆଦି ଆଭାସ ଗଳ୍ପଗୁଡ଼ିକ ତାଙ୍କ ପ୍ରତିଭାର ପ୍ରକୃତ ପରିଚୟ ପ୍ରଦାନ କରିଥିବାର ଦେଖାଯାଏ । ଏମିତି କି ଦୀର୍ଘ ଗଳ୍ପଗୁଡ଼ିକରେ ମଧ୍ୟ ସେ କ୍ଷୁଦ୍ରତା ମଧ୍ୟରେ ପ୍ରତୀତି ଆଣିବା ପାଇଁ ଚେଷ୍ଟା କରିଛନ୍ତି । ମଣିଷ ଜୀବନର ରହସ୍ୟ, ସାମାଜିକ ସମସ୍ୟା, ମାନସିକ ଭାବାବେଗ, ସମାଜତତ୍ତ୍ୱ, ଧର୍ମ ଓ ଦର୍ଶନ ଏହି ଗଳ୍ପ ମାଧ୍ୟମରେ ଖୁବ୍ ସୁନ୍ଦର ଭାବେ ଦର୍ଶାଇଛନ୍ତି । ତାଙ୍କ ଦ୍ୱାରା ସମ୍ଭବ ହୋଇପାରିଥିବା ରଚନା ମଧ୍ୟରୁ କିଛି ଅଂଶ ନିମ୍ନରେ ବର୍ଣ୍ଣିତ କରାଯାଇଅଛି ।

**"ନିରାମୀ"** ଗଳ୍ପକୁ ଲକ୍ଷ୍ୟ କଲେ ଜଣାପଡ଼େ ସେ ଗଳ୍ପର

ଆରମ୍ଭରେ ଉତ୍ସାହ ଓ ଇଙ୍ଗିତଧର୍ମୀ ଶବ୍ଦର ପ୍ରୟୋଗ ହୋଇଛି। ଆଲୋଚ୍ୟ ଗଳ୍ପରେ ଜଣେ ପୁରୁଷ ହନୁମାଙ୍କଡ ଅତ୍ୟଧିକ ମାତ୍ରାରେ କାମାସକ୍ତ ହୋଇପଡିଛି । ନିଜର ବଂଶ ବିସ୍ତାର କରିବାକୁ ଦେଇନାହିଁ । ତା ' ପୂର୍ବରୁ ସମସ୍ତ ଅଣ୍ଡିରା ଛୁଆଙ୍କୁ ଜନ୍ମରୁ ମାରି ଦେଇଛି । ଏ ସମସ୍ତ ଦୃଶ୍ୟ ପରେ ବାନର ଯୂଥପତି ହନୁ ନିଷ୍କଣ୍ଟକ ଭାବରେ ବିଳାସୀ ଜୀବନଯାପନ କରିଅଛି। କ୍ରମଶଃ ବାର୍ଦ୍ଧକ୍ୟ ଅବସ୍ଥା ସ୍ପର୍ଶ କରିବାରୁ ଗୋଟିଏ ଶିଶୁ ପୁତ୍ରକୁ ବଂଶରକ୍ଷା ନିମନ୍ତେ ଛାଡ଼ି ଦେଇଥାଏ।

ବୟସର ପରିଣତ ଅବସ୍ଥାରେ ସେ ଆବିଷ୍କାର କରିଛି ତାର ଏକମାତ୍ର ଦାୟାଦ ଜଣେ କେଳାଦ୍ୱାରା ଫାଶବଦ୍ଧ। ତାଙ୍କୁ ରକ୍ଷା କରିବାକୁ ଯାଇ ହନୁ ବୃକ୍ଷ ଉପରୁ ଲମ୍ଫ ପ୍ରଦାନ କରିଛି ଏବଂ ଭୂପତିତ ହୋଇଛି । ବୋଧହୁଏ ତା ଜୀବନର ବିଫଳତାର ଏହା ପ୍ରଥମ ପାହାଚ। ଏହାକୁ ଅତିକ୍ରମ କରି ନପାରି ଅନେକ କ୍ଷୋଭ ପ୍ରକାଶ କରିଅଛି । ଶେଷରେ ବାନର ଯୂଥର କୋଳାହଳ ଭିତରେ ଦୂରରୁ ଶୁଣାଯାଇଥିଲା ବାନର ଶିଶୁର ଅସ୍ପଷ୍ଟ ଆର୍ତ୍ତ ଚିତ୍କାର ....। (ନିରାମୀ – ପୃ,୧୮୬) ନିରାମୀ ପଶୁ ଜୀବନକୁ କେନ୍ଦ୍ରକରି ସାଧାରଣ ଗଳ୍ପଟିଏ ହୋଇ ମଧ୍ୟ ବାର୍ଦ୍ଧକ୍ୟରେ ସ୍ୱାଭିମାନ ଏବଂ ସାମର୍ଥ୍ୟ କିପରି ବଳି ପଡ଼ିଥାଏ ତାହାକୁ ଖୁବ୍ ସୁନ୍ଦର ଭାବରେ ବର୍ଣ୍ଣିତ କରାଯାଇଛି ।

**"ସୃଷ୍ଟି ଓ ସ୍ରଷ୍ଟା"** ଗଳ୍ପ ଖୁବ୍ ହୃଦୟସ୍ପର୍ଶୀ। ନାରୀଟିଏ ଖୁସି ହୁଏ ନିଜର ମାତୃତ୍ୱକୁ ନେଇ । ଚତୁଃପାର୍ଶ୍ୱରେ ଛୋଟ ଛୋଟ ଶିଶୁଙ୍କୁ ଦେଖି ଖୁବ୍ ଆନନ୍ଦିତ ହୋଇଥାଏ । ସ୍ୱାମୀ ଏବଂ ସନ୍ତାନମାନଙ୍କ ଗହଣରେ ତାର ଅସୀମ ଆନନ୍ଦ । "ସେ ସୃଷ୍ଟିକର୍ତ୍ତା, କେବଳ ସୃଷ୍ଟି କରିବାରେ ତାର ଆନନ୍ଦ....... ତିନୋଟି ଛୁଆର ମା' ହୋଇ ବି ସେ ସନ୍ତୁଷ୍ଟ ନୁହେଁ ।"(ସୃଷ୍ଟି ଓ ସ୍ରଷ୍ଟା – ପୃ,୧୮୭)

ନାରୀ ଓ ପୁରୁଷ ମଧ୍ୟରେ ବିରୋଧାଭାସ ଅଳଙ୍କାର ସୃଷ୍ଟି ହୋଇଅଛି । ନାରୀ ଚାହିଁଛି ସୃଷ୍ଟି; କିନ୍ତୁ ସ୍ୱାମୀ ଭାବିଛି ଭବିଷ୍ୟତ । ମମତାର ସୃଜନଶୀଳତା ଏବଂ ଜନସଂଖ୍ୟାର ସମାଧାନ ଦିଗରେ ପୁରୁଷ ଜନ୍ମ ନିରୋଧ ....... କେତେ ଦୂର ଠିକ୍ ! ଏହା ପାଠକଙ୍କୁ ଦ୍ୱନ୍ଦ୍ୱରେ ପକାଇଅଛି ? କୋମଳମତି, ସୃଜନଶୀଳତା, ସନ୍ତାନବତ୍ସଳା ନାରୀ ମନରେ ଯେଉଁ କାରୁଣ୍ୟର ଲହରୀ ସୃଷ୍ଟି ହେଉଛି ତାହା ଉକ୍ତ ଗଳ୍ପରେ ବର୍ଣ୍ଣିତ ।

**"ଲାଜକୁଳୀ ଲତା"** ଗଳ୍ପ ଅତ୍ୟନ୍ତ କ୍ଷୁଦ୍ର ମନେହୁଏ। ଏହି ଗଳ୍ପରେ ଗାଳ୍ପିକ ତାଙ୍କ ତରୁଣ ଜୀବନର ଲୁକାୟିତ ହୋଇ ରହିଥିବା ସଂଗୁପ୍ତ ରହସ୍ୟକୁ ଉନ୍ମୋଚନ କରିଛନ୍ତି । ଗଳ୍ପର ନାୟକ ମରୁଭୂମିର ମରୁଝରଣା ନିକଟରେ ଥିବା ଖଜୁରୀଗଛ ତଳେ ବସିଛନ୍ତି । ନିକଟରେ ଥିବା ଲାଜକୁଳୀ ଲତାରେ ଫୁଟିଥିବା ଫୁଲ ପରାଗ ସଂଗମ ପାଇଁ ଆକର୍ଷିତ ହୋଇଥିବାର ଲକ୍ଷ୍ୟ କରିଛନ୍ତି। କିପରି ତାଙ୍କ କର ସ୍ପର୍ଶରେ ଲତାଟି ଲାଜରେ ଝାଉଁଳି ପଡୁଛି । ଏପରି ଏକ ପରିବେଶରେ ତାଙ୍କ ଜୀବନରେ ତରୁଣ ପ୍ରେମର ପ୍ରସ୍ଫୁଟିତ ହୋଇଥିବାର ଜଣାପଡ଼ିଛି। ସତେ ଯେପରି ଲାଜକୁଳୀ ଲତା ରୂପୀ କେଉଁ କିଶୋରୀ ପ୍ରତି ତାଙ୍କର ପ୍ରାଥମିକ ମିଳନ ଅନୁଭୂତି ସୃଷ୍ଟି ହେଉଅଛି। ଏହି କ୍ଷୁଦ୍ର ଆଭାସ ଗଳ୍ପରେ ଗଳ୍ପ ନାୟକଙ୍କର ଅବିସ୍ମରଣୀୟ ସ୍ମୃତି ବାରି ହୋଇପଡୁଛି।

ପରବର୍ତ୍ତୀ ଗଳ୍ପ **"ପଦ୍ମତୋଳା"** । ଏହି ଗଳ୍ପର ନାମକରଣ ଯଥାର୍ଥତା ଅତ୍ୟନ୍ତ ଉଚ୍ଚକୋଟୀର । ଏହା ଏକ ସଫଳ ଆଭାସ ଗଳ୍ପ କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ପ୍ରତୀକ ଓ ଚିତ୍ରକଳ୍ପ ଜରିଆରେ ଏହାର ଅବତାରଣା କରାଯାଇଛି ।

ଯେପରି ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡାଙ୍କର "ବଂଶୀ ଓ ବନ୍‌ଶୀ" ପ୍ରତୀକଧର୍ମୀ ଆଭାସ ଗଳ୍ପରେ ତରୁଣ ଓ ତରୁଣୀଙ୍କ ପାରସ୍ପରିକ ନିବିଡ଼ ଆକର୍ଷଣ ଏବଂ ତରୁଣୀର ଆତ୍ମ ସମର୍ପଣ ଦେଖିବାକୁ ମିଳିଅଛି। ଏଥିରେ ବଂଶୀ ଆକର୍ଷଣର ପ୍ରତୀକ ବନ୍‌ଶୀ ଲକ୍ଷ୍ୟ ହାସଲର ପ୍ରତୀକ ଏବଂ ମାଛ ସେକ୍ସର ପ୍ରତୀକ । ଠିକ୍ ସେହିପରି "ପଦ୍ମତୋଳା" ଗଳ୍ପରେ ନାଗ ଓ ଢାମଣା ଦୁଇ ଜାତିର ସାପକୁ ମୁଖ୍ୟତଃ ପୁରୁଷ ଓ ସ୍ତ୍ରୀ ଭାବେ ଗାଳ୍ପିକ ଚିତ୍ରିତ କରିଛନ୍ତି ।

ଫୁଲମନୀ ଓ ପୁରିଆର ନିବିଡ଼ ଆକର୍ଷଣ କଥା ବର୍ଣ୍ଣିତ। ପ୍ରୀତିର ଅଭ୍ୟୁଦୟ ମୁଖ୍ୟତଃ ୩ଟି କାରଣରୁ ହୋଇଥାଏ। ୧. ରୂପଜନ୍ୟ, ୨. ଗୁଣଜନ୍ୟ, ୩. ସମ୍ବନ୍ଧଜନ୍ୟ । ଫୁଲମନିର ପୁରିଆ ପ୍ରତି ଯେଉଁ ଆକର୍ଷଣ ରହିଛି ତାହା ଗୁଣଜନ୍ୟ । ଏହି ଗଳ୍ପରେ ଜହ୍ନରାତି ଘାସବୁଦା ,ସାହାଡ଼ା , ଗୁଆଗୋଳି ଓ ବେଗୁନିଆ ଗଛ , ଜହ୍ନ ଆଲୁଅରେ ଫୁଟିଥିବା ମଲ୍ଲିଫୁଲ ଆଦି ସହାୟକ ପରିବେଶ ସାଜିଛନ୍ତି ।

ଜହ୍ନରାତିରେ "ପଦ୍ମତୋଳା" ରାଗିଣୀରେ ବିମୁଗ୍ଧତା ଫୁଲମନୀ ତା ସ୍ୱାମୀ ପରମ ପାଖରୁ ଉଠି ଆସିଛି । ପୁରିଆ ପଦ୍ମତୋଳା ରାଗିଣୀ ଫୁଙ୍କିବାରେ ନିମଗ୍ନ ଥିବା ବେଳେ ଅନୁଭବ କରିଛି ତାର ପୃଷ୍ଠ ଦେଶର ଅନ୍ୟ କାହାର ଗରମ ନିଃଶ୍ୱାସର ସ୍ପର୍ଶ। ପୁରିଆ ଜାଣିଲା ସାପ ନୁହେଁ ଫୁଲମନୀ । ତତ୍ ସଙ୍ଗେ ସଙ୍ଗେ ପୁରିଆ ନାଗକୁ ଟାଣିଆଣିବା ପରିବର୍ତ୍ତେ ଫୁଲମନୀକୁ ଟାଣି ଆଣିଛି ।

'ପୁରିଆ ଅଙ୍ଗରେ ଅନୁଭବ କଲା ଆଉ ଏକ ଅଙ୍ଗଲତାର ଓଜନ।' (ପଦ୍ମତୋଳା-ପୃ,୧୯୪) । ଫୁଲମନୀର ଅଙ୍ଗଲତାର ସ୍ପର୍ଶରେ ପୁରିଆର ସପ୍ତସ୍ୱରୀ ରାଗିଣୀ ବନ୍ଦ ହୋଇ ଯାଇଛି ଓ ତଳେ ଖସି ପଡିଛି । ଏହି ଗଳ୍ପରେ ପୁରୁଷର କଳାକୁଶଳତାରେ ନାରୀର ଆବେଗ, ସିହରଣ ଓ ଦେହମନ ସମର୍ପଣର ପ୍ରମାଣ ପ୍ରଦତ୍ତ ଗଳ୍ପରେ ପ୍ରଦର୍ଶିତ ହୋଇ ଗ୍ରନ୍ଥିମୋଚନ ଘଟିଛି ।

ଗାଳ୍ପିକ ନିମାଇଁ ପଟ୍ଟନାୟକ ବିଶେଷ କରି କାବ୍ୟିକତା,ପ୍ରତୀକ ଓ ଚିତ୍ରକଳ୍ପ ଜରିଆରେ ଗଳ୍ପ ସୃଷ୍ଟି କରିପାରିଛନ୍ତି । ତାଙ୍କୁ ଜଣେ ସଫଳ ଆଭାସ ଧର୍ମୀ ଗାଳ୍ପିକ କହିଲେ କିଛି ଭୁଲ୍ ହେବନି। ଘଟଣା, ଚରିତ୍ରକୁ ପ୍ରାଧାନ୍ୟ ନ ଦେଇ ନିଜର ଭାବାବେଗ ଓ ଅନୁଭୂତିକୁ ସାମାନ୍ୟ ଭାବରେ ସୂଚିତ କରିବାରେ ସେ ଥିଲେ ସିଦ୍ଧ ହସ୍ତ। ସାଧାରଣତଃ ଆଭାସ ଗଳ୍ପ ମୁଖ୍ୟତଃ ପ୍ରସଙ୍ଗ ଆରମ୍ଭରୁ ହିଁ ପାଠକ ମନକୁ ରୋମାଞ୍ଚିତ ଓ ଆନ୍ଦୋଳିତ କରିଥାଏ । ଯାହାକି ନିମାଇଁ ପଟ୍ଟନାୟକଙ୍କ ଗଳ୍ପରେ ଦେଖିବାକୁ ମିଳିଥାଏ । ସେ ସାଧାରଣତଃ ପରିବେଶ ଓ ପୃଷ୍ଠଭୂମିକୁ ଅଧିକ ପ୍ରାଧାନ୍ୟ ଦେଇଛନ୍ତି। କିନ୍ତୁ; ଅଶୀ ପରବର୍ତ୍ତୀ ସମୟ ଠାରୁ ଏଭଳି ଗଳ୍ପ ଓ ଗାଳ୍ପିକଙ୍କୁ ଦେଖିବାକୁ ମିଳୁନାହିଁ। କାରଣ ପାଠକମାନେ ସାଧାରଣତଃ କାହାଣୀର ଗୁରୁତ୍ୱ ଥିବା ଗଳ୍ପ ପଢିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି, ଗାଳ୍ପିକଙ୍କ ଭାବାବେଗକୁ ନୁହେଁ।

**ସହାୟକ ଉତ୍ସ:**


୧. ନିର୍ଝରିଣୀ, ଶ୍ରୀଦତ୍ତା, ଏବଂ କୃଷ୍ଣଚନ୍ଦ୍ର ପ୍ରଧାନ, ସମ୍ପାଦକମାନେ। *ଓଡିଆ କ୍ଷୁଦ୍ରଗଳ୍ପର ଧାରା ଓ ଧାରା. ଦ୍ୱିତୀୟ ଭାଗ, ସତ୍ୟନାରାୟଣ ବୁକ୍ ଷ୍ଟୋର, ୨୦୨୨।*

୨. ପରିଡା, ପ୍ରକାଶ କୁମାର। *ନବଚେତନାର ଗଳ୍ପ. ବିଜୟିନୀ ପବ୍ଲିକେସନ, ୨୦୨୪।*

୩. ପଟ୍ଟନାୟକ, ନିମାଇଁ ଚରଣ। *ନୀଳ ସପନର ଅଭିଷେକ. ଫ୍ରେଣ୍ଡ୍ସ ପବ୍ଲିଶର୍ସ, ୨୦୦୧, ପୃ. ୧୮୬।*

୪. ପଟ୍ଟନାୟକ, ନିମାଇଁ ଚରଣ। *ପଦ୍ମତୋଳା. ଫ୍ରେଣ୍ଡ୍ସ ପବ୍ଲିଶର୍ସ, ୧୯୬୬, ପୃ. ୧୪୪।*

୫. ବାରିକ, ବନଜବାସିନୀ। *ଓଡ଼ିଆ ଗଳ୍ପରେ ନବ ଚେତନା. ଅଗ୍ରଦୂତ, ୨୦୧୭, ପୃ. ୨୧୩।*

୬. ଷଡଙ୍ଗୀ, ଆଲୋକ ରଞ୍ଜନ, ଏବଂ ସନ୍ତୋଷ କୁମାର ତ୍ରିପାଠୀ। "ଆଭାସଗଳ୍ପର ଶିଳ୍ପକଳା ଓ ଓଡ଼ିଆ ଗଳ୍ପ ସାହିତ୍ୟରେ ତା'ର ପଦଧ୍ୱନୀ." *ବାଗୀଶ ପତ୍ରିକା, ଖଣ୍ଡ ୨, ସଂଖ୍ୟା ୪, July–Aug. ୨୦୨୪।*

୭. ସାମଲ, ବୈଷ୍ଣବ ଚରଣ। *ଓଡିଆ ଗଳ୍ପର ଉନ୍ମେଷ ଓ ଉତ୍ତରଣ. ଫ୍ରେଣ୍ଡ୍ସ ପବ୍ଲିଶର୍ସ, ୨୦୧୫, ପୃ. ୭୩।*

୮. ସାମଲ, ବୈଷ୍ଣବ ଚରଣ। *ଓଡିଆ କ୍ଷୁଦ୍ରଗଳ୍ପର ଇତିବୃତ୍ତ. ଫ୍ରେଣ୍ଡ୍ସ ପବ୍ଲିଶର୍ସ, ୨୦୧୯, ପୃ. ୫୭।*

୯. ସାମଲ, ବୈଷ୍ଣବ ଚରଣ। *ଓଡିଆ ଗଳ୍ପର ଗତି-ପ୍ରକୃତି. ସାଥି ମହଲ, ୧୯୯୧, ପୃ. ୭୮।*


BINDU BIMARSHA...


| Field | Details | Plagiarism QR |
| --- | --- | --- |
| FUNDING STATEMENT | This research received no external funding | |
| CONFLICT OF INTEREST | No | |
| PLAGIARISM TEST | Yes (Drillbit) | |
| SIMILARITY INDEX | 5 % | |
| ETHICAL APPROVAL | Not applicable | |
| CITE: | Sahoo, Abhimanyu. "Abhasa Dharmi Galpara Swara: Galpika Nimai Charan Pattnaik." *Bindu Bimarsha*, vol. 2, no. 2, Apr. 2026, pp. 9–12. Crossref, https://doi.org/10.64647/bb.vol.2.issue.2.2026.1. | |


CC BY NC

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା || ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II || APRIL—JUNE 2026

# ଅପ୍ରାପ୍ତିରେ ସରଦେଇ ଓ ନାଟକ ଆହେ ନୀଳଶଇଳ : ଏକ ଆଲୋଚନା

ପ୍ରଜ୍ଞା ପରମିତା ପାତ୍ର

**ସ୍ୱତନ୍ତ୍ର ଗବେଷିକା, ଗରୁଆଳ, ଯାଜପୁର, ଓଡ଼ିଶା, ୭୫୫୦୦୯**

**Date Of Submission:** 18–01-2026 **Date Of Publication:** 14-04-2026

**ABSTRACT** || ପ୍ରଜ୍ଞା ପାତ୍ର

ସେଦିନ ସୁରେନ୍ଦ୍ର ମହାନ୍ତିଙ୍କଦ୍ୱାରା ଗୌଣ ଚରିତ୍ର ଭାବେ ଗଢ଼ା ସରଦେଇ ଚରିତ୍ର ହୋଇପାରିଛି ଏକ ସାର୍ବଜନୀନ ଓ ସର୍ବକାଳୀକ । ସେ ଏକସଙ୍ଗେ ବୈରାଗୀ ଓ ପାରିବାରିକ, ସ୍ୱାଭିମାନୀ ପାଇକ ବଧୂ ଓ ଅସହାୟା । ତା'ର ଜନ୍ମ ମୁଖ୍ୟ ଚରିତ୍ର ରାମଚନ୍ଦ୍ର ଦେବଙ୍କ ମହାନତା ବୃଦ୍ଧି, ମାତ୍ର ସେ ରାଜୁତି କରିଛି କାହାଣୀରେ । ସେ ହୋଇଯାଇଛି ନାଟକରେ ନାୟିକା, ଦେବୀ ସ୍ୱରୂପା । ସରଦେଇ ଚରିତ୍ରଟିର ଅପ୍ରାପ୍ତିରେ ହିଁ ଜୀବନ ଚାଲିଯାଇଛି, ପ୍ରତିବଦଳରେ ସେ ପାଇଛି କେବଳ ନିନ୍ଦା, ଅପବାଦ, ଲାଞ୍ଛନା ! ନା ସେ ପାଇପାରିଛି ସ୍ୱାମୀ ସୁଖ ? ନା ସ୍ନେହ ପ୍ରେମ ? ନା ସେ ପାଇଛି ସହାନୁଭୂତି? ନା କୁଳବଧୂର ମର୍ଯ୍ୟାଦା ? ନା ସୁସ୍ଥ ଅବସ୍ଥାରେ ସେ ମନଭରି ଦେଖିପାରିଛି ମହାପ୍ରଭୁଙ୍କୁ ? ନା ସେ ବାଢ଼ିପାରିଛି ପ୍ରଭୁଙ୍କ ପାଖରେ ଅଭିଯୋଗ ? ଖାଲି ଆଶା ଆଶାରେ ସେ ପ୍ରାଣତ୍ୟାଗ କରିଛି । ଏଣୁ 'ଅପ୍ରାପ୍ତିରେ ସରଦେଇ ଓ ନାଟକ ଆହେ ନୀଳଶଇଳ' ଯଥାର୍ଥତା ପ୍ରତିପାଦିତ ହୋଇଛି ।

**ARTICLE NUMBER:** BB-II-II-2026-02

**ORC ID:** 0009-0000-7626-5097

**DOI:** 10.64647/bb.vol.2.issue.2.2026.2

**E-MAIL:** prajnaparamita684@gmail.com

**REVIEW STATUS:** Double-Blind Peer Reviewed

**LANGUAGE OF THE ARTICLE:** Odia

**TYPE OF ARTICLE:** Analytical Research

**ପ୍ରମୁଖ ଶବ୍ଦାବଳୀ :**
ଆହେ ନୀଳଶଇଳ, ସରଦେଇ ଚରିତ୍ର, ଶଙ୍କର ତ୍ରିପାଠୀ, ସୁରେନ୍ଦ୍ର ମହାନ୍ତି, ଐତିହାସିକ ନାଟକ, ପାଇକ ସଂସ୍କୃତି, ଜଗନ୍ନାଥ ଭକ୍ତି, ନାରୀ ଜୀବନ, କରୁଣ ରସ, ଓଡ଼ିଆ ନାଟ୍ୟସାହିତ୍ୟ

'କାବ୍ୟେଷୁ ନାଟକଂ ରମ୍ୟମ୍' । କାବ୍ୟର ବିଭିନ୍ନ ବିଭାଗ ମଧ୍ୟରେ ନାଟକ ହେଉଛି ରମଣୀୟ । ଏହାକୁ ଶିକ୍ଷିତଠାରୁ ମୂର୍ଖ ପର୍ଯ୍ୟନ୍ତ ସମସ୍ତେ ଆଦର କରନ୍ତି । ନାଟକ ଏକ ନାନ୍ଦନିକ କଳା ହେଲେ ମଧ୍ୟ କେବଳ ମାତ୍ର ଆନନ୍ଦ ପରିବେଷଣ ଏହାର ମୁଖ୍ୟ ଉଦ୍ଦେଶ୍ୟ ନୁହେଁ, ବରଂ ଏହାରି ମଧ୍ୟ ଦେଇ ଜାତୀୟ ଜୀବନର ଶିଳ୍ପ ଚେତନା ଏବଂ କଳା ମାନସର ଏକ ସୁସ୍ପଷ୍ଟ ରୂପ ଫୁଟି ଉଠିଥାଏ । ଏହି କାରଣରୁ ନାଟକ ଓ ତାହାର ଅଭିନୟକୁ ଜାତୀୟଜୀବନର ମୁକୁର ବୋଲି କୁହାଯାଇଥାଏ । ନାଟ୍ୟକାର ଶଙ୍କର ତ୍ରିପାଠୀ ଅଶୀପରବର୍ତ୍ତୀ ସମୟର ଏକ ପରିଚିତ ନାମ । ତାଙ୍କ ନାଟକରେ ନାରୀ ନିର୍ଯ୍ୟାତନା ଓ ଅସହାୟତା ସହ ନାରୀ ସ୍ୱାଧୀନତା, ଜାତି ତଥା ସାମ୍ପ୍ରଦାୟିକ ସମସ୍ୟା ଏବଂ ମୂଲ୍ୟବୋଧ ଅବକ୍ଷୟର ଚିତ୍ର ଦେଖିବାକୁ ମିଳେ । ତାଙ୍କ ନାଟକ ମଧ୍ୟରେ, ପୃଥିବୀ ଶରଶଯ୍ୟା (୧୯୮୩), ସ୍ୱୟମ୍ବର (୧୯୮୮), ଶୁଣିବା ହେଉ ଏ କାହାଣୀ (୧୯୮୭) କାବ୍ୟ ପୁରୁଷ (୧୯୯୩), ଗାନ୍ଧୀ ଭୂମିକାରେ (୧୯୯୫),ରାବଣ ଛାୟା (୨୦୦୧), ବାଘବକ୍ରୀ ଖେଳ(୨୦୦୨),ମୋହ (୨୦୦୬), ନିଜଠୁ ନିଜର ଦୂରତା (୧୯୯୭), ସାମ୍ରାଜ୍ୟ ପତନର ବେଳ, ଗୋପୀସାହୁର ଦୋକାନ ପ୍ରମୁଖ । ନାଟକ 'ଶୁଣିବା ହେଉ ଏ କାହାଣୀ' ପାଇଁ ସେ ୧୯୯୪ ମସିହାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରରେ ସମ୍ମାନିତ ହୋଇଥିଲେ ।

ନାଟକ 'ଆହେ ନୀଳଶଇଳ' ଶଙ୍କର ତ୍ରିପାଠୀ ଓ ପ୍ରତିମା ହୋତାଙ୍କ ଯୁଗ୍ମ ସୃଷ୍ଟି । ଏହା ସୁରେନ୍ଦ୍ର ମହାନ୍ତିଙ୍କ ଐତିହାସିକ ଭକ୍ତି ଉପନ୍ୟାସ 'ନୀଳଶୈଳ'ର ନାଟ୍ୟରୂପ । ଶ୍ରୀ ମହାନ୍ତି ଏହାର କଥାବସ୍ତୁ ପାଇଁ ମାଦଳାପାଞ୍ଜିକୁ ଆଧାର ଭାବେ ନେଇଛନ୍ତି । ତାଙ୍କ ମତରେ ସଫଳ ଐତିହାସିକ ଉପନ୍ୟାସ ଇତିହାସ ନୁହେଁ, ସର୍ବକାଳୀକ ସତ୍ୟର ଆବେଦନ କେବଳ । ଏଥିରେ ଇତିହାସ ଠାରୁ କଳ୍ପନା ବା ରଚନାଧର୍ମିତା ହିଁ ମୁଖ୍ୟ ।

ନାଟକ 'ଆହେ ନୀଳଶଇଳ' ସ୍ୱର୍ଗତ ବିଜୟ ଦାସଙ୍କ ନିର୍ଦ୍ଦେଶନାରେ ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ପ୍ରଥମ କରି ମଞ୍ଚସ୍ଥ ହୋଇଥିଲା । ଏହା ରବୀନ୍ଦ୍ର ମଣ୍ଡପରେ ପରିଚିତ କଳାକାରମାନଙ୍କୁ ନେଇ ଅଭିନୀତ ହେବା ପରେ ବେଶ ଲୋକପ୍ରିୟତା ସାଉଁଟି ପାରିଥିଲା । ଏହି ନାଟକ ଭଗବାନ ପାଇଁ ଭକ୍ତର ଆତ୍ମତ୍ୟାଗ ସହ ଉତ୍କଳୀୟ ଜଗନ୍ନାଥପ୍ରାଣର ପ୍ରମାଣିକତା ବହନ କରେ । "ଅଷ୍ଟାଦଶ ଶତାବ୍ଦୀର ଓଡ଼ିଶାର ଗଜପତି ଦ୍ୱିତୀୟ ରାମଚନ୍ଦ୍ର ଦେବଙ୍କ ଜୀବନର ସଂଘର୍ଷମୟ ପର୍ଯ୍ୟାୟକୁ ଆଧାରିତ କରି ସୃଷ୍ଟି ହୋଇଥିବା 'ଆହେ ନୀଳଶଇଳ'

ନାଟକରେ ଓଡ଼ିଆ ସଂସ୍କୃତିର ଅପରାଜେୟ ପ୍ରାଣଶକ୍ତିର ଆଲେଖ୍ୟ ଜଗନ୍ନାଥ ହିଁ କେନ୍ଦ୍ରବିନ୍ଦୁ । ଏକାଧିକ ବୈଦେଶିକ ଶକ୍ତିର ଆକ୍ରମଣ, ଶତ ଅନ୍ତର୍ବିପ୍ଳବ ସତ୍ତ୍ୱେ ଐତିହ୍ୟର ପ୍ରାଣସ୍ଫୁର୍ତ୍ତି ଜଗନ୍ନାଥ ଅକ୍ଷୁଣ୍ଣ ରହିଛନ୍ତି, ମ୍ଳେଚ୍ଛ କବଳରୁ ଜଗନ୍ନାଥଙ୍କୁ ମୁକ୍ତକରି ଓଡ଼ିଶାର ଜାତୀୟ ସହଂତିକୁ ବଳିଷ୍ଠ କରିବା ନିମିତ୍ତ ରାମଚନ୍ଦ୍ର ଦେବ ଅକ୍ଳାନ୍ତ ନିଃସଙ୍ଗ ଓ ନିରବଚ୍ଛିନ୍ନ ସଂଘର୍ଷ କରିଛନ୍ତି ।" [i](୧)

**ନାଟକରେ ଚରିତ୍ର ଗୁରୁତ୍ୱ :** ନାଟକରେ କଥାବସ୍ତୁ ପରେ ଚରିତ୍ରର ଗୁରୁତ୍ୱ ରହିଛି । ଚରିତ୍ର ମାଧ୍ୟମରେ କଥାବସ୍ତୁ ଗତିଶୀଳ ହୁଏ । "କଥାବସ୍ତୁ ନାଟକର ଶରୀର ହେଲେ, ଚରିତ୍ର ଏହାର ପ୍ରାଣ ସ୍ୱରୂପ । ଚରିତ୍ର ବିନା ଘଟଣା–ସମୂହ ପ୍ରାଣହୀନ ।"[ii](୨) ସେହିପରି ଭାବେ କଥିତ ନାଟକରେ ସତରଜଣ ପୁରୁଷ ଓ ଚାରିଜଣ ମହିଳା ଚରିତ୍ରର ଉପସ୍ଥାପନା ହୋଇଛି । ରାମଚନ୍ଦ୍ର ଦେବ, ଲଳିତା ପାଟଦେଇ, ତକି ଖାଁ, ରିଜିଆ, ବକ୍ସି, ଭାଗୀରଥି କୁମାର, ଲକ୍ଷ୍ମୀ ପରମଗୁରୁ, ଷଣ୍ଢ ସୁଆର, ବଡ଼ ପରିଛା, ସାନପରିଛା, ଅମିନ ଚାନ୍ଦ, ଜଗତ ସେଠ, ମୁରାଦ ଅଲ୍ଲୀ ଆଦି ଐତିହାସିକ ଚରିତ୍ର ହୋଇଥିଲା ବେଳେ ଜଗୁନି ଓ ସରଦେଇ ହେଉଛନ୍ତି କାଳ୍ପନିକ ଚରିତ୍ର ।

**ସର ଦେଇର ଜନ୍ମଜାତକ :** ସୁରେନ୍ଦ୍ର ମହାନ୍ତିଙ୍କ ଏକ କାଳ୍ପନିକ ଚରିତ୍ର ତଥା ଗୌଣ ଚରିତ୍ର ହେଉଛି ସରଦେଇ । ସ୍ୱାଭାବିକ ଭାବେ ଏହି ଚରିତ୍ର ସୃଷ୍ଟିର ଲକ୍ଷ୍ୟ କେବଳ ମୁଖ୍ୟଚରିତ୍ର ରାମଚନ୍ଦ୍ର ଦେବଙ୍କ ମହାନତାବୃଦ୍ଧି ପାଇଁ । ମାତ୍ର ଅଜାଣତରେ ମହାନ୍ତି ଏହି ଚରିତ୍ର ପ୍ରତି ବେଶି ସମ୍ବେଦନଶୀଳ ହୋଇପଡିଛନ୍ତି । 'ନୀଳଶୈଳ'ରେ ସରଦେଇ ମୃତ୍ୟୁପରେ 'ନୀଳାଦ୍ରି ବିଜୟ' ଲେଖିବା ପାଇଁ ମହାନ୍ତି ଚାହିଁନଥିଲେ ବୋଲି ସେ ସ୍ୱୀକାର କରନ୍ତି 'ନୀଳାଦ୍ରି ବିଜୟ' ଉପନ୍ୟାସର ଭୂମିକାରେ –" କିନ୍ତୁ ତାଙ୍କୁ କିପରି ବା ବୁଝାଇବି "ସରଦେଇ" ମୃତ୍ୟୁପରେ, ମୁଁ ସମ୍ପୂର୍ଣ୍ଣ ରିକ୍ତ, ମୋର ସୃଷ୍ଟିଶକ୍ତି ନୀରବ ! "[iii] (୩) କେବଳ ମହାନ୍ତି କାହିଁକି ଏହି ଉପନ୍ୟାସର ପାଠକ ମଧ୍ୟ ସରଦେଇ କାହାଣୀରେ ବନ୍ଧାପଡେ, ଲୁହଝରାଏ । ନାଟକ 'ଆହେ ନୀଳଶଇଳ'ରେ ସରଦେଇ ଏକ ଅଲୋଡ଼ା ଚରିତ୍ର । ଯାହାର ଭାଗ୍ୟ ତାକୁ କରିଛି ତଳିତଳାନ୍ତ । ସେ ସମସ୍ତଙ୍କୁ ସବୁକିଛି ଦେଇଛି, ପ୍ରତିବଦଳରେ ପାଇଛି ନିନ୍ଦା, ଅପମାନ, ନିଃସଙ୍ଗତା କେବଳ ।

**ପାଇକ ବଧୂ ସର :** "ତତ୍‌କାଳୀନ ଉତ୍କଳରେ ରଣଦୁନ୍ଦୁଭିରେ ଉନ୍ମତ୍ତ ପାଇକପୁଅ ମଧୁଶଯ୍ୟା ଗୃହରୁ ହିଁ ପ୍ରଣୟିନୀ ନିକଟରେ ପ୍ରେମ ସମ୍ଭାଷଣ ପରିବର୍ତ୍ତେ ଯୁଦ୍ଧକ୍ଷେତ୍ରକୁ ଲମ୍ଫ ପ୍ରଦାନ କରିବା ନିମନ୍ତେ ବିଦାୟ ମାଗୁଥିଲେ । କେବଳ ଗୁଡିଏ ନିଷ୍ଫଳ ଆଶା ଆଉ ବେଦନା ବିଜଡ଼ିତ ବିଶ୍ୱାସକୁ ବକ୍ଷ ସଞ୍ଚିତ କରି ନିଃସହାୟ ସ୍ତ୍ରୀଟିଏ ସ୍ୱାମୀ କପାଳରେ ଚନ୍ଦନ ସିନ୍ଦୂର ଲଗାଇ, ଦୁବ ଅକ୍ଷତରେ ବନ୍ଧାପନା କରି ଯୁଦ୍ଧକ୍ଷେତ୍ରକୁ ବିଦାୟ ଦେଉଥିଲେ । ଅନ୍ତହୀନ ପ୍ରତୀକ୍ଷାରେ ପୂର୍ଣ୍ଣଚ୍ଛେଦ ଟାଣି ଯୁଦ୍ଧରୁ ସ୍ୱାମୀ ପରିବର୍ତ୍ତେ ଶେଷ ସନ୍ତକ ରୂପେ ରକ୍ତଲଗା ଶିରିପା ଓ ଫରିଖଣ୍ଡା ଫେରି ଆସୁଥିଲା ।"[iv](୪) ଠିକ ସେଇଭଳି ପାଇକବଧୂ ସରଦେଇର ସ୍ୱାମୀ ବାସର ରାତି ନପାହୁଣୁ ଯୁଦ୍ଧର ଆହ୍ୱାନ ଶୁଣି ସମର କ୍ଷେତ୍ରକୁ ଯିବା ପାଇଁ ବ୍ୟଗ୍ର ହୋଇ ଉଠିଥିଲା । ପାଇକ ରକ୍ତର ଉଷ୍ଣତା ସରଦେଇ ଦେହରେ ଶିହରଣ ଖେଳିଗଲା । ସ୍ୱାମୀକୁ ଚିତା ସିନ୍ଦୂର ଲଗାଇ ବନ୍ଦାପନା କରି ବିଦାୟ ଦେଇଥିଲେ ମଧ୍ୟ ତା ମନରେ ଅଜଣା ଭୟ ମାଡି ଆସିଲା । ଚକ୍ଷୁ ଆଦ୍ର ଓ ଅନ୍ତରଆତ୍ମା ଆର୍ତ୍ତନାଦ କରି ଉଠିଲା । କାରଣ ସେ ଜାଣିଥିଲା, ଯୁଦ୍ଧ ଡାକରାରେ ଯେଉଁମାନେ ଦିନେ ଘରୁ ଗୋଡ଼ କାଢ଼ି ଥାନ୍ତି ସେମାନେ ଆଉ ଫେରନ୍ତି ନାହିଁ । ଏହି ପରିପେକ୍ଷୀରେ ନାଟ୍ୟକାର ସରଦେଇ ମୁଖରେ ରାଜାଙ୍କୁ ପଚାରିଛନ୍ତି, ଯାହା ବେଶ ମାର୍ମିକ ହୋଇଉଠିଛି -

ସର : ଗୋଟେ କଥା ପଚାରିବି ? ଜଗନ୍ନାଥଙ୍କ ପାଇଁ ଯେ ଯୁଦ୍ଧ କରେ, ସେ କ'ଣ ଅଫେରା ବାଟର ବାଟୋଇ ହୋଇଯାଏ ?

ରାମଚନ୍ଦ୍ର : ତୁମେ କାହା କଥା କହୁଛ ?

ସର : ମୋ ସ୍ୱାମୀଙ୍କ କଥା- ରାଜାଙ୍କ ଡାକରାରେ ସେ ଯବନ ସହିତ ଲଢ଼ିବାକୁ ଗଲେ ଯେ ଗଲେ- ଆଉ ଫେରିଲେନି । ଫେରି ଆସିଲା ତାଙ୍କ ରକ୍ତ ଜୁଡୁବୁଡୁ ଶୀରିପା, ମାଳେ ଘାଗୁଡ଼ି । (କାନ୍ଦୁଛି)(୫)

ଯୁଦ୍ଧରେ ନିଜର ସୁନାର ସଂସାର ଉଜୁଡି ଯାଇଥିଲେ ମଧ୍ୟ ସେଥିପ୍ରତି ଭୃକ୍ଷେପ ନକରି ରାଜା ଓ ଦେଶ ପାଇଁ ତାର ଚିନ୍ତା ଉଦ୍ରେକ ହୋଇଛି । ରାଜାଙ୍କୁ ପାଇକ ପୁଅ ବୋଲି ମନେକରି ଉଦୁଉଦିଆ ଖରାବେଳେ ତାଙ୍କୁ ଖାଦ୍ୟ ଯାଚିଛନ୍ତି । ଯାହା ନାଟକର ଭାଷାରେ- ଶୁଣ, ଏ ଖରାବେଳେ ଯିବ କୁଆଡେ ? ତୁମେ ପାଇକ ନା ? ଇଏ ଆମର ପାଇକର ଘର । ଗଣ୍ଡେ ମୁହଁରେ ଦେଇ ଚାଲିଯିବ ।(୬) ଦୁର୍ଦ୍ଧାନ୍ତ ତକି ଖାଁର ସେନାପତି ମୁରାଦ ଅଲ୍ଲୀ, ଓ ତାର ଦୁଇ ଅନୁଚର କାଳିଆ ଓ ଶାମ୍ବା ରାଜାଙ୍କୁ ଖଣ୍ଡାରେ ଆକ୍ରମଣ କରିବାକୁ ଉଦ୍ୟତ ହେଲାବେଳେ ସରଦେଇ ଆଗକୁ ଚାଲିଆସିଛି ଓ ଖଣ୍ଡାର ଆଘାତରେ ଆହତ ହୋଇ ରାଜାଙ୍କୁ ବଞ୍ଚାଇଛି । ଅନୁଚରମାନେ ରାଜାଙ୍କୁ ବନ୍ଦୀକରି ନେଇଯିବା ବେଳେ ସରଦେଇ ନିଜର ଆଘାତ ପ୍ରତି ଚିନ୍ତା ନକରି ଭଗବାନଙ୍କୁ ରାଜାଙ୍କ ଉଦ୍ଧାର ପାଇଁ ପ୍ରାର୍ଥନା କରିଛି, ଯାହା ନାଟକରେ- "ହେ କାଳିଆ ଠାକୁରେ । ରାଜାଙ୍କୁ ସହାୟ ହୁଅ । ଯବନକୂଳ ଦାଉରୁ ରକ୍ଷା କର । ଏତିକି ତୁମ ପାଖରେ ପ୍ରାର୍ଥନା ଜଗନ୍ନାଥେ..."[vii](୭) ପୁନଶ୍ଚ ବିଶୁନି ଓ ରାଉତ ରାଜାଙ୍କ ବିରୁଦ୍ଧରେ ଷଡଯନ୍ତ୍ର କରୁଥିବା ସନ୍ଦେହ କରି, ଘୋଡ଼ା ଥଳିରୁ ଜଗୁନି ଦ୍ୱାରା ଚିଟାଉ ଚୋରାଇ ଆଣିଛି ସରଦେଇ । ଯାହା ନାଟକରେ- "ଜଗୁନି, ମତେ ଲାଗୁଛି, ଏ ଦିଜଣ ଖୋର୍ଦ୍ଧା ରାଜାଙ୍କ ବିରୋଧରେ ଷଡଯନ୍ତ୍ର କରୁଥିଲେ । ପୁଣି ବୋଧେ ଲଢେଇଗୋଳ ଲାଗିବ । ଦେଶ ମଶାଣି ହେବ। ରାଜା ଲୁହାପଞ୍ଜୁରୀରେ ପଶି କଟକ ଚାଲାଣ ହେବେ ।"(୮) ପାଇକ ସ୍ୱାମୀ ପରି ସରଦେଇ ଏଠାରେ ଆତ୍ମସ୍ୱାର୍ଥକୁ ପଛରେ ପକାଇ ରାଜାଙ୍କ ଅବସ୍ଥା ପାଇଁ ବ୍ୟାକୁଳ ହୋଇଛି । ଏହା କ'ଣ ତା ପାଇକ ବଧୂର ପ୍ରମାଣ ନୁହେଁ କି?

**ମମତାମୟୀ ସର :** ମାଆଟିଏ ମୃତ୍ୟୁଶଯ୍ୟାରେ ମଧ୍ୟ ସନ୍ତାନ ପାଇଁ ବ୍ୟାକୁଳ ହୋଉଥାଏ । ସନ୍ତାନର ଲୁହ ତା ପାଇଁ ଲହୁ । କେବଳ ସ୍ୱାମୀ କାହିଁକି ସନ୍ତାନ ପାଇଁ ମା ମଧ୍ୟ ମୃତ୍ୟୁଦେବତାଙ୍କ ସହ ଲଢ଼ିପାରେ । ଏପରି ଏକ ଚରିତ୍ର ହେଉଛି ସରଦେଇ । ଏଠି ସେ ଦେଶକୁ ଭଲପାଇଛି, ଦେଶର ଲୋକକୁ ଭଲପାଇଛି ତଥା ସନ୍ତାନ ଭଳି ନିଜ

ଅମୃତ ବାତ୍ସଲ୍ୟ ଦାନ କରିଛି । ସ୍ୱାମୀ, ଶାଶୁ, ଶଶୁର ଓ ଦିଅରର ମୃତ୍ୟୁ ପରେ ମାଲକୁଦା ଗାଁ ଛାଡ଼ି ବାଲୁଗାଁ ପେଣ୍ଠରେ ଚଟିଘର କରି ରହିଛି । ଅନାଥ ହୋଇ ବୁଲୁଥିବା ଜଗୁନିକୁ ନିଜ ମାଁ ପରି ସେହ୍ନ ମମତା ଦେଇ, ଚଟିଘରେ ତାକୁ ଆଶ୍ରୟ ଦେଇଛି । ଜଗୁନି ଭାଷାରେ - "ସେମିତି କହିବୁନି ସରଦେଇ । ତୋ ଛଡ଼ା ମୋର ଆଉ କିଏ ଆପଣାର ଅଛି କହିଲୁ ! ଅରକ୍ଷିତ ହୋଇ ଦାଣ୍ଡରେ ବୁଲୁଥିବା ବେଳେ ମତେ ନିଜର କରି କୋଳକୁ ଆଉଜେଇ ନେଇଛୁ । ମାଆର ସ୍ନେହ ଦେଇଛୁ । ତୁ ତ ମୋର ଦେଇ ନୁହଁ, ମାଆ..."[ix](୯) ଚଟିଘର ପାଇଁ ଆବଶ୍ୟକତା ଅନୁସାରେ ସମସ୍ତ ସାମଗ୍ରୀ ଆଣି ଜଗୁନି ପହଞ୍ଚାଇ ଦେଇଥାଏ । ବେଶ ସୁରୁଖୁରୁରେ ସେମାନେ ଚଳିଯାଆନ୍ତି, ପରସ୍ପର ନିର୍ଭରଶୀଳ ହୋଇ । ସ୍ନେହୀ ସରଦେଇ ଜଗୁନିକୁ ତାର ସାନ ଭାଇ ଭାବି ତାର ଭଲ ମନ୍ଦ ବିଷୟରେ ତାକୁ ବୁଝାଏ । ଦଣ୍ଡେ ନ ଦେଖିଲେ, ଜଗୁନି! ଜଗୁନି! ବୋଲି ହୁରି ପକାଇଥାଏ । ଆଶ୍ରୟ ନେବାକୁ ଆସିଥିବା ଗ୍ରାହକମାନେ ସରଦେଇକୁ ଖରାପ ନଜର ପକାଇଲେ, ସରଦେଇର ଡାକରେ ଜଗୁନି ତତକ୍ଷଣାତ ଆସି ହଜାର ହୋଇଯାଏ । କେବେକେବେ ଜଗୁନିର ମନ ଦୁଃଖ ଦେଖିଲେ, ସେ କହେ-"କଣ କହିଲୁ ? ବିକଳରେ ? କ'ଣ ହେଇଛି ? ମତେ ଖୋଲିକି କହୁନୁ କାହିଁକି ? ଆରେ ମୁଁ ମରିନି, ବଞ୍ଚିଛି। ତୋ ଦେଇ ବଞ୍ଚିଥିଲା ଯାଏ, ତୋର ଅବସ୍ଥା କାହିଁକି ବିକଳ ହବ ?"[x](୧୦) ପିଲା ଯେତେ ବଡ଼ ହେଲେ ହେଁ ମାଆ ଲାଗି ତାର ପିଲା କୁନି । ମାଆଟିଏ କେବେ ଶରୀର ଛାଡିପାରେ ନିଜ ସନ୍ତାନକୁ ଏକା କରି? ଶରୀରର ଖଣ୍ଡେ ମାଂସପିଣ୍ଡ ପ୍ରତି ଭଗବାନ ମା ମନରେ ଏତେ ମମତା କେଉଁଠି ଆଣି ଭରିଦେଇଛନ୍ତି? ନିଜ ପେଟର ସନ୍ତାନ ନୁହେଁ, ସରଦେଇଠୁ ଅଳ୍ପବୟସ୍କ ଜଗୁନି, ତାର ପୁଅ, ତାର ସବୁକିଛି । ନାଟକର ଶେଷରେ ମୃତ୍ୟୁଶଯ୍ୟାରେ ସରଦେଇ ଜଗୁନି ପ୍ରତି ଦରଦ, ବ୍ୟାକୁଳତା ବେଶ ମର୍ମଦାହ ହୋଇପାରିଛି ।" ମୁଁ ଯାଉଛିରେ ଜଗୁନି । ମହାରାଜ... ମୋ ଜଗୁନି ତମକୁ ଲାଗିଲା ।××[xi](୧୧)

**ସ୍ୱାଭିମାନୀ ସର :** ସ୍ୱାମୀଙ୍କ ମୃତ୍ୟୁ ପରେ ଅସହାୟା ସରଦେଇ ନିଜର ସତୀତ୍ୱ ନ ହରାଇ, ପରିଶ୍ରମ କରି ପେଟ ପୋଷିଛି । କାରଣ ସେ ଜାଣିଛି କେହି ତାକୁ ସାହାଯ୍ୟର ହାତ ବଢାଇବେ ନାହିଁ, ଓଲଟି ଟାହିଟାପରା କରିବେ । ପାଇକକୁଳ ବଧୂ ହୋଇ ଚଟିଘରର ମାଲିକିଆଣି ହେବା ସହଜ କଥା ନୁହେଁ । ଏଥିପାଇଁ ଦରକାର ଗୁଡ଼ାଏ ଆତ୍ମବିଶ୍ୱାସ ଓ ଦୃଢ଼ ମନୋବଳ । ଭଲରେ ହଉ କି ମନ୍ଦରେ ଭିକ୍ଷା ନ ମାଗି, ଖଟିଖାଇବା ନୀତିକୁ ଆପଣେଇ ନେଇଛି ସେ । ନାଟକରେ ଜଗୁନି ରାଜାଙ୍କୁ ଦେଖା କରିବାକୁ ଯାଇ ଆଉ ଫେରିନି, ଏକା ସରଦେଇ ଉପରେ ଚଟିଘରର ଭାର, ସାମ୍ଭାଳି ଥିଲା ମଧ୍ୟ ଯେତେବେଳେ ସରଦେଇ ବର୍ଷାପାଗରେ ବାହାର ଭିତର ହୋଇ ସାତଦିନ ହେଲା ଜରରେ ରୁଗୁଣ ହେଲାପରେ ଜଗୁନି ଆସି ପହଁଚିଛି ସପ୍ତାହର ସଉଦା ଧରି, ମାତ୍ର ସରଦେଇ ନିଜ ରୋଜଗାରକୁ ବେଶି ଗୌରବ ଭାବିଛି । ତେଣୁ ସେ ରାଜାଙ୍କ ସାହାଯ୍ୟକୁ ଲୋଭ କରିନି, ଜଗୁନିକୁ ନେଇ ପୁଣି ଚଟିଘର ବ୍ୟବସାୟ କରିବା ପାଇଁ ଚାହିଁଛି । ଜଗୁନିକୁ ସେ କହିଛି - "ଆରେ.. ଯେବେଠୁ ରାଜାଙ୍କ ଘରକୁ ଯାଉଛୁ, ସେବେଠୁ ତୋ'ର ଆଉ ଘର ଆଡେ ନିଘା ନାହିଁ । କୁଆଡ଼େ ଯାଉଛୁ, କୋଉଠୁ ଆସୁଛୁ.. କିଛି କହୁନୁ । ଦେଖୁଛୁ ତ ମୋ ଅବସ୍ଥା । ତୁ ଟିକେ ନଜର ନଦେଲେ କୁଡ଼ିଆ ଘର, ଯାତ୍ରୀମାନଙ୍କ କଥା କିଏ ବୁଝିବ । ଯାହା ଯେମିତି କରି କ'ଣ ଦି'ଟା ରୋଜଗାର ନକଲେ, ଚଳିବା କେମିତି ?"[xii](୧୨)

**ବ୍ରତାଚାରୀ ସର :** ତତ୍କାଳୀନ ସମାଜରେ ବିଧବା ନାରୀର ଦୁଃଖ ଯନ୍ତ୍ରଣାକୁ ନାଟ୍ୟକାର ସରଦେଇ ଚରିତ୍ର ମାଧମରେ ଆମ ନିକଟରେ ଉପସ୍ଥାପନ କରିଛନ୍ତି । ପ୍ରତ୍ୟେକ ଓଡ଼ିଆ ନାରୀର ଇହକାଳ ପରକାଳ ର ଦେବତା ହେଉଛି ତାର ସ୍ୱାମୀ । ଏ ଜାତିର ବିଧବା ନାରୀ ବାରବ୍ରତ ତେର ପୂଜା ର ନିଷ୍ଠା ମାଧ୍ୟମରେ ହିଁ ସ୍ୱାମୀର ସ୍ମୃତି ଜୀବନ୍ତ କରି ରଖେ । ଇହକାଳ ରେ ପତିସେବାରୁ ବଞ୍ଚିତ ହେଲେ ପରକାଳ ପାଇଁ ସେ ଅନ୍ତହୀନ ପ୍ରତୀକ୍ଷା କରେ । ଠିକ ସରଦେଇ ଯେପରି ଜୀବନର କାରୁଣ୍ୟମୟ ସ୍ମୃତି କୁ ନେଇ ସାରା ଜୀବନରେ ବିତାଇଦେଇଛି । ସ୍ୱାମୀଙ୍କ ପାଇଁ ସେ ନିର୍ଜ୍ଜଳା ଏକାଦଶୀ ବ୍ରତ କରିଛି । ମାତ୍ର ଜଗୁନି ଚରିତ୍ରର ବ୍ୟକ୍ତିତ୍ୱ ଏଠି ହେତୁବାଦୀ, ଆଜିର ହେତୁବାଦୀ ବିଶ୍ୱରେ କୁସଂସ୍କାରକୁ ବିଲୋପ କରି ଜ୍ଞାନର ଆଲୋକରେ ଆଲୋକିତ ଜଗତ । ସ୍ୱାମୀ ମଲା ପରେ ବିଧବାର କି କି ଦଶା ହୁଏ, ତାହା ଏଠି ନାଟ୍ୟକାର ଦର୍ଶାଇଛନ୍ତି । ପରଦା ପ୍ରଥା, ସତୀପ୍ରଥା ଆଦି କୁପ୍ରଥାର ବିଲୋପ ହୋଇଛି । ନାରୀକୁ ମଣିଷ ତଥା ପୁରୁଷ ସମକକ୍ଷ ବିଚାର ରହିବା ଆବଶ୍ୟକ । ଯଦି ନାରୀ ବାର ଓଷାବ୍ରତ କରେ ପୁରୁଷର ମଙ୍ଗଳ ପାଇଁ ପୁରୁଷ କେତେ ଓଷାବ୍ରତ କରେ ତା ପାଇଁ । କୁସଂସ୍କାର ଅନେକ ନାରୀକୁ ମୃତ୍ୟୁଶଯ୍ୟାକୁ ଟାଣିନେଇ ସାରିଲାଣି । ସରଦେଇ ସେହି ପଥର ଯାତ୍ରୀ ହୋଇଛି । ଯାହା ଜଗୁନିକୁ ବିଲକୁଲ ପସନ୍ଦ ଆସିନାହିଁ । ଓଷାବ୍ରତକୁ ବିରୋଧ କରି ନାଟ୍ୟକାର ଜଗୁନି ମୁଖରେ କହିଛନ୍ତି – "ଧର୍ମ, ଅଧର୍ମ ଗୋଟେ ପଟେ, ଦେହ ପା ଗୋଟେ ପଟେ, ଏ ବାର ଉପାସ ବାର ବ୍ରତ..... କଣ ହେଲାଣି ସେ ଦେହ ଦେଖୁଛୁ ନା ନାହିଁ ।"[xiii](୧୩)

**ଅଭାଗିନୀ ଭକ୍ତ ସର :** ଦାରୁବ୍ରହ୍ମ ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ହେଉଛନ୍ତି ପ୍ରତ୍ୟେକ ଓଡ଼ିଆ ର ପ୍ରାଣ । ଜଗନ୍ନାଥ ନାମଟି ର ସ୍ୱାତନ୍ତ୍ର୍ୟ, ବୈଶିଷ୍ଟ୍ୟ, ମୂଲ୍ୟବୋଧ ଓ ମହନୀୟତା ଅବର୍ଣ୍ଣନୀୟ । ପ୍ରତି ଓଡ଼ିଆ ପ୍ରାଣରେ ଜଗନ୍ନାଥଙ୍କ ଲାଗି ଏକା ଶ୍ରଦ୍ଧାପୂତ ସ୍ଥାନ ରହିଛି ଆଉ ରହିଥିବ । ଆବାଳବୃଦ୍ଧବନିତା ମହାପ୍ରଭୁଙ୍କ ନିକଟରେ ନିଜକୁ ସମର୍ପିତ କରି ଦୁଃଖ ରେ ସୁଖରେ ତାଙ୍କୁ ସ୍ମରଣ କରନ୍ତି । ଜଗତର ନାଥ ( ଜଗନ୍ନାଥ ), ଦରିଦ୍ରର ବନ୍ଧୁ ( ଦୀନବନ୍ଧୁ ) ନାମ ଧାରଣ କରିଛନ୍ତି । ଓଡ଼ିଆମାନେ ସ୍ନେହରେ ଜଗା ପୁଣି ଅଭିମାନ ରେ ହଟିଆ ଠାକୁର ବୋଲି ଡାକନ୍ତି । ତାର ସେଇ ଚକାଆଖି କୁ ଦେଖିଦେଲେ ଆଖି ଲାଖି ରହିଯାଏ । କୋଟି କୈବଲ୍ୟନାଥ ପ୍ରଭୁଙ୍କୁ ସରଦେଇ ମଧ୍ୟ ଥରେ ଦେଖିବ ବୋଲି ଆଶା ବାନ୍ଧି ବସିଥିଲା । ସ୍ୱାମୀ ସାଙ୍ଗରେ ସଧବା ବେଶ ରେ ଦାରୁବ୍ରହ୍ମ କୁ ଦେଖିବ ବୋଲି କେତେ ସ୍ୱପ୍ନ ସତେ ସେ ଦେଖି ନଥିଲା? ମାତ୍ର ସ୍ୱାମୀର ଦାରୁଣ ମୃତ୍ୟୁ ତାର ସ୍ୱପ୍ନକୁ ଛାରଖାର କରିଦେଇଛି । କେବେ ଜଗାର ଦର୍ଶନ ପାଇପାରିବନି ବୋଲି କହି କାନ୍ଦିବାବେଳେ ଜଗୁନି ତାକୁ ପ୍ରବୋଧନା ଦେଇ କହିଛି – "ସେମିତି କହନା ଦେଇ, କେହି ନଥିଲେ ମୁଁ ଅଛି ତୋ ଜଗୁନି ଅଛି । ମୁଁ ତତେ ମୋ କାନ୍ଧରେ ବସାଇ ନେଇ

BY NC

ରତ୍ନବେଦୀ ଉପରେ ଜଗା-ବଳିଆଙ୍କୁ ଦରଶନ କରେଇ ଆଣିବି କାନ୍ଦେନା ଦେଇ, ତୁ କାନ୍ଦିଲେ ମୁଁ କାନ୍ଦି ପକେଇବି"[xiv] (୧୪) ମହାପ୍ରଭୁଙ୍କ ଦର୍ଶନ ପାଇଁ ଅହରହ ବ୍ୟାକୁଳିତ ପରାଣ ଯେବେ ଅକସ୍ମାତ ଦର୍ଶନ ପାଏ, ତା ମନ ଆନନ୍ଦରେ ବିମୋହିତ ହୋଇପଡେ । ସ୍ୱର୍ଗସୁଖ ପାଇଲାପରି ଲାଗେ, ଯାହା ସରଦେଇ ଚରିତ୍ରରେ ନାଟ୍ୟକାର ଚମତ୍କୃତ ଭାବେ ଫୁଟାଇପାରିଛନ୍ତି – "କଣ ମୁଁ ଦେଖୁଛି ? ଯାହାକୁ ଦେଖିବାଲାଗି ମୁଁ ସାରାଜୀବନ ଲୁହ ନିଗାଡ଼ି ଚାଲିଛି, ସେଇ ଜଗନ୍ନାଥ ମୋ ଆଗରେ ! କହ ଜଗୁନି, ମୋ ଆଗରେ ମୋ ଠାକୁର ଅଛନ୍ତି ତ ?"[xv] (୧୫) ପୁନଶ୍ଚ ମୃତ୍ୟୁଶଯ୍ୟାରେ ଜଗନ୍ନାଥଙ୍କ ନିକଟରେ କୌଣସି ଅଭିଯୋଗ ନ ରଖି, ନିଜକୁ ସମର୍ପଣ କରିଦେଇଛି ସରଦେଇ । ଯାହା ନାଟକରେ ଭକ୍ତିରସ ସହ କରୁଣରସର ଘଟିଛି ଅପୂର୍ବ ସମନ୍ୱୟ- "ଦୁଃଖ ନାହିଁ ଛାମୁ । ସ୍ୱାମୀ ମୋର ଜଗା ପାଇଁ ଲଢ଼ିବାକୁ ଯାଇ ହସି ହସି ମରଣକୁ କୋଳେଇ ନେଲା । ମୁଁ ବି ଆଜି ସେଇ ଜଗା ମୁହଁକୁ ଚାହିଁ... ଛାମୁ, ଦେଖ ଛାମୁ, ମୋ କାଳିଆ ଠାକୁର ମତେ ଦେଖି କେମିତି ମୁରୁକି ହସୁଛି । ଆରେ ଇଏ ତ ମୋ କଳାକାହ୍ନୁ । ଧୀରେ ଧୀରେ ପାଦ ବଢ଼େଇ ମୋ ଆଡ଼କୁ ଆସୁଛି । ଦେଖୁଛୁ ଜଗୁନି... ମତେ କେମିତି ସେ ହାତ ଠାରି ଡାକୁଛି ! (ମୃତ୍ୟୁ)"[xvi](୧୬)

**ନାଟକର ମୁଖ୍ୟ କାରୁଣ୍ୟରସ ସର :** ଜନ୍ମ ଯେପରି ସତ୍ୟ ମୃତ୍ୟ ସେପରି ସତ୍ୟ । ଆତ୍ମୀୟ ସ୍ୱଜନର ଅକାଳବିୟୋଗରେ ଓଡ଼ିଆ ଜାତିର ଜନସାଧାରଣଙ୍କ ମଧ୍ୟରେ ଦେଖାଯାଉଥିବା ଶୋକବାତାବରଣ, କରୁଣ ରସର ଉଦ୍ରେକ ନାଟ୍ୟକାର ସରଦେଇର ପ୍ରାଣତ୍ୟାଗ ସମୟରେ ବେଶ ନିଖୁଣ ଭାବେ ଉପସ୍ଥାପନା କରିଛନ୍ତି । ଜଗୁନି ମୁଣ୍ଡ ପିଟିପିଟି କାନ୍ଦୁଛି ଓ କହୁଛି – "ମହାରାଜ ….. ଦେଇ କୁ କଥାଦେଇଥିଲି । ମୋ ନିଜ କାନ୍ଧରେ ବସାଇ ଠାକୁର ଦର୍ଶନ କରାଇବି । ହେଲେ ମୋତେ କଣ ଜଣାଥିଲା -ଏ ଛଳିଆ ଠାକୁର, ନିଜେ ଆସି ମୋ ଦେଇକୁ ତା ପାଖକୁ ନେଇଯିବ ବୋଲି । ମା ଛେଉଣ୍ଡ ହେଇଗଲି ମହାରାଜ ।"[xvii](୧୭)

**ହତଭାଗିନୀ ସର :** ସମଗ୍ର ନାଟକଟିରେ ପାର୍ଶ୍ୱ ଚରିତ୍ର ଭାବେ ଚିତ୍ରିତ ସରଦେଇ ଜୀବନରେ ଆସିଥିବା ପ୍ରତ୍ୟେକ ବ୍ୟକ୍ତି( ସ୍ୱାମୀ, ରାଜା, ଜଗୁନି )ଦ୍ୱାରା ସେ ହେଇଛି ଅବହେଳିତ । ଆତ୍ମସ୍ୱାର୍ଥ ସରିଗଲା ପରେ ସମସ୍ତେ ତାକୁ ଭୁଲିଯାଇଛନ୍ତି । ନାୟକ ହୋଇ ଆସିଥିବା ସ୍ୱାମୀ ବାସର ରାତିରେ ପ୍ରେମ ପ୍ରଦାନ ପରିବର୍ତ୍ତେ ଦେଇଗଲା ଆଖିରେ ଆଖିଏ ଲୁହ, ଛାତିରେ ଅସରନ୍ତି କୋହ ଓ ଅସରନ୍ତି ଅପେକ୍ଷା, ଯେଉଁ ଅପେକ୍ଷା ର ଅନ୍ତ ନାହିଁ । ଉଦୁଉଦିଆ ଖରାବେଳେ ତୃଷା ମେଣ୍ଟେଇଥିବା ଓ ମୋଗଲ ସେନାପତି ଠାରୁ ଜୀବନ ବଞ୍ଚେଇଥିବା ସରଦେଇକୁ ରାଜା ରାମଚନ୍ଦ୍ର ମନେରଖିନାହାନ୍ତି । ଦରିଦ୍ର, ଅଭାଗିନୀ ବିଧବା ପାଇକବଧୂକୁ କୌଣସି ସହାୟତାର ହାତ ବଢ଼ାଇ ନାହାନ୍ତି । ଶତ୍ରୁର ଅଜାଣତରେ ସରଦେଇ ଚିଟାଉ ଚୋରାଇ ଜଗୁନି ହାତରେ ରାଜାଙ୍କ ପାଖକୁ ପଠେଇଛି । ଯାହାଫଳରେ ରାଜା ବିଶାଳ କ୍ଷୟକ୍ଷତିରୁ ରକ୍ଷାପାଇଥିଲେ ମଧ୍ୟ ରାଜା ପ୍ରତି-ଉପକାର କିଛି ପ୍ରଦାନ କରି ନଥିଲେ । ଅରକ୍ଷିତ ହୋଇ ଦାଣ୍ଡରେ ବୁଲୁଥିବା ଅବସ୍ଥାରୁ କୋଳକୁ ଆଣି ସ୍ନେହମମତା ଦେଇ ଭରଣପୋଷଣ କରିଥିବା ସରଦେଇର ଭୂମିକା ଜଗୁନି ଜୀବନରେ ଅବର୍ଣ୍ଣନୀୟ । ମାତ୍ର ଜଗନ୍ନାଥ ସେବାରେ ନିଯୁକ୍ତି ହେବାପରେ ଜଗୁନି ସରଦେଇକୁ ଅବହେଳା କରିଛି ଚଟିଘରେ ଏକୁଟିଆ ବିଧବାଯୁବତୀଟି କେମିତି ରହୁଛି? କଣ ଖାଉଛି? କିପରି ଚଳୁଛି? ସେସବୁ ବୁଝିବାକୁ ତା ପାଖରେ ସମୟ ନାହିଁ ।

**ସାର୍ବଜନୀନ ଚରିତ୍ର ସର :** ନାଟକଟି ରେ ସରଦେଇ ଚରିତ୍ରରେ ପାଠକେ ସ୍ନେହମମତା (ଜଗୁନି ପ୍ରତି), ପ୍ରେମ ( ସ୍ୱାମୀ ପ୍ରତି ), ଦେଶପ୍ରୀତି ( ସ୍ୱାମୀକୁ ଯୁଦ୍ଧ କୁ ପଠାଇବା, ପାଇକ ଲୋକଙ୍କ ପାଇଁ ଚଟିଘର ନିର୍ମାଣ ଓ ସେବା ), ଭକ୍ତିଭାବ ( ଜଗନ୍ନାଥ ), ଉଦାରତା ଓ ସମ୍ମାନ ( ରାଜା ଓ ଦେଶଜନଙ୍କ ପ୍ରତି ), ପତିବ୍ରତା ( ଓଷା ବ୍ରତ ), କରୁଣ ଓ ଶୋକ ( ଜଗୁନି ଓ ସ୍ୱାମୀ ) ଦେଖିବାକୁ ପାଆନ୍ତି ।

**ନିଷ୍କର୍ଷ :** ସରଦେଇ ଚରିତ୍ରଟିର ଅପ୍ରାପ୍ତିରେ ହିଁ ଜୀବନ ଚାଲିଯାଇଛି, ପ୍ରତିବଦଳରେ ସେ ପାଇଛି କେବଳ ନିନ୍ଦା, ଅପବାଦ, ଲାଞ୍ଛନା ! ନା ସେ ପାଇପାରିଛି ସ୍ୱାମୀ ସୁଖ ? ନା ସ୍ନେହ ପ୍ରେମ ? ନା ସେ ପାଇଛି ସହାନୁଭୂତି? ନା କୁଳବଧୂର ମର୍ଯ୍ୟାଦା ? ନା ସୁସ୍ଥ ଅବସ୍ଥାରେ ସେ ମନଭରି ଦେଖିପାରିଛି ମହାପ୍ରଭୁ ଙ୍କୁ ? ନା ସେ ବାଢିପାରିଛି ପ୍ରଭୁଙ୍କ ପାଖରେ ଅଭିଯୋଗ ? ଖାଲି ଆଶା ଆଶାରେ ସେ ପ୍ରାଣତ୍ୟାଗ କରିଛି । ଏଣୁ 'ଅପ୍ରାପ୍ତିରେ ସରଦେଇ ଓ ନାଟକ ଆହେ ନୀଳଶଇଳ' ଯଥାର୍ଥତା ପ୍ରତିପାଦିତ ହୋଇଛି ।

**ସଙ୍କେତ ସୂଚୀ:**


୧. ପରିଡ଼ା, ପ୍ରକାଶ କୁମାର, ଏବଂ ସାହୁ, ଗିରୀଶ ଚନ୍ଦ୍ର । *ସୁରେନ୍ଦ୍ର ସାହିତ୍ୟ ସମୀକ୍ଷଣ, ପୃ. ୨୬୦ ।*

୨. ଦାସ, ହେମନ୍ତ କୁମାର । *ଓଡ଼ିଆ ନାଟ୍ୟସାହିତ୍ୟର ବିକାଶଧାରା, ପୃ. ୧୧ ।*

୩. ମହାନ୍ତି, ସୁରେନ୍ଦ୍ର । *ନୀଳାଦ୍ରି ବିଜୟ ଭୂମିକା ।*

୪. ମହାନ୍ତି, ବାସନ୍ତି । *ନୀଳଶୈଳର ପଦାଚାରୀ, ପୃ. ୧୧୮ ।*

୫. ତ୍ରିପାଠୀ, ଶଙ୍କର । *ହୋତା ପ୍ରତିମା, ଆହେ ନୀଳଶଇଳ, ପୃ. ୧୭ ।*

୬. ତତ୍ରୈବ, ପୃ. ୧୮ ।

୭. ତତ୍ରୈବ, ପୃ. ୧୯ ।

୮. ତତ୍ରୈବ, ପୃ. ୪୦ ।

୯. ତତ୍ରୈବ, ପୃ. ୩୮ ।

୧୦. ତତ୍ରୈବ, ପୃ. ୫୯ ।

୧୧. ତତ୍ରୈବ, ପୃ. ୬୫ ।

୧୨. ତତ୍ରୈବ, ପୃ. ୫୮ ।

୧୩. ତତ୍ରୈବ ।


cc BY NC

୧୪. ତତ୍ରୈବ, ପୃ. ୩୯।

୧୫. ତତ୍ରୈବ, ପୃ. ୬୪।

୧୬. ତତ୍ରୈବ, ପୃ. ୬୫।

୧୭. ତତ୍ରୈବ।

**ସହାୟକ ଉତ୍ସ:**


୧. ତ୍ରିପାଠୀ, ଶଙ୍କର। *ହୋତା ପ୍ରତିମା: ଆହେ ନୀଳଶଇଳ. ଆମ ଓଡ଼ିଶା, ଭୁବନେଶ୍ୱର, ୨୦୨୨।*

୨. ଦାସ, ହେମନ୍ତ କୁମାର। *ଓଡ଼ିଆ ନାଟ୍ୟସାହିତ୍ୟର ବିକାଶଧାରା. ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା (ପୁସ୍ତକ ଭବନ), ଭୁବନେଶ୍ୱର, ୨୦୨୪।*

୩. ଦାସ, ହେମନ୍ତ କୁମାର। *ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ. ବିଦ୍ୟାପୁରୀ, କଟକ, ୨୦୨୨।*

୪. ପରିଡ଼ା, ପ୍ରକାଶ କୁମାର, ଏବଂ ସାହୁ, ଗିରୀଶ ଚନ୍ଦ୍ର। *ସୁରେନ୍ଦ୍ର ସାହିତ୍ୟ ସମୀକ୍ଷଣ. ଫ୍ରେଣ୍ଡସ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ୨୦୨୪।*

୫. ମହାନ୍ତି, ବାସନ୍ତି। *ନୀଳଶୈଳର ପଦାଚାରୀ. ପି. ସି. ଆ. ଇ. ପବ୍ଲିକେଶନ, ଖାରବେଳନଗର, ସଚିବାଳୟମାର୍ଗ, ୟୁନିଟ ୩, ଭୁବନେଶ୍ୱର, ୨୦୧୫।*

୬. ମହାନ୍ତି, ସୁରେନ୍ଦ୍ର। *ନୀଳଶୈଳ. କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ, ୨୦୨୦। ତ୍ରୟୋଦଶ ସଂସ୍କରଣ।*

୭. ମହାନ୍ତି, ସୁରେନ୍ଦ୍ର। *ନୀଳାଦ୍ରି ବିଜୟ. କଟକ ଷ୍ଟୁଡ଼େଣ୍ଟସ୍ ଷ୍ଟୋର, କଟକ, ୨୦୨୫। ଦଶମ ସଂସ୍କରଣ।*



| FIELD | DETAILS |
| --- | --- |
| FUNDING STATEMENT | This research received no external funding |
| CONFLICT OF INTEREST | No |
| PLAGIARISM TEST | Yes (Drillbit) |
| SIMILARITY INDEX | 0 % |
| ETHICAL APPROVAL | Not applicable |
| CITE: | Patra, Prajna Paramita. “Apraptire Saradei O Nataka ‘Ahe Nilashaila’: Eka Alochana.” *Bindu Bimarsha*, vol. 2, no. 2, Apr. 2026, pp. 13–17. Crossref, https://doi.org/10.64647/bb.vol.2.issue.2.2026.2. |

PLAGIARISM QR

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା ॥ ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II ॥ APRIL—JUNE 2026

# ପରଜା ଆଦିବାସୀ ଲୋକଗୀତର ସାଂସ୍କୃତିକ ଭାବମାନସ

ଡକ୍ଟର ପ୍ରହ୍ଲାଦ ଖିଲ

**ସହାୟକ ଅଧ୍ୟାପକ, ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର**

**Date Of Submission:** 19-01-2026 **Date Of Publication:** 14-04-2026

**ABSTRACT ॥ ସଂକ୍ଷିପ୍ତ ସାର**

ଓଡ଼ିଶାର ଅବିଭକ୍ତ କୋରାପୁଟ ଜିଲ୍ଲାରେ ପରଜା ଆଦିବାସୀ ସମ୍ପ୍ରଦାୟର ସଂଖ୍ୟାଗରିଷ୍ଠତା ଦେଖାଯାଏ ଏବଂ କୃଷି ଏମାନଙ୍କର ମୁଖ୍ୟ ଜୀବିକା। କୃଷିକୁ କେନ୍ଦ୍ରକରି ସେମାନେ ବିଭିନ୍ନ ପର୍ବପର୍ବାଣି ପାଳନ କରିଥାନ୍ତି ଓ ଏହି ଅବସରରେ ନୃତ୍ୟଗୀତ ପରିବେଷଣ ମାଧ୍ୟମରେ ମନୋରଞ୍ଜନ କରନ୍ତି। ପାରମ୍ପରିକ ଭାବରେ ଯୁବଯୁବତୀମାନେ ଧାଙ୍ଗଡ଼ାବସା ଓ ଧାଙ୍ଗଡ଼ୀବସା ପରି ସାମୁଦାୟିକ ସଂସ୍ଥା ମାଧ୍ୟମରେ ଏହି କଳାର ଶିକ୍ଷା ଉତ୍ତରାଧିକାର ସୂତ୍ରରେ ଅର୍ଜନ କରି 'ସଦରଦାଣ୍ଡ' ଓ 'ବେରନମୁଣ୍ଡା' ପରି ସାର୍ବଜନୀନ ସ୍ଥାନରେ ପରିବେଷଣ କରି ଅନୁଭବ ସଂଗ୍ରହ କରୁଥିଲେ। କିନ୍ତୁ ବର୍ତ୍ତମାନ ଏହି ପାରମ୍ପରିକ ପ୍ରଥା ବ୍ୟାହତ ହୋଇସାରିଛି ଓ ନୃତ୍ୟଗୀତ ନିଜର ସ୍ୱତଃସ୍ଫୂର୍ତ୍ତତା ହରାଇଛି। ବେକାରି, ଦାରିଦ୍ର୍ୟ ଓ ସର୍ବହରାର ହତାଶା ପରଜା ଯୁବମାନସକୁ ପ୍ରଭାବିତ କରି ସେମାନଙ୍କୁ ପାରମ୍ପରିକ ସଙ୍ଗୀତଠାରୁ ଦୂରେଇ ଛନ୍ଦହୀନ ଓ ଅଶ୍ଲୀଳ ଧ୍ୱନିପ୍ରତି ଆକର୍ଷିତ କରିଛି। ଏହାର ଫଳରେ ସାଂସ୍କୃତିକ ମୂଲ୍ୟବୋଧର ଅବନତି ଘଟୁଛି। ପରଜା ଗୀତଗୁଡିକ ସରଳ, ସଂକ୍ଷିପ୍ତ ଓ ଗୀତିଧର୍ମୀ ହୋଇଥାଏ ଏବଂ ଏହା ସହିତ ନୃତ୍ୟ ଓ ବାଦ୍ୟ ଅଖଣ୍ଡ ଭାବରେ ଯୋଡିତ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଜୀବନର ପ୍ରତ୍ୟେକ ସୋପାନରେ ଏହି ଗୀତର ପ୍ରାସଙ୍ଗିକତା ରହିଛି। ସେହିପରି, ପରଜା ସମ୍ପ୍ରଦାୟର ଲୋକଗୀତ ସେମାନଙ୍କର ସାମାଜିକ-ସାଂସ୍କୃତିକ ଅସ୍ତିତ୍ୱର ମୂଲ୍ୟବାନ ଅଂଶ ଅଟେ ଏବଂ ଏହାର ସଂରକ୍ଷଣ ଅତ୍ୟାବଶ୍ୟକ।

**ARTICLE NUMBER:** BB-II-II-2026-03

**ORC ID:** 0000-0002-3496-468X

**DOI:** 10.64647/bb.vol.2.issue.2.2026.3

**E-MAIL:** prahalladkhilla@gmail.com

**REVIEW STATUS:** Double-Blind Peer Reviewed

**LANGUAGE OF THE ARTICLE:** Odia

**TYPE OF ARTICLE:** Analytical Research

**ପ୍ରମୁଖ ଶବ୍ଦାବଳୀ :**

ଆଦିମ ଜନଜାତି ସମ୍ପ୍ରଦାୟ, ତଫସିଲଭୁକ୍ତ ଜନଜାତି, ଅବିଭକ୍ତ କୋରାପୁଟ ଜିଲ୍ଲା, ପ୍ରକୃତିର ବଂଶଜ, ଦରିଦ୍ର ହୋଇ ମରିବ, ଆଦିବାସୀ ସାମୂହିକ-ଭାବମାନସ, ଲୋକ-ମାନସ

**ଆଲୋଚନାର ଉଦ୍ଦେଶ୍ୟ :**

- ସାଂସ୍କୃତିକ ସଂରକ୍ଷଣ ଦୃଷ୍ଟିରୁ ପରଜା ଆଦିବାସୀ ସଂପ୍ରଦାୟର ପାରମ୍ପରିକ ଲୋକଗୀତରେ ପ୍ରତିଫଳିତ ସାମାଜିକ ମୂଲ୍ୟବୋଧ, ଜୀବନଶୈଳୀ ଆଦିର ବିଶ୍ଳେଷଣ କରିବା।
- ପରିଚିତି ସଂକଟ ଓ ସାମାଜିକ-ସାଂସ୍କୃତିକ ଆହ୍ୱାନ ଗୁଡ଼ିକ ସମ୍ପର୍କରେ ଅବଗତହେବା।
- ସାମାଜିକ ଓ ନୈତିକ-ମୂଲ୍ୟବୋଧର ସନ୍ତୁଳନ ଅବ୍ୟାହତ ରଖିବା ପାଇଁ ସଙ୍ଗୀତ ମାଧ୍ୟମରେ ପ୍ରକାଶିତ ଲୋକମାନସିକତା ଅନୁଶୀଳନ କରିବା।
- ଯୁଗୀୟ ବୈଶିଷ୍ଟ୍ୟ ଅନୁସାରେ ପରଜାସଂପ୍ରଦାୟର ଜୀବନଧାରାରେ ଆସିଥିବା ପରିବର୍ତ୍ତନର ସ୍ୱର କିପରି ସେମାନଙ୍କର ଗୀତରେ ରୂପାୟିତ ହୋଇଛି – ତା'ର ଯଥାର୍ଥତା ପ୍ରତିପାଦନ କରିବା।

**1.ସୂଚନା:**

ଭାରତୀୟ ସମ୍ବିଧାନର ୩୪୨(୧) ଧାରାରେ ଓଡ଼ିଶାରେ ବାସକରୁଥିବା ଆଦିମ ଜନଜାତି ସମ୍ପ୍ରଦାୟକୁ 'ଆଦିବାସୀ' (Scheduled Tribe) ନାମରେ ତାଲିକାଭୁକ୍ତ କରାଯାଇଛି। The Scheduled Castes and Scheduled

Tribes Order (Amendment) Act-1976 ଅନୁସାରେ ଘୋଷିତ ଓଡ଼ିଶାର ତଫସିଲଭୁକ୍ତ ଜନଜାତି ସମ୍ପ୍ରଦାୟର ତାଲିକାର କ୍ରମିକ ସଂଖ୍ୟା ୫୫ରେ ପରୋଜ / ପରଜା ଆଦିବାସୀ ସମ୍ପ୍ରଦାୟର ନାମ ଉଲ୍ଲେଖ ରହିଛି। ସଂସ୍କୃତ ଭାଷାରୁ ଗୃହୀତ 'ପରଜା' ଶବ୍ଦର ଅର୍ଥ ହେଉଛି 'ପ୍ରଜା'; ରାଜା ଶାସିତ ରାଜ୍ୟରେ ଜଣେ ସାଧାରଣ ଲୋକ / ସାଧାରଣ ନାଗରିକ।

ଅବିଭକ୍ତ କୋରାପୁଟ ଜିଲ୍ଲାର କୋରାପୁଟ, ସିମିଲିଗୁଡ଼ା, ପଟାଙ୍ଗି, ନନ୍ଦପୁର, ଲମତାପୁଟ, ଦଶମନ୍ତପୁର, ଲକ୍ଷ୍ମୀପୁର, ଜୟପୁର, ବୋରିଗୁମା, ବୈପାରିଗୁଡ଼ା, କୁନ୍ଦୁରା, ନବରଙ୍ଗପୁର, ନନ୍ଦାହାଣ୍ଡି, କୋଷାଗୁମୁଡ଼ା, ତେନ୍ତୁଳିଖୁଣ୍ଟି, ପାପଡ଼ାହାଣ୍ଡି, ଡାବୁଗାଁ, ଝରିଗାଁ, ମାଲକାନଗିରି, କୁଡୁମୁଲୁଗୁମା, ରାୟଗଡ଼ା, କାଶୀପୁର, ପ୍ରଭୃତି ବ୍ଲକରେ ପରଜା ଆଦିବାସୀ ସମ୍ପ୍ରଦାୟ ସର୍ବାଧିକ ସଂଖ୍ୟାରେ ବାସ କରନ୍ତି। 'ପାର୍ଜୀ' ହେଉଛି ପରଜାମାନଙ୍କର ମାତୃଭାଷା। ଏହି ଭାଷା ଦ୍ରାବିଡ଼ ଭାଷାଗୋଷ୍ଠୀ ଅନ୍ତର୍ଭୁକ୍ତ। ଅଞ୍ଚଳ ଭେଦରେ ପରଜାମାନଙ୍କର ଭାଷାରେ ଅନେକ ପାର୍ଥକ୍ୟ ତଥା ଭିନ୍ନତା ରହିଛି।

କୋରାପୁଟ ଜିଲ୍ଲା ଗେଜେଟିୟରରେ ଆର୍. ସି. ବେଲ୍ ପରଜାମାନଙ୍କୁ ଆଠଭାଗରେ ବିଭକ୍ତ କରିଛନ୍ତି। ସେମାନେ ହେଲେ- ପାରେଙ୍ଗା ପରଜା, ପରେଙ୍ଗା ଗଦବା ପରଜା, କନ୍ଧପରଜା, ପେଙ୍ଗୋ ପରଜା, ଝୋଡ଼ିଆ ପରଜା, ବାରେଙ୍ଗ ପରଜା, ସୋଡା ବିଶିଆ ପରଜା ଓ ବଣ୍ଡା ପରଜା। (Bell, 63) ସାମାଜିକ-ସାଂସ୍କୃତିକ ଓ ଅର୍ଥନୈତିକ ଆଭିମୁଖ୍ୟ ଦୃଷ୍ଟିରୁ ପରଜା ସମ୍ପ୍ରଦାୟ ମୁଖ୍ୟତଃ ବଡ଼ ପରଜା ଓ ସାନ ପରଜା ଭାବରେ ଦୁଇ ଭାଗରେ ବିଭକ୍ତ ହୋଇଥିବାବେଳେ ଅଞ୍ଚଳ ଭେଦରେ 'ଡଙ୍ଗରଲା ପରଜା' ବା ଡଙ୍ଗରିଆ ପରଜା ଓ 'ଗାଡ଼ଖଣ୍ଡିଆ ପରଜା' ବା ନଈକୂଳିଆ ପରଜା ରୂପେ ଏମାନେ ପରିଚିତ।

**ପରଜା ଆଦିବାସୀ ସମ୍ପ୍ରଦାୟର ଗୋତ୍ର:**


ପରଜା ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ଓ ନୃତାତ୍ତ୍ୱିକ ପରିଚିତି ହେଉଛି ସେମାନଙ୍କର ଗୋତ୍ର। ଏହା କୁଳ, ବଂଶ ଆଦି ନାମରେ ମଧ୍ୟ ପରିଚିତ। ପରଜା ସମ୍ପ୍ରଦାୟର ଗୋତ୍ର ଅବଲୋକନରୁ ସେମାନେ ପ୍ରକୃତିର ବଂଶଜ ହୋଇଥିବା ଜଣାପଡ଼େ। ସାଧାରଣତଃ ଜୀବଜନ୍ତୁ ଓ ସରୀସୃପ ଆଧାରରେ ଏମାନେ ନିଜନିଜର ବଂଶପରମ୍ପରା ସୃଷ୍ଟି ହୋଇଥିବା ବିଶ୍ୱାସ କରନ୍ତି। ତେଣୁ ବାଘ, ଭାଲୁ ଆଦି ବନ୍ୟପ୍ରାଣୀ, ଛେଳି, କୁକୁର ଆଦି ଗୃହପାଳିତ ପଶୁ, ସର୍ପ ଆଦି ସରୀସୃପ ଓ ବିଭିନ୍ନ ଜଳଚର ଜୀବଙ୍କୁ ପରଜାମାନେ ନିଜବଂଶର ଆଦିପୁରୁଷ ରୂପେ ଗ୍ରହଣ କରିଥାନ୍ତି। ନିମ୍ନରେ ସାରଣୀ ଜରିଆରେ ଏମାନଙ୍କର ଗୋତ୍ର ତାଲିକାର ସୂଚନା ଦିଆଯାଇଛି।

ଏହି ରୀତିରେ ପରଜା ଆଦିବାସୀ ସମ୍ପ୍ରଦାୟର ଗୋତ୍ର ନିର୍ଦ୍ଧାରିତ ହୋଇଥାଏ। ସଗୋତ୍ର ଅନ୍ତର୍ଭୁକ୍ତ ପ୍ରତ୍ୟେକ ପରିବାର ଏକକୁଟୁମ୍ବ ବୋଲି ବିଚାର କରନ୍ତି ଏବଂ ଶିଶୁଜନ୍ମ ଠାରୁ ଆରମ୍ଭ କରି ମୃତ୍ୟୁପର୍ଯ୍ୟନ୍ତ ଜୀବନ-ସରଣୀର ପ୍ରତିଟି କ୍ଷେତ୍ରରେ ଆସୁଥିବା ପାରିବାରିକ-ସାମାଜିକ ସଂସ୍କାର, ପର୍ବପର୍ବାଣି ଆଦି ଅନୁଷ୍ଠାନରେ ମିଳିତ ଭାବରେ କାର୍ଯ୍ୟ କରନ୍ତି। ଅର୍ଥାତ କୌଣସି ପରିବାରରେ କେହି ମୃତ୍ୟୁବରଣ କଲେ, ମୃତବ୍ୟକ୍ତିର ସଗୋତ୍ରୀ-ପରିବାରରେ ଶୋକ ପାଳନ ସମେତ ଆମିଷ, ତେଲ, ହଳଦୀଯୁକ୍ତ ପାକତ୍ୟାଗ ପରି ଅନ୍ୟାନ୍ୟ ସମସ୍ତ ଛୋଟବଡ଼ ବିଧିବିଧାନ ପାଳନ କରିବା, ସାମାଜିକ-ସାଂସ୍କୃତିକ-ଶୀଳାଚାର ଅନ୍ତର୍ଭୁକ୍ତ ହୋଇଥାଏ। ସମଗୋତ୍ର ଅର୍ଥ ଏକପରିବାର ହୋଇଥିବା କାରଣରୁ ପରଜା ଆଦିବାସୀ ସମ୍ପ୍ରଦାୟରେ ସଗୋତ୍ରବିବାହ ନିଷିଦ୍ଧ ଅଟେ।

**2. ପରଜା ଆଦିବସୀ ଲୋକଗୀତର ସାଂସ୍କୃତିକ ଆଭିମୁଖ୍ୟ:**

ସଂସ୍କୃତି ପରମ୍ପରାଗତ ଜ୍ଞାନର ବାହକ। ପରମ୍ପରାଗତ ଜ୍ଞାନର ଏହି ସଂଗଠିତ ରୂପକୁ ସମାଲୋଚକ କୁମୁଦ ରଞ୍ଜନ ପାଣିଗ୍ରାହୀ ଲୋକଧାରା ରୂପେ ଗ୍ରହଣ କରିଛନ୍ତି। (ପାଣିଗ୍ରାହୀ ୩୬) ଲୋକସଂସ୍କୃତି ଓ ଲୋକସାହିତ୍ୟର ଗବେଷକ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଇଂରାଜୀ 'Folklore' ଶବ୍ଦର ଭାରତୀୟ ପ୍ରତିଶବ୍ଦ ରୂପେ ଲୋକସଂସ୍କୃତି ସମେତ ଲୋକବିଦ୍ୟା, ଲୋକଯାନ, ଲୋକଧାରା, ଲୋକାଚାର, ଲୋକବିଜ୍ଞାନ, ଲୋକଚର୍ଯ୍ୟା, ଲୋକଜ୍ଞାନ ଆଦି ଶବ୍ଦ ବ୍ୟବହୃତ ହେଉଥିବା ପ୍ରକାଶ କରିଛନ୍ତି। (ପ୍ରଧାନ ୫) ସମାଜଶାସ୍ତ୍ରୀ ଇ.ବି. ଟେଲର୍ ଏକ ଯୁକ୍ତିଯୁକ୍ତ ତର୍କ ଆଧାରରେ ସଂସ୍କୃତିର ଅର୍ଥ ବୁଝାଇବା ନିମିତ୍ତ ପ୍ରୟାସ କରିଛନ୍ତି, ଯାହା ବହୁଜନାଦୃତ ହୋଇପାରିଛି। ଟେଲରଙ୍କ ବିଚାରରେ ସଂସ୍କୃତି ହେଉଛି ଏକ ଜଟିଳ ସମ୍ପୂର୍ଣ୍ଣ ଯେଉଁଠାରେ ଜ୍ଞାନ, ବିଶ୍ୱାସ, କଳା, ନୀତି, ରୀତି, ବିଧି, ନିୟମ ତଥା ସାମାଜିକ ପ୍ରାଣୀ ହିସାବରେ ମନୁଷ୍ୟଦ୍ୱାରା ଅର୍ଜିତ ଅନ୍ୟାନ୍ୟ ଯୋଗ୍ୟତା ଓ ଆଦର୍ଶ ନିହିତ ଥାଏ। (Tylor 1) ଏହିଅଭିମତ ଅନୁସାରେ ପରଜା ଆଦିବାସୀଙ୍କ ଜୀବନଧାରାରେ ଆସୁଥିବା ଜନ୍ମସଂସ୍କାର, ବିବାହସଂସ୍କାର, ମୃତ୍ୟୁସଂସ୍କାର, ଦେବଦେବୀଙ୍କ ପୂଜାର୍ଚ୍ଚନା, ପର୍ବପର୍ବାଣି ପାଳନ, ନୃତ୍ୟ, ଗୀତ, ବାଦ୍ୟ, ସଙ୍ଗୀତ ପରିବେଷଣକଳା, ଖାଦ୍ୟପାନୀୟ ପ୍ରସ୍ତୁତି, ବେଶଭୂଷା,

| ସଂଜ୍ଞା | ବଂଶ/ଗୋତ୍ର | ଗୋତ୍ରର ପ୍ରତୀକ |
|---|---|---|
| ଜାନି | ବାଘ | ମହାବଳବାଘ |
| କିର୍ଷାନୀ | ବାଘ | ମହାବଳବାଘ |
| ମୁଦୁଲି | ଖିନବୁଢ଼ି | ଭାଲୁ |
| ରାପିଆ | କୁକୁର | କୁକୁର |
| ଗୁଡ଼ିଆ | ନାଗ | ସର୍ପ |
| ହନ୍ତାଳ/ଅନ୍ତାଳ | ନାଗ | ସର୍ପ |
| ଅଲେଇବିରା | ନାଗ | ସର୍ପ |
| ମାଝି | ପାଙ୍ଗି | ଗିଧ/ଶାଗୁଣା |
| ସୁକିଆ | ମାଛ | ମାଛ/ମୀନ |




CC BY NC

ପରଜା ଆଦିବାସୀ ଲୋକସଂସ୍କୃତି ଓ ଲୋକସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ପରଜା ଲୋକଗୀତ। ପ୍ରାଚୀନ କାଳରୁ ପରଜା ସମ୍ପ୍ରଦାୟ ସାମାଜିକ-ସାଂସ୍କୃତିକ-ଛନ୍ଦବଦ୍ଧ ଜୀବନର ବିଭିନ୍ନ ପର୍ଯ୍ୟାୟରେ ସଙ୍ଗୀତ ପରିବେଷଣର ଧାରା ଅବ୍ୟାହତ ରଖି ଜୀବନକୁ ଆନନ୍ଦମୟ କରିଆସିଛି; ଏହି ବିଶ୍ୱାସରେ ଯେ ଈଶ୍ୱର ଉପଭୋଗ କରିବାପାଇଁ ତା'କୁ ଜୀବନ ଦେଇଛନ୍ତି। ଆବହମାନ କାଳରୁ ଏଯାବତ ପ୍ରତ୍ୟହ ଏହି ସଙ୍ଗୀତପ୍ରିୟ ଆଦିବାସୀ ସମ୍ପ୍ରଦାୟର କଣ୍ଠରୁ ଅସଂଖ୍ୟ ଗୀତ ଜନ୍ମନେଇ ବିକ୍ଷିପ୍ତ ହୋଇଆସିଛି ନଦୀ, ଝରଣା, ପାଣି, ପବନ, ପାହାଡ଼, ପର୍ବତ ଓ ବିସ୍ତିର୍ଣ୍ଣ ଆକାଶର ମହାଶୂନ୍ୟତାରେ। ଲିପିବଦ୍ଧ କରି ସାଇତି ରଖିବା ପାଇଁ ଏମାନଙ୍କର ପ୍ରୟାସ ନଥାଏ, ପ୍ରୟାସ କଲେ ହୁଏତ ଗୀତର ପରିସର ସୀମିତ ଓ ସଂକୀର୍ଣ୍ଣ ହୋଇଯିବ ଅଥବା ଏମାନଙ୍କର ସର୍ଜନଶୀଳ ପ୍ରତିଭା ମନ୍ଥର କି ନିଶେଷ ହୋଇଯିବ! ଏମାନଙ୍କର ଜୀବନାନୁଭୂତିର ସ୍ୱତଃସ୍ଫୂର୍ତ୍ତ ଅଭିବ୍ୟକ୍ତି ହେଉଛି ଏହି ଗୀତ, ଏହା କେବେ ମରିନପାରେ; ଯୁଗୀୟ ବୈଶିଷ୍ଟ୍ୟ ଅନୁସାରେ କିନ୍ତୁ ବିବର୍ତ୍ତିତ ଓ ରୂପାନ୍ତରିତ ହୋଇଚାଲେ। କେହିକେହି ସମାଲୋଚକ ଓ ଗବେଷକ ତେଣୁ ଲୋକଗୀତକୁ ଜୀବନବେଦର ଗୌରବ ପ୍ରଦାନ କରିଛନ୍ତି। ବିଶିଷ୍ଟ କବି ତଥା ଲୋକସାହିତ୍ୟର ବିଶାରଦ ସୀତାକାନ୍ତ ମହାପାତ୍ରଙ୍କ ବିଚାରରେ ଆଦିବାସୀ ଲୋକଗୀତ ହିଁ ଆଦିବାସୀଙ୍କ ମୌଖିକ କବିତା। (ମହାପାତ୍ର ୧୪୮) ଶ୍ରୀଯୁକ୍ତ ମହାପାତ୍ର ପ୍ରତ୍ୟେକ ଆଦିବାସୀ ସଙ୍ଗୀତ ଓ ମୌଖିକ ପରମ୍ପରାର କବିତାକୁ ଏକ ଓ ଅଭିନ୍ନ ରୂପେ ଗ୍ରହଣ କରିଛନ୍ତି। ଜନ୍ମ, ଶିଶୁର ନାମକରଣ ଉତ୍ସବ, ବିବାହ, ପ୍ରେମ, ବିରହ, ଦେବଦେବୀପୂଜା, ପର୍ବପର୍ବାଣି ପାଳନ, ଖେଳକୁଦ, ବିହନବୁଣା, ପଲ୍ଲୁରୁଆ, ଶସ୍ୟ ଅମଳ ଓ ଗୋରୁଜଗିବା ଆଦି ସାମାଜିକ ଜୀବନର ପ୍ରତିଟି କ୍ଷେତ୍ରରେ ପ୍ରତ୍ୟେକ ପ୍ରସଙ୍ଗ ପାଇଁ ପରଜା ଆଦିବାସୀ ସମ୍ପ୍ରଦାୟରେ ସଙ୍ଗୀତ ପରିବେଷଣର ପରମ୍ପରା ରହିଛି। ଏହି ଗୀତଗୁଡ଼ିକରେ ସେମାନଙ୍କର ସଂସ୍କୃତି ଓ ସାଂସ୍କୃତିକ ମୂଲ୍ୟବୋଧର ଚିତ୍ର ପ୍ରତିଫଳିତ ହୋଇଥାଏ।

**୨.୧. ଜନ୍ମସଂସ୍କାର ସମୟର ଗୀତ:**

ପରଜା ଆଦିବାସୀ ସମାଜରେ ନବଜାତ ଶିଶୁକୁ ଦେବଦେବୀଙ୍କର ଆଶୀର୍ବାଦ ଓ ବରଦାନ ମନେକରାଯାଏ। ଏହି କାରଣରୁ ଶିଶୁଜନ୍ମ ଅବସରରେ ସେମାନଙ୍କ ଆରାଧ୍ୟ ଦେବଦେବୀଙ୍କ ନିକଟରେ ଧୂପ, ଦୀପ, ଝୁଣା, ଅରୁଆ ଚାଉଳ, ନଡ଼ିଆ ଆଦିଦ୍ରବ୍ୟ ଉତ୍ସର୍ଗକରି ପରଜାମାନେ ପୂଜା କରନ୍ତି। ଏଥିସହିତ ସେମାନଙ୍କର ଡୁମାଦେବତା ବା ପରିବାରର ପରପାରଗତ/ ମୃତବ୍ୟକ୍ତିବିଶେଷଙ୍କର ଆତ୍ମା/ ପ୍ରେତଦେବତାଙ୍କୁ ସନ୍ତୁଷ୍ଟ କରିବା ପାଇଁ ପାଦଚଲା ରାସ୍ତାର ଦୋଛକିରେ କିମ୍ବା ନିର୍ଦ୍ଦିଷ୍ଟ ପୂଜାସ୍ଥଳରେ ମାଣ୍ଡିଆଗୁଣ୍ଡ ସହାୟତାରେ ସେମାଙ୍କର ପାରମ୍ପରିକ ଯନ୍ତ୍ର ଅଙ୍କନ କରି କଳା କୁକୁଡ଼ା ଓ ପାରମ୍ପରିକ ପ୍ରଣାଳୀରେ ପ୍ରସ୍ତୁତ ମଦ ଅର୍ପଣ ପୂର୍ବକ ପରଜାମାନେ ସ୍ୱତନ୍ତ୍ର ପୂଜା କରନ୍ତି। ପ୍ରେତ ଆଦିଙ୍କ ଠାରେ ବିଶ୍ୱାସ କରିବାର ଲୋକ-ମାନସିକତାକୁ ପ୍ରଫେସର କୁମୁଦ ରଞ୍ଜନ ପାଣିଗ୍ରାହୀ ଲୋକପରମ୍ପରା ପରିସରଭୁକ୍ତ କରି ଏହାକୁ ଅସାଧାରଣ ବିଶ୍ୱାସ ରୂପେ ଉଲ୍ଲେଖ କରିଛନ୍ତି। (ପାଣିଗ୍ରାହୀ ୩୬) ଲୋକ-ମାନସ ପ୍ରସୂତ ବିଶ୍ୱାସ ଅନୁସାରେ ପରଜା ସମ୍ପ୍ରଦାୟରେ ନିର୍ଦ୍ଧାରିତ ଦିନରେ ନବଜାତ ଶିଶୁର ନାମକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ଏଥିରେ ପରଜା ସାହି ବା ଗ୍ରାମର ସମସ୍ତ ଭାଇବନ୍ଧୁକୁଟୁମ୍ବ ଏକତ୍ରିତ ହୋଇ ଶିଶୁର ବନ୍ଦାପନା କରନ୍ତି ଓ ତା'ର ମଙ୍ଗଳ କାମନା କରି ଆଶୀର୍ବାଦ ପ୍ରଦାନ କରନ୍ତି। ଏହି ପରିପ୍ରେକ୍ଷୀରେ ଉପହାର ସ୍ୱରୂପ ଶିଶୁକୁ ଶ୍ରଦ୍ଧାରେ କିଏ ଦୁଇଟଙ୍କା, କିଏ କିଛି ବସ୍ତୁ ଦେଇ ନପାରିଲେ ମଧ୍ୟ ଶିଶୁର ମଥାରେ ଟୋପେ ଶୁଭଟୀକା ଟିପିଦେଇ ଆଶୀର୍ବାଦ କରେ ଓ ଶୁଭେଚ୍ଛା ଜଣାଏ। ଏହି ମର୍ମର ଗୀତଟିକୁ ଲକ୍ଷକରାଯାଉ। ପରଜା ଗୀତର ଓଡ଼ିଆ ରୂପାନ୍ତର-

"ଆସ ଆଇ ଆସ ଝିଅ ଶୁଭଟୀକା ଦେବା
ଆମ ପିଲାର ନାଆଁଦିଆରେ
ମଙ୍ଗଳଗୀତ ଗାଇବା...
ନାଆଁଦିଆ ବେଳହେଲା ନାମଧରି ଡାକରେ
କେଉଁ ଝିଅଟି ଦୁଇଟଙ୍କା ବନ୍ଦାଇବରେ
ଯୁବଯୁବତୀ ଦୁଇଟଙ୍କା ବନ୍ଦାଇ ଦେବେରେ।

ତା'ର ପୂର୍ବଜ ଆତ୍ମାକୁ ଡାକିବାରେ
ସମସ୍ତଙ୍କୁ ଡାକିବାରେ
କଳା କୁକୁଡ଼ା ଦେଇ ଡାକିବାରେ
ପ୍ରେତ ଦେବତାମାନଙ୍କୁ...,
ମଦହାଣ୍ଡିଆ ସଙ୍ଗରେ ନେଇ ଆସରେ
ଦୋନାରେ ଝୁଣା ସଜାଇ ଆଣରେ
ସବୁ ସାମଗ୍ରୀ ନେଇ ଆସ ପୂଜା କରିବାରେ
ଦିଶାରି ଗୁରୁମାଇଙ୍କୁ ସବୁ ଦେବାରେ।"

ପରଜା ଆଦିବାସୀ ସମ୍ପ୍ରଦାୟରେ ଦିଶାରି ଓ ଗୁରୁମାଇ ହେଉଛନ୍ତି ସେମାନଙ୍କର ପାରମ୍ପରିକ ପୁରୋହିତ। ଏଇମାନଙ୍କର ପୌରୋହିତ୍ୟରେ ପରଜା ଆଦିବାସୀ ସମାଜର ସମସ୍ତ ଶୁଭକାର୍ଯ୍ୟ ସମ୍ପନ୍ନ ହୋଇଥାଏ। ସମାଜରେ ଯଜ୍ଞାଦି କାର୍ଯ୍ୟରେ ବ୍ରାହ୍ମଣର ଯେଉଁ ଦାଇତ୍ୱ ଓ ଭୂମିକା ରହିଥାଏ, ପରଜା ଆଦିବାସୀ ସମାଜରେ ଦିଶାରି, ଗୁରୁମାଇଙ୍କର ଅନୁରୂପ ଭୂମିକା ରହିଛି। ଦିଶାରି ସାଧାରଣ ପୂଜା ଓ ଅନ୍ୟାନ୍ୟ ସଂସ୍କାରମୂଳକ କାର୍ଯ୍ୟ ତୁଲାଇ ଥାଏ। ଗୁରୁମାଇ, ସାଧରଣତଃ ଅଧିକାଂଶ କ୍ଷେତ୍ରରେ ମହିଳା ପୂଜକକୁ ବୁଝାଇଥାଏ। ଗୁରୁମାଇଙ୍କ କାର୍ଯ୍ୟ ହେଉଛି ପାରମ୍ପରିକ ମନ୍ତ୍ରଗାନ ପୂର୍ବକ ଲୋକଦେବଦେବୀ, ଇଷ୍ଟଦେବଦେବୀ ଓ ପୂର୍ବପୁରୁଷଙ୍କ ଆତ୍ମା ଆଦି ଆଧିଭୌତିକ ସତ୍ତାଙ୍କୁ ଆବାହନ କରି ପୂଜାକରିବା, ସେମାନଙ୍କର ଉଦ୍ଦେଶ୍ୟ ଓ ପରିବାରପ୍ରତି ମନୋଦଶା ଜାଣି ପରିବାର ଲୋକଙ୍କୁ ଜଣାଇବା ଏବଂ ସେମାନଙ୍କୁ ସନ୍ତୁଷ୍ଟ କରି ଆଶୀର୍ବାଦ ଭିକ୍ଷା କରିବା। ଗୁରୁମାଇ ଜରିଆରେ ପୂଜାକରିବାର ପ୍ରକ୍ରିୟାଟି ପ୍ରାୟତଃ ଏକଘଣ୍ଟାରୁ ତିନିଘଣ୍ଟା ମଧ୍ୟରେ ସମ୍ପନ୍ନ ହୋଇଥାଏ। ବିଭିନ୍ନ ଦେବଦେବୀଙ୍କ ନାମସ୍ମରଣ, ଗୁଣ, ଯଶ ଓ ମହିମାଗାନ ପୂର୍ବକ ଗୁରୁମାଇ ପୂଜାକରୁଥିବା ହେତୁ ତା'କୁ ଶୁଣିବା ପାଇଁ ଲୋକେ ପୂଜାସ୍ଥଳରେ ଏକତ୍ରିତ ହୋଇ ଭକ୍ତିମୟ ପରିବେଶ ସୃଷ୍ଟି କରିଥାନ୍ତି।

**୨.୨. ବିବାହ ସମୟର ଗୀତ:**

ପରଜା ଆଦିବାସୀ ସମ୍ପ୍ରଦାୟର ବିବାହ ପରମ୍ପରା ବିଚିତ୍ର ଓ କୌତୁହଳପ୍ରଦ। ପ୍ରସ୍ତାବିତ ବିବାହ, ଉଦୁଲିଆ ବିବାହ (ପ୍ରେମବିବାହ), ଝିଙ୍କାଟଣା ବିବାହ (ବଳପୂର୍ବକ ଟାଣିନେଇଁ ବିବାହ), ଘରାଜ୍ୱାଇଁ ବିବାହ, ସଗରତା ବିବାହ (ପ୍ରଥମ ସ୍ୱାମୀକୁ ଛାଡ଼ି ଦ୍ୱିତୀୟ ସ୍ୱାମୀ ଗ୍ରହଣ), ପଇସାମୁଣ୍ଡି ବିବାହ (ବିବାହ ଯୋଗ୍ୟା କନ୍ୟା ସ୍ୱଇଚ୍ଛାରେ ନିଜ ପସନ୍ଦର ପୁଅ ଘରକୁ ଯାଇ ସେଇ ପୁଅକୁ ବିବାହ କରିବା) ଆଦି ବିବାହପ୍ରଥା ପରଜା ଆଦିବାସୀ ସମାଜରେ ପ୍ରଚଳିତ। କିନ୍ତୁ ଏହିସବୁ ବିବାହପରମ୍ପରା ମଧ୍ୟରୁ କେବଳ ପ୍ରସ୍ତାବିତ ବିବାହକୁ ହିଁ

BY NC

ସମ୍ମାନଜନକ ବିବାହପ୍ରଥା ଭାବରେ ସେମାନଙ୍କ ସମାଜରେ ଗ୍ରହଣ କରାଯାଇଛି।

ପ୍ରସ୍ତାବିତ ବିବାହ କ୍ଷେତ୍ରରେ ପ୍ରଥମେ ବରପକ୍ଷଲୋକ କୌଣସି ବିବାହଯୋଗ୍ୟା କନ୍ୟାଘରକୁ ପ୍ରସ୍ତାବ ନେଇଁ ଯାଆନ୍ତି। ଗୀତମାଧ୍ୟମରେ ଏହି ପ୍ରସ୍ତାବର ଅଭିବ୍ୟକ୍ତି ଘଟେ। 'ମଦ ହିଁ ଆଦ୍ୟ ତା'ପରେ ଖାଦ୍ୟ ଓ ବାଦ୍ୟ' ଅର୍ଥାତ ମଦ ହେଉଛି ବିବାହ ଭେଟିର ପ୍ରତୀକ। ପାରମ୍ପରିକ ରୀତିରେ ଦେଶୀୟ କୌଶଳରେ ପ୍ରସ୍ତୁତ କରାଯାଇଥିବା କିଛି ମଦକୁ ଭେଟିଦେଇ ପ୍ରସ୍ତାବ ଦିଆଯାଏ। କନ୍ୟାପକ୍ଷ ସେହି ମଦକୁ ସାଦରେ ଗ୍ରହଣକଲେ ପ୍ରସ୍ତାବ ରହିଲା ବା ବିବାହକାର୍ଯ୍ୟ ଆଗେଇପାରେ ବୋଲି ଧରିନିଆଯାଏ। ଏହି ଭାବଧାରା ଆଧାରିତ ମୂଳ ପରଜା ଗୀତର ଓଡ଼ିଆ ରୂପାନ୍ତରଟି ହେଉଛି-

"ଯୋଡ଼ି ମାଗୁଣି ମାଗୁଣି, ଯୋଡ଼ି ସମୁଦୁଣି
ତୁମର ଝିଅ ଅଛି, ଯୋଡ଼ି ସମୁଦୁଣି
ମଦ ବୋତଲେ ଦେବି ଯୋଡ଼ି ସମୁଦୁଣି।"

ସମ୍ପ୍ରତି ମଦର କୁପ୍ରଭାବ ସମ୍ପର୍କରେ ସମସ୍ତେ ସଚେତନଶୀଳ। ପରଜା ଆଦିବାସୀ ସମ୍ପ୍ରଦାୟ ମଧ୍ୟ କ୍ରମଶଃ ସଚେତନ ହୋଇଛନ୍ତି। ପରମ୍ପରାକୁ ମାନିବା ଭିନ୍ନ କଥା କିନ୍ତୁ ପରମ୍ପରାକୁ ବଞ୍ଚାଇ ରଖିବା ନାମରେ ଆଦିମତା ଭିତରକୁ ଚାଲିଯିବା ଆଦୌ ସ୍ପୃହଣୀୟ ନୁହେଁ। ସାଂସ୍କୃତିକ ମୂଲ୍ୟବୋଧର ଗୁରୁତ୍ୱ ସମ୍ପର୍କରେ ଅଜ୍ଞତା ଓ ସ୍ୱଳ୍ପମେଧାସମ୍ପନ୍ନ ଲୋକ-ମାନସର ପରିଣାମ ବଶତଃ ଅତୀତରେ ସୁରା ଅଥବା ମଦ୍ୟାଦି ସେବନ ଓ ସାଂସ୍କୃତିକ ଜୀବନଚର୍ଯ୍ୟାରେ ତାକୁ ସ୍ଥାନିତ କରାଯାଉଥିଲା। ଆଦିବାସୀ ସଂସ୍କୃତିରେ ଲୋକଟି ଯେତେ ଅନୁନ୍ନତ ଅବସ୍ଥାରେ ରହିଥାଉନା କାହିଁକି, ସେ କେବେ ଚାହେନା ଯେ ତା'ର ପୁତ୍ରକନ୍ୟା ସେମିତି ଏକ କୁପରିସ୍ଥିତିରେ ଜୀବନ ଅତିବାହିତ କରନ୍ତୁ। ପରିବାରରେ ଲୋକଟି ଯେଉଁ ମଦ୍ୟପ ହୋଇଥିଲେ ମଧ୍ୟ ସିଏ ଆଶା କରିଥାଏ ଯେ, ତା'ର କନ୍ୟା ଯେଉଁ ବ୍ୟକ୍ତିର ହାତଧରି ବିବାହ କରିବ ସିଏ ବ୍ୟକ୍ତିଟି ଅନ୍ତତଃ ମଦ୍ୟପ ହୋଇନଥାଉ। ଏହିଭାବନାଟି ବିବାହ ପ୍ରସ୍ତାବ ସମୟର ଗୀତରେ କନ୍ୟାର ପିତାମାତା ମୁଖରୁ ପ୍ରକାଶିତ ହୋଇଛି।

"ମଦ ବୋତଲ ଲୋଡ଼ାନାହିଁ, ଯୋଡ଼ି ସମୁଦୁଣି
ଝିଅ ଦେବିନାହିଁ, ଦେବିନାହିଁ ଯୋଡ଼ି ସମୁଦୁଣି,
ତୁମର ପୁଅ ମଦୁଆ ଯୋଡ଼ି ସମୁଦୁଣି।"

ବରପକ୍ଷରୁ ପ୍ରଦାନ କରାଯାଇଥିବା ମଦ କନ୍ୟା-ପିତାମାତା ଗ୍ରହଣ ନକଲେ ବିବାହ ପ୍ରସ୍ତାବ ଗୃହିତ ହୋଇପାରେ ନାହିଁ। ପରଜା ମଦପ୍ରିୟ ହୋଇପାରେ କିନ୍ତୁ ମଦୁଆକୁ ସେ ଘୃଣାକରେ। ସେମାନଙ୍କ ଅବଚେତନ ମନରେ ମଦ ଓ ମଦୁଆ ପ୍ରତି ଅନାଦରଭାବ ଜନିତ ଲୋକ-ମାନସିକତାର କିଞ୍ଚିତ ବିଦ୍ୟମାନତା ହେତୁ ଏହା ସମ୍ଭବ ହୁଏ। ପିତାମାତାଙ୍କର ଆନ୍ତରିକ ଇଚ୍ଛା ଥାଏ ଯେ, ସେମାନଙ୍କର ଝିଅ ଜଣେ ଚରିତ୍ରବାନ, ଆଦର୍ଶ ବ୍ୟକ୍ତି ସହିତ ବିବାହ କରୁ। ମଦ ଅର୍ଥାତ ମ= ମରିବ, ଦ= ଦରିଦ୍ର ହୋଇ ମରିବ। ତେଣୁ ବିବାହ ପ୍ରସ୍ତାବ ନେଇ ଆସିଥିବା ପୁଅଟା ଯେ ମଦୁଆ- ଏକଥା ଜାଣି କନ୍ୟାର ପରିବାରଲୋକେ ନିଜ ଝିଅଟିକୁ ବିବାହ ଦେବା ପାଇଁ ଅସ୍ୱୀକାର କରିଥିବା ପ୍ରସଙ୍ଗଟି ଏହି ଗୀତରେ ରୂପାୟିତ ହୋଇଛି।

### ୨.୩. ପର୍ବପର୍ବାଣି ଭିତ୍ତିକ ଗୀତ:

ପରଜା ଆଦିବାସୀ ସମ୍ପ୍ରଦାୟରେ ମୁଖ୍ୟତଃ ଦୁଇଟି ଆଧାରରେ ପର୍ବପର୍ବାଣି ଅନୁଷ୍ଠିତ ହୋଇଥାଏ। ଗୋଟିଏ ହେଉଛି କୃଷି କୈନ୍ଦ୍ରିକ ଓ ଅନ୍ୟଟି ହେଉଛି ଦେବଦେବୀଙ୍କ ପୂଜାର୍ଚ୍ଚନା ମୂଳକ। କୃଷି ହେଉଛି ପରଜା ଆଦିବାସୀ ସମ୍ପ୍ରଦାୟର ପ୍ରଧାନ ଜୀବିକା। କୃଷିକୁ କେନ୍ଦ୍ରକରି ବର୍ଷର ବିଭିନ୍ନ ସମୟରେ ଏମାନେ ବହୁବିଧ ପର୍ବପର୍ବାଣି ପାଳନକରି ଉତ୍ସବମୁଖର ଜୀବନ ବଞ୍ଚନ୍ତି। ଚୈତ୍ରପର୍ବ, ପୌଷପର୍ବ, ବନ୍ଦାପନାପର୍ବ (ନୂଆଖାଇ), ଦିଆଲିପର୍ବ, ଦଶହରା ଆଦି ପର୍ବ ଏମାନଙ୍କର ଚଳଣିରେ ଅନ୍ତର୍ଭୁକ୍ତ। ଏହିସବୁ ପର୍ବଗୁଡ଼ିକ ମଧ୍ୟରୁ ଚଇତିପର୍ବ ଓ ପୌଷପର୍ବ ପରଜାମାନଙ୍କର ମୁଖ୍ୟ ପର୍ବ। ପ୍ରତିଟି ପର୍ବ ପାଇଁ ଏମାନଙ୍କର ନିର୍ଦ୍ଦିଷ୍ଟ ଗୀତ ରହିଛି।

ଚୈତ୍ର ମାସରେ ଅନୁଷ୍ଠିତ ହେଉଥିବା ଚୈତ୍ରପର୍ବ ପରଜାମାନଙ୍କ ପର୍ବପର୍ବାଣିର ମୁଖ୍ୟ ଆକର୍ଷଣ। ଆକାଶରେ ଚଇତିଜହ୍ନ ଦେଖାଦେଲେ ପରଜା ଯୁବାଯୁବତୀ ଗାଁଦାଣ୍ଡରେ ଏକତ୍ରିତ ହୋଇ ନୃତ୍ୟଗୀତ ପରିବେଷଣ କରିବା ସହିତ ପରସ୍ପର ପାଇଁ ଜୀବନସାଥୀ ବାଛିବାର ଅବସର ମଧ୍ୟ ପାଆନ୍ତି। ତେଣୁ ଚଇତ ଆସିଲେ ଏମାନଙ୍କର ମନନାଚେ। ଏହିପର୍ବର ଅନ୍ୟଏକ ବିଶେଷତ୍ୱ ହେଉଛି ବେଣ୍ଟ ବା ଶିକାର ଉତ୍ସବ। ପରଜାମାନେ ମିଳିତ ଭାବରେ ନିର୍ଦ୍ଧାରିତ ସମୟରେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ସହିତ ଜଙ୍ଗଲ ଭିତରକୁ ଶିକାର ଉଦ୍ଦେଶ୍ୟରେ ଯାଇ ପ୍ରାୟ ସନ୍ଧ୍ୟା ସମୟରେ ଶିକାର ନେଇ ଫେରନ୍ତି। ଫେରିବା ବାଟରେ ଗାଁମୁଣ୍ଡରେ ଯୁବତୀ ଓ ସ୍ତ୍ରୀଲୋକେ ପୂଜାଥାଳି ସହ ଅପେକ୍ଷା କରି ରହିଥାନ୍ତି ଏବଂ ବନ୍ଦାପନା କରି ବାଦ୍ୟ, ନୃତ୍ୟ ଓ ଗୀତର ତାଳେତାଳେ ଗାଁଭିତରକୁ ଘେନି ଆସିଥାନ୍ତି। ଶିକାରକୁ ଯିବା ସମୟର ଗୀତଟି ଏପ୍ରକାର-

"ଚଇତ ଆସିଲା, ଏଇଯେ ମନ ନାଚିଲା
ଧାଙ୍ଗଡ଼ା ଦଳକୁ ଦେଖି ଧାଙ୍ଗଡ଼ୀ ରସିଲା,
ଆସ ଆସ ଆସ ଯିବା ....
ଏଇଯେ ଦାଦି-ଡଙ୍ଗରେ ଯିବା
ଆମେ ଜନ୍ତୁ ମାରିଯିବା, କୁଟୁରା ମାରି ଯିବା,
ଆମେ ବାରା ମାରି ଯିବା
ଆସ ଆସ ଆସ ଯିବା ।"

ବେଣ୍ଟ ଶିକାରରୁ ଆଣିଥିବା ଜନ୍ତୁକୁ ଏମାନେ ସମସ୍ତେ ପରସ୍ପର ମଧ୍ୟରେ ବାଣ୍ଟି ଭୋଜନ କରିବାର ପରମ୍ପରା ସମାଜରେ ପ୍ରଚଳିତ ଥିଲା। ଏହି ରୀତିରେ ଗୋଷ୍ଠୀମୟ ଜୀବନର ଉପଦେୟତାକୁ ଭଲରେ ବୁଝି ପରସ୍ପର ମଧ୍ୟରେ ଭାଇଚାରାଭାବ ବୃଦ୍ଧିରେ ଏମାନେ ବିଶ୍ୱାସୀ ଥିଲେ। କିନ୍ତୁ ସମୟ ବଦଳିବା ସହିତ ଏମାନଙ୍କର ମୌଳିକ ଚିନ୍ତାଧାରାରେ ମଧ୍ୟ ନିରାଶାଜନକ ପରିବର୍ତ୍ତନ ଦେଖାଦେଇଛି। ସାଂସ୍କୃତିକ ପରମ୍ପରାର ଗୁରୁତ୍ୱକୁ ପଛରେ ପକାଇ ପରାଜମାନେ କ୍ରମଶଃ ଇନ୍ଦ୍ରିୟଲାଳସା ପାଇଁ ଅଧିକରୁ ଅଧିକ ଶିକାର କରିବାକୁ ଚାହିଁଲେ। ସମ୍ପ୍ରତି ଶିକାର ଉପରେ ସରକାରୀ କଟକଣା ରହିଥିବା ହେତୁ ଏମାନେ ଶିକାରରୁ ନିବୃତ୍ତ ରହିଥିବା କ୍ଷେତ୍ର ଅଧ୍ୟୟନରୁ ଜଣାପଡ଼ିଛି।

### ୨.୩.୧. କିନ୍ଦ୍ରିଗୀତ:

ପରଜା ଆଦିବାସୀ ସମାଜରେ ଅନୁଷ୍ଠିତ ହେଉଥିବା ପ୍ରତ୍ୟେକ ପର୍ବ ଅବସରରେ ଏମାନେ କିନ୍ଦ୍ରିଗୀତ ପରିବେଷଣ କରନ୍ତି।

BINDU BIMARSHA...

'କିନ୍ଦ୍ରି' ଶବ୍ଦର ଅର୍ଥ ବକ୍ର ବା ବକ୍ରୋକ୍ତି। ତେଣୁ 'କିନ୍ଦ୍ରିଗୀତ' ଅର୍ଥ ବିଶେଷୋକ୍ତି/ ବକ୍ରୋକ୍ତିମୂଳକ ଗୀତ। ଏହି ଗୀତରେ ଲକ୍ଷାର୍ଥ ହେଉଛି ପ୍ରଧାନ, ଆଭିଧାନିକ ଅର୍ଥ ଗୌଣ। ଅର୍ଥାତ କୌଣସି ପ୍ରସଙ୍ଗକୁ ସିଧାସଳଖ ଭାବରେ ନକହି ବୁଲେଇ, ବଙ୍କେଇ ଗୀତମାଧ୍ୟମରେ ବକ୍ରଭାବରେ ବୋଲାଯାଉଥିବା ହେତୁ ଏହା କିନ୍ଦ୍ରିଗୀତ ରୂପେ ପରିଚିତ। ଆଞ୍ଚଳିକ ଭାଷା ବା ପରଜା ଭାଷାରେ 'କିନ୍ଦ୍ରି' ଶବ୍ଦର ଅର୍ଥ ହେଉଛି ବୁଲାଣି। ଏହି ଗୀତରେ ମୁଖ୍ୟତଃ ପ୍ରେମ-ମିଳନ-ଅନୁରାଗ ଓ ବିରହ ବେଦନାଧର୍ମୀ ଭାବ ପ୍ରକାଶିତ ହୋଇଥାଏ। ପ୍ରଶ୍ନୋତ୍ତର ଶୈଳୀରେ ଏହିଗୀତ ପ୍ରତିଯୋଗୀତା ଭିତ୍ତିରେ ଦୁଇଦଳ ଅଥବା ଦୁଇଜଣ ବ୍ୟକ୍ତି, ଯୁବଯୁବତୀଙ୍କ ମଧ୍ୟରେ ଅନୁଷ୍ଠିତ ହେଉଥିବା ହେତୁ ଏହା ଅତ୍ୟନ୍ତ ରୋଚକ, ଆଦରଣୀୟ ଓ ଲୋକପ୍ରିୟ ହୋଇଥାଏ। ଏହିଗୀତର ଏକ ବିଶେଷତ୍ୱ ହେଉଛି; ଏହାକୁ ଉଭୟ ପରଜା ଭାଷାରେ ଅଥବା ଦେଶୀଆ ଭାଷାରେ ବୋଲାଯାଇ ପାରେ, କିନ୍ତୁ କେଉଁ ଭାଷାରେ କିପରି ବୋଲାଯିବ, ତାହା ଗାୟକର ଅଭିଜ୍ଞତା ଉପରେ ନିର୍ଭର କରେ। ଏକ ପ୍ରେମମୂଳକ କିନ୍ଦ୍ରିଗୀତର ଓଡ଼ିଆ ଭାବାନ୍ତରର ଦୃଷ୍ଟାନ୍ତ ଏଠାରେ ପ୍ରଦତ୍ତ -

ଗଡ଼ିଗଡ଼ି ଗଲା କୁନ୍ଦକରାଟ
ନଡ଼ିଆ କାଟିଲେ ରସ
ତୁମର ଆମର ପୀରତି କରିବା
ଗୁରୁଣ୍ଡି ଗୁରୁଣ୍ଡି ଆସ;
ଜାଇ, ଯୁଇ, ମଲ୍ଲି ମୁଣ୍ଡରେ ଶୋଭିତ
ବିଚାର କରିବ ଚିତ୍ତ।

ଗୀତର ଭାବାର୍ଥ ଏହିପ୍ରକାର- କୁନ୍ଦ, କରାଟ ଆଦି ଫୁଲ ଅତି ସୁଗନ୍ଧିତ ଓ ଖୁବ ସୁନ୍ଦର ମଧ୍ୟ। କିନ୍ତୁ ଏମାନେ ବଣରେ ଫୁଟି ବଣରେ ହିଁ ଝଡ଼ିପଡ଼ି ବିକ୍ଷିପ୍ତ ହୋଇଯାନ୍ତି; କେହି ଗୁରୁତ୍ୱ ଦିଅନ୍ତି ନାହିଁ। ହେଲେ ନଡ଼ିଆଟି ଜଟପୂର୍ଣ୍ଣ, ଶକ୍ତ ଓ ଦେଖିବାକୁ ଅସୁନ୍ଦର; କିନ୍ତୁ ଭିତରେ ସିଏ ସୁନ୍ଦର ଓ ରସଯୁକ୍ତ। ତେଣୁ ନଡ଼ିଆଟି ଗୁଣଗ୍ରାହୀ ବ୍ୟକ୍ତିର ପ୍ରିୟ ଓ ଆଦରଣୀୟ। ଏହିରୀତିରେ ବକ୍ରୋକ୍ତି ମାଧ୍ୟମରେ ଯୁବତୀଟି ଯୁବକକୁ ସୂଚାଇ ଦେବାକୁ ଚାହିଁଛି ଯେ ରୂପ କେବଳ ବାହ୍ୟ ଆଭରଣ, ଗୁଣ ହିଁ ମୂଳକଥା। ଗୁଣ ନିକଟରେ ରୂପର କୌଣସି ପ୍ରୟୋଜନ ନାହିଁ। ଗୁଣଥାଇ ରୂପ-ସୌନ୍ଦର୍ଯ୍ୟ ନଥିବା କ୍ଷେତ୍ରରେ, ଗୁଣର ପ୍ରଶଂସା ଜରିଆରେ କଦାଚିତ ରୂପର ଅଭାବପଣ ଦୂର କରାଯାଇପାରେ କିନ୍ତୁ ବ୍ୟକ୍ତି ଯେତେ ରୂପବାନରୂପବତୀ ହୋଇଥିଲେ ହେଁ ରୂପଗାନ ଜରିଆରେ ଗୁଣର ଅଭାବ ପୂରଣ କରାଯାଇନପାରେ। ଏହିରୂପେ ଯୁବତୀ ନିଜର ମନୋଭାବ ବ୍ୟକ୍ତକରି ପ୍ରେମସଂକେତ ଦେବା ସହିତ ତା'ର ମସ୍ତକଦେଶରେ ଶୋଭାପାଉଥିବା ଜାଇ, ଯୁଇ, ମଲ୍ଲି କଥା ପରେ ବିଚାରକୁ ନିଆଯିବ ବୋଲି ପ୍ରକାଶ କରିଛି। ଏଠାରେ ଜାଇ, ଯୁଇ, ମଲ୍ଲି ହେଉଛନ୍ତି ସେହି ଯୁବକମାନଙ୍କର ପ୍ରତୀକ, ଯେଉଁମାନେ ଗୁଣବତୀ ଯୁବତୀର ପ୍ରେମଲାଭ ଉଦ୍ଦେଶ୍ୟରେ ଅତି ବ୍ୟାକୁଳ ଚିତ୍ତରେ ଯୁବତୀ ଚାରିପାଖରେ ସର୍ବଦା ଘୂରିବୁଲୁଛନ୍ତି। ବକ୍ରୋକ୍ତିର ଏରୂପ ବ୍ୟବହାର ପରଜା ଲୋକଗୀତର ଭାବସତ୍ତାକୁ ନିଃସନ୍ଦେହ ରସସିକ୍ତ କରିଛି। ପ୍ରତ୍ୟୁତ୍ତରରେ ଯୁବକ ଗାଇଛି-

ଚାରିଆଡ଼େ ନନୀ ଶିଶାଲ ବଣ
ଝପଟି ଆସିଲି ମୁହିଁ,
କେତେ ଆକୁଳରେ ଡାକିଲି ତତେ
ଦୟା ଧର୍ମ କଲୁ ନାହିଁ;
କଷି କାକୁଡ଼ି ଦୁସ୍ତର ସର
ଆଶା ନଭାଙ୍ଗ ମୋର।

ଶିଶାଲ କଣ୍ଟକପୂର୍ଣ୍ଣ ବୁଦାଳିଆ ବଣୁଆ ଗଛ; ପ୍ରେମ ମାର୍ଗରେ ଅନ୍ତରାୟ ବା ବାଧକ ହେଉଥିବା ବ୍ୟକ୍ତିଙ୍କର ପ୍ରତିନିଧିତ୍ୱ କରିଛି ଏହି ଗୀତରେ। ଅର୍ଥାତ ଯୁବତୀ ପ୍ରେମରେ ଆନମନା ଯୁବକଟି ଅଭିଭାବକ ଓ ଗୁରୁଜନଙ୍କ ଦୃଷ୍ଟି ଅଗୋଚରରେ ଯୁବତୀକୁ ଦେଖାକରିବାକୁ ଯାଇ ଡାକପକାଇ ନିରାଶ ହୋଇଥିବାକଥା ଏଥିରେ ବ୍ୟକ୍ତ କରିଛି।

**୨.୪. ଖେଳ ସମ୍ବନ୍ଧିତ ଗୀତ:**

ଖେଳ ପରଜାମାନଙ୍କର ନିତିଦିନିଆ ଜୀବନର ପାରମ୍ପରିକା ଅନୁଷଙ୍ଗ। ଏହି ଖେଳର ପ୍ରଧାନ ଉପଜୀବ୍ୟ ନୃତ୍ୟ ଓ ଗୀତ। କିଛିବିଶେଷ ଧରଣର ନୃତ୍ୟକୁ ବା ନୃତ୍ୟପରିବେଷଣର କୌଶଳକୁ ଏମାନେ ଖେଳ ଅର୍ଥରେ ବୁଝି ଗ୍ରହଣ କରିଥାନ୍ତି। ଯଥା- 'ସାଇଲୋଡ଼ି ନୃତ୍ୟ', ଏହି ସାଇଲୋଡ଼ି ନୃତ୍ୟଟିକୁ ସେମାନେ ନୃତ୍ୟ ଅପେକ୍ଷା ଖେଳର ପରିସରଭୁକ୍ତ କରିବାକୁ ଅଧିକ ଯଥାର୍ଥ ମନେକରି 'ସାଇଲୋଡ଼ି ଖେଳ' ଭାବରେ ନାମିତକରି ବିକଶିତ କରିଛନ୍ତି। ଏଥିସହିତ ପୁଚିଖେଳ, ଦୋଳିଖେଳ, ବହୂଚୋରି ଖେଳ, ବାଲାଇରାଣୀ ଖେଳ ସମେତ ଅନେକ ଅନାମଧେୟ ଖେଳ ଏମାନଙ୍କର ସାମାଜିକ-ସାଂସ୍କୃତିକ ଜୀବନକୁ ବିଶେଷିତ କରିଥାଏ। ବଡ଼କଥାଟି ହେଉଛି, ପ୍ରତ୍ୟେକ ଛୋଟବଡ଼ ଖେଳ ପାଇଁ ଏକଏକ ଗୀତ ମୌଖିକ ପରମ୍ପରାକ୍ରମେ ରହିଆସିଛି ଏବଂ ପରଜାମାନେ ଖେଳ ସହିତ ଗୀତ ମଧ୍ୟ ବୋଳିଥାନ୍ତି। ସବୁଠାରୁ ପ୍ରିୟ ଓ ଆମୋଦଦାୟକ ଖେଳ ହେଉଛି ସାଇଲୋଡ଼ି ଖେଳ ବା ସାଇଲୋଡ଼ି ନୃତ୍ୟ। ପାଦକୁ ପାଦ ଓ ହାତକୁ ହାତ ଛନ୍ଦି ଆଠାରୁ ଚାଳିଶି ଜଣ ବା ତାଠାରୁ ଅଧିକ ସ୍ତ୍ରୀଲୋକ, ଯୁବତୀଙ୍କର ମିଳିତ ପଦପାତଜନିତ ନୃତ୍ୟ ସାଇଲୋଡ଼ି ଖେଳ ନାମରେ ପରିଚିତ। ଏହିନୃତ୍ୟ ଢେମସାନୃତ୍ୟ ବା ଢେମସାଖେଳ ନାମରେ ମଧ୍ୟ ଜଣାଶୁଣା। ଏହା ଆଦିବାସୀ ସାମୂହିକ-ଭାବମାନସର ସାଙ୍କେତିକ ରୂପ। ଏହି ନୃତ୍ୟର ବିଭିନ୍ନ ଶୈଳୀ ବା ମୁଦ୍ରାକୁ ଭିତ୍ତିକରି ଢେମସାର ସ୍ୱରୂପ ନିର୍ଦ୍ଧାରଣ କରାଯାଇଥାଏ। ଯଥା-

ଖୁନ୍ଦାଢେମସା
ହିଣ୍ଡାଢେମସା
ମାଣ୍ଡିଲଚକାନି
ଆଁଟାଲଚକାନି
ଆଁଟାଝୁଲାନି
ଗୋଡ଼ବେଟାନି
କାରାପାନି
ପାଲାନି

BINDU BIMARSHA...

ଏହି ନୃତ୍ୟ ସମୟରେ ବୋଲାଯାଉଥିବା ଗୀତ ସାଇଲୋଡ଼ି ଗୀତ ନାମରେ ନାମିତ। ନୃତ୍ୟ ସମୟର ପରିବେଶ ଓ ପରିସ୍ଥିତି ଅର୍ଥାତ ବାଦକ, ଦର୍ଶକ ପ୍ରମୁଖଙ୍କର ଆଚରଣ ଓ ଚିନ୍ତାଚେତନାକୁ ତର୍ଜମା କରି ଗୀତରରୂପ ଦେବାରେ ନୃତ୍ୟପରିବେଷଣ କରୁଥିବା ଯୁବତୀମାନେ ବେଶ ଦକ୍ଷ ହୋଇଥାନ୍ତି। ଏହି ଖେଳ ବା ନୃତ୍ୟ ସହିତ ସମ୍ବନ୍ଧିତ ଗୀତଟିର ଓଡ଼ିଆ ରୂପାନ୍ତର ନିମ୍ନରେ ପ୍ରଦତ୍ତ-

ସରଗେ ଉଦିଲା ଲଞ୍ଜାତାରା
ରିଞ୍ଜୋଡ଼ି ଦେଖିଦେଲାରେ
ଆମ ଗାଁଆର ଢେମସା ଦାଣ୍ଡେ,
ଖସରିଗଲା.....

ଗୋଡ଼ବେଟାନି ରେ....।

ପରଜା ଭାଷାରେ 'ରିଙ୍ଗୋଡ଼ି' ଶବ୍ଦର ଅର୍ଥ ଲାବଣ୍ୟରୂପଯୁକ୍ତା ତରୁଣୀକୁ ବୁଝାଏ, ଯାହାକୁ ସାଧାରଣତଃ ଗୋଟିଏ ଚାଉଳରେ ଗଢା (ଅତ୍ୟନ୍ତ ସୁନ୍ଦରୀ) ଅର୍ଥରେ ବୁଝାଯାଇଥାଏ। ସେହିପରି କେତେକ ସୌମ୍ୟକାନ୍ତ ଯୁବକକୁ ଏମାନେ 'ରିଙ୍ଗୋଡ଼ା' ବୋଲି କହିଥାନ୍ତି। ଢେମସା ନାଚିବା / ଖେଳିବା ଭିତରେ ସନ୍ଧ୍ୟା ଗଡ଼ିଯାଇ ଆକାଶରେ ଲଙ୍ଗାତାରା ଦେଖାଦେଇଛି। ଦେହରେ ଜହ୍ନଆଲୁଅର ଶୀତଳ ସ୍ପର୍ଶ, ମନରେ ପ୍ରେମାବେଗର କମ୍ପନ। ଫଳତଃ ଢେମସା ଖେଳୁଥିବା ରିଙ୍ଗୋଡ଼ିର ମନ କୌଣସି ରିଙ୍ଗୋଡ଼ା ପ୍ରତି ଆକର୍ଷିତ ହୋଇ ନୃତ୍ୟଛନ୍ଦ ଭାଙ୍ଗିଦେବା କିଛି ଅସ୍ୱାଭାବିକ ହୋଇନାହିଁ । ମୁହୂର୍ତ୍ତକର ଆବେଗକୁ ଉପଜୀବ୍ୟ କରି ଗୀତର ପରିକଳ୍ପନା ତେଣୁ ମାର୍ମିକ ହୋଇପାରିଛି।

### ୨.୪.୧. ପ୍ରେମସନ୍ତକ ରୂପେ ମୁଦ୍ରିକାବିନିମୟ ପ୍ରାସଙ୍ଗିକ ଗୀତ:

ପରଜାମାନେ ବିଭିନ୍ନ ପ୍ରକାରର ପାରମ୍ପରିକ ଅଳଙ୍କାର ପରିଧାନ କରି ନିଜକୁ ସଜାଇବା ପାଇଁ ଭଲପାଆନ୍ତି। କେଶପାଇଁ ହିଚଣା (କ୍ଲିପ୍); ଗଳାପାଇଁ ଧାନମାଳି, ଚାପସରି, ଖଗେଲା; କାନପାଇଁ ନାଗୁଲ/ ନାଗୁଲି, ଝିକା, ଲୁଲି, ଖଞ୍ଜା; ନାକପାଇଁ ବେସରି, ଲବଙ୍ଗକେଡ଼ି, ଦଣ୍ଡି/ଡଣ୍ଡି, ନଥ; ହାତ/ବାହୁପାଇଁ ବାହାଟି, ଚୂଡ଼ି, ଖଡୁ, ମୁଦି; ପାଦରେ ପଇଁରି,ପାଞ୍ଜୁରୁ(ପାଉଁଜି), ଝୁଣ୍ଟିଆ ଆଦି ପରଜା ସମ୍ପ୍ରଦାୟର ପାରମ୍ପରିକ ଅଳଙ୍କାର। ଏହିସବୁ ଅଳଙ୍କାର ସାଧାରଣତଃ ସୁନା, ରୂପା, ପିତ୍ତଳ, ଆଲୁମିନିୟମ ଆଦି ଧାତୁରେ ତିଆରି ହୋଇଥାଏ। ଅଳଙ୍କାର ସହିତ ପରଜାମାନଙ୍କର ଭାବାବେଗ ଯୋଡ଼ିହୋଇ ରହିଥାଏ, ତେଣୁ ସେମାନେ ଅଳଙ୍କାର ପ୍ରିୟ। ପରଜା ସମ୍ପ୍ରଦାୟର ଯୁବକଯୁବତୀଙ୍କର ଅନୁରାଗଜନିତ ଭାବର ଆଦାନପ୍ରଦାନକ୍ଷେତ୍ରରେ ଅଳଙ୍କାର ବିଶେଷକରି ମୁଦି ବା ମୁଦ୍ରିକାର ପ୍ରମୁଖ ଭୂମିକା ରହିଥାଏ। ଏମାନଙ୍କ ସାମାଜିକ ଚଳଣି ଓ ପରମ୍ପରାରେ ମୁଦି ଦେଇ ଓ ମୁଦି ମାଗି ପ୍ରେମ ନିବେଦନ କରିବା/ ମନ ଜିଣିବାର ରୀତି ରହିଛି। ତେଣୁ ପରଜା ଯୁବଯୁବତୀ ବିଭିନ୍ନ ଉତ୍ସବଅନୁଷ୍ଠାନ ଅବସରରେ ମୁଦି ଓ ଅନ୍ୟାନ୍ୟ ଅଳଙ୍କାର ଦେବାନେବା ରୀତିମୂଳକ ସଙ୍ଗୀତ ପରିବେଷଣ କରନ୍ତି। ଏହିଗୀତ 'ମୁଦିମଗାଗୀତ' ନାମରେ ପରିଚିତ। ଏହାର ଏକ ଓଡ଼ିଆ ଭାବାନ୍ତର ଏଠାରେ ପ୍ରଦାନ କରାଯାଇଛି-

ଯୁବକ – ତୁମକୁ ମୁଦି କିଣିଦେବିକିରେ ଧାଙ୍ଗଡ଼ୀ
ମୁଁ ନେଇଯିବିରେ ଧାଙ୍ଗଡ଼ୀ, ମୁଁ ନେଇଯିବିରେ ଧାଙ୍ଗଡ଼ୀ
ଯୁବତୀ- ତୁମ ମୁଦି ତୁମପାଖରେ ଥାଉରେ ଧାଙ୍ଗଡ଼ା
ନେବିନାହିଁରେ ଧାଙ୍ଗଡ଼ା, ନେବିନାହିଁରେ ଧାଙ୍ଗଡ଼ା।

ଯୁବକ- ତୁମକୁ କ୍ଲିପ୍ କିଣିଦେବିକିରେ ଧାଙ୍ଗଡ଼ୀ
ମୁଁ ନେଇଯିବିରେ ଧାଙ୍ଗଡ଼ୀ, ମୁଁ ନେଇଯିବିରେ ଧାଙ୍ଗଡ଼ୀ
ଯୁବତୀ- ତୁମ କ୍ଲିପ୍ ତୁମପାଖରେ ଥାଉରେ ଧାଙ୍ଗଡ଼ା
ନେବିନାହିଁରେ ଧାଙ୍ଗଡ଼ା, ନେବିନାହିଁରେ ଧାଙ୍ଗଡ଼ା।

ଯୁବକ – ତୁମକୁ ପାଉଁଜି କିଣିଦେବିକିରେ ଧାଙ୍ଗଡ଼ୀ
ମୁଁ ନେଇଯିବିରେ ଧାଙ୍ଗଡ଼ୀ, ମୁଁ ନେଇଯିବିରେ ଧାଙ୍ଗଡ଼ୀ
ଯୁବତୀ- ତୁମ ପାଉଁଜି ତୁମପାଖେ ଥାଉରେ ଧାଙ୍ଗଡ଼ା
ନେବିନାହିଁରେ ଧାଙ୍ଗଡ଼ା, ନେବିନାହିଁରେ ଧାଙ୍ଗଡ଼ା।

ଯୁବକ – ତୁମକୁ ଚୁଡ଼ି କିଣିଦେବିକିରେ ଧାଙ୍ଗଡ଼ୀ
ମୁଁ ନେଇଯିବିରେ ଧାଙ୍ଗଡ଼ୀ, ମୁଁ ନେଇଯିବିରେ ଧାଙ୍ଗଡ଼ୀ
ଯୁବତୀ- ତୁମ ଚୁଡ଼ି ତୁମପାଖରେ ଥାଉରେ ଧାଙ୍ଗଡ଼ା
ନେବିନାହିଁରେ ଧାଙ୍ଗଡ଼ା, ନେବିନାହିଁରେ ଧାଙ୍ଗଡ଼ା।
ଯୁବକ – ମୋର କଥାକୁ ମାନରେ ଧାଙ୍ଗଡ଼ୀ, ମନ ଦେବିରେ ଧାଙ୍ଗଡ଼ୀ
ମୋ କନିଆଁ ହୁଅରେ ଧାଙ୍ଗଡ଼ୀ, ମୋ କନିଆଁ ହୁଆରେ ଧାଙ୍ଗଡ଼ୀ
ଯୁବତୀ- ତୁମ କଥାକୁ ମାନିଲି ଧାଙ୍ଗଡ଼ା
ମୋତେ କନିଆଁ କରିନେରେ ଧାଙ୍ଗଡ଼ା, ନେଇଚାଲରେ ଧାଙ୍ଗଡ଼ା।

ଏହା ମନୋରଞ୍ଜନଧର୍ମୀ ପ୍ରଶ୍ନୋତ୍ତର ମୂଳକ ଏକ ଖେଳଗୀତ। ଏଥିରେ ପରଜା ସମ୍ପ୍ରଦାୟ ବ୍ୟବହାର କରୁଥିବା ବିଭିନ୍ନ ପ୍ରକାର ଅଳଙ୍କାରର ସୂଚନା ଉପସ୍ଥାପିତ ହୋଇଛି। ଖେଳରୁ କ୍ରମଶଃ ଯୁବକଯୁବତୀଙ୍କ ମଧ୍ୟରେ ଅନୁରାଗଭାବ ସୃଷ୍ଟି କରିବାରେ ଏହା ସହାୟକ ହୁଏ। ଅନୁରାଗରୁ ପ୍ରେମ ଓ ପ୍ରେମରୁ ପରିଣୟରେ ଯୁବଯୁବତୀଙ୍କର ଜୀବନ ସାର୍ଥକତା ଲାଭକରି ସଂସାର ଗଠନର ପ୍ରକ୍ରିୟାକୁ ତାହା ଅବ୍ୟାହତ ରଖେ। ଏହି ଗୀତଟିରେ ଯୁବକଟି ବିଭିନ୍ନ ପ୍ରକାରର ପ୍ରଲୋଭନ ଦେଇ ନାନାଧରଣର କୌଶଳରେ ଯୁବତୀ ନିକଟରେ ପ୍ରେମନିବେଦନ କରିଥିଲେ ସୁଧା ଚତୁରୀ ଯୁବତୀ ସେଥିରେ ପ୍ରଭାବିତ ହୋଇନାହିଁ। ଶେଷରେ ଯୁବକ ଆଉ ଅଳଙ୍କାର ଆଦିର ପ୍ରଲୋଭନ ନଦେଇ ମନଦେବାର କଥାଦେଇଛି ଏବଂ ଯୁବତୀ ସେଥିରେ ସହମତି ପ୍ରକାଶ କରିଛି; ଏହହିଁ ଏହିଗୀତର ସୁନ୍ଦରତା।

## ୩. ଉପସଂହାର:

ପରଜା ଆଦିବାସୀ ଲୋକଗୀତ ଗୁଡ଼ିକ ଆଶୁକବିତାଧର୍ମୀ ଓ କ୍ଷୁଦ୍ର କଳେବରବିଶିଷ୍ଟ। ଜୀବନର ବାସ୍ତବ ଅନୁଭୂତି ଏମାନଙ୍କର ଗୀତରେ କଳାତ୍ମକରୂପ ଲାଭକରିଥାଏ। ଏହି ଅନୁଭୂତି ଗୁଡ଼ିକ ଏକଏକ ନିର୍ଦ୍ଦିଷ୍ଟ ଭାବବହନ କରୁଥିବା ହେତୁ ତାହା ସର୍ଜନଶୀଳ ଲକ୍ଷଣଯୁକ୍ତ। ପ୍ରାୟତଃ ଗୀତଗୁଡ଼ିକରେ ପରଜା ଲୋକକବିର ସୂଚନାତ୍ମକ ମାନସିକ ଅବସ୍ଥା ନିହିତ ଥାଏ। କ୍ଷୁଦ୍ରକ୍ଷୁଦ୍ର ଅନୁଭୂତିକୁ ଉପସ୍ଥାପନଚାତୁରୀ ବଳରେ ବ୍ୟଞ୍ଜନାତ୍ମକ ଅର୍ଥପ୍ରକାଶକ୍ଷମ ଗାନଧର୍ମୀ ସଙ୍ଗୀତ ରୂପେ ଏମାନେ ପରିବେଷଣ କରନ୍ତି। ସାଦୃଶୀକରଣ ଶୈଳୀଭିତ୍ତିରେ ସାଧାରଣତଃ କିଦ୍ରିଗୀତ ପରି ଗୀତଗୁଡ଼ିକ ଅଭିବ୍ୟକ୍ତି ଲାଭକରିଥାଏ। ବାହ୍ୟ ପ୍ରକୃତି ଓ ଅନୁଭବୀ ମଣିଷର ଅନ୍ତଃପ୍ରକୃତି ହିଁ ପରଜା ଆଦିବାସୀ ଲୋକଗୀତର ମୂଳଆଧାର। ତେଣୁ ଏହି ଗୀତଗୁଡ଼ିକ ବ୍ୟବହାରିକ ମଧ୍ୟ। କେତେକଗୀତ ପରଜା ଆଦିବାସୀ ଜୀବନବୋଧ ତଥା ସଂସ୍କୃତିର ମୂଳସିଦ୍ଧାନ୍ତ / ଦାର୍ଶନିକ ଅନ୍ତର୍ଦୃଷ୍ଟିକୁ ଭିତ୍ତିକରି ପ୍ରକାଶିତ ହୋଇଥାଏ। ଭାବ ହିଁ ଏହିସବୁ ଗୀତର ପ୍ରାଣକେନ୍ଦ୍ର ଓ ମନୋରଞ୍ଜନ ହିଁ ମୁଖ୍ୟ ଉଦ୍ଦେଶ୍ୟ।

### ସହାୟକ ଉତ୍ସ:

୧. Bell, R. C. S. Orissa District Gazetteers: Koraput. Orissa Government Press, 1945, p. 63.

୨. Tylor, Edward B. "Culture is that complex whole which

CC BY NC

includes knowledge, belief, art, moral, law, custom and any other capabilities and habits acquired by man as a member of society." Primitive Culture. Vol. 1, London, 1871, p. 1.

୩. ପାଣିଗ୍ରାହୀ, କୁମୁଦ ରଞ୍ଜନ. ଲୋକଧାରା, ଲୋକସଂସ୍କୃତି ଓ ଲୋକସାହିତ୍ୟ. ଫ୍ରେଣ୍ଡ୍ସ ପବ୍ଲିଶର୍ସ, ୨୦୧୯, ପୃ. ୩୬।

୪. ପ୍ରଧାନ, କୃଷ୍ଣଚନ୍ଦ୍ର. ଲୋକସଂସ୍କୃତିର ତାତ୍ତ୍ୱିକ ଓ କଳାତ୍ମକ ଦିଗ. ବିଦ୍ୟାପୁରୀ, ୨୦୨୧, ପୃ. ୫।

୫. ମହାପାତ୍ର, ସୀତାକାନ୍ତ. "ଆଦିବାସୀ ସଙ୍ଗୀତ." ସମ୍ବାଦ ବାର୍ଷିକ ବିଶେଷାଙ୍କ–୨, ଇଷ୍ଟର୍ଣ୍ଣ ମିଡ଼ିଆ ଲିଃ, ଭୁବନେଶ୍ୱର, ୧୯୮୭, ପୃ. ୧୪୮।


| FIELD | DETAILS | PLAGIARISM QR |
|---|---|---|
| FUNDING STATEMENT | This research received no external funding | |
| CONFLICT OF INTEREST | No | |
| PLAGIARISM TEST | Yes (Drillbit) | |
| SIMILARITY INDEX | 0 % | |
| ETHICAL APPROVAL | Not applicable | |
| CITE: | Khilla, Dr. Prahllada. "Paraja Adivasi Lokagitar Sanskrutika Bhabamanasa." *Bindu Bimarsha*, vol. 2, no. 2, Apr. 2026, pp. 18–24. Crossref, https://doi.org/10.64647/bb.vol.2.issue.2.2026.3. | |


CC BY NC

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା ॥ ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II ॥ APRIL—JUNE 2026

# ଓଡ଼ିଆ ଓ ପ୍ରାକୃତ ଭାଷାର ଶାବ୍ଦିକ ସମ୍ବନ୍ଧ: ସାରଳା ମହାଭାରତ

ରମେଶ ଚନ୍ଦ୍ର ପ୍ରଧାନ
**ଗବେଷକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ବିଶ୍ୱଭାରତୀ, ଶାନ୍ତିନିକେତନ**

**Date Of Submission:** 31–01-2026 **Date Of Publication:** 14-04-2026

**ABSTRACT ॥ ସଂକ୍ଷିପ୍ତ ସାର**

ସଂସ୍କୃତ ଭାଷା ସଂସ୍କାରିତ ଓ ବ୍ୟାକରଣାବଦ୍ଧ ଭାଷା ଭାବେ ପରିଚିତ। ଏହାର ଗଠନ ସୁସଂଗଠିତ ଓ ନିୟମନିଷ୍ଠ ଥିବାରୁ ଏହାକୁ ଶାସ୍ତ୍ରୀୟ ଭାଷା ଭାବେ ଗ୍ରହଣ କରାଯାଏ। ଅନ୍ୟପଟେ, ପ୍ରାକୃତ ଭାଷା ସାଧାରଣ ଲୋକମାନଙ୍କ ଦୈନନ୍ଦିନ କଥୋପକଥନର ଭାଷା ଥିଲା। ଏହା ପ୍ରାକୃତିକ ଓ ସ୍ୱାଭାବିକ ଭାବରେ ବିକଶିତ ହୋଇଥିବାରୁ ଏହାରେ କଠୋର ବ୍ୟାକରଣ ନିୟମ ଅଧିକ ପ୍ରଭାବ ପକାଇନଥିଲା। ପ୍ରାକୃତ ଭାଷା କଥିତ ରୂପରେ ପ୍ରଚଳିତ ଥିବାରୁ ଏହା ଦ୍ରୁତ ଭାବେ ପରିବର୍ତ୍ତନଶୀଳ ହୋଇଯାଇଥିଲା। ଅଞ୍ଚଳ ଓ ସମୟ ଅନୁସାରେ ଏହାର ଅନେକ ଉପଭାଷା ଉତ୍ପନ୍ନ ହୋଇଥିଲା। ଏହି ପରିବର୍ତ୍ତନ ପ୍ରକ୍ରିୟାରେ ପ୍ରାକୃତରୁ ବିଭିନ୍ନ ନୂତନ ଭାଷାର ଉଦ୍ଭବ ଘଟିଥିଲା, ଯାହାର ମଧ୍ୟରେ ଓଡ଼ିଆ ଭାଷା ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ। ଓଡ଼ିଆ ଭାଷାର ଶବ୍ଦସମ୍ଭାର, ଧ୍ୱନିରୂପ ଓ ବ୍ୟାକରଣୀୟ ଗଠନରେ ପ୍ରାକୃତର ପ୍ରଭାବ ସ୍ପଷ୍ଟ ଦେଖାଯାଏ। ଏହା ଦ୍ୱାରା ଦୁଇଟି ଭାଷାର ଆନ୍ତରିକ ସମ୍ପର୍କ ପ୍ରମାଣିତ ହୁଏ। ଏହି ସମ୍ବନ୍ଧକୁ ଅଧ୍ୟୟନ କରିଲେ ଭାଷାର ଐତିହ୍ୟ ଓ ବିକାଶ ପ୍ରକ୍ରିୟାକୁ ଭଲଭାବେ ବୁଝିପାରିବା। ତେଣୁ, ପ୍ରାକୃତ ଓ ଓଡ଼ିଆ ଭାଷାର ଏହି ନିକଟ ସମ୍ପର୍କ ଏହି ପ୍ରବନ୍ଧର ମୂଳ ବିଷୟ।

**ARTICLE NUMBER:** BB-II-II-2026-04

**ORC ID:** 0009-0004-4995-6959

**DOI:** 10.64647/bb.vol.2.issue.2.2026.4

**E-MAIL:** rameshchandrapradhan186@gmail.com

**REVIEW STATUS:** Double-Blind Peer Reviewed

**LANGUAGE OF THE ARTICLE:** Odia

**TYPE OF ARTICLE:** Research-based Article

**ପ୍ରମୁଖ ଶବ୍ଦାବଳୀ :**

ଭାଷା, ପ୍ରାକୃତ, ସଂସ୍କାରିତ, ପରିଣତ।

ଭାବ ପ୍ରକାଶ ନିମିତ୍ତ ଭାଷା ଏକ ମାଧ୍ୟମ। ଭାଷା ସର୍ବଦା ପରିବର୍ତ୍ତନଶୀଳ। ସମୟ, ପରିବେଶ, ପରିସ୍ଥିତି ଅନୁସାରେ ଭାଷା ତାର ରୂପ ଓ ଭାବ ଉଭୟରେ ପରିବର୍ତ୍ତନ ଆଣିଥାଏ। ଭାଷାର ଅର୍ଥ ପ୍ରକାଶ କରୁଥିବା କ୍ଷୁଦ୍ରତମ ଏକକ ଶବ୍ଦ। ଏକ ବା ଏକାଧିକ ଶବ୍ଦ ମାଧ୍ୟମରେ ମଣିଷ ମନର ଭାବକୁ ପ୍ରକାଶ କରିବାରେ ସମର୍ଥ ହୋଇଥାଏ।

ଭାଷାର ଦୁଇଟି ସ୍ତର ରହିଛି। ଯଥା କଥିତ ସ୍ତର ଓ ଲିଖିତ ସ୍ତର। ଭାଷା ବଞ୍ଚିରହେ କଥିତ ସ୍ତରରେ। ଭାଷାକୁ ସାଇତି ରଖିବା ପାଇଁ ଲିପିର ବ୍ୟବହାର କରାଯାଏ। ଅର୍ଥାତ୍ କୌଣସି ବ୍ୟକ୍ତି ମନର ଭାବକୁ ତତ୍କାଳର ଭାଷାରେ ସାଇତି ରଖିବା ପାଇଁ ତାହାକୁ ଲିପିବଦ୍ଧ କରିଥାଏ। ଲିପି ନଥାଇ ମଧ୍ୟ କେବଳ କଥିତ ସ୍ତରରେ ଭାଷା ବଞ୍ଚିରହେ।

ଭୌଗୋଳିକ ସ୍ଥିତି ଅନୁସାରେ କେତେକ ସ୍ଥାନର ଭାଷାକୁ ସ୍ଥାନ ଅନୁସାରେ ନାମିତ କରାଯାଇଥାଏ। ଯଥା- ବଙ୍ଗଳାଦେଶର ଭାଷା 'ବଙ୍ଗାଳୀ', ମଗଧର ଭାଷା 'ମାଗଧୀ', ତାମିଲନାଡୁର ଭାଷା 'ତାମିଲ', କର୍ଣ୍ଣାଟକର ଭାଷା 'କନ୍ନଡ଼', ଆସାମର ଭାଷା 'ଅହମୀୟା', ଓଡ଼ିଶାର ଭାଷା 'ଓଡ଼ିଆ' ଆଦି।

ଓଡ଼ିଆ ସାହିତ୍ୟର ଆଦିକବି ସାରଳା ଦାସଙ୍କ ମହାଭାରତ ରଚନାଦ୍ୱାରା ଓଡ଼ିଆ ଭାଷାସାହିତ୍ୟର ମୂଳଦୁଆ ପଡ଼ିଛି। ଓଡ଼ିଆ ସାହିତ୍ୟରେ ସାରଳା ମହାଭାରତର ସ୍ଥିତି ଏକ ମାଇଲଖୁଣ୍ଟ ସଦୃଶ। ଓଡ଼ିଶାର ମାଟି, ପାଣି, ପବନ, ଭାଷା, ସଂସ୍କୃତି, ସମାଜ ଆଦି ସବୁକିଛି ସାରଳା ମହାଭାରତରେ ପ୍ରତିବିମ୍ବିତ। 'ସାରଳା ମହାଭାରତ'ରେ ସଂସ୍କୃତ, ପ୍ରାକୃତ ଓ ଓଡ଼ିଆ ଶବ୍ଦର ପ୍ରୟୋଗ ରହିଛି। 'ସାରଳା ମହାଭାରତ'ରେ ବ୍ୟବହୃତ କେତେକ ପ୍ରାକୃତ ଶବ୍ଦ ଯାହା ଅବିକଳ ବା ରୂପାନ୍ତରିକ ହୋଇ ଓଡ଼ିଆ ଭାଷାରେ ବ୍ୟବହୃତ ହୋଇଛି ବା ହେଉଛି ସେଗୁଡ଼ିକର ବ୍ୟାଖ୍ୟା ବରରୁଚିଙ୍କ 'ପ୍ରାକୃତ ପ୍ରକାଶ' ଗ୍ରନ୍ଥର ସୂତ୍ରାନୁସାରେ କରାଗଲା। ଥାନ<ସ୍ଥାନ।

'ଥାନ' ଶବ୍ଦର ସଂସ୍କାରିତ ରୂପ 'ସ୍ଥାନ'। ଉପରି ଲୋପଃ କ ଗ ଡ ତ ଦ ପ ଷ ସାମ୍।୩/୧। (ସଂଯୁକ୍ତ ବ୍ୟଞ୍ଜନର ଉପରେ/ଉର୍ଦ୍ଧ୍ୱରେ କ-ଗ-ଡ-ତ-ଦ-ପ-ଷ-ସ ଆଦି ବ୍ୟଞ୍ଜନ ଥିଲେ ଲୋପ ହୋଇଥାଏ।) ସୂତ୍ରାନୁସାରେ 'ସ୍ଥ' ସଂଯୁକ୍ତ ବ୍ୟଞ୍ଜନ ହୋଇଥିବାରୁ ଉର୍ଦ୍ଧ୍ୱରେ ଥିବା 'ସ'

ଲୋପ ହୋଇଛି। ସ୍ଥ>ଥ। 'ସ୍ଥାନ' 'ଥାନ'ରେ ପରିଣତ ହୋଇଛି। ଏହିପରି ଅନ୍ୟ ଏକ ଶବ୍ଦ ହେଲା ସ୍ଥିର>ଥିର। ଗଉତମ<ଗୌତମ।

'ଗଉତମ' ଶବ୍ଦର ସଂସ୍କାରିତ ରୂପ 'ଗୌତମ'। ପୌରାଦିଷ୍ୱ ଅଉତ୍।୧/୪୩। (ପୌର ଆଦି ଶବ୍ଦର ଔ-କାର ସ୍ଥାନରେ 'ଅଉ' ହୋଇଥାଏ।) ସୂତ୍ରାନୁସାରେ ଗୌ ଗଉ ହୋଇଛି। ଅର୍ଥାତ୍ 'ଗୌତମ' 'ଗଉତମ'ରେ ପରିଣତ ହୋଇଛି। ଏହିପରି ଭାବେ ଅନ୍ୟ କେତେକ ଶବ୍ଦ ମଧ୍ୟ ଦେଖାଯାଏ। ଚୌରାଶୀ>ଚଉରାଶୀ, ପୌର୍ଣ୍ଣମୀ>ପଉର୍ଣ୍ଣମୀ, ମୌନ>ମଉନ, ଶୌର୍ଯ୍ୟ>ଶଉର୍ଯ୍ୟ। ବିହି<ବିଧି।

'ବିହି' ଶବ୍ଦର ସଂସ୍କାରିତ ରୂପ 'ବିଧି'। ଖ-ଘ-ଥ-ଧ-ଫ-ଭାଂ ହଃ।୨/୨୪। (ଶବ୍ଦର ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା ଖ-ଘ-ଥ-ଧ-ଫ-ଭ ବ୍ୟଞ୍ଜନ ସ୍ଥାନରେ 'ହ' ହୋଇଥାଏ।) ସୂତ୍ରାନୁସାରେ 'ଧ' 'ହ'ରେ ପରିଣତ ହୋଇଛି। ତେଣୁ 'ବିଧି' 'ବିହି'ରେ ପରିଣତ ହୋଇଛି। ଏହିପରି ଅନ୍ୟ ଶବ୍ଦଗୁଡ଼ିକ ହେଲା ନିଭାଇ>ନିହାଇ, ନଖ>ନହ, ରଘୁବର>ରହୁବର, ନାଥ>ନାହ, ଶୋଭେ>ଶୋହେ, ବିଭା>ବିହା। ଥମ୍ଭୀଭୂତ<ସ୍ତମ୍ଭୀଭୂତ।

'ଥମ୍ଭୀଭୂତ' ଶବ୍ଦର ସଂସ୍କାରିତ ରୂପ 'ସ୍ତମ୍ଭୀଭୂତ'। ସ୍ତସ୍ୟ ଥଃ।୩/୧୧। ('ସ୍ତ' ସ୍ଥାନରେ ପ୍ରାକୃତରେ 'ଥ' ହୋଇଥାଏ।) ସୂତ୍ରାନୁସାରେ 'ସ୍ତ' 'ଥ'ରେ ପରିଣତ ହୋଇଛି। ତେଣୁ 'ସ୍ତମ୍ଭୀଭୂତ' 'ଥମ୍ଭୀଭୂତ'ରେ ପରିଣତ ହୋଇଛି। ଏହିପରି ଅନ୍ୟ ଏକ ଶବ୍ଦ ହେଲା ସ୍ତନ>ଥନ। ପଛିମେ<ପଶ୍ଚିମେ।

'ପଛିମେ' ଶବ୍ଦର ସଂସ୍କାରିତ ରୂପ 'ପଶ୍ଚିମେ'। ଶ୍ଚ-ତ୍ସ-ପ୍ସାଂ ଛଃ। ୩/୩୮। (ଶ୍ଚ-ତ୍ସ-ପ୍ସାଂ ସ୍ଥାନରେ ପ୍ରାକୃତରେ 'ଛ' ହୋଇଥାଏ।) ସୂତ୍ରାନୁସାରେ 'ଶ୍ଚ' 'ଛ'ରେ ପରିଣତ ହୋଇଛି। ତେଣୁ 'ପଶ୍ଚିମ' ଶବ୍ଦ 'ପଛିମ'ରେ ପରିଣତ ହୋଇଛି। ଚଚ୍ଛୁ<ଚକ୍ଷୁ।

'ଚଚ୍ଛୁ' ଶବ୍ଦର ସଂସ୍କାରିତ ରୂପ 'ଚକ୍ଷୁ'। ଅକ୍ଷାଦିଷ୍ୱ ଛଃ। ୩/୨୯। (ଅକ୍ଷି ଆଦି ଶବ୍ଦର 'କ୍ଷ' ସ୍ଥାନରେ 'ଚ୍ଛ' ହୋଇଥାଏ।) ସୂତ୍ରାନୁସାରେ 'କ୍ଷ' 'ଚ୍ଛ'ରେ ପରିଣତ ହୋଇଛି। 'ଚ୍ଛ' ଏକକୀଭବନ ଦ୍ୱାରା 'ଛ' ହୋଇଛି। ତେଣୁ 'ଚକ୍ଷୁ' ଶବ୍ଦ 'ଚଚ୍ଛୁ'ରେ ପରିଣତ ହୋଇଛି। ସେହିପରି ଅନ୍ୟ କେତେକ ଶବ୍ଦଗୁଡ଼ିକ ହେଲା ପ୍ରତକ୍ଷେ>ପ୍ରତଚ୍ଛେ, ଅପକ୍ଷାତି>ଅପଚ୍ଛାତି, ଅନ୍ତରୀକ୍ଷେ>ଅନ୍ତରୀଚ୍ଛେ, ସମକକ୍ଷ>ସମକଚ୍ଛ, ମୋକ୍ଷ>ମୋଚ୍ଛ, ତୀକ୍ଷ>ତୀଚ୍ଛ। ପହର<ପ୍ରହର।

'ପହର' ଶବ୍ଦର ସଂସ୍କାରିତ ରୂପ 'ପ୍ରହର'। ସର୍ବତ୍ର ଲ-ବ-ରାମ୍।୩/୩। (ସଂଯୁକ୍ତ ବ୍ୟଞ୍ଜନବର୍ଣ୍ଣର ଉଭୟ ଉର୍ଦ୍ଧ୍ୱ ଏବଂ ନିମ୍ନରେ ଲ-ବ-ର ବ୍ୟଞ୍ଜନ ଥିଲେ ଲୋପ ହୋଇଥାଏ।) ସୂତ୍ରାନୁସାରେ 'ପ୍ର' ସଂଯୁକ୍ତ ବ୍ୟଞ୍ଜନ ହୋଇଥିବାରୁ ନିମ୍ନରେ 'ର' ଲୋପ ହୋଇଛି। 'ପ୍ର' 'ପ'ରେ ପରିଣତ ହୋଇଛି। ତେଣୁ 'ପ୍ରହର' 'ପହର'ରେ ପରିଣତ ହୋଇଛି। ସେହିପରି ଅନ୍ୟ ଏକ ଶବ୍ଦ ହେଲା ନିମନ୍ତ୍ରିବା>ନିମନ୍ତିବା।

ଖିନ<କ୍ଷୀଣ।

'ଖିନ' ଶବ୍ଦର ସଂସ୍କାରିତ ରୂପ 'କ୍ଷୀଣ'। ଷ୍କ-ସ୍କ-କ୍ଷାଂ ଖଃ।୩/୨୮। (ଷ୍କ-ସ୍କ-କ୍ଷ ସ୍ଥାନରେ ପ୍ରାକୃତରେ 'ଖ' ହୋଇଥାଏ।) ସୂତ୍ରାନୁସାରେ 'କ୍ଷ' 'ଖ'ରେ ପରିଣତ ହୋଇଛି। କ୍ଷୀଣ>ଖୀଣ। ଇଦୀତଃ ପାନୀୟାଦିଷ୍ୱୁ।୧/୧୮।(ପାନୀୟ ଆଦି ଶବ୍ଦର 'ଈ' କାର ସ୍ଥାନରେ 'ଇ' କାର ହୋଇଥାଏ।) ସୂତ୍ରାନୁସାରେ 'ଖୀ' 'ଖି'ରେ ପରିଣତ ହୋଇଛି। ଖୀଣ>ଖିଣ। ଣୋ ନଃ।୧୦/୫। (ପୈଶାଚୀ ପ୍ରାକୃତରେ 'ଣ' କାର ସ୍ଥାନରେ 'ନ' କାର ହୋଇଥାଏ।) ସୂତ୍ରାନୁସାରେ 'ଣ' 'ନ' ହୋଇଛି। ଅର୍ଥାତ୍ କ୍ଷୀଣ>ଖୀଣ>ଖିଣ>ଖିନ ହୋଇଛି। ସେହିପରି ଅନ୍ୟ କେତେକ ଶବ୍ଦ ହେଲା ଦକ୍ଷିଣ>ଦଖିଣ, ସାକ୍ଷୀ>ସାଖୀ, କ୍ଷେପିଲା>ଖେପିଲା, ତୀକ୍ଷ>ତୀଖ। ତ୍ରେତା<ତ୍ରେତୟା।

'ତ୍ରେତା' ଶବ୍ଦର ସଂସ୍କାରିତ ରୂପ 'ତ୍ରେତୟା'। କ-ଗ-ଚ-ଜ-ତ-ଦ-ପ-ୟ-ବାଂ ପ୍ରାୟୋ ଲୋପଃ।୨/୨। (ଅନାଦି ଅସଂଯୁକ୍ତ ଅବସ୍ଥାରେ ଥିବା କ-ଗ-ଚ-ଜ-ତ-ଦ-ପ-ୟ ବ୍ୟଞ୍ଜନ ପ୍ରାକୃତରେ ଲୋପ ହୋଇଥାଏ।) ସୂତ୍ରାନୁସାରେ 'ୟ' ଲୋପ ହୋଇଛି। 'ଅ' ସହିତ 'ଆ'ର ସନ୍ଧି ହୋଇ 'ଆ' ହୋଇଛି। ଅର୍ଥାତ୍ ତ୍ରେତୟା>ତ୍ରେତଆ>ତ୍ରେତା ହୋଇଛି। ସେହିପରି ଅନ୍ୟ ଏକ ଶବ୍ଦ ହେଲା ପ୍ରୟାଗ>ପ୍ରାଗ। କାର୍ଯେ<କାର୍ଯ୍ୟେ।

'କାର୍ଯେ' ଶବ୍ଦର ସଂସ୍କାରିତ ରୂପ 'କାର୍ଯ୍ୟେ'। ମନୟମନ୍ତ୍ୟାନାମ୍। ୩/୨। (ସଂଯୁକ୍ତ ବ୍ୟଞ୍ଜନର ନିମ୍ନଭାଗ/ପ୍ରାନ୍ତରେ ମ-ନ-ୟ ବ୍ୟଞ୍ଜନ ଥିଲେ ପ୍ରାକୃତରେ ତାହା ଲୋପ ହୋଇଥାଏ।) ସୂତ୍ରାନୁସାରେ 'ର୍ଯ୍ୟେ' ରୁ 'ୟ' ଲୋପ ହୋଇ 'ର୍ଯେ'ରେ ପରିଣତ ହୋଇଛି। ତେଣୁ 'କାର୍ଯ୍ୟେ' 'କାର୍ଯେ' ହୋଇଛି। ସେହିପରି ଲକ୍ଷ୍ମଣ> ଲକ୍ଷଣ ହୋଇଛି। 'କ୍ଷ୍ମ' ସଂଯୁକ୍ତ ବ୍ୟଞ୍ଜନର ନିମ୍ନରେ 'ମ' ଥିବାରୁ ଲୋପ ହୋଇଛି। ଅର୍ଘ୍ୟ>ଅର୍ଘ। ଅପଭ୍ରଂଶର ପ୍ରଭାବ ହେତୁ 'ର' ଫଳାର ଲୋପ ହୋଇନାହିଁ। ଲଚ୍ଛୀ<ଲକ୍ଷ୍ମୀ।

'ଲଚ୍ଛୀ' ଶବ୍ଦର ସଂସ୍କାରିତ ରୂପ 'ଲକ୍ଷ୍ମୀ'। ମନୟମନ୍ତ୍ୟାନାମ୍।୩/୨। (ସଂଯୁକ୍ତ ବ୍ୟଞ୍ଜନର ନିମ୍ନଭାଗ/ପ୍ରାନ୍ତରେ ମ-ନ-ୟ ବ୍ୟଞ୍ଜନ ଥିଲେ ପ୍ରାକୃତରେ ତାହା ଲୋପ ହୋଇଥାଏ।) ସୂତ୍ରାନୁସାରେ 'କ୍ଷ୍ମ' ସଂଯୁକ୍ତ ବ୍ୟଞ୍ଜନର ନିମ୍ନରେ ଥିବା 'ମ' ଲୋପ ହୋଇଛି। ଲକ୍ଷ୍ମୀ>ଲକ୍ଷୀ। ଅକ୍ଷାଦିଷ୍ୱ ଛଃ।୩/୨୯। (ଅକ୍ଷି ଆଦି ଶବ୍ଦର 'କ୍ଷ' ସ୍ଥାନରେ 'ଚ୍ଛ' ହୋଇଥାଏ।) ସୂତ୍ରାନୁସାରେ 'କ୍ଷ' 'ଚ୍ଛ' ରେ ପରିଣତ ହୋଇଛି। ଅର୍ଥାତ୍ ଲକ୍ଷ୍ମୀ>ଲକ୍ଷୀ>ଲଚ୍ଛୀ ହୋଇଛି। ଅଗି<ଅଗ୍ନି।

'ଅଗି' ଶବ୍ଦର ସଂସ୍କାରିତ ରୂପ 'ଅଗ୍ନି'। ମନୟମନ୍ତ୍ୟାନାମ୍। ୩/୨। (ସଂଯୁକ୍ତ ବ୍ୟଞ୍ଜନର ନିମ୍ନଭାଗ/ପ୍ରାନ୍ତରେ ମ-ନ-ୟ ବ୍ୟଞ୍ଜନ ଥିଲେ ପ୍ରାକୃତରେ ତାହା ଲୋପ ହୋଇଥାଏ।) ସୂତ୍ରାନୁସାରେ 'ଗ୍ନ' ସଂଯୁକ୍ତ ବ୍ୟଞ୍ଜନର ନିମ୍ନରେ ଥିବା 'ନ' ଲୋପ ହୋଇଛି। ଶେଷାଦେଶୟୋର୍ଦ୍ୱିତ୍ୱମନାଦୌ।୩/୪୯। (ଆଦେଶ ବଳରେ ସଂଯୁକ୍ତ ବର୍ଣ୍ଣର ଲୋପ ପରେ ଯେଉଁ ଅନ୍ୟ ବର୍ଣ୍ଣଟି ରହିଯାଏ ତାହା ଯଦି ଶବ୍ଦର ପ୍ରାରମ୍ଭରେ ନଥାଏ ତେବେ ଦ୍ୱିତ୍ୱ ହୋଇଥାଏ। ପ୍ରାରମ୍ଭରେ ଥିବା ବର୍ଣ୍ଣ ଦ୍ୱିତ୍ୱ ହୋଇନଥାଏ।) ସୂତ୍ରାନୁସାରେ 'ଗ' ଦ୍ୱିତ୍ୱ ହୋଇ 'ଗ୍ଗ' ହୋଇଛି। ଏକକୀଭବନ ଫଳରେ 'ଗ୍ଗ' ପୁନଃ 'ଗ' ରେ ପରିଣତ ହୋଇଛି।

ଅର୍ଥାତ୍ ଅଗ୍ନି>ଅଗ୍ଗି>ଅଗି ହୋଇଛି। ବଇଶାଖ<ବୈଶାଖ।

'ବଇଶାଖ' ଶବ୍ଦର ସଂସ୍କାରିତ ରୂପ 'ବୈଶାଖ'। ଦୈତ୍ୟାଦିଷ୍ବ ଅଇତ୍।୧/୩୮। (ଦୈତ୍ୟ ଆଦି ଶବ୍ଦର 'ଐ' କାର ସ୍ଥାନରେ ପ୍ରାକୃତରେ 'ଅଇ' ହୋଇଥାଏ।) ସୂତ୍ରାନୁସାରେ 'ବୈ' 'ବଇ' ହୋଇଛି। ତେଣୁ 'ବୈଶାଖ' 'ବଇଶାଖ'ରେ ପରିଣତ ହୋଇଛି। ସେହିପରି ଅନ୍ୟ କେତେକ ଶବ୍ଦର ଉଦାହରଣ- ନୈବେଦ୍ୟ>ନଇବେଦ୍ୟ, ବୈତରଣୀ>ବଇତରଣୀ, ବୈରାଗ୍ୟ>ବଇରାଗ, କୈବର୍ତ୍ତ>କଇବର୍ତ୍ତ, ବୈଶ୍ୟ>ବଇଶ୍ୟ। ଭାସଇ<ଭାଷଇ।

'ଭାସଇ' ଶବ୍ଦର ସଂସ୍କାରିତ ରୂପ 'ଭାଷଇ'। ଶଷୋ ସଃ।୨/୩୯। (ପ୍ରାକୃତରେ ଶ-ଷ-ସ ସ୍ଥାନରେ 'ସ' ହୋଇଥାଏ।) ସୂତ୍ରାନୁସାରେ 'ଷ' 'ସ' ରେ ପରିଣତ ହୋଇଛି। ତେଣୁ 'ଭାଷଇ' 'ଭାସଇ' ହୋଇଛି। ଅପସର<ଅବସର।

'ଅପସର' ଶବ୍ଦର ସଂସ୍କାରିତ ରୂପ 'ଅବସର'। ବର୍ଗାଣାଂ ତୃତୀୟ ଚତୁର୍ଥୟୋରଯୁଜୋରନାଦ୍ୟୋରାଦ୍ୟୌ।୧୦/୩ । (ପୈଶାଚୀ ଭାଷାରେ ବର୍ଗର ଅନାଦି ଅସଂଯୁକ୍ତ ତୃତୀୟ ଓ ଚତୁର୍ଥ ବର୍ଣ୍ଣର ସ୍ଥାନରେ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ବର୍ଣ୍ଣ ହୋଇଥାଏ।) ସୂତ୍ରାନୁସାରେ 'ପ' ବର୍ଗର ତୃତୀୟ ବର୍ଣ୍ଣ 'ବ' ସ୍ଥାନରେ ବର୍ଗର ପ୍ରଥମ ବର୍ଣ୍ଣ 'ପ' ହୋଇଛି। ତେଣୁ 'ଅବସର' 'ଅପସର'ରେ ପରିଣତ ହୋଇଛି। ସେହିପରି ଅନ୍ୟ କେତେକ ଶବ୍ଦ ହେଲା ପ୍ରସ୍ତାବ>ପ୍ରସ୍ତାପ, କବାଟ>କପାଟ। ନାୟେକା<ନାୟିକା।

'ନାୟେକା' ଶବ୍ଦର ସଂସ୍କାରିତ ରୂପ 'ନାୟିକା'। ଇତ ଏତ୍ ପିଣ୍ଡାଦିଷ୍ବ। ୧/୧୦। (ପିଣ୍ଡାଦି ଶବ୍ଦର 'ଇ' ସ୍ଥାନରେ 'ଏ' ହୋଇଥାଏ।) ସୂତ୍ରାନୁସାରେ 'ୟେ' 'ୟି' ହୋଇଛି। ତେଣୁ 'ନାୟିକା' 'ନାୟେକା'ରେ ପରିଣତ ହୋଇଛି। କଣେଅର<କନିଅର।

'କଣେଅର' ଶବ୍ଦର ସଂସ୍କାରିତ ରୂପ 'କନିଅର'। ନୋ ଣଃ। ୨/୩୮। (ପ୍ରାକୃତ ଭାଷାରେ 'ନ' ସ୍ଥାନରେ 'ଣ' ହୋଇଥାଏ।) ସୂତ୍ରାନୁସାରେ 'ନ' 'ଣ'ରେ ପରିଣତ ହୋଇଛି। ନି>ଣି। ଇତ ଏତ୍ ପିଣ୍ଡାଦିଷ୍ବ।୧/୧୦। (ପିଣ୍ଡାଦି ଶବ୍ଦର 'ଇ' ସ୍ଥାନରେ 'ଏ' ହୋଇଥାଏ।) ସୂତ୍ରାନୁସାରେ 'ଇ'-କାର ସ୍ଥାନରେ 'ଏ'-କାର ହୋଇଛି। ଣି>ଣେ। ଅର୍ଥାତ୍ 'କନିଅର' 'କଣେଅର'ରେ ପରିଣତ ହୋଇଛି।

ଉଦାହରଣ- ନିର୍ଦ୍ଧୂମ **ଅଗି** ଜାଣି ବିରାଜଇ ତିନିଙ୍କର ତେଜ।୩/୭/୭୨।(ପର୍ବ/ପ୍ରସଙ୍ଗ କ୍ରମ/ପଦ ସଂଖ୍ୟା)

ଦିବାରାତ୍ରେ **ଅପସର** ନାହିଁ ଆରୋପନ୍ତି ବେଗି ବେଗି।୩/୧୨/୧୨୧।

ଘୋଷଇ **ଭାସଇ** ଯେ ହୃଦେ ଭାବଇଂ ନିତ୍ୟେ।୩/୧୭/୭୯।

ସମସ୍ତ କୁମରମାନେ ପ୍ରବେଶ ଯଗ୍ୟଂ **ଥାନ**।୨/୧୫/୪୭।

ବାଲ୍ମିକ **ଗଉତମ** ବିଶ୍ୱବା ପୌଲସ୍ତ୍ୟେ।୨/୧୫/୨୫।

ପୁରୁଷ ବିଧାତା ସ୍ତିରୀ ଅଟଇ ଗୋ **ବିହି**। ୨/୧୬/୪୦୧।

**ଥମ୍ଭୀଭୂତ** ହୋଇ ଦେବ ନ ଫୁରଇ କିଛି।୨/୧୬/୪୨୯।

ଯୁବା ଯୁବତୀ **ଚକ୍ଷୁ**ରେ ଯେ ନ ମାଡ଼ଇ ନିଦ।୨/୧୬/୭୩୩।

ଯେସନ ବିଚାର କରନ୍ତେ ତିନି **ପହର** ଯେ ରାତି। ୨/୧୬/୪।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ସାରଳା ମହାଭାରତରେ ବ୍ୟବହୃତ ପ୍ରାକୃତ ଶବ୍ଦ ଓ ପ୍ରଚଳିତ ଓଡ଼ିଆ ଭାଷାର ଶବ୍ଦ ମଧ୍ୟରେ ସାମଞ୍ଜସ୍ୟ ରହିଛି।

**ସହାୟକ ଗ୍ରନ୍ଥସୂଚୀ**


୧. ନାୟକ, କଳ୍ପତରୁ। *ବରରୁଚିଙ୍କ ପ୍ରାକୃତ ପ୍ରକାଶ. ରଂଗ ପ୍ରକାଶନୀ, ଭଦ୍ରକ, ପ୍ରଥମ ସଂସ୍କରଣ, ୨୦୨୦।*

୨. ନାୟକ, କଳ୍ପତରୁ। *ଓଡ଼ିଆ ଭାଷାର ମୂଳ: ପ୍ରାକୃତ ଭାଷା. ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୨୦୨୪ (ଅଗ୍ରଦୂତ, କଟକ)।*

୩. ମହାନ୍ତି, ଆର୍ତ୍ତବଲ୍ଲଭ, ସମ୍ପାଦକ। *ସାରଳା ମହାଭାରତ. ଓଡ଼ିଶା ସାଂସ୍କୃତିକ ବ୍ୟାପାର ବିଭାଗ, ପ୍ରଥମ ସଂସ୍କରଣ, ୧୯୬୫। (ଇ-ଭର୍ସନ)*

୪. ମହାନ୍ତି, ବଂଶୀଧର। *ଓଡ଼ିଆ ଭାଷାର ଉତ୍ପତ୍ତି ଓ କ୍ରମବିକାଶ. ଫ୍ରେଣ୍ଡ୍ସ ପବ୍ଲିଶର୍ସ, କଟକ, ଅଷ୍ଟମ ସଂସ୍କରଣ, ୨୦୧୭।*

୫. ମହାନ୍ତି, ବଂଶୀଧର। *ଓଡ଼ିଆ ଭାଷାତତ୍ତ୍ୱର ଭୂମିକା. ଓଡ଼ିଶା ସାହିତ୍ୟ ଏକାଡ଼େମୀ, ଭୁବନେଶ୍ୱର, ପ୍ରଥମ ସଂସ୍କରଣ, ୧୯୯୯।*


BINDU BIMARSHA...


| FIELD | DETAILS | PLAGIARISM QR |
|---|---|---|
| FUNDING STATEMENT | This research received no external funding | |
| CONFLICT OF INTEREST | No | |
| PLAGIARISM TEST | Yes (Drillbit) | |
| SIMILARITY INDEX | 0 % | |
| ETHICAL APPROVAL | Not applicable | |
| CITE: | Pradhan, Ramesh Chandra. "Odia O Prakrut Bhasara Shabdika Sambandha: Sarala Mahabharata." *Bindu Bimarsha*, vol. 2, no. 2, Apr. 2026, pp. 25–27. Crossref, https://doi.org/10.64647/bb.vol.2.issue.2.2026.4. | |


cc BY NC

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା ॥ ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II ॥ APRIL—JUNE 2026

# ଅଲଭ୍ୟବାଦ ଓ ପାପୁଲିଏ ଖୁସି

ମାନଶ୍ରୀ ମହାନ୍ତି
ଗବେଷିକା, ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର

**Date Of Submission:** 05–01-2026 **Date Of Publication:** 14-04-2026

**ABSTRACT ॥ ଅଂଶିକ ସାର**

ଆଧୁନିକ ଗଳ୍ପଧାରାର ଅନ୍ୟତମ ଗାଳ୍ପିକ ଡ. ସୁରେଶ ଛୋଟରାୟ ପ୍ରଚଳିତ ପରମ୍ପରାରୁ ପାଦେ ଆଗରେ । ଶାଳୀନ ସୌନ୍ଦର୍ଯ୍ୟରେ ଗଳ୍ପର ଶ୍ରୀ ବୃଦ୍ଧି କରି ସେ ସଦା ସଫଳ । "ପାପୁଲିଏ ଖୁସି" ରେ କଥାର କୁହୁକ,ଶବ୍ଦର ମହକ, ପୁଣି ଶୈଳୀର ସ୍ୱାତନ୍ତ୍ର୍ୟ ଦେଖିବାକୁ ମିଳେ । ଅସାମାନ୍ୟ ଚୁମ୍ବକୀୟ ଶକ୍ତି ରହିଚି ଏସବୁ ଗଳ୍ପରେ । ଅଦ୍ଭୁତ ପୂର୍ବ ନୈତିକ ଦୃଷ୍ଟି ଏବଂ ଚିରନ୍ତନ ସତ୍ୟର ଉପସ୍ଥାପନା ପାଠକୀୟ ଆଦୃତ ଆହ୍ୱାନ କରେ। ଅଲଭ୍ୟ ଯାହା ଅପ୍ରାପ୍ତ । ଅଲଭ୍ୟବାଦ ବ୍ୟକ୍ତିଚେତନାକୁ ରୂପାନ୍ତରିତ କରେ । ଶକ୍ତି, ସାମର୍ଥ୍ୟ ଓ ସୌନ୍ଦର୍ଯ୍ୟର ବିସ୍ତାର କରେ । ଜୀବନକୁ ମୂଲ୍ୟଯୁକ୍ତ କରେ। ପ୍ରେମର ଅର୍ଥ ଏକ ନୂତନ ଜୀବନର ଅନ୍ୱେଷଣ । ବଞ୍ଚିବାର ବିକଳ୍ପ ସନ୍ଧାନ । ଅଲଭ୍ୟବାଦ ଏହି ଯୁକ୍ତାତ୍ମକ ଚେତନାକୁ କ୍ରିୟାଶୀଳ କରାଏ ।

**ARTICLE NUMBER:** BB-II-II-2026-05

**ORC ID:** 0009-0006-9567-3110

**DOI:** 10.64647/bb.vol.2.issue.2.2026.5

**E-MAIL:** mail2manashreemohanty@gmail.com

**REVIEW STATUS:** Double-Blind Peer Reviewed

**LANGUAGE OF THE ARTICLE:** Odia

**TYPE OF ARTICLE:** Philosophical / Reflective

**ପ୍ରମୁଖ ଶବ୍ଦାବଳୀ :**
ସାଉଁଟିବା, ଇନ୍ଦ୍ରିୟାତୀତ, ଅଭିବ୍ୟଞ୍ଜୟତ, ପ୍ୟାହା, ବ୍ୟଭିଚାରିତା, ତାତ୍ସଲ୍ୟବୋଧ, ମାନବ ଧର୍ମିତା, ଅଲଭ୍ୟ, ଆବେଗାତ୍ମକ, ସ୍ୱର୍ଦ୍ଧିତ

ଆଧୁନିକ ଓଡ଼ିଆ ଗଳ୍ପ ରଚନା କ୍ଷେତ୍ରରେ ଏକ ପ୍ରଖ୍ୟାତ ନାମା ଗାଳ୍ପିକ ଭାବେ ଡ. ସୁରେଶ ଛୋଟରାୟ ସୁପରିଚିତ। ଶତାବ୍ଦୀ ବ୍ୟାପୀ ଆଚ୍ଛନ୍ନ କରି ରଖିଲା ପରି ଅନେକ କାହାଣୀ ତାଙ୍କ ଲେଖନୀ ମୁନରେ ଜୀବନ୍ୟାସ ପାଇଛି । ତାଙ୍କ ଚତୁଃପାର୍ଶ୍ୱରେ ଘଟିଥିବା ସମସ୍ତ ବାସ୍ତବ ଘଟଣା ଅନୁଧ୍ୟାନ କରି ଏବଂ ପ୍ରଶାସନିକ କର୍ମମୟ ଜୀବନକୁ ସମ ସ୍ତରରେ ସନ୍ତୁଳିତ କରି ଗଳ୍ପର ଧାରାକୁ ପ୍ରସାରିତ କରିଛନ୍ତି । ନିଛକ ବାସ୍ତବତାକୁ ନେଇ ତାଙ୍କ ଗଳ୍ପ ସଂସାର ଗଢି ଉଠିଛି । ଆଉ ସେହି କାରଣରୁ ତାଙ୍କର ଗଳ୍ପ ଜଗତ ବେଶ ସୁଦୃଢ ଓ ସମୃଦ୍ଧ । "ମାନବ ଧର୍ମିତା, ସଂସାରବାଦିତା, ଅନୁଭବ ଓ ଅଭିଜ୍ଞତା ଏବଂ ଜୀବନ୍ତ ପରିବେଶ ପ୍ରତି ଆନ୍ତରିକତା ତାଙ୍କ ଗଳ୍ପର ମୂଳ ପୁଞ୍ଜି ।" (ଓଡିଆ ସାହିତ୍ୟର ଇତିହାସ -ସୁରେନ୍ଦ୍ର ମହାରଣା -ପୃ -୭୩୩ ) । ମଣିଷ ଅନ୍ତରର କଥା କହିବା ବେଳେ ସେ ଅତ୍ୟନ୍ତ ଭାବପ୍ରବଣ ହୋଇଛନ୍ତି । ଜୀବନର ଅନୁଭୂତି ଓ ଅଭିଜ୍ଞତାକୁ ଏକାଠି କରି ଗୁନ୍ଥି ଦିଅନ୍ତି ନିଜ ଗଳ୍ପମାନଙ୍କ କଳେବର ଭିତରେ । ତାହାହିଁ ତାଙ୍କ ଗଳ୍ପକୁ କରେ ଜୀବନ୍ତ ଓ ହୃଦ୍ୟ । ସମାଜର ବିଭିନ୍ନ କ୍ଷେତ୍ରରୁ ସେ ସାଉଁଟି ଆଣନ୍ତି ଚରିତ୍ର ସବୁ । ଧନୀ ଗରିବ, କିଶୋର ଯୁବକ, ପ୍ରୌଢ ବୃଦ୍ଧ ପ୍ରତ୍ୟେକ ମଣିଷର ଚିତ୍ର ସେ ଆଙ୍କନ୍ତି ଲେଖନୀ ମୁନରେ ସଜୀବ କରି।

BINDU BIMARSHA...

'ଅଲଭ୍ୟବାଦ' ଇଂରାଜୀ ରୋମାଣ୍ଟିସିଜିମର ଆକ୍ଷରିକ ଓଡ଼ିଆ ପ୍ରତିଶବ୍ଦ ନହେଲେ ମଧ୍ୟ ଏହା ରୋମାଣ୍ଟିଜିମର ବ୍ୟାପକତାକୁ ଗ୍ରହଣ କରିବାକୁ ସମର୍ଥ । ଅଲଭ୍ୟ ଅର୍ଥ ଯାହା ଅପ୍ରାପ୍ତ । ସୁଦୂର ମୋହ, ରୂପର ଆକର୍ଷଣ, ଇନ୍ଦ୍ରିୟାତୀତ ଓ କଳ୍ପନାତୀତ ଏକ ସୂକ୍ଷ୍ମ ଜଗତର ପରିକଳ୍ପନା । ଦେହ ଭିତରୁ ଦେହାତୀତ ସୌନ୍ଦର୍ଯ୍ୟର ରୂପମୋଚନ । ପ୍ରାପ୍ତିରେ ଅପ୍ରାପ୍ତିର ଇସ୍ତାହାର । ରୋମାଣ୍ଟିକ ଚେତନାର ସଂକ୍ଷିପ୍ତ ଇତିହାସ, ସାହିତ୍ୟ ଯୁଗାନୁସାରୀ ଯୁଗ ପରିବର୍ତ୍ତନ ସଙ୍ଗେ ସଙ୍ଗେ ସାହିତ୍ୟର ବିଭିନ୍ନ ଅଙ୍ଗରେ ପରିବର୍ତ୍ତନର ସୂତ୍ରପାତ ହୋଇଥାଏ । ପୁନରାୟ ମାନବର ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ସଙ୍ଗେ ସଙ୍ଗେ ସାହିତ୍ୟର ମଧ୍ୟ ଗୋଟିଏ ଗୋଟିଏ ଆଦର୍ଶର ବିଶେଷ ପ୍ରବଣତା ପରିଲକ୍ଷିତ ହୋଇଥାଏ । ସେହିପରି ନୂତନ ରୁଚୀବୋଧ ଓ ସମାଜ ନୀତିର ପରିବର୍ତ୍ତନ ଯୋଗୁଁ ୟୁରୋପୀୟ ସାହିତ୍ୟରେ ଅଷ୍ଟାଦଶ ଶତାବ୍ଦୀରେ ଏକ ଆନ୍ଦୋଳନର ସୂତ୍ରପାତ ହୋଇଥିଲା ଏବଂ ସେହି ଆନ୍ଦୋଳନ ରୋମାଣ୍ଟିକ ସାହିତ୍ୟ ସୃଷ୍ଟି କରିବାକୁ ପ୍ରେରଣା ଦେଇଥିଲା ।

ପାଇବାର ଉତ୍କଣ୍ଠାରୁ ରୋମାଣ୍ଟିକର ଅଯୁଆରମ୍ଭ ।

cc BY NC

ସେହି ଉତ୍କଣ୍ଠା ମାନସିକ ସ୍ତରରେ ହେଉ କିମ୍ବା ଦୈହିକ ସ୍ତରରେ। କିନ୍ତୁ ମାନସିକ ସ୍ତରରେ ଯେଉଁ ଚେତନାର ଅଭିବୃଦ୍ଧି ଘଟିଥାଏ ତାହା ଡ. ସୁରେଶ ଛୋଟରାୟ ଗଳ୍ପରେ ଅଭିବ୍ୟଞ୍ଜିତ ହୋଇଛି । ପ୍ରେମର ଦୈହିକ ପରମ୍ପରାକୁ ପଛରେ ପକାଇ ମାନସିକ ସ୍ତରରେ ଆଗକୁ ଅଗ୍ରସର ହୋଇ ଜଣେ ବ୍ୟକ୍ତି ଦାୟିତ୍ୱବାନ ହେବା ସହିତ ନିସ୍ୱାର୍ଥପର ବ୍ୟକ୍ତିବାଦୀ ଏବଂ ଆବେଗାତ୍ମକ ହୋଇ ଅନ୍ୟ ପଥକୁ ସଂଚରିତ କରିଛି । ଏହି ସବୁ ଭାବନାକୁ ନେଇ ମାନସିକ ଚେତନାର ଗୋଟିଏ ପୃଷ୍ଠାକୁ ଓଲଟାଇ ଚାଲିଛନ୍ତି 'ପାପୁଲିଏ ଖୁସି' ଗଳ୍ପ ସଙ୍କଳନରେ ଥିବା ଗଳ୍ପ ଗୁଡ଼ିକ ।

ମଣିଷ ମନରେ ଆଶା ସୃଷ୍ଟି କରିବା ଏବଂ ବାହ୍ୟ ପ୍ରକୃତିକୁ ଅନ୍ତଃପ୍ରକୃତି ମଧ୍ୟରେ ରଖିବା ସ୍ରଷ୍ଟାର ମୌଳିକତା ମଧ୍ୟରେ ରହିଥାଏ । ବାହ୍ୟପ୍ରକୃତିର ବର୍ଣ୍ଣନା କେବଳ ଚରିତ୍ର ମାଧ୍ୟମରେ ସୀମାବଦ୍ଧ ଥିଲା, ବ୍ୟକ୍ତିଚେତନା ସହିତ ବାହ୍ୟଚେତନାର ଯେଉଁ ଅନାବିଳ ସମ୍ପର୍କ ତାହାକୁ ମଧ୍ୟ ପ୍ରତିଷ୍ଠା କରିବା ସ୍ରଷ୍ଟାର ମୌଳିକତାରେ ଥାଏ । ହୃଦୟ ଭିତରେ ଯେଉଁ ଭାବନା ଆସୁଛି ତା'ର ଅବିଚ୍ଛିନ୍ନ ପ୍ରକାଶ କରିବା ହିଁ ଅଲଭ୍ୟବାଦର ସୁଦୂର ପ୍ରସାର କରିବା । ଦୁଖ ଅପ୍ରମିତ' ଗଳ୍ପରେ 'ଅଞ୍ଜନା' ଚରିତ୍ର ମାଧ୍ୟମରେ ଏହା ସ୍ୱଷ୍ଟ ହୋଇଛି। ଭବିଷ୍ୟତରେ ଲୋଭ ପାଇଁ ବର୍ତ୍ତମାନକୁ ମୁଖ୍ୟ ପାହ୍ୟା ଭାବରେ ଗ୍ରହଣ କରାଯାଏ । ଅଞ୍ଜନା କଲେଜ ସମୟରେ ସନ୍ତୋଷକୁ ପ୍ରେମ ବିବାହ କରି ମଧ୍ୟ ନିରାଶାର ସ୍ରୋତରେ ଭାସମାନ ଅବସ୍ଥାରେ ଏଣେ ତେଣେ ବହୁ ଅବସ୍ଥାର ସମ୍ମୁଖୀନ ହୋଇଛି । "ପ୍ଲସଟୁ ପ୍ରଥମ ବର୍ଷ । ମଫସଲ ଗାଁ'ରୁ କଲେଜ ଯିବା ଆସିବା ବାଟରେ ଦିନେ ଦେଖା ହେଲା ସନ୍ତୋଷ ସହିତ । ସେଇ ପ୍ରଥମ ଦେଖାରେ ପ୍ରେମ । କିଛି ଦିନ ଲୁଚା ଛପା ପ୍ରେମ ପରେ ପାଠ ପଢାରେ ଡୋରୀ ବାନ୍ଧି ସମସ୍ତଙ୍କ ଅଗୋଚରରେ ଲୁଚି ବାହା ହୋଇପଡିଲୁ । ସନ୍ତୋଷଙ୍କର ସ୍ୱଚ୍ଛଳ ପରିବାର ସାମ୍ନାରେ ମୋ ପରି ଗୋଟେ ଦିନ ମଜୁରିଆର ଝିଅକୁ ସେମାନେ କେମିତି ଗ୍ରହଣ କରନ୍ତେ ?" (ପାପୁଲିଏ ଖୁସି ,ପୃଷ୍ଟା -୪୮ ) ସମାଜର ବ୍ୟଭିଚାରିତା ଓ ସ୍ୱାର୍ଥପରତାରେ ଅଞ୍ଜନା ନିଜକୁ ଦାୟିତ୍ୱବାନ ମା ହୋଇ ଦୁଇ ପୁଅର ଉଚ୍ଚତର ଭବିଷ୍ୟତ ହୋଇ ଛିଡା ହୋଇଛି । ପ୍ରେମ ତା'ପାଇଁ ଗୋଟିଏ ବାହ୍ୟ ବିଡମ୍ବନା ସଦୃଶ ଦଣ୍ଡାୟମାନ ହୋଇଛି ।

ରୋମାଣ୍ଟିକ କହିଲେ କଳ୍ପନାଯୁକ୍ତ କାବ୍ୟ, ଜନପ୍ରିୟ ପୁସ୍ତକ, କୋମଳ, ଶିଷ୍ଟ, ଭାବପ୍ରବଣ ଏବଂ ବିଷାଦକୁ ବୁଝାଏ। ଏହି ଭାବନାକୁ ଅଧିକ ସ୍ୱଷ୍ଟତର କରିଛି "ପାପୁଲିଏ ଖୁସି" ଗଳ୍ପର ଶଶାଙ୍କ ଚରିତ୍ର । ଶଶାଙ୍କ ବାଲ୍ୟବସ୍ଥା ଓ ଯୌବନାବସ୍ଥାରେ ଗ୍ରାମର ବ୍ରାହ୍ମଣ ଝିଅକୁ ଭାରତୀକୁ ଭଲପାଇଛି । "ତୁମ ବାଟକୁ ଚାହିଁ ବସିଛି ଶଶାଙ୍କ ଭାଇ । ତୁମକୁ ନ ପାଇଲେ ବଞ୍ଚିପାରିବିନି । ଘରେ ଯଦି ବାଧ୍ୟ କରନ୍ତି, ଜୀବନ ହାରିଦେବି ସିନା, ତୁମ ଛଡା ମୁଁ ଆଉ କାହାର ହୋଇପାରିବିନି । କିଛି ନ ହେଲେ ସାରା ଜୀବନ ଏମିତି ତୁମକୁ ଚାହିଁ କୁଆଁରୀ ରହିଯିବି ବରଂ ସେଥିପାଇଁ ଦୁଃଖ ନାହିଁ ।" (ପାପୁଲିଏ ଖୁସି -ପୃଷ୍ଟା -୧୩ ) ସମୟ କ୍ରମେ ସୁମିତ୍ରା ମଧ୍ୟ ଶଶାଙ୍କ ଜୀବନରେ ପ୍ରେମର ସ୍ରୋତ ଆଗକୁ ବଢାଇଛି । ସେମାନଙ୍କ ମତରେ ପ୍ରେମ ଏକ କାଳ୍ପନିକ ବସ୍ତୁ, ଗୋଟିଏ ଭାବପ୍ରବଣ ମାତ୍ର ଯାହା ଜଣେ ଜଣଙ୍କଠୁ ଦୂରେଇ ଗଲେ ତା'ର ଅନ୍ତ ହୋଇଥାଏ । ଯାହା ଫଳରେ ସୁମିତ୍ରା ଏବଂ ଭାରତୀ ଦୁହେଁ ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି । ଶଶାଙ୍କ ନିଜର ଦାୟିତ୍ୱ ନେଇ ସହରକୁ ଯାଏ ଏବଂ ଜଣେ ଦାୟିତ୍ୱବାନ, ନୀତିନିଷ୍ଠ ବ୍ୟକ୍ତିବାଦୀ, ଯୁକ୍ତିନିଷ୍ଠ ମଣିଷ ହୋଇ ଶୋଷକ ଶ୍ରେଣୀ ଲୋକଙ୍କ ଠାରୁ ଗ୍ରାମର ଦାଦନ ଗୋଷ୍ଠୀକୁ ରକ୍ଷା କରେ । ପ୍ରେମର ପ୍ରାରମ୍ଭିକ ଅବସ୍ଥାରୁ ଅଗ୍ରସର ହୋଇ ଶୀର୍ଷ ସ୍ଥାନରେ ପହଞ୍ଚେ । ନିଜର ମା, ସମ୍ପର୍କୀୟ ଆତ୍ମସୋଦରଙ୍କ ପାଇଁ ନିଜର ଭାବପ୍ରବଣତାକୁ ପ୍ରକାଶ ନ କରି ନିଜକୁ ଦୃଢଯୁକ୍ତିବାଦୀ, ନୀତିସମ୍ପନ ସ୍ୱଷ୍ଟ ପ୍ରତୀତ ଭାବରେ ପ୍ରକାଶ କରିଛି ଶଶାଙ୍କ । ପ୍ରେମର ପରିବର୍ତ୍ତିତ ଲକ୍ଷଣକୁ ସେ ସ୍ୱଇଚ୍ଛାରେ ନିଜ ମନରେ ସ୍ଥାନ ଦେଇଛି । ପ୍ରେମର ପ୍ରସାରିତ ରୂପକୁ ନିଜର ମାତୃଭୂମିର ଉନ୍ନତି ପାଇଁ ଶ୍ରଦ୍ଧାର ସହ ଅର୍ପଣ କରିଛି ।

ଐତିହାସିକ ବୀରଗାଥାକୁ ନୂତନ ଭଙ୍ଗୀରେ ପ୍ରକାଶ କରିଥାଏ ଅଲଭ୍ୟବାଦ । ଏହି ଦୃଷ୍ଟିଭଙ୍ଗୀକୁ ନେଇ ରଚିତ "ଚଟି ଗାଁ" ଗଳ୍ପର ଚରିତ୍ର ସପନ ହାଲଦାର । ଚିଲିକାର ଚଢେଇହଗା ପର୍ବତରେ ରିଫ୍ୟୁଜି ଦଳର ଅତ୍ୟାଚାର, ଶୋଷକ ଗୋଷ୍ଠୀର ଶୋଷଣ ତତ୍ସହିତ ସପନ ହାଲଦାର ପତ୍ରାଳି ସହିତ ପ୍ରେମ । ସପନର ପତ୍ରାଳି ସହିତ ବିବାହ ହୋଇଛି ସତ ମାତ୍ର ବିବାହ ପରଦିନ ରିଫ୍ୟୁଜି ମାନଙ୍କ ଦ୍ୱାରା ଅନ୍ତଃଶୋଷିତ ହୋଇ ପତ୍ରାଳି ଆତ୍ମହତ୍ୟା କରିଛି । ସପନର ମର୍ମଭେଦୀରେ ଯେଉଁ ଶୂନ୍ୟ ସ୍ଥାନ ତାହା ଚିଲିକାର ରିଫ୍ୟୁଜି ପାଇଁ ସୃଷ୍ଟି ହୋଇଛି । କାମନା ବାସନାର ଜ୍ୱାଳାରେ ସପନ ଅନ୍ତଃଭେଦି ସତ୍ତାକୁ ଆତ୍ମଗୋପନ କରି ରଖିଛି ଅନ୍ୟମାନଙ୍କ ଠାରେ । କିନ୍ତୁ ପତ୍ରାଳିକୁ ନେଇ ତା'ମନରେ ଯେଉଁ ଭଲପାଇବା ତାହା ଚିରଜୀବନ୍ତ ହୋଇରହିଛି ।" ପତ୍ରାଳିକୁ ମୁଁ ବହୁତ ଭଲପାଉଥିଲି । ଆମ ଦୁହିଙ୍କ ପ୍ରେମ, ଭଲପାଇବା ଅନେକ ବର୍ଷ ଧରି ଆମ ଦେଶଠୁଁ ଏଠି ରିଫ୍ୟୁଜି ହେଲା ପର୍ଯ୍ୟନ୍ତ କେହି କାହାକୁ ଛାଡି ରହିପାରିନୁ । ଯେକୌଣସି ଉପାୟରେ ଆମ ଭଲପାଇବାକୁ ଜୀବିତ ରଖି ଶେଷରେ ଏଇଠି ଆମର ଶୁଭ ପରିଣୟ ଅନୁଷ୍ଟିତ ହୋଇଥିଲା ।" ( ପାପୁଲିଏ ଖୁସି -ପୃଷ୍ଠା – ୫୦ )

ଦୈହିକ କାମନା ବାସନାରେ ଜର୍ଜରିତ ହୋଇଛି "ଅକ୍ଟୋପସ୍ " ଗଳ୍ପର ଯଯାତି ଓ ସୁନନ୍ଦା । ପ୍ରେମର ଅପରିବ୍ୟାପ୍ତ ସୀମାରେଖାଠାରୁ ବହୁ ଦୂରରେ ରହି ନିଜକୁ ନିଷ୍କେସିତ କରିବାରେ ଲାଗିଛନ୍ତି ଦୁହେଁ । ଯଯାତି ଓ ସୁନନ୍ଦା ଦୁହେଁ ସ୍ୱାମୀ ସ୍ତ୍ରୀ ହୋଇ ମଧ୍ୟ ପ୍ରେମ ଅକଥନୀୟ ଯନ୍ତ୍ରଣାରେ ଜଡ଼ିବୁଦ୍ଧି ଶେଷକୁ ନିସଙ୍ଗତାକୁ ଆପଣେଇଛି । କୁମାର ପୂର୍ଣ୍ଣିମା ରାତିରେ ମାର୍ବଲର ଜହ୍ନକୁ ଦେଖି ସୁନନ୍ଦା ଯନ୍ତ୍ରଣାରେ ଛଟପଟ ହେଉଥିବା ସ୍ଥଳେ, ଯଯାତି ଅନ୍ୟର ସୁଖ ସମୁଦ୍ରରେ ପହଁରିବାରେ ଲାଗିଛି । ମାନସିକ ଯନ୍ତ୍ରଣାର ଉପଶମ ପାଇଁ ଯଯାତି ଚାକିରିକୁ ପରିତ୍ୟାଗ କରି ସୁନନ୍ଦା ସହିତ ବହୁଦୂରକୁ ଅତିକ୍ରମ କରିଛି । ଶେଷରେ ନିସଙ୍ଗତାବୋଧକୁ ନେଇ ଜୀବନଚର୍ଯ୍ୟା କରିଛନ୍ତି । "ସୁନନ୍ଦା ଭାବୁଛି ବୁଢାବର ମିଳିଥିଲେ କ୍ଷତି କ'ଣ ହୋଇଥାନ୍ତା ? କେଉଁ ସୁଖ ସମୁଦ୍ରରେ ଏବେ ଭାସୁଛି କି ? ଯଯାତି କବାଟରେ ଠକ ଠକ କରିବା ଜାଣି ସୁନନ୍ଦା ଆଗ୍ରହରେ ଧାଇଁ ଗଲା କବାଟ ଖୋଲିବାକୁ । ସବୁ ଦିନପରି ଯଯାତି ଆଜି ବି ଆସୁ ଆସୁ ବିଛଣା ଧରିଲା । ଏବଂ କହିଲା -ସୁନନ୍ଦା ତୁମେ ଖାଇନିଅ ମୁଁ ଖାଇଛି ।" (ପାପୁଲିଏ ଖୁସି -ପୃଷ୍ଠା -୧୯ )

ଆଧୁନିକ ଶୈଳୀରେ ଜୀଇଁବାକୁ ଆରମ୍ଭ କରି ଆଧୁନିକ ପଦ୍ଧତିକୁ ନିଜର କରିବାରେ ଲାଗିଛି ଏଇ ସମାଜ । ସମାଜରେ

ପ୍ରତ୍ୟେକ ବସ୍ତୁର ସଂଜ୍ଞାକୁ ବଦଳାଇ ଆଧୁନିକ ସଂଜ୍ଞାକୁ ଅସୁସରଣ କରିବାରେ ଲାଗିଛି । ପ୍ରେମର ମଧ୍ୟ ସଂଜ୍ଞା ବଦଳିଯାଇଛି । ମାନସିକ ସ୍ତରରେ ହେଉଥିବା ପ୍ରେମଠାରୁ ବହୁଦୂରରେ ରହି ଦୈହିକ ପ୍ରେମକୁ ଅଧିକ ଗୁରୁତ୍ୱ ଦେଇଛି, ଯାହାର ପରିଣାମ ସ୍ୱରୂପ "ଆଲୁଅର ଆରପାଖ "ଗଳ୍ପରେ ଦୃଷ୍ଟିଗୋଚର ହୋଇଛି ରୋହିତ ନାଗେଶଙ୍କ ଚରିତ୍ରରେ । ୬୦ ବର୍ଷୀୟା ବୃଦ୍ଧ ସେ । ବୃତ୍ତିରେ ଜଣେ ଶିକ୍ଷକ। ମାତ୍ର ପ୍ରେମର ଉର୍ଦ୍ଧ୍ୱରେ ରହି ଜଣେ ଛାତ୍ରୀ ପ୍ରତି ଆଶାତୀତ ଭାବରେ ଅଗ୍ରସର ହୋଇଛନ୍ତି । ବୟସର ତାରତମ୍ୟ ପ୍ରେମ କ୍ଷେତ୍ରରେ ତାତ୍ସଲ୍ୟବୋଧ ମନେକରିଛନ୍ତି । ଏଗାର ବାର ବର୍ଷର ଛାତ୍ରୀ ପ୍ରତି ତାଙ୍କର ପ୍ରେମଭାବ । ପରବର୍ତ୍ତୀ ସମୟରେ ଗର୍ଭବତୀ ହୋଇଛି ଛାତ୍ରୀଜଣକ । " ବାବୁ, ତା ପେଟ ସଫା କରିଦେ । ବିଚାରୀ ବଞ୍ଚିଯାଉ । ଗରିବ ପିଲାଟା ବାବୁ । ସାତ କିଲାସରେ ପାଠ ପଢୁଛି ।" (ପାପୁଲିଏ ଖୁସି -ପୃଷ୍ଠା -୩୭ )

ରୋମାଣ୍ଟିକ ଅନୁଭବ କେବଳ ପ୍ରେମ ଓ ପ୍ରଣୟାଶକ୍ତିକୁ ବୁଝାଏ ନାହିଁ । ପ୍ରେମବୋଧ ରୋମାଣ୍ଟିକ ଚେତନାର ଅଂଶବିଶେଷ ସାମଗ୍ରିକ ନୁହେଁ । ଜଣେ ରୋମାଣ୍ଟିକ ପ୍ରବଣ ପୁରୁଷ /ବ୍ୟକ୍ତି ସଚୋଟ, ସ୍ୱାଭିମାନୀ ଓ ସ୍ୱର୍ଦ୍ଧିତ ବ୍ୟକ୍ତିତ୍ୱର ଅଧିକାରୀ /ଅଲଭ୍ୟବାଦ / ରୋମାଣ୍ଟିସିଜିମ ବ୍ୟକ୍ତି ଚେତନାକୁ ରୂପାନ୍ତରିତ କରେ । ଶକ୍ତି, ସାମର୍ଥ୍ୟ ଓ ସୌନ୍ଦର୍ଯ୍ୟର ବିସ୍ତାର କରେ । ଜୀବନକୁ ମୂଲ୍ୟଯୁକ୍ତ କରେ। ପ୍ରେମରେ ଅର୍ଥ ଏକ ନୂତନ ଜୀବନର ଅନ୍ୱେଷଣ । ବଞ୍ଚିବାର ବିକଳ୍ପ ସନ୍ଧାନ । ରୋମାଣ୍ଟିକ ଚେତନା ଏହି ଯୁକ୍ତାତ୍ମକ ଚେତନାକୁ କ୍ରିୟାଶୀଳ କରାଏ ।

**ସହାୟକ ଗ୍ରନ୍ଥସୂଚୀ**


୧. ଛୋଟରାୟ, ସୁରେଶ। ପାପୁଲିଏ ଖୁସି. ପଶ୍ଚିମା ପବ୍ଲିକେଶନ, ନୟାପଲ୍ଲୀ, ଭୁବନେଶ୍ୱର।

୨. ପ୍ରଧାନ, କୃଷ୍ଣଚନ୍ଦ୍ର। ପାଶ୍ଚାତ୍ୟ ସାହିତ୍ୟ ଓ ସମୀକ୍ଷା ତତ୍ତ୍ୱ. ପ୍ରାଚୀ ସାହିତ୍ୟ ଅନୁଷ୍ଠାନ, ବିନୋଦ ବିହାରୀ, କଟକ।

୩. ସ୍ୱାଇଁ, ଦିଲୀପ କୁମାର। ପ୍ରାଚ୍ୟ-ପାଶ୍ଚାତ୍ୟ ଓ ପ୍ରାଦେଶିକ ସାହିତ୍ୟ ତତ୍ତ୍ୱ. ବିଜୟିନୀ ପବ୍ଲିକେଶନ, କଟକ।

୪. ମହାରଣା, ସୁରେନ୍ଦ୍ର। ଓଡ଼ିଆ ସାହିତ୍ୟର ଇତିହାସ. ଓଡ଼ିଶା ବୁକ ଷ୍ଟୋର, ବିନୋଦ ବିହାରୀ, କଟକ।


BINDU BIMARSHA...


| FIELD | DETAILS | PLAGIARISM QR |
|---|---|---|
| FUNDING STATEMENT | This research received no external funding | |
| CONFLICT OF INTEREST | No | |
| PLAGIARISM TEST | Yes (Drillbit) | |
| SIMILARITY INDEX | 0 % | |
| ETHICAL APPROVAL | Not applicable | |
| CITE: | Mohanty, Manashree. "Alabhyabad O Papulie Khusi." *Bindu Bimarsha*, vol. 2, no. 2, Apr. 2026, pp. 28–30. Crossref, https://doi.org/10.64647/bb.vol.2.issue.2.2026.5. | |


cc BY NC

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା ॥ ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II ॥ APRIL—JUNE 2026

# ଓଡ଼ିଆ ମନସ୍ତାତ୍ତ୍ୱିକ ଉପନ୍ୟାସ ଓ ପଦ୍ମଜ ପାଳ

ଆରତୀ ନାୟକ

**ଗବେଷିକା, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ, ବାରିପଦା**

**Date Of Submission:** 11–02-2026 **Date Of Publication:** 14-04-2026

**ABSTRACT ॥ ସଂକ୍ଷିପ୍ତ ସାର**

ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ସାହିତ୍ୟ ରାଜ୍ୟରେ ମୁଖ୍ୟତଃ ତିନୋଟି ଚେତନା ଶକ୍ତିଶାଳୀ ହୋଇ ଉଠିଲା। ଗୋଟିଏ ହେଉଛି ବିବର୍ତ୍ତନବାଦ, ଦ୍ୱିତୀୟଟି ହେଉଛି କାର୍ଲମାର୍କସଙ୍କ ସାମ୍ୟବାଦ ଏବଂ ତୃତୀୟଟି ଫ୍ରଏଡଙ୍କ ମନସ୍ତତ୍ତ୍ୱବାଦ। ସାହିତ୍ୟ ସମାଜର ଦର୍ପଣ ସଦୃଶ ହୋଇଥିବାରୁ ଏହି ତିନୋଟି ଚେତନା ସାହିତ୍ୟିକଙ୍କ ମନୋରାଜ୍ୟରେ ନୂତନ ଚିନ୍ତା ଓ ଭାବନାର ଉଦ୍ରେକ କରିଥିଲା। ଫଳରେ ସାହିତ୍ୟର ବିଭିନ୍ନ ବିଭାଗର ଆତ୍ମିକ ରାଜ୍ୟରେ ଆସିଥିଲା ଅଭୂତପୂର୍ବ ପରିବର୍ତ୍ତନ। ସାହିତ୍ୟର ଅନ୍ୟାନ୍ୟ ବିଭାଗ ପରି ଉପନ୍ୟାସ ମଧ୍ୟ ଏକ ସମୃଦ୍ଧ ବିଭାଗ। ଏହା ମାନବ ଜୀବନର ଅସହାୟତାରୁ ସୃଷ୍ଟି। କାରଣ ଏହାର ପରିସର ବୃହତ୍ ହେଇଥିବାରୁ ମଣିଷର ଅସହାୟତା ଓ ତା'ର ପ୍ରତିଟି ସ୍ତରକୁ ବ୍ୟକ୍ତ କରିବା ପାଇଁ ଏକ ସହଜ ମାଧ୍ୟମ ଅଟେ। ଔପନ୍ୟାସିକ ପଦ୍ମଜ ପାଳ ଜୀବନରେ ପ୍ରତିନିୟତ ଘଟି ଯାଉଥିବା ଘଟଣାବଳୀକୁ ଅତି ପାଖରୁ ତନ୍ନତନ୍ନ କରି ପରଖି ତାଙ୍କ ଉପନ୍ୟାସରେ ରୂପ ଦେଇଛନ୍ତି। ସାମାଜିକ କୁସଂସ୍କାର, ବାର୍ଦ୍ଧକ୍ୟର ଅସହାୟତା, ରାଜନୀତିକ କପଟତା, ମନସ୍ତାତ୍ତ୍ୱିକ ବିଶ୍ଳେଷଣ ଆଦି ସମସ୍ତ ଘଟଣା ଭିତରେ ପାଠକ ନିଜକୁ ଖୋଜି ପାଇବା ଏବଂ ନିଜର ଦୁଃଖ ସମୟରେ ଧର୍ଯ୍ୟଧରି ରହିବାର ଉପାଦାନକୁ ଉପସ୍ଥାପନା କରିବା ହେଉଛି ଔପନ୍ୟାସିକଙ୍କର ଉଦ୍ଦେଶ୍ୟ। ଏଠାରେ ଔପନ୍ୟାସିକଙ୍କର ମନସ୍ତତ୍ତ୍ୱ ଭାବାବେଗ ବହନ କରୁଥିବା ଉପନ୍ୟାସ ଗୁଡ଼ିକ ଆଲୋଚନାର ବିଷୟ।

**ARTICLE NUMBER:** BB-II-II-2026-06

**ORC ID:** 0009-0001-7058-5230

**DOI:** 10.64647/bb.vol.2.issue.2.2026.6

**E-MAIL:** 97arati.nayak@gmail.com

**REVIEW STATUS:** Double-Blind Peer Reviewed

**LANGUAGE OF THE ARTICLE:** Odia

**TYPE OF ARTICLE:** Analytical Article

**ପ୍ରମୁଖ ଶବ୍ଦାବଳୀ :**

ପଦ୍ମଜ ପାଳ, ମନସ୍ତତ୍ତ୍ୱ, ବିବର୍ତ୍ତନ, ଆବେଗ, ଉତ୍କଣ୍ଠା, ବିପର୍ଯ୍ୟୟ, ଅସହାୟ, ତୀକ୍ଷ୍ଣ, ରାଜନୀତି, ଅନୁତାପ।

BINDU BIMARSHA...

ଡାରଉଇନ୍ ଙ୍କ ବିବର୍ତ୍ତନବାଦ ଫଳରେ ମନୁଷ୍ୟ ମନରେ ଈଶ୍ୱରଙ୍କ ପ୍ରତି ଯେଉଁ ବିଶ୍ୱାସ ଥିଲା ସେହି ବିଶ୍ୱାସରେ ପ୍ରଚଣ୍ଡ ଧକା ଲାଗିଲା । ମନୁଷ୍ୟ ନିଜକୁ ଈଶ୍ୱରଙ୍କ ସନ୍ତାନ ବା ଶ୍ରେଷ୍ଠ ଜୀବ ବୋଲି ମନେ କରୁଥିବା ବେଳେ ସେ ଜାଣିବାକୁ ପାଇଲା ଯେ ପଶୁର ବିବର୍ତ୍ତନରୁ ହିଁ ଆଜି ତା'ର ସୃଷ୍ଟି । ତା'ର ବଂଶଧର ଥିଲେ ପଶୁ। ଫଳରେ ସେ ଈଶ୍ୱରଠାରୁ ଦୂରେଇ ଗଲା ଓ ଈଶ୍ୱରଙ୍କ ପ୍ରତି ବିଶ୍ୱାସ ରହିଲା ନାହିଁ । ଯେଉଁ ଭାବନାଟି ଆଧୁନିକ ସାହିତ୍ୟର ଚିନ୍ତା ରାଜ୍ୟରେ ଅତ୍ୟଧିକ ପରିମାଣରେ ପ୍ରଭାବ ପକାଇଲା ତାହା ହେଉଛି ଫ୍ରଏଡଙ୍କ ମନୋସମୀକ୍ଷା ତତ୍ତ୍ୱ। ଫ୍ରଏଡ୍ ବ୍ୟକ୍ତିତ୍ୱର ମନକୁ ତିନି ଭାଗରେ ବିଭକ୍ତ କରିଛନ୍ତି – ଯଥା – ଚେତନ, ଅଚେତନ, ଅବଚେତନ। ଫ୍ରଏଡ ତାଙ୍କର 'Interpretation of Dreams' ରେ କହିଛନ୍ତି – "ମଣିଷ ବାହାରକୁ ଯେତିକି ପ୍ରକାଶ କରେ, ତା' ଅପେକ୍ଷା ଅଧିକ ଯେ ଅବଦମିତ ଅବସ୍ଥାରେ ତା'ର ଅବଚେତନ ଓ ଅଚେତନ ସ୍ତରରେ ରହିଛି। ଆମର ଚେତନ ମନ ହେଉଛି ଭାସମାନ ବରଫ ଖଣ୍ଡ ପରି ମାତ୍ର ଏକ ଦଶମାଂଶ। ଅନ୍ୟ ନବଦଶମାଂଶ ହେଉଛି ଅବଚେତନ ଓ ଅଚେତନ ମନ, ଯାହା ପ୍ରଚ୍ଛନ୍ନ ଭାବରେ ରହିଛି।( ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ - ବାଉରୀବନ୍ଧୁ କର - ପୃଷ୍ଠା - ୪୫-୪୬)

ସ୍ୱାଧୀନତା ପରବର୍ତ୍ତୀ ସମୟରେ ମଣିଷର ଅଧିକରୁ ଅଧିକ ଅସହାୟ ଜନିତ ମାନସିକ ସ୍ଥିତି ଓ ଜୀବନ ବଞ୍ଚିବାର ଜଟିଳତା ବୃଦ୍ଧି ପାଇବାକୁ ଲାଗିଲା। ଧିରେ ଧିରେ ଯୌଥ ପରିବାର ଏକକ ପରିବାରରେ ପରିଣତ ହେଲା। ଜେଜେବାପା, ଜେଜେମାଆ, ବାପା, ମା, ଅଜା, ଆଇମାନଙ୍କଠାରୁ ନାତି ନାତୁଣୀ, ପିଲାପିଲି ମାନେ ଦୂରେଇ ଗଲେ। ସେତେବେଳେ ମନର ସୁଖ-ଦୁଃଖ, ପ୍ରୀତି-ପ୍ରତ୍ୟୟ, ହସ-କାନ୍ଦ, ଇଚ୍ଛା, ଆକାଂକ୍ଷା, ଆବେଗ, ଉତ୍କଣ୍ଠା ଆଦି ମନ ଭିତରେ ଘାଣ୍ଟି ଗୋଳେଇ ହେଲା। ଯାହାଫଳରେ ସେହି ଭାବନା ବିଭିନ୍ନ ଲେଖା ମାଧ୍ୟମରେ ପ୍ରକାଶିତ ହୋଇ ପାରିଲା। ଉପନ୍ୟାସ କ୍ଷେତ୍ରରେ ତାକୁ ମନସ୍ତାତ୍ତ୍ୱିକ ଉପନ୍ୟାସ ବୋଲି କୁହାଗଲା।

ଓଡ଼ିଆ ଉପନ୍ୟାସ ସାହିତ୍ୟ ଜଗତରେ ବୈଷ୍ଣବ ଚରଣ

ସାମଲଙ୍କ "ମନେ ମନେ"(୨୦୨୬) ଉପନ୍ୟାସକୁ ପ୍ରଥମ ମନସ୍ତାତ୍ତ୍ୱିକ ଉପନ୍ୟାସ ଭାବେ ଗ୍ରହଣ କରାଯାଏ। ଏହାପରେ ଉପେନ୍ଦ୍ର କିଶୋର ଦାସଙ୍କ "ମଲାଜହ୍ନ", ଅନନ୍ତ ପଣ୍ଡାଙ୍କ "ମନର ଭୂତ", କୃଷ୍ଣ ପ୍ରସାଦ ମିଶ୍ରଙ୍କ "ମୃଗତୃଷ୍ଣା", ବିଭୂତି ପଟ୍ଟନାୟକଙ୍କ "କେଶବତୀ କନ୍ୟା", ଚନ୍ଦ୍ର ଶେଖର ରଥଙ୍କର "ଅସୂର୍ଯ୍ୟ ଉପନିବେଶ" ଆଦି ମନସ୍ତାତ୍ତ୍ୱିକ ଉପନ୍ୟାସ ଭାବେ ପରିଚୟ ଲାଭ କରିଛି। ପଦ୍ମଜ ପାଲ ମଧ୍ୟ ତାଙ୍କ ଅନେକ ଉପନ୍ୟାସରେ ମଣିଷର ସଂଗୁପ୍ତ ଭାବନାର ଜଟିଳତାକୁ ପ୍ରକାଶ କରିଛନ୍ତି।

ବିଂଶ ଶତକର ଶେଷ ବେଳକୁ ଔପନ୍ୟାସିକ ପଦ୍ମଜ ପାଲ ତାଙ୍କ ଲେଖନୀ ଚାଳନା କରି ଓଡ଼ିଆ ସାହିତ୍ୟରେ ବେଶ୍ ପରିଚିତ ଲାଭ କରି ସାରିଥିଲେ। ଆଜି ପର୍ଯ୍ୟନ୍ତ ସେ ଗୋଟିଏ ପରେ ଗୋଟିଏ ଗଳ୍ପ ଉପନ୍ୟାସ ସୃଷ୍ଟି କରି ପାଠକ ମାନଙ୍କୁ ଉପହାର ସଦୃଶ ଦାନ କରି ଆସୁଛନ୍ତି। ମଣିଷର ସଙ୍ଗୁପ୍ତ ଭାବାବେଗର ଜଟିଳତାକୁ ସେ ଅନେକ ପାଖରୁ ପରଖିଛନ୍ତି ଏବଂ ତାଙ୍କ ଉପନ୍ୟାସରେ ବିଭିନ୍ନ ପ୍ରସଙ୍ଗରେ ବିଶ୍ଳେଷଣ ମଧ୍ୟ କରିଛନ୍ତି।

ପଦ୍ମଜ ପାଲ ୧୯୪୬ ମସିହା ନଭେମ୍ବର ମାସ ଚାରି ତାରିଖରେ ଜଗସିଂହପୁର ଜିଲ୍ଲାର କାଦୁଅପଡ଼ା ଅନ୍ତର୍ଗତ କୁସିଙ୍ଗା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଯେ କୌଣସି କବି ବା ଲେଖକ ହେଉଛନ୍ତି ନିଜ ସମୟର ସାକ୍ଷୀ। ନିଜ ସମୟର ଭଲମନ୍ଦ, ହାନି-ଲାଭ, ସୁଖ-ଦୁଃଖକୁ ନିଷ୍ଠାପର ଭାବେ ବୟାନ କଲେ ସେ ଜଣେ ଭଲ ଲେଖକ ହୋଇପାରନ୍ତି।କହିବାକୁ ଗଲେ " ଯେଉଁ ସମୟରେ ଓଡ଼ିଆ ସାହିତ୍ୟ ବିଭିନ୍ନ ଦର୍ଶନ ଓ ପରୀକ୍ଷା ନିରୀକ୍ଷାକୁ ନେଇ ଭାରାକ୍ରାନ୍ତ ହେଉଥିଲା, ଠିକ୍ ସେହି ସମୟରେ ଯେଉଁ କେତେଜଣ କଥାଶିଳ୍ପୀ ଖାଣ୍ଟି ଓଡ଼ିଆ କାହାଣୀର ସନ୍ଧାନ କରୁଥିଲେ ଓ ଧୂଳିମାଟିର ଓଡ଼ିଶା ଏବଂ ଓଡ଼ିଆଙ୍କ ସୁଖଦୁଃଖକୁ ନେଇ ସାଧାରଣ ଓଡ଼ିଆ ଭୋଗୁଥିବା କଷ୍ଟ ଓ ସ୍ୱରକୁ ନେଇ କାହାଣୀ ଓ ଉପନ୍ୟାସ ନିର୍ମାଣ କରୁଥିଲେ ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ପଦ୍ମଜ ପାଳ।" ( ନିଜକୁ ଖୋଜିବା ବେଳେ (ଗଳ୍ପ) – ପଦ୍ମଜ ପାଳ ଆଧୁନିକ ଓଡ଼ିଆ କଥା ସାହିତ୍ୟର ଅନ୍ୟତମ ଦିଗବାରେଣି)

ଔପନ୍ୟାସିକ ପଦ୍ମଜ ପାଳ ବର୍ତ୍ତମାନ ପର୍ଯ୍ୟନ୍ତ ସମୁଦାୟ ଏକୋଇଶି ଗୋଟି ଉପନ୍ୟାସ ରଚନା କରି ପାଠକ ମାନଙ୍କ ନିକଟରେ ବେଶ୍ ଆଦୃତ ଲାଭ କରିଛନ୍ତି।ତାଙ୍କ ଉପନ୍ୟାସ ଗୁଡ଼ିକ ହେଲା – ୧. ଦୁର୍ଗ ପତନର ବେଳ(୧୯୮୮), ୨. ଆମ ସମୟର ଦୁଃଖ(୧୯୮୯), ୩. ଯିବୁ କି ଥିବୁ(୧୯୯୪), ୪. ପାପ ପରି ନିଜର(୧୯୯୫), ୫. ଗଣ୍ଡଭୈରବ (୧୯୯୮), ୬. ଓୟେ ପୁଅ ମା(୨୦୦୨), ୭. ପଣ୍ଟୁରଙ୍ଗୀ ନିବାସ (୨୦୦୪),୮. ମାମୁଁଘର ଚଉଁରୀ(୨୦୦୬), ୯. ଆକ୍ରାନ୍ତ୩/୪(୨୦୦୭), ୧୦. ଜରା ନିବାସ(୨୦୦୮), ୧୧. ଗହ୍ୱର(୨୦୧୧), ୧୨. ଗାନ୍ଧୀ ଛକରୁ ଟିକିଏ ଆଗକୁ(୨୦୧୨),୧୩. ହାଏ ମୁନି ! କେମିତି ଅଛ, ୧୪. ପ୍ରତିସ୍ପର୍ଦ୍ଧା (୨୦୧୬), ୧୫. ଛାଇ ଲେଉଟାଣି( ୨୦୧୮), ୧୬. ମୁହୂର୍ତ୍ତେ ମାତ୍ର (୨୦୧୮), ୧୭. ଯାତ୍ରା ଡଟ୍ କମ୍ (୨୦୧୯), ୧୮. ଅପ ଦେବତା(୨୦୨୦), ୧୯. ବି. ରାଙ୍କତ ରିପୋର୍ଟ(୨୦୨୨), ୨୦. ସୀତା ମୁଁ ସୀତା(୨୦୨୩), ୨୧. ଗଜପତି କପିଳେନ୍ଦ୍ର ଦେବ(୨୦୨୫)। ଔପନ୍ୟାସିକ ଏହି ସବୁ ଉପନ୍ୟାସରେ ଜୀବନର କଥା ପ୍ରକାଶିତ କଲାବେଳେ ଅଚେତନ ଓ ଅବଚେତନ ମନର ରହସ୍ୟକୁ ଏଡ଼ାଇ ଦେଇ ନାହାନ୍ତି।କାରଣ ଜଣେ ଜୀବନବାଦୀ ସାହିତ୍ୟିକ ମଣିଷର ଜଟିଳମୟ ଜୀବନ ଓ ତା'ର ଅସହାୟ ଜନିତ କ୍ରିୟା କଳାପକୁ ଅନ୍ତରେ ଅନ୍ତରେ ଅନୁଭବ କରିପାରେ।

ମଣିଷ ମନର ଯେତେବେଳେ ବିପର୍ଯ୍ୟୟ ଘଟେ ତା'ର ମନ ସେତେବେଳେ ସନ୍ତୁଳିତ ହେବାକୁ ଲାଗେ। 'ଛାଇଲେଉଟାଣି' ଉପନ୍ୟାସରେ କାଜଲରେ ର ବିବାହ ସମୟ ଅତିକ୍ରାନ୍ତ ପରେ ସେ ଅନୁଭବ କରିଛି ଯେ ଜୀବନଟା କେତେ ଦୁଃଖଦାୟକ। ବିବାହ ନ କରି ସେ ଯେମିତି ବଡ଼ ଭୁଲ୍ କରି ପକାଇଛି। ବର୍ତ୍ତମାନ ତା' ଠାରୁ ବଳି ଆଉ କେହି ଦୁଃଖୀ ଓ ଅସହାୟ ନାରୀ ଏ ସଂସାରରେ ନାହାନ୍ତି। ମନେ ମନେ ଭାବିଛି କାହା ଉପରେ ସେ ବୋଝ ହେଇ ନିଜର ମନ ବହଲେଇ ଦେବ ବୋଲି। ହେଲେ ସବୁଠାରେ ସେ ବିଫଳ। ମନରେ ଚିନ୍ତା କରିଛି – "ସମୁଦ୍ରକୁ ଦେଖି କହିବ – ମୁଁ ତୋ ଠାରୁ ଆହୁରି ଆନ୍ଦୋଳିତ, ଆହୁରି ବିକ୍ଷୁବ୍ଧ। ଜଗନ୍ନାଥଙ୍କୁ କହିବ ତୋରି ଭଳି ମୁଁ ଅସହାୟ। ଦେଖ ସବୁ ମୋର ଅଛି କିନ୍ତୁ ତୋ ଭଳି ମୁଁ ସବୁ ଦେଖିବି, ଶୁଣିବି ହେଲେ ପଦେ କିଛି କାହାକୁ କହି ପାରିବି ନାହିଁ କି କରି ପାରିବି ନାହିଁ। ଏଠିକି ନ ଆସି ମୁଁ ଆଉ କୁଆଡେ ଯାଇଥାନ୍ତି।" ( ଛାଇ ଲେଉଟାଣି। ପୃ – ୧୮-୧୯) କାଜଲ ରେ ଅନ୍ୟର ସଂଗ ଚାହିଁଛି। ପୁରୁଷର ସାନିଧ୍ୟ ପାଇଁ ତା'ର ମନରେ ନିଆଁ ଲାଗି ସେ ଅସ୍ଥିର ହୋଇ ପଡ଼ିଛି।ନାରୀର ବିବାହ ନ ହେବାର ଅତୃପ୍ତ କାହାଣୀ ଯେପରି ଗୋଟିଏ ପୁରୁଷର ମଧ୍ୟ ସେହିପରି । ବିକ୍ରମ ସେନାପତିଙ୍କ ସ୍ତ୍ରୀର ଅକାଳ ବିୟୋଗ ପରେ ବୃଦ୍ଧାବସ୍ଥାରେ ଉପନୀତ ହୋଇ ମଧ୍ୟ ନାରୀର ସାନିଧ୍ୟ ଚାହିଁଛି। ବିକ୍ରମ ସେନାପତି ଓ କାଜଲ ରେ ନିଜର ଏପରି ଅସହାୟତାକୁ ମେଣ୍ଟାଇବା ପାଇଁ ପରସ୍ପର ମଧ୍ୟରେ ବନ୍ଧୁତ୍ୱର ସମ୍ପର୍କ ଗଢ଼ି ଉଠିଛି। ବିକ୍ରମ ସେନାପତି ମଧ୍ୟ ତା'ର ପୁଅବୋହୂ, ନାତି ନାତୁଣୀଙ୍କଠାରୁ ଦୂରରେ ରହି ଜୀବନରେ ଏକା ଅନୁଭବ କରିଛି। ସେ ମନେ ମନେ ଭାବୁଛି – "ଏଇ ମାନେ ତାଙ୍କର ପୁଅ ବୋହୂ, ଝିଅଜ୍ୱାଇଁ।+ + + ଏତେ ବଡ଼ ମଣିଷ ହୋଇଗଲେ ଯେ ମୋ ପାଖରେ ରହିବା ସମ୍ଭବ ହେଲାନି। ମୁଁ ନିଜେ ଯାଇ ସେମାନଙ୍କ କର୍ମ କ୍ଷେତ୍ରରେ ସ୍ଥିର କରିଦେଇ ଆସିଲିଣି। ଏବେବି ମୋ ମନ ତୁମ ପିଲା ବେଳର ବାପର ମନ ଭଳି ସ୍ନେହଶୀଳ ସତେଜ ଅଛି। ଲାଗୁଛି, ମୋର ଆଙ୍ଗୁଠି ଧରି ତୁମକୁ ସାଥିରେ ନେଇ ମୁଁ ମେଳା ମହୋତ୍ସବ ଯାଇ ପାରିବି। ତୁମର ଅଳି ଅର୍ଦ୍ଦଳି ପୂରଣ କରି ପାରିବି। ମୋ ଗାମୁଛାରେ ତୁମ ମାନଙ୍କ ଧୂସରିତ ମୁହଁ ପୋଛି ଦେଇ ମୁଣ୍ଡ କୁଣ୍ଡାଇ ଦେଇ ପାରିବି।" ତେଣୁ ଏହି ଉପନ୍ୟାସରେ କାଜଲ ରେ ଓ ବିକ୍ରମ ସେନାପତି ଦୁହେଁ ଯେମିତି ଜୀବନରେ ଅସଫଳତା ହେଇ ଜୀବନ ବଞ୍ଚିବା ପାଇଁ କେବଳ ମନ ଭିତରେ ସନ୍ତୁଳି ହେଉଛନ୍ତି।

"ମୁହୂର୍ତ୍ତେ ମାତ୍ର" ଉପନ୍ୟାସରେ ମନୋଜଗତର ରହସ୍ୟକୁ ଉଦ୍ଘାଟନ କରିଛନ୍ତି। ସୋ ଏବଂ ଦିନେଶ ସାଉ ଦୁହେଁ ଘନିଷ୍ଠ ବନ୍ଧୁ। ଦିନେଶ ସାଉର ମୃତ୍ୟୁ ପରେ ତା'ର ଶବକୁ ଧରି ବହୁଦିନ ବୁଲିଛି ସୋ କାହିଁକି ନା ସେ ଜିଇଁଉଠିବ ଭାବେ। ଶବକୁ ଧରି ବୁଲିବା ବେଳେ ମନେ ପକାଇଛି ତା'ର ପିଲା ବେଳର କଥା। ସୋର ମନେ ପଡ଼ିଲା ତା' ବାପା ତାକୁ କହୁଥିଲେ – "ଅସରିକିଆ ବର୍ଷା ପରେ କେଜାଣି କାହିଁକି ଦୁଇ ଜଣ ଯାକ ତାଙ୍କ ବାରି ପୋଖରୀ ହୁଡ଼ାରେ ଠିଆ ହୋଇଥିଲେ। ପୋଖରୀ ଭିତରେ ଭରି ଫୁଟିଥିଲା ନାଲିକଇଁ, ଧଳାକଇଁ ତା'ର ଗୋଲ ପତ୍ର କନିକା ବିଛେଇ ହୋଇ ଭାସୁଥାଏ ପାଣି ଉପରେ। ପତ୍ର ଉପରେ + + +"। ( ପଦ୍ମଜ ପାଳ ଉପନ୍ୟାସ ସମଗ୍ର (ପ୍ରଥମ ଭାଗ), ପୃ – ୨୪୪)। ଏମିତି କିଛି ଦିନ ବିତିଗଲା ପରେ ସେ ନିଜକୁ ବୁଝେଇ ଦେଇଛି ସେ ଆଉ ଶବକୁ ଧରି ବୁଲିବ ନାହିଁ। ତା' ଚେହେରା ନେଇ

ବଞ୍ଚିବ। ଗୋଟିଏ ଚେହେରା ଦୁଇଟି ଭିନ୍ନ ବ୍ୟକ୍ତିତ୍ୱ। ଦିନେଶ ସାଉକୁ ଯାହା ଭଲ ଲାଗୁଥିଲା ସେ ସେଇଆ କରି ନିଯ ଠାରେ ଅନେକାଂଶରେ ଦିନେଶକୁ ଦେଖିବାକୁ ପାଇଲା। "ଗହ୍ୱର" ଉପନ୍ୟାସରେ ସେହିପରି ଜିଗୀଷା ବିଶୋଇ ତା'ର ମନରେ କିଛି ବର୍ଷ ପୂର୍ବରୁ ନିଜ ଭିଣୋଇ ଠାରୁ ଧର୍ଷଣର ଶିକାର ହୋଇଥିବା ଓ କ୍ଷତବିକ୍ଷତ ଜୀବନର ଅବସ୍ଥା ଭାବି ଭାବି ଅସ୍ଥିର ହୋଇ ପଡ଼ିଛି। ନିଶାନ୍ତ ସାହାଣୀ ମାନସିକ କ୍ଷେତ୍ରରେ ଅସୁସ୍ଥ ଥିବା ଜିଗୀଷା ବିଶୋଇର ମନ ଗହ୍ୱରକୁ ପଶି ହସ୍ତସ୍ପର୍ଶ ଚିକିତ୍ସା ମାଧ୍ୟମରେ ଆରୋଗ୍ୟ କରିଥିଲା। ବାସ୍ତବିକ ମଣିଷ ଜୀବନ ଏଭଳି ଦ୍ୱୈତ ସତ୍ତା ଭିତରେ ଅନେକ ସମୟରେ ଆକ୍ରାନ୍ତ।

ଅନେକ ସମୟରେ ମାତା ପିତା ବାତ୍ସଲ୍ୟ ପ୍ରେମର ବଶବର୍ତ୍ତୀ ହୋଇ ସନ୍ତାନ ଓ ସନ୍ତନ୍ତିଙ୍କ ପାଇଁ ଅତ୍ୟଧିକ ଚିନ୍ତାଶୀଳ ହୋଇପଡ଼ନ୍ତି। ଯେମିତିକି ପିଲା ମାନଙ୍କର କିଛି ଅସୁବିଧା ନ ହେଉ ଏହି କଥା ଭାବି ଭାବି ମାନସିକ ଚାପ ଗ୍ରସ୍ତ ମଧ୍ୟ ହୁଅନ୍ତି। "ଯାତ୍ରା ଡଟ୍ କମ୍" ଉପନ୍ୟାସରେ ପୁଅ ମହେଶର ଅକ୍ସିଡେଣ୍ଟ୍ ହୋଇଥିବା ଶୁଣି ପିତା ପ୍ରତିରୋଧ ସାମଲ ଏବଂ ମାତା ସୁଷମା ଭୋଳ ବର୍ଷା ରାତିରେ ବାହାରି ପଡ଼ିଛନ୍ତି ଡାକ୍ତରଖାନା। ପୁତ୍ରର ଦୁର୍ଘଟଣା ତାଙ୍କୁ ବିଚଳିତ କରି ପକାଇଛି। ମନେ ମନେ ପ୍ରତିରୋଧ ସାମଲ ଭାବୁଛନ୍ତି, ପୁଅକୁ ଶ୍ରୀକ୍ଷେତ୍ରରେ ପୋଲିସ୍ ପକେଇ ଦେଇଥିବ। ପୁଅର ଡାକ ମଝିରେ ମଝିରେ ଶୁଣାଯାଉଛି। ମଦ ପିଇ ଦୃତ ଗତିରେ ଗାଡ଼ି ଚଳେଇବା ଏବଂ ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ସାମ୍ନା କରିବା ତାଙ୍କୁ ବ୍ୟତିବ୍ୟସ୍ତ କରି ପକାଉଥିଲା। ଏହିପରି ମାନସିକତା ଦେଖିବାକୁ ମିଳେ ଔପନ୍ୟାସିକଙ୍କର "ଗଣ୍ଡଭୈରବ" ଉପନ୍ୟାସରେ। ଗଣ୍ଡ ଭୈରବ କହିଲେ ଗୋଟିଏ ପକ୍ଷୀକୁ ବୁଝାଏ। ଯାହାର ଗୋଟିଏ ଶରୀର ଏବଂ ଦୁଇଟି ଭିନ୍ନ ଚିନ୍ତା ଧାରାର ମୁଣ୍ଡ। ନିତ୍ୟାନନ୍ଦ ଓ ହରିପ୍ରିୟାଙ୍କ ପୁଅ ଚିତ୍ତକୁ ବଞ୍ଚାଇବା ପାଇଁ ଦୁହିଁଙ୍କର ଅଲଗା ଅଲଗା ଚିନ୍ତାଧାରା ଗଣ୍ଡଭୈରବ ପରି । ଏଠାରେ ଔପନ୍ୟାସିକ ପିତା ମାତାଙ୍କର ପୁଅକୁ ବଞ୍ଚାଇବା ନିମନ୍ତେ ଭିନ୍ନ ଭିନ୍ନ ମନକୁ ଗଣ୍ଡଭୈରବ ସହ ତୁଳନା କରିଛନ୍ତି। ଏହି ପକ୍ଷୀର ଚିତ୍ର ହରିପ୍ରିୟା ନିଜ କାନ୍ଥରେ ଆଙ୍କିଛନ୍ତି।ଚିତ୍ରଟିକୁ ଦେଖି ନିତ୍ୟାନନ୍ଦ ଭୟ କରି ଯାଇଛନ୍ତି। ଲେଖକଙ୍କ ଭାଷାରେ – "ହଠାତ୍ ନିତ୍ୟାନନ୍ଦଙ୍କୁ ଗୋଟିଏ ଅଦ୍ଭୁତ ଶବ୍ଦ ଶୁଭିଲା। ଶବ୍ଦ ତ ନୁହେଁ ଠିକ୍ ଯେମିତି ପଦେ କଥା। ପକ୍ଷୀଟିଏ ଯେମିତି ହଠାତ୍ ବୋବେଇ ଦେଇ ରହିଯାଏ, ସେମିତି ସେ ସ୍ୱର ଶୁଭିଲା। ସେ ଚିହିଁକି ପଡ଼ିଲେ ଆତ୍ମସ୍ଥ ଅବସ୍ଥାରୁ + + + । ସେ ନିଶ୍ଚିନ୍ତ ହୋଇଗଲେ ଏହି ଗଣ୍ଡଭୈରବ ପକ୍ଷୀଟି କ'ଣ କହିଦେଇଛି ଗୋଟିଏ ବିଚିତ୍ର ସ୍ୱରରେ ଓ କହିଦେଇ ସଙ୍ଗେ ସଙ୍ଗେ ଚିତ୍ର ପାଲଟି ଗଲା। ତୀକ୍ଷ୍ଣ ଭାବରେ ଚାହିଁ ରହିଲେ ନିତ୍ୟାନନ୍ଦ କାନ୍ଥର ଚିତ୍ରକୁ।ଆଜି କାଲି ସେଇଟି ତାଙ୍କୁ ଯେମିତି ଜିଇଁଲା ଭଳି ଲାଗୁଛି ଓ ମାୟା ଦେଖାଉଛି।: ତୁ ନିଶ୍ଚେ କହିଛୁ। ନିତ୍ୟାନନ୍ଦ ପକ୍ଷୀଟିକୁ ଚାହିଁ ଜବାବ ଶୁଣାଇ କଲେ। : ତୋ ଛଡ଼ା ଆଉ କେହି ନୁହେଁ। : ମୋ କାନକୁ ମୁଁ ଅବିଶ୍ୱାସ କରିପାରିବି ନାହିଁ। : କହ କ'ଣ କହିଲୁ ? : ତା' ମନେ କ'ଣ କହ? : ତୋ ଭାବନା ମୁଁ କିଛି ବୁଝି ପାରି ନାହିଁ। : ସବୁ ସମଝି ପାରେ ମୁଁ। : ସବୁ ଶବ୍ଦର ଅର୍ଥ ସବୁ ପକ୍ଷୀଙ୍କ କଥା ବି ମୁଁ ବୁଝିପାରେ। - ତୁ କହିଛୁ, ତୀକ୍ଷ୍ଣ ଆଖିରେ ନିତ୍ୟାନନ୍ଦ ଚାହିଁଲେ କାନ୍ଥର ସେ ଚିତ୍ର ରୂପକୁ, ଜୋର୍ ଦେଇ କହିଲେ, ତୁ କହିଛୁ – ମୁଁ ଗୋଟିଏ ମିଥ୍ୟାଚାରୀ ! ହଁ ତୁ କହିଛୁ। କହିଛୁ କହିଛୁ। ନିତ୍ୟାନନ୍ଦ ଉଗ୍ର ଦେଖା ଯାଉଥିଲେ।" (ପଦ୍ମଜ ପାଳ ଉପନ୍ୟାସ ସମଗ୍ର (ତୃତୀୟ ଭାଗ), ପୃ – ୨୭୬-୭୭।)ଏହି ସବୁ ଭାବନା ତାଙ୍କ ପୁଅକୁ ବଞ୍ଚାଇବାକୁ ମନର ଏକ ଅସ୍ଥିରତା ମାତ୍ର।

"ପ୍ରତିସ୍ପର୍ଦ୍ଧା" ଉପନ୍ୟାସରେ ଦେଖିବାକୁ ମିଳେ ଶିକ୍ଷକଟିଏ ତା'ର ଛାତ୍ର ପ୍ରତି କ'ଣ ଚିନ୍ତା କରେ ଓ ମାନସିକ କ୍ଷେତ୍ରରେ ତାହା କ'ଣ ପ୍ରଭାବ ପକାଏ। ଏକ କଟା ଗଛର ଗଣ୍ଡି ଉପରେ ବସି ଶିକ୍ଷକ ପରମାନନ୍ଦ ତାଙ୍କ ଶିଷ୍ୟ ଅନିର୍ବାଣର କେଇ ପଦ କଥା ମନ ଭିତରେ ଖାଲି ଦୋହୋରାଉ ଥିଲେ। ଲେଖକଙ୍କ ଭାଷାରେ – "ଅଧିକାର ପାଇଁ ସଂଘର୍ଷର ପଥ ମୁଁ ବାଛି ନେବି ସାର୍! ଏଥିଲାଗି ମନରେ ମୋର ଭୟ ନାହିଁ କି ଦ୍ୱନ୍ଦ ନାହିଁ। ପରମାନନ୍ଦ ଦାସ ସ୍ଥିର କଲେ "ଅନିର୍ବାଣ, ଏଣିକି ସବୁ ଅବସ୍ଥାରେ ତୁମ ପାଖରେ ମୁଁ। ତୁମ ସହ ସମାଗତ ମୁଁ!" ତୁମ ରୂପ ରଙ୍ଗର କାର୍ଯ୍ୟ କଳାପର ପ୍ରତ୍ୟକ୍ଷଦର୍ଶୀ ମୁଁ। " ତୁମ ସଂଜ୍ଞାରେ ଜୀବନ କ'ଣ ? ପୃଥିବୀ କେମିତି ? ସମ୍ପର୍କ କ'ଣ! ମୂଲ୍ୟ କ'ଣ"?

ମଣିଷର ମନସ୍ତାତ୍ତ୍ୱିକ ଦିଗଟି ବଡ଼ ବିଚିତ୍ର। ଅନେକ ସମୟରେ ଅଲଗା ଜାତିରେ ବିବାହ ଓ ପ୍ରେମ ନିନ୍ଦନୀୟ ହୋଇଥାଏ। କିନ୍ତୁ ପ୍ରେମିକ ପ୍ରେମିକା କିଛି ଖାତିର ନକରି ପ୍ରିୟ ମଣିଷ ସମ୍ପର୍କରେ ଅନେକ କଥା ଭାବୁଥାନ୍ତି। ତା' ଭିତରେ ଅନେକ ଯନ୍ତ୍ରଣା ଥିଲେ ବି ତାହା ଆନନ୍ଦ ଦାୟକ ଅନୁଭବ ହୁଏ। ପଦ୍ମଜ ପାଳଙ୍କ ଉପନ୍ୟାସରେ ଏପରି ମାନସିକ ଗ୍ରସ୍ତ ଚରିତ୍ର ଅଧିକ ଦେଖିବାକୁ ମିଳେ। "ପଣ୍ଟୁ ରଙ୍ଗୀ ନିବାସ" ଉପନ୍ୟାସରେ ପଣ୍ଟୁ ସର୍ବଦା ମନ ଭିତରେ ରଙ୍ଗୀକୁ ଅନୁଭବ କରିଛି। ଲେଖକଙ୍କ ଭାଷାରେ – "ପଣ୍ଟୁଆ ବାରମ୍ବାର ଅନୁଭବ କରୁଥିଲା ରଙ୍ଗୀକୁ ସେ ଭୁଲି ପାରୁନାହିଁ। ପାରିବ ନାହିଁ ବୋଧେ। ମନେ ହେଉଛି ତା'ର ସେ ଯେମିତି ପ୍ରତି ମୁହୂର୍ତ୍ତରେ ରଙ୍ଗୀକୁ ଚାହୁଁଛି। ଆଖି ତା'ର ସବୁ ଗଳିକନ୍ଧି ଦେଇ ଖୋଜୁଛି ତାକୁ। ତା' ପାଇଁ ମନ ଅସ୍ଥିର ଚଞ୍ଚଳ ହେଉଛି।ଥରେ ଥରେ ଇଚ୍ଛା ହେଉଛି ହରିଜନ ସାହିକୁ ନ ଯିବା ପାଇଁ ସେ ଯୋଉ ପ୍ରତିଜ୍ଞା କରିଛି ତାକୁ ଭାଙ୍ଗିଦେବ। ପୁଣି ଯିବ ସେ ହରିଜନ ସାହିକୁ। + + + ବସିଥିବା ସ୍ଥାନରୁ ଉଠି ଠିଆ ହୋଇ ଯାଇଛି।"(ପଣ୍ଟୁରଙ୍ଗୀ ନିବାସ, ପୃ – ୧୬।) "ଓୟେପୁଅମା" ଉପନ୍ୟାସରେ ସେହିପରି ନାଗା ଓ ସୋରି ପରସ୍ପର ମିଳିତ ହେବା ପାଇଁ ମନର ଯନ୍ତ୍ରଣା ଦୁହିଁଙ୍କର ବଢ଼ି ଯାଇଛି। ସୋରିକୁ ଘରୁ ବାହାର କରି ଦେବାରୁ ସେ ଗାଁ ଛାଡୁଥିଲା ସତ ହେଲେ ନାଗା ସହିତ କରିଥିବା ମୁହୂର୍ତ୍ତ ଗୁଡ଼ିକୁ ମନେ ପକାଇ ଖାଲି ଭାଳି ହେଉଥିଲା। ନାଗା ମଧ୍ୟ ସୋରିକୁ ମନ ଭିତରେ ପାଇବାକୁ ଘାଣ୍ଟି ହେଉଥିଲା।ଏହିପରି ଉଭୟଙ୍କ ଭିତରେ ବିଚ୍ଛେଦ ସଂକ୍ରାନ୍ତୀୟ ଭାବନା ଆନ୍ଦୋଳିତ ହେଉଥିଲା। "ଗଜପତି କପିଳେନ୍ଦ୍ର ଦେବ" ଉପନ୍ୟାସରେ ସେନାପତିଙ୍କ କନ୍ୟା ଶୋଭନ ଓ ନଅର ରକ୍ଷକଙ୍କ କନ୍ୟା ବୈଜୟନ୍ତ ଉଭୟ ଘନିଷ୍ଟ ବାନ୍ଧବୀ ଥିଲେ। ହେଲେ ଦୁଇ ଜଣ ଯାକ ସାରଙ୍ଗ ଗଡ଼ ସର୍ଦ୍ଦାରଙ୍କ ପୁତ୍ର ସୁଦର୍ଶନକୁ ମନ ପ୍ରାଣରେ ଭଲପାଇ ବସିଲେ ।ଉଭୟ ଜଣଙ୍କୁ ମନ ଦେଇ ବସିଛନ୍ତି ଜାଣି ପରସ୍ପର ମଧ୍ୟରେ ଦୂରତା ସୃଷ୍ଟି ହେଲା ଏବଂ ମନରେ ଅସ୍ଥିରତା ଆରମ୍ଭ ହେଲା। ଏପରି ମାନସିକ ଦୁଃସହ ଭିତରେ ସେ ଦୁହେଁ ମରଣାନ୍ତକ ଯନ୍ତ୍ରଣା ପାଇଲେ । ମନେ ମନେ ଚିନ୍ତା କଲେ ଦୁହେଁ ବୌଦ୍ଧ ଧର୍ମ ଗ୍ରହଣ କରି ସନ୍ୟାସୀ ଜୀବନ ବଞ୍ଚିବା ପାଇଁ ଆଉ ସେଇଆ ମଧ୍ୟ ହେଲା। କପିଳ ଏବଂ ଶୋଭା ମଧ୍ୟ ପରସ୍ପରକୁ ଭଲ ପାଉଥିଲେ। ପରବର୍ତ୍ତୀ ସମୟରେ କପିଳରୁ କପିଳେନ୍ଦ୍ର ଦେବ ହୋଇ କଳିଙ୍ଗ ପାଇଁ ଯୁଦ୍ଧ କରି ଜୟ ଲାଭ ପରେ ଶୋଭା ଠାରୁ କିଛି ଦୂରତା ହୋଇ ଯିବାରୁ ଶୋଭା ମନେ ମନେ ଅଧିକ

ଚିନ୍ତାଗ୍ରସ୍ତ ହୋଇ ପଡ଼ିଲା। ଭାବିଲା କପିଳେନ୍ଦ୍ର ଦେବ ତାଙ୍କୁ ଠକିଛନ୍ତି ଏବଂ କିଛି ସମୟ ବାହାର କରି ତାକୁ ଦେଖିବାକୁ ଆସି ପାରିଲେ ନାହିଁ ବୋଲି ଭାବି ଅଭିମାନ କରିଛି। ଏହି ଅଭିମାନ ତା'ର ମୃତ୍ୟୁର କାରଣ ସାଜିଲା। ସେ ପାଣିକୁ ଡେଇଁ ଆତ୍ମହତ୍ୟା କଲା। ଏହି କଥା କପିଳେନ୍ଦ୍ର ଦେବ ଜାଣିଲା ପରେ ସେ ମାନସିକ ସ୍ତରରେ ଅସ୍ଥିର ହୋଇ ପଡ଼ିଛନ୍ତି।ସେତେବେଳେ ମନେ ମନେ ଭାବୁଛନ୍ତି ମୁଁ ତୁମ ପ୍ରତି ଅନ୍ୟାୟ କରିନି ଶୋଭା, ରାଜ୍ୟ କାର୍ଯ୍ୟରେ ଟିକେ ବ୍ୟସ୍ତ ରହି ଯାଇଥିଲି ।

ମଣିଷର ଯୌନ ଆକାଂକ୍ଷା ଏକ ସହଜାତ ପ୍ରବୃତ୍ତି। ରକ୍ଷଣଶୀଳତାର ଦ୍ୱାହି ଦେଇ ଏହାକୁ ଚାପି ଦିଆ ଯାଇ ପାରେନା। ମଣିଷର ଯୌନଗତ ଚିନ୍ତା ଅତି ଜଟିଳ। ଔପନ୍ୟାସିକ ପାଳଙ୍କ ଅନେକ ଉପନ୍ୟାସର ଚରିତ୍ର ଏହିପରି ଭବନରେ ଜର୍ଜରିତ। "ପାପ ପରି ନିଜର" ଉପନ୍ୟାସରେ ଝରଣାରେ ଗାଧୋଉଥିବା ତରୁଣୀମାନଙ୍କୁ ଦେଖି ସୋମନାଥ ମନରେ ଯୌନ ଆକର୍ଷଣ ସୃଷ୍ଟି ହେଇଛି। ସୋମନାଥ ମନରେ ସୃଷ୍ଟି ହେଲା – "ଓଦା ବସ୍ତ୍ର ତଳେ ଚାଲିଥିବା ଦେହର କାରୁକାର୍ଯ୍ୟ। ସାବଲୀଳ ଓ ଉଚ୍ଚା–ନିଚା ଐଶ୍ୱର୍ଯ୍ୟ। + + + ମୋର ସର୍ବାଙ୍ଗରେ ଶିହରଣ। ମୋତେ ଆୟତ୍ତ କର। ସୋମନାଥର ଆଖି ଧୀରେ ଧୀରେ ବନ୍ଦ ହୋଇଗଲା । ହାତ ଦୁଇଟା ବୁଲିଗଲା ଗଛର ଶାଖା ଚାରିପଟେ।"

"ଆକ୍ରାନ୍ତ୩/୪" ଉପନ୍ୟାସରେ ଆଜି କାଲିର ସମାଜରେ କିପରି ଛାତ୍ର ଆନ୍ଦୋଳନର ପ୍ରଭାବ ଅଧ୍ୟକ୍ଷ ଉପରେ ପଡୁଛି ତା'ର ପ୍ରଭାବ ବର୍ଣ୍ଣନା କରିଛନ୍ତି। ଏହି ଉପନ୍ୟାସରେ ଅଧକ୍ଷ ଚିନ୍ତିତ ଓ ମନରେ ପ୍ରଶ୍ନ କି ସେ ଏଭଳି ଏକ ଅନୁଷ୍ଠାନରେ କାହିଁକି ରହିଛନ୍ତି ଓ ଦାୟିତ୍ୱ ନେଇଛନ୍ତି।ଅଧ୍ୟାପକମାନେ କ୍ଲାସ ନ କରି ଦରମା ଦାବି ପାଇଁ ସଂଗଠନ କରୁଛନ୍ତି ଏବଂ ଏହାକୁ ସରକାର ଆଖିବୁଜି ଆର୍ଥିକ ଅନଟନ ବୋଲି କହୁଛନ୍ତି। କେବଳ ଅଧକ୍ଷ ହିଁ ସମସ୍ତ କଥା ଶୁଣିବାକୁ ଅଛନ୍ତି। ଏ ସବୁ ଚିନ୍ତା ଭିତରେ ଅଧକ୍ଷ ଗତି କରୁଛନ୍ତି। "ଆମ ସମୟର ଦୁଃଖ" ଉପନ୍ୟାସରେ ଶ୍ୟାମ ରାଜନୀତିକୁ ନେଇ ସ୍ୱପ୍ନ ଦେଖି ଥିଲା। ରାଜନୀତିର କର୍ଦ୍ଦମାକ୍ତ ଅଞ୍ଚଳକୁ ପଶିଲା ପରେ ସେ ଅନୁତାପ କରିଛି। ଏଠାରେ ଦେଖିଛି ଶାସକ ଓ ବିରୋଧି ଦଳ ଭିତରେ ଗୋପନରେ ଏକ ସଂଯୋଗ ରହିଛି। ସେବା ନାଁ ରେ ଲୁଣ୍ଠନ କରିଚାଲିଛନ୍ତି ସେମାନେ। ନିଜକୁ ସେ ଗାଳି ଦେଇଛି ଓ ଅନୁତାପ ମଧ୍ୟ କରିଛି। ଅନେକ ସମୟରେ ସାଧାରଣ ସାମାଜିକ ସମସ୍ୟାମାନ ମାନସିକ ଚାପର କାରଣ ହୋଇଥାଏ। ତେଣୁ ଏହି ଉପନ୍ୟାସରେ ମାନସିକ ଚାପରେ ଭାଙ୍ଗି ପଡ଼ିଥିବା ମଣିଷର ଚିନ୍ତନକୁ ଔପନ୍ୟାସିକ ଦର୍ଶାଇଛନ୍ତି।

ଜୀବନର ଅର୍ଥବୋଧ ଅନ୍ୱେଷଣ ଜନିତ ମାନସିକତାକୁ ନେଇ "ଯିବୁ କି ଥିବୁ" ଉପନ୍ୟାସର ବିଷୟବସ୍ତୁ ଗଢ଼ା। ଶମ୍ଭୁ ଯେ କି ଈଶାର ସନ୍ଧାନରେ ଧାଇଁଛି ରାସ୍ତା, ନଈ, ପାହାଡ଼ ଅତିକ୍ରମ କରି । ଏହି ଗୋଟିଏ ପେଚା ତା'ର ମନକୁ କ୍ରିୟାଶୀଳ କରିଛି।ବାରମ୍ବାର ତା' ମନରେ ଦ୍ୱନ୍ଦ ସୃଷ୍ଟି ହୋଇଛି। ଏହି ପରି ଜୀବନର ଅର୍ଥ ଅନ୍ୱେଷଣ ବା ସ୍ଥିତିମୁଖୀ ବିଶ୍ଳେଷଣ ଆଧୁନିକ ଜୀବନ ଯନ୍ତ୍ରଣାରେ ପଡ଼ିଛି ବହୁ ବ୍ୟକ୍ତିତ୍ୱଙ୍କୁ ବ୍ୟଥିତ କରି ପକାଇଛନ୍ତି।

ମନୋବିଜ୍ଞାନ କହେ ସତ୍ୟ କେବଳ ତାହା ନୁହେଁ, ଯାହାକୁ ଆମେ ବାହାରେ ଦେଖିଥାଉ ବରଂ ତା' ଠାରୁ ଅଧିକ ଓ ଚରମ ସତ୍ୟ ଅନ୍ତଃସ୍ଥଳରେ ରହିଥାଏ। କହିବାକୁ ଗଲେ ମଣିଷର ଅସଲ ରୂପକୁ ପରଖିବାକୁ ହେଲେ ତା'ର ଅନ୍ତରର ଭାବନାଟିକୁ ଜାଣିବାକୁ ପଡ଼େ।ଯେଉଁ ଔପନ୍ୟାସିକ ଚରିତ୍ରର ମନରେ ସୃଷ୍ଟି ହେଉଥିବା କ୍ରିୟା କଳାପକୁ ଅଧିକ ସ୍ୱଷ୍ଟ ଭାବରେ ଚିତ୍ରିତ କରିପାରେ ସେହି ଚରିତ୍ରକୁ ପାଠକ ଚିହ୍ନିବା ସେତିକି ସହଜବୋଧ ହୋଇପାରେ। ଅନେକାଂଶରେ ମନୋଜଗତର ରହସ୍ୟକୁ ପଦ୍ମଜ ପାଳ ଉଦ୍ଘାଟନ କରିଛନ୍ତି ଅନେକ ପ୍ରସଙ୍ଗ ମାଧ୍ୟମରେ।

**ସହାୟକ ଗ୍ରନ୍ଥସୂଚୀ :**


୧. କର, ବାଉରୀ ବନ୍ଧୁ। *ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ଉପନ୍ୟାସ. ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ, ୨୦୧୮।*

୨. ପାଳ, ପଦ୍ମଜ। *ନିଜକୁ ଖୋଜିବା ବେଳେ (ଗଳ୍ପ). ପକ୍ଷୀଘର ପ୍ରକାଶନୀ, ୩୨, ମଧୁସୂଦନ ନଗର, ଭୁବନେଶ୍ୱର–୦୧, ପଦ୍ମଜ ପାଳଙ୍କ ୭୮ତମ ଜନ୍ମ ଉତ୍ସବ ଅବସରରେ, ୨୦୨୪।*

୩. ପାଳ, ପଦ୍ମଜ। *ଉପନ୍ୟାସ ସମଗ୍ର. ପ୍ରଥମ ଭାଗ, ପଶ୍ଚିମା ପବ୍ଲିକେଶନ୍, ୧୮୨, ନୟାପଲ୍ଲୀ, ଭୁବନେଶ୍ୱର, ୨୦୧୮।*

୪. ପାଳ, ପଦ୍ମଜ। *ଉପନ୍ୟାସ ସମଗ୍ର. ଦ୍ୱିତୀୟ ଭାଗ, ପଶ୍ଚିମା ପବ୍ଲିକେଶନ୍, ୧୮୨, ନୟାପଲ୍ଲୀ, ଭୁବନେଶ୍ୱର, ୨୦୨୦।*

୫. ପାଳ, ପଦ୍ମଜ। *ଉପନ୍ୟାସ ସମଗ୍ର. ତୃତୀୟ ଭାଗ, ପଶ୍ଚିମା ପବ୍ଲିକେଶନ୍, ୧୮୨, ନୟାପଲ୍ଲୀ, ଭୁବନେଶ୍ୱର, ୨୦୨୧।*

୬. ପାଳ, ପଦ୍ମଜ। *ଉପନ୍ୟାସ ସମଗ୍ର. ଚତୁର୍ଥ ଭାଗ, ପଶ୍ଚିମା ପବ୍ଲିକେଶନ୍, ୧୮୨, ନୟାପଲ୍ଲୀ, ଭୁବନେଶ୍ୱର, ୨୦୨୩।*

୭. ପାଳ, ପଦ୍ମଜ। *ନବକୋଟି କର୍ଣ୍ଣାଟ କଳବର୍ଗେଶ୍ୱର ଗଜପତି କପିଳେନ୍ଦ୍ରଦେବ. ପକ୍ଷୀଘର ପ୍ରକାଶନୀ, ୩୨, ମଧୁସୂଦନ ନଗର, ଭୁବନେଶ୍ୱର–୦୧, ୨୦୨୫।*



| FIELD | DETAILS | PLAGIARISM QR |
|---|---|---|
| FUNDING STATEMENT | This research received no external funding | |
| CONFLICT OF INTEREST | No | |
| PLAGIARISM TEST | Yes (Drillbit) | |
| SIMILARITY INDEX | 0 % | |
| ETHICAL APPROVAL | Not applicable | |
| CITE: | Nayak, Arati. "Odia Manastattvika Upanyasa O Padmaja Pal." *Bindu Bimarsha*, vol. 2, no. 2, Apr. 2026, pp. 31–34. Crossref, https://doi.org/10.64647/bb.vol.2.issue.2.2026.6. | |


cc BY NC

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା ॥ ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II ॥ APRIL—JUNE 2026

# ମିଥ୍‌ରୁ ବାସ୍ତବତା 'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ' : ଏକ ସମୀକ୍ଷା

ନିଶିକାନ୍ତ ବଳ
ହରିଡ଼ାପାଳ, ଆନନ୍ଦପୁର, କେନ୍ଦୁଝର, ୭୫୮୦୨୦

**Date Of Submission:** 15–02-2026 **Date Of Publication:** 14-04-2026

ABSTRACT ॥ ସଂକ୍ଷିପ୍ତ ସାର

ପାରମ୍ପରିକ କିମ୍ବଦନ୍ତୀକୁ ଉତ୍ତରଆଧୁନିକ ରୀତିରେ ରୂପାନ୍ତରିତ କରିବାରେ ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ ଜଣେ ସିଦ୍ଧହସ୍ତ କଳାକାର। ତାଙ୍କର କାଳଜୟୀ ସୃଷ୍ଟି 'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ' ନୀଳମାଧବ ମିଥ୍‌ର ଏକ ପ୍ରତୀପିତ ପ୍ରୟୋଗ, ଯେଉଁଠି ଆଦିମ ସରଳତା ଓ ସଭ୍ୟତାର ଚକ୍ରାନ୍ତ ମୁହାଁମୁହିଁ ହୋଇଛନ୍ତି। ଧର୍ମ ନାମରେ ଚାଲିଥିବା ରାଜନୀତି ଓ ବ୍ୟବସାୟୀକରଣକୁ କଟାକ୍ଷ କରି ନାଟ୍ୟକାର ଏଥିରେ ମାନବୀୟ ସମ୍ବେଦନା ଓ ଅନ୍ତର୍ନିହିତ ବିଶ୍ୱାସର ବିଜୟ ଗାନ କରିଛନ୍ତି। ଲୋକକଳା ଓ ଆଧ୍ୟାତ୍ମିକତାର ସଫଳ ସମନ୍ୱୟରେ ରଚିତ ଏହି ନାଟକଟି ସାମ୍ପ୍ରତିକ ସମାଜର ଜଡ଼ବାଦୀ ମୁଖାକୁ ଖୋଲିଦେବା ସହ ପାଠକ ଓ ଦର୍ଶକଙ୍କୁ ବିଶ୍ୱାସର ଏକ ପୂର୍ଣ୍ଣବୃତ୍ତ ଆଙ୍କିବାକୁ ପ୍ରେରଣା ଦିଏ। ଈଶ୍ୱର ଓ ମଣିଷ ମଧ୍ୟରେ ଥିବା ଆତ୍ମିକ ସମ୍ପର୍କର ପୁନଃସ୍ଥାପନ ହିଁ ଏହି ଆଲୋଚନାର ମୂଳ ପରିସର।

**ARTICLE NUMBER:** BB-II-II-2026-07
**ORC ID:** 0009-0002-7563-553X
**DOI:** 10.64647/bb.vol.2.issue.2.2026.7
**E-MAIL:** nishikantabal8@gmail.com
**REVIEW STATUS:** Double-Blind Peer Reviewed
**LANGUAGE OF THE ARTICLE:** Odia
**TYPE OF ARTICLE:** Review Article

**ପ୍ରମୁଖ ଶବ୍ଦାବଳୀ :**
ନାଟ୍ୟକାର, ଅର୍ଦ୍ଧବୃତ୍ତ, ପୂର୍ଣ୍ଣବୃତ୍ତ, ଉତ୍ତରଆଧୁନିକତା, ନୀଳମାଧବ, ପ୍ରତୀପିତ, ପୁରାବୃତ୍ତ, ବିଶ୍ୱାସ, ସଭ୍ୟତା, ବ୍ୟବସାୟୀକରଣ, ମହାକାବ୍ୟିକ, ନବନାଟ୍ୟ, ଜଡ଼ବାଦ, ତନ୍ତ୍ରସାଧନା

ଓଡ଼ିଆ ନାଟ୍ୟ ଜଗତରେ ନବନାଟ୍ୟ ଧାରାରୁ ଉତ୍ତର-ଆଧୁନିକ ରୀତି ପର୍ଯ୍ୟନ୍ତ ଏକ ସଫଳ ସେତୁ ନିର୍ମାଣ କରିଥିବା ପ୍ରଥିତଯଶା ନାଟ୍ୟକାର ହେଉଛନ୍ତି **ରମେଶ ପ୍ରସାଦ ପାଣିଗ୍ରାହୀ।** ତାଙ୍କ ନାଟ୍ୟ-ଯାତ୍ରା ପାରମ୍ପରିକ ଶୈଳୀରୁ ଆରମ୍ଭ ହୋଇ ପରୀକ୍ଷାଧର୍ମୀ, ମୁକ୍ତଧାରା ଏବଂ ଲୋକ-ଉପାଦାନର ସମନ୍ୱୟରେ ମହାକାବ୍ୟିକ ପର୍ଯ୍ୟନ୍ତ ପରିବ୍ୟାପ୍ତ। ସେ ନାଟକରେ କେବଳ ପରୀକ୍ଷାନିରୀକ୍ଷା କରିନାହାନ୍ତି, ବରଂ ଦର୍ଶକଙ୍କ ରୁଚି ଓ ବାସ୍ତବତାକୁ ଆଧାର କରି ନୂତନ ଚିନ୍ତାଧାରାର ସଫଳ ପ୍ରୟୋଗ କରିଛନ୍ତି। ଯେଉଁଥିପାଇଁ ତାଙ୍କ ନାଟକଗୁଡ଼ିକ ଆଜି ବି ସାମାଜିକ ଓ ସାଂସ୍କୃତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ପ୍ରାସଙ୍ଗିକ।

**'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ'** ନାଟକଟି ଉତ୍ତର ଆଧୁନିକ ଶୈଳୀରେ ରଚିତ। ରାଉରକେଲାର ଲୋକନାଟକ ମହୋତ୍ସବରେ ପ୍ରଥମେ **'୧୯୯୫'** ମସିହାରେ ଅଭିନୀତ ହୋଇ ଶ୍ରେଷ୍ଠକୃତି ରୂପେ ବିବେଚିତ ହେଲା ଏବଂ ପରବର୍ତ୍ତୀ ସମୟରେ **'୧୯୯୭'**ରେ **ଆର୍ଯ୍ୟ ପ୍ରକାଶନ** ଦ୍ୱାରା ପୁସ୍ତକ ଆକାର ନେଇଛି। ନାଟକଟିର ମୁଖ୍ୟସ୍ୱର ହେଉଛି ଈଶ୍ୱରଙ୍କଠାରେ ମଣିଷର ପୁନଃ ବିଶ୍ୱାସ ସ୍ଥାପନ । ଆଧୁନିକ ସାହିତ୍ୟରେ ଈଶ୍ୱରଙ୍କ ପାଇଁ ଏକ ପ୍ରାକୃତିକ ସ୍ଥାନ ନଥିଲା। ଆଧୁନିକତାର ଜଡ଼ବାଦୀ ତତ୍ତ୍ୱ, ଇନ୍ଦ୍ରିୟ ସମସ୍ତ ଅନୁଭୂତିର ଆଧାରବୋଲି ଦୃଢ଼ତାର ସହ କହିଥିଲା, ଏହି ଜଡ଼ବାଦରେ ବସ୍ତୁ ଥିଲା ବିଶ୍ୱର ଚୂଡ଼ାନ୍ତ ସତ୍ତା, ତେଣୁ ଅଧିକରୁ ଅଧିକ ପାର୍ଥିବ ବସ୍ତୁ ଆହରଣ ଓ ନିୟନ୍ତ୍ରଣ କରିବାପାଇଁ ଜଡ଼ବାଦ ଅତୃପ୍ୟ ଆକାଂକ୍ଷା ଆଣି ଦେଇଥିଲା। ନାଟ୍ୟକାର ପାଣିଗ୍ରାହୀ ଆଦିମତା ଓ ସଭ୍ୟତା, ପାର୍ଥିବତା ଓ ଆଧ୍ୟାତ୍ମିକତା, ଅବିଶ୍ୱାସ ଓ ବିଶ୍ୱାସ ମଧ୍ୟରେ ଏବଂ ଅନ୍ୟ ଭାବରେ କହିଲେ ଆଧୁନିକତା ଓ ଉତ୍ତର-ଆଧୁନିକତା ମଧ୍ୟରେ ହେଉଥିବା ସଂଘର୍ଷର ଚିତ୍ର ଦେଖାଇଛନ୍ତି ତାଙ୍କର ନାଟକରେ, ଏହି ସଂଘର୍ଷରେ ବିଜୟ ହୋଇଛି ଆଧ୍ୟାତ୍ମିକତାର, ସରଳ ବିଶ୍ୱାସର ଏବଂ ଉତ୍ତର-ଆଧୁନିକତାର ।

ନାଟ୍ୟକାର ତାଙ୍କର ଉତ୍ତର ଆଧୁନିକ ଚିନ୍ତାଧାରାକୁ ରୂପଦେବାକୁ ଯାଇ ଓଡ଼ିଶାର ଲୋକ କଳା ଓ ଲୋକ ସଂସ୍କୃତିର ସାହାଯ୍ୟ ନେଇଛନ୍ତି। ନାଟକଟିର କଥାବସ୍ତୁ ଶ୍ରୀଜଗନ୍ନାଥଙ୍କୁ ନେଇ ଆଦିମତା ଓ ସଭ୍ୟତା ମଧ୍ୟରେ ସୃଷ୍ଟ କନ୍ଦଳକୁ ନେଇ ରଚିତ । ଓଡ଼ିଆମାନଙ୍କର ପ୍ରାଣ ପୁରୁଷ ହେଉଛନ୍ତି ଶ୍ରୀଜଗନ୍ନାଥ । ନୀଳମାଧବ ଭାବେ ସରଳ ନିଷ୍ପାପ ଆଦିବାସୀଙ୍କର ଗହଣରେ ପୂଜା ପାଉଥିଲେ ଶ୍ରୀଜଗନ୍ନାଥ । ବିଶ୍ୱାବସୁ ଯାହାକୁ ପୁତ୍ରବତ ପାଳନ କରୁଥିଲେ ସେଇ

ପୂର୍ଣ୍ଣବୃତ୍ତ ସ୍ୱରୂପ ନୀଳମାଧବଙ୍କୁ, ମହାରାଜାଙ୍କ ନିର୍ଦ୍ଦେଶରେ ବିଦ୍ୟାପତି ହରଣ କରିଛନ୍ତି ଆଦିବାସୀମାନଙ୍କ ଠାରୁ। ପୂର୍ଣ୍ଣବୃତ୍ତର ଉପର ଅର୍ଦ୍ଧାଂଶକୁ ଆଣି ପୁରୀର ବଡ଼ଦେଉଳରେ ସଭ୍ୟତାର ଠାକୁର ଜଗନ୍ନାଥ ଭାବେ ଅବସ୍ଥାପିତ କରିଛନ୍ତି ଦ୍ୱିଖଣ୍ଡିତ କରି । ଆଦିବାସୀମାନଙ୍କର ବିଶ୍ୱାସ ପ୍ରତୀକ ସାଜିଥିବା ନୀଳମାଧବ ପୁରୀ ବଡ଼ଦେଉଳରେ ରହି ସଭ୍ୟତାର ନାୟକ ସାଜିଥିବା ବ୍ୟକ୍ତିବିଶେଷଙ୍କ ନିମନ୍ତେ ବ୍ୟବସାୟର ଏକ ମାଧ୍ୟମ ପାଲଟି ଯାଇଛନ୍ତି । ଜଗନ୍ନାଥଙ୍କୁ ସମ୍ପୂର୍ଣ୍ଣ ଓଡ଼ିଆ ଜାତି ଓ ପୃଥିବୀର ନିୟନ୍ତା ଭାବରେ ନିର୍ଦ୍ଧାରିତ କରି ପଣ୍ୟ ପରି ବଜାରରେ ବିକ୍ରୟ କରିବାକୁ ଚେଷ୍ଟା କରିଛନ୍ତି । ବଜାର, ହୋଟେଲ୍, ଗାଡ଼ି ଘୋଡ଼ା, ଲକେଟ୍ ଆଦି ସବୁ ସ୍ଥାନରେ ଜଗନ୍ନାଥଙ୍କ ମୁଖା ବା ରୂପର ବ୍ୟବହାର କରି ବ୍ୟବସାୟର ଆରମ୍ଭ ହୋଇଛି। ସରଳ ଆଦିବାସୀଙ୍କ ବିଶ୍ୱାସର ହତ୍ୟା କରାଯାଇଛି ଫଳରେ ଯେଉଁ ମନ୍ଦିରର ଅଧିଷ୍ଠାତା ଭାବରେ ଜଗନ୍ନାଥଙ୍କୁ ପ୍ରତିଷ୍ଠା କରାଯାଇଛି ତାହା କ୍ରମଶଃ ଭୁଶୁଡ଼ିବାରେ ଲାଗିଛି । ଜଗନ୍ନାଥ ନିଜ ପ୍ରିୟ ଭକ୍ତଙ୍କ ନିକଟକୁ ଯିବାକୁ ଶତ ଚେଷ୍ଟା କରି ବିଫଳ ହୋଇଛନ୍ତି । ବନ୍ଦୀ ହୋଇପଡ଼ିଛନ୍ତି ସଭ୍ୟତାର ଦାସ ହୋଇ । ଯେତେ ଚେଷ୍ଟା କଲେ ମଧ୍ୟ ଭାଙ୍ଗି ପଡୁଥିବା ଦେଉଳକୁ ସେ ରକ୍ଷା କରିପାରିନାହାନ୍ତି । ବିଶ୍ୱାସଘାତକତା ଓ ଈର୍ଷାର ଅଳନ୍ଧୁ ସରଳ ଆଦିବାସୀଙ୍କ କଳା ଠାକୁରଙ୍କ ମୁଖକୁ ଆହୁରି କଳା କରିଦେଇଛି । ଦେବସ୍ନାନପୂର୍ଣ୍ଣିମାରେ ୧୦୮ ଗରା ଜଳରେ ଜଗନ୍ନାଥଙ୍କୁ ସ୍ନାନ କରାଇ ମଧ୍ୟ ସଭ୍ୟତାକୁ ଆଗେଇ ନେଉଥିବା ସମାଜର ଉଚ୍ଚ ସ୍ଥାନୀୟ ବ୍ୟକ୍ତି ଓ ସାମ୍ବାଦିକମାନେ ଅର୍ଦ୍ଧବୃତ୍ତ ଜଗନ୍ନାଥଙ୍କ ମୁଖରୁ କଳା ଛଡ଼ାଇବାକୁ ଅସମର୍ଥ ହୋଇଛନ୍ତି। ତନ୍ତ୍ରଶାସ୍ତ୍ର ଠାରୁ ଆରମ୍ଭ କରି ବିଭିନ୍ନ ପୂଜା ପାଠ କରି ମଧ୍ୟ ସମ୍ଭ୍ରାନ୍ତଶାଳୀ ବ୍ୟକ୍ତି ବିଶେଷ ସଭ୍ୟତାର ବୋଝକୁ ହାଲୁକା ନକରି ପାରି ଆଦିବାସୀ ଜଗନ୍ନାଥଙ୍କୁ ମୃତ୍ୟୁ ପ୍ରଦାନ କରିବାକୁ ଚେଷ୍ଟା କରିଛନ୍ତି । ପରିଶେଷରେ ନାଟକରେ ସରଳ ଆଦିବାସୀ ଓ ସଭ୍ୟତାର ପୋଷାକ ପିନ୍ଧିଥିବା ସମାଜର ଉଚ୍ଚ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ମଧ୍ୟରେ ଯୁଦ୍ଧ ଘୋଷଣା ହୋଇଛି । ଆଦିମତା ଓ ସଭ୍ୟତାର ଏହି ଯୁଦ୍ଧରେ ଅର୍ଦ୍ଧବୃତ୍ତକୁ ପୂର୍ଣ୍ଣବୃତ୍ତରେ ପରିଣତ କରିବା ପାଇଁ ଚେଷ୍ଟିତ ହୋଇଛନ୍ତି ବିଶ୍ୱାବସୁ । ସଭ୍ୟତାର ମିଛ ମୁଖା ପିନ୍ଧିଥିବା ବ୍ୟକ୍ତିଙ୍କୁ ନିଜ ଶରରେ ବଧ କରିଛନ୍ତି। ସଭ୍ୟତା ଓ ଆଦିମତାର ଯୁଦ୍ଧରେ କିନ୍ତୁ ବିଶ୍ୱାସର ବିଜୟ ହୋଇଛି । ସାଧାରଣ ଜୁଇର ଭକ୍ତି ଓ ପ୍ରତୀକ୍ଷାରେ ବିଭୋର ହୋଇ ଜଗନ୍ନାଥ ଚାଲି ଆସିଛନ୍ତି ଜୁଇ ସହ ଅନେକ ଦୂର। ଜୁଇର ବିଶ୍ୱାସ ହିଁ ଶେଷରେ ଆଧାର ପାଲଟିଛି ବଞ୍ଚିବାର । ତ୍ରେତୟାରୁ ଉତ୍ତର ଆଧୁନିକ କାଳ ପର୍ଯ୍ୟନ୍ତ ସମସ୍ତ ଯୁଗରେ କଳ୍ପନାର ପେଟ ଚିରି ଜନ୍ମ ନେଉଥିବା ଜୁଇ ହିଁ ରକ୍ତରେ ଧୋଇ ହୋଇଯାଇଥିବା ବିଶ୍ୱାସକୁ ପୁଣି ଜୀବିତ କରାଇଛି । ଅର୍ଦ୍ଧବୃତ୍ତ ଭାବରେ ଦୁଇ ଭାଗ ହୋଇ ଯାଇଥିବା ଵିଶ୍ୱାସକୁ ପୁଣି ଜୀବିତ କରାଇଛି ଜୁଇ ଓ ଏହି ବିଶ୍ୱାସ ଦ୍ୱାରା ଜଗନ୍ନାଥ ମଧ୍ୟ ପୂର୍ଣ୍ଣବୃତ୍ତରେ ପରିଣତ ହୋଇଛନ୍ତି । ବିଶ୍ୱାବସୁ ଯୁଦ୍ଧର ପରିସମାପ୍ତି କରି ଜଗନ୍ନାଥଙ୍କୁ ବିଶ୍ୱାସର କ୍ଷୀର ସମୁଦ୍ରରେ ସ୍ନାନ କରାଇଛନ୍ତି। ମାୟା ଜାଲରେ ପଡ଼ି କଷ୍ଟ ପାଉଥିବା ଅର୍ଦ୍ଧବୃତ୍ତ ରୂପୀ ଜଗନ୍ନାଥଙ୍କୁ ପୂର୍ଣ୍ଣ ବୃତ୍ତରେ ପରିଣତ କରାଇଛନ୍ତି।

ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ସୃଷ୍ଟି-ସମ୍ଭାର ମଧ୍ୟରେ **'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ'** ଏକ ବ୍ୟତିକ୍ରମୀ ସାରସ୍ୱତ କୃତି । ଏହାର ପରିଧି ମଧ୍ୟରେ ଥିବା ବିବିଧ ପ୍ରସଙ୍ଗ ଗୁଡ଼ିକ ଉପରେ ଆଲୋଚନା କରାଗଲା ।

**ଲୌକିକ ବିଶ୍ୱାସ ଓ ଆଧ୍ୟାତ୍ମିକତାର ମହାସଙ୍ଗମ :**

ଲୋକ ସଂସ୍କୃତି ଓ ଲୋକକଳା ହେଉଛି ମାନବୀୟ ଐତିହ୍ୟର ଅବିଚ୍ଛେଦ୍ୟ ମୂଳାଧାର। କାହିଁ କେଉଁ ଆଦିମ ଅନ୍ଧକାରରୁ ମଣିଷ ନିଜର ଜୀବନ-ଜିଜ୍ଞାସାକୁ ରୂପ ଦେବା ପାଇଁ ସଂସ୍କୃତିର ଯେଉଁ ସେତୁ ନିର୍ମାଣ କରିଥିଲା, ତାହା ଆଜି ବି ଅତୁଟ ରହିଛି। ଲୋକମାନଙ୍କ ମଧ୍ୟରେ ପ୍ରଚଳିତ ସମସ୍ତ ପାରମ୍ପରିକ ଆଚାର-ବିଚାର, ନୈତିକ ମୂଲ୍ୟବୋଧ, ବିଶ୍ୱାସ ଓ ନ୍ୟାୟନୀତିର ସମନ୍ୱୟରେ ହିଁ ଲୋକ ସଂସ୍କୃତିର ବିଶାଳ ପରିସର ଗଠିତ। ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ କାଳଜୟୀ ସୃଷ୍ଟି **'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ'** ଏକ ବ୍ୟତିକ୍ରମୀ ନାଟ୍ୟ-କୃତି, ଯେଉଁଥିରେ ସେ ନିଜର ଉତ୍ତର-ଆଧୁନିକ ଚେତନାକୁ ଓଡ଼ିଶାର ମୃଣ୍ମୟ ଲୋକକଳା ଓ ସଂସ୍କୃତିର ବାସ୍ନା ଦେଇ ଜୀବନ୍ତ କରିଛନ୍ତି। ଶ୍ରୀଜଗନ୍ନାଥଙ୍କ ଆରାଧନା ଏବଂ ତତ୍‌ସମ୍ପର୍କିତ କିମ୍ବଦନ୍ତୀ ଓଡ଼ିଆ ଲୋକମାନସର ମୁଖ୍ୟଧାରା ହୋଇଥିବାରୁ, ଏହାକୁ ନାଟ୍ୟକାର ଏକ ଶକ୍ତିଶାଳୀ ମାଧ୍ୟମ ଭାବେ ଗ୍ରହଣ କରିଛନ୍ତି। ନାଟକର ଦୃଶ୍ୟାରମ୍ଭରେ ଆଦିମ ଅଧିବାସୀଙ୍କ ମଞ୍ଚ-ପ୍ରବେଶ କେବଳ ଏକ ସାଧାରଣ ଦୃଶ୍ୟ ନୁହେଁ, ବରଂ ଏହା ପ୍ରକୃତି ସହ ମଣିଷର ଅନ୍ତରଙ୍ଗ ସମ୍ପର୍କର ଏକ ସାଂଗୀତିକ ଆଭାସ। ଆଦିବାସୀ ସଙ୍ଗୀତର ତାଳେ ତାଳେ ସେମାନଙ୍କର ସାମୂହିକ ନୃତ୍ୟ ଓଡ଼ିଶାର ପ୍ରାଚୀନତମ ଜୀବନଶୈଳୀର ଏକ ଗୌରବୋଜ୍ଜ୍ୱଳ ପରିଚୟ ପ୍ରଦାନ କରେ। ଏହି ପରିପ୍ରେକ୍ଷୀରେ ନାଟ୍ୟକାର ଓଡ଼ିଶାର ପାରମ୍ପରିକ 'ସଂକୀର୍ତ୍ତନ' ଶୈଳୀର ପ୍ରୟୋଗ କରି ଭଗବାନ ଓ ଭକ୍ତ ମଧ୍ୟରେ ଥିବା ଆନ୍ତରିକତାକୁ ସ୍ୱଷ୍ଟ କରିଛନ୍ତି। ସଂକୀର୍ତ୍ତନ ମାଧ୍ୟମରେ କାଳିଆ ସାଆନ୍ତଙ୍କୁ 'ଦୁନିଆ ଜାଲରେ ପଡ଼ିଥିବା' ଏକ ସାଧାରଣ ମାନବୀୟ ସତ୍ତା ଭାବେ ବର୍ଣ୍ଣନା କରାଯାଇଛି, ଯାହା ଭକ୍ତିର ଏକ ଗଭୀର ପ୍ରତୀକାତ୍ମକ ରୂପ: - **" ଦୁନିଆ ଜାଲରେ ପଡ଼ିଛି କାଳିଆ / କିଏ ଜାଣେ ସିଏ କିଏ ? / ମଣିଷ ପରାୟେ ତାଙ୍କୁ ପୂଜାହୁଏ / କିଏ ଜାଣେ ସିଏ କିଏ ? / କାଠରେ ତିଆରି ଗୋଲେଇ ଦୁଇଟି / ଯୋଡ଼ିଦେଲେ ପୂର୍ଣ୍ଣ ହୁଏ। / ମୁଖାରେ ରହିଛି ବୃତ୍ତ ଦୁଇଗୋଟି / ହସ୍ତ ଖଣ୍ଡେ ବୃତ୍ତଟିଏ।"** (ପାଣିଗ୍ରାହୀ, ରମେଶ ପ୍ରାସାଦ: ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ,କଟକ, ଆର୍ଯ୍ୟ ପ୍ରକାଶନ, ପ୍ରଥମ ସଂସ୍କରଣ,୧୯୯୭ , ପୃଷ୍ଠା ୧୨)

BINDU BIMARSHA...

ଉତ୍କଳୀୟ ଗଣଜୀବନର ଅନ୍ୟତମ ବିଶେଷତ୍ୱ ହେଉଛି 'ବାର ମାସରେ ତେର ପର୍ବ'। ବିଭିନ୍ନ ଓଷା-ବ୍ରତ ଓ ପୂଜାବିଧି ମଧ୍ୟରେ ଓଡ଼ିଆ ଘରର ଆଧ୍ୟାତ୍ମିକ ବିଶ୍ୱାସ ଜୀବନ୍ତ ରହିଥାଏ। ନାଟକରେ ଯୋଗମାୟାଙ୍କ ଓଷା ପାଳନ ସମୟରେ ଜୁଇ ଦ୍ୱାରା ପଠିତ ଓଷା-ସାହିତ୍ୟରେ ଲୋକ ସଂସ୍କୃତିର ଗୂଢ଼ ରହସ୍ୟ ଲୁଚି ରହିଛି। ଦଶବର୍ଣ୍ଣର ଫୁଲ, ଦଶକେରା ଦୁବ, ଘାଟସୂତା ଏବଂ ପଞ୍ଚ ମୁରୁଜର ମଣ୍ଡଳ କାଟି ବଳି ପ୍ରଥାର ଯେଉଁ ବର୍ଣ୍ଣନା କରାଯାଇଛି, ତାହା ଓଡ଼ିଶାର ପାରମ୍ପରିକ ପୂଜା ପଦ୍ଧତିର ଏକ ନିଚ୍ଛକ ଚିତ୍ର। ହୁଳହୁଳିର ଧ୍ୱନି ମଧ୍ୟରେ ସମ୍ପାଦିତ ହେଉଥିବା ଏହି ସମସ୍ତ ଉପଚାର ଆମ ସାମାଜିକ ବିଶ୍ୱାସର ଏକ ବଳିଷ୍ଠ ଦିଗ। **" ଦଶବର୍ଣ୍ଣର ଫୁଲ ଆଣିବ / ଦଶକେରା ଦୁବ ଆଣିବ / ଘାଟସୂତା ଦଶଖିଅ ତ୍ରିଗୁଣ କରି ବଳିବ / ଗୁଆଘିଅ ଦୀପଟିଏ ସଜାଡ଼ି ରଖିବ / ଦଶଗୋଟି ବଳିତାରେ ସେ ଦୀପ ଜଳିବ / ଅରୁଆ ଚାଉଳ କିଛି ଏକାଠି କରିବ / ପଞ୍ଚ ମୁରୁଜରେ ଏକ ମଣ୍ଡଳ କାଟିବ / ଦଶ ଗୋଟି ନୂଆଁ କୁମ୍ଭ ସେଠାରେ ଥାପିବ / ନୂଆ ଗଞ୍ଜା କୁକୁଡ଼ାଏ ଯୋଗାଡ଼ କରିବ / ତାକୁ ସେ ଅରୁଆ ଚାଉଳ**

**ଖାଇବାକୁ ଦେବ /ତା ପରେ ସେ ଗଣ୍ଡାଟିକୁ ବଳି ପକାଇବ । " ଶେଷ ଆଡ଼କୁ ହୁଳହୁଳି ପଡ଼ିବ "।** (ପାଣିଗ୍ରାହୀ, ରମେଶ ପ୍ରସାଦ: ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ,କଟକ, ଆର୍ଯ୍ୟ ପ୍ରକାଶନ, ପ୍ରଥମ ସଂସ୍କରଣ,୧୯୯୭ , ପୃଷ୍ଠା ୪୪)

ଓଡ଼ିଶାର ସାଂସ୍କୃତିକ ମାନଚିତ୍ରରେ 'ତନ୍ତ୍ର ସାଧନା'ର ଏକ ପ୍ରାଧାନ୍ୟ ରହିଛି। ଠାକୁରାଣୀଙ୍କ ପୀଠରେ ଅଧିଆ ପଡ଼ିବା, କାଳିସୀଙ୍କ ଆବିର୍ଭାବ ଏବଂ ଶକ୍ତି ଉପାସନାରେ ବଳିଦାନର ପ୍ରୟୋଗ—ଏସବୁ ଲୋକ-ବିଶ୍ୱାସର ଏକ ଭିନ୍ନ ପରିଭାଷା। ନାଟକରେ ଯୋଗମାୟା ଜାନି ହେବା ଏବଂ ଜଗନ୍ନାଥ କାଳିସୀ ରୂପ ଧାରଣ କରିବା ଏକ ରୂପକାତ୍ମକ ଅଭିବ୍ୟକ୍ତି। ଜାନି ପଛରେ ମୟୂର ଚନ୍ଦ୍ରିକାର ଛାଞ୍ଚୁଣୀ ଧରି ଯିବା ଏବଂ କାଳିସୀଙ୍କ ରକ୍ତମୁଖା ରୂପ ମାଧ୍ୟମରେ ନାଟ୍ୟକାର ଓଡ଼ିଶାର ଆଦିମ ଅଧିବାସୀଙ୍କ ଗହନ ବିଶ୍ୱାସ ଓ ତନ୍ତ୍ରାଭିମୁଖ୍ୟକୁ ଅତି ନିପୁଣ ଭାବେ ଚିତ୍ରିତ କରିଛନ୍ତି। ଏହି ପରିକଳ୍ପନା ମାଧ୍ୟମରେ ନାଟ୍ୟକାର କେବଳ ଲୋକ ସଂସ୍କୃତିର ପ୍ରଦର୍ଶନ କରିନାହାନ୍ତି, ବରଂ ଜୀବନର ପୂର୍ଣ୍ଣତା ପାଇଁ ଏହି ସରଳ ବିଶ୍ୱାସଗୁଡ଼ିକର ଯେ ଅପରିହାର୍ଯ୍ୟ ଆବଶ୍ୟକତା ରହିଛି, ତାହା ପ୍ରତିପାଦିତ କରିଛନ୍ତି।"

**ମିଥ୍ ଚେତନାର ନବ୍ୟ-ରୂପାୟନ: ପ୍ରତୀପିତ ପୁରାବୃତ୍ତର ପ୍ରୟୋଗ :**

ସାଧାରଣତଃ ମିଥ୍ ବା ପୁରାକଳ୍ପ ହେଉଛି ଏକ ଶାଶ୍ୱତ ସତ୍ୟର କଳାତ୍ମକ ରୂପକ। ଯେତେବେଳେ କାଳଜୟୀ ପୁରାଣ ବା କିମ୍ବଦନ୍ତୀର ମହତ୍ତ୍ୱପୂର୍ଣ୍ଣ ଚରିତ୍ର ଓ ଘଟଣାବଳୀକୁ ଆଧୁନିକ ମାନବୀୟ ସମ୍ବେଦନା ସହ ସଂଶ୍ଳିଷ୍ଟ କରାଯାଏ, ସେତେବେଳେ ସୃଷ୍ଟି ହୁଏ ଏକ ନୂତନ ସାରସ୍ୱତ ସଂଜ୍ଞା। ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ ନାଟ୍ୟ ସମ୍ଭାରରେ **'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ'** କେବଳ ଏକ ଉତ୍ତର-ଆଧୁନିକ ସୃଷ୍ଟି ନୁହେଁ, ବରଂ ଏହା ମିଥ୍‌ର ଏକ ଦାର୍ଶନିକ ପରୀକ୍ଷାଗାର। ନାଟ୍ୟକାର ପୂର୍ବରୁ ୧୯୭୧ ମସିହାରେ ତାଙ୍କର ନାଟକ 'ଧୃତରାଷ୍ଟ୍ରର ଆଖି'ରେ ମିଥ୍‌କୁ ଏକ ଶାଣିତ ରୂପକ ଭାବେ ବ୍ୟବହାର କରି ଓଡ଼ିଆ ନାଟ୍ୟ-ଚେତନାରେ ନବ୍ୟ-ପରିଭାଷା ସୃଷ୍ଟି କରିଥିଲେ। **ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ** ନାଟକରେ ମିଥ୍‌ର ପ୍ରୟୋଗ ଏକ ଅଭିନବ ଶୈଳୀରେ ଉଦ୍‌ଭାସିତ, ଯାହାକୁ ନାଟ୍ୟକାର **'ପ୍ରତୀପିତ ପୁରାବୃତ୍ତ'** (Inverted Myth) ବୋଲି ଅଭିହିତ କରିଛନ୍ତି। ଏହି ଶୈଳୀର ମୌଳିକତା ହେଉଛି—ପ୍ରଚଳିତ ପୁରାକଳ୍ପକୁ କେବଳ ଗ୍ରହଣ କରିବା ନୁହେଁ, ବରଂ ତାକୁ ଓଲଟପାଲଟ କରି ସମକାଳୀନ ଜଟିଳ ଜୀବନ-ଜିଜ୍ଞାସା ସହ ମୁହାଁମୁହିଁ କରାଇବା। ଏଠାରେ ଶ୍ରୀଜଗନ୍ନାଥଙ୍କ ଆଦି-ଉତ୍ସ 'ନୀଳମାଧବ'ଙ୍କ କିମ୍ବଦନ୍ତୀକୁ ଆଧାର କରି ନାଟ୍ୟକାର ଆଦିମତା ଓ ସଭ୍ୟତା ମଧ୍ୟରେ ଥିବା ପ୍ରଭେଦକୁ ଚିହ୍ନଟ କରିଛନ୍ତି। ବିଶ୍ୱାବସୁଙ୍କ ଅନାବିଳ ଭକ୍ତିର କେନ୍ଦ୍ରବିନ୍ଦୁ ନୀଳମାଧବଙ୍କୁ ବିଦ୍ୟାପତିଙ୍କ ଚାତୁରୀପୂର୍ଣ୍ଣ ପ୍ରେମାଭିନୟ ମାଧ୍ୟମରେ ହରଣ କରାଯିବା, ମୂଳତଃ ସଭ୍ୟ ସମାଜର ମାନସିକ ଦାରିଦ୍ର୍ୟ ଓ ଛଳନାକୁ ହିଁ ପ୍ରତିପାଦିତ କରେ। ନାଟ୍ୟକାର ଏହି ମିଥ୍‌ର ପୃଷ୍ଠଭୂମିରେ ଏକ କଠୋର ବାସ୍ତବତାକୁ ଉନ୍ମୋଚିତ କରିଛନ୍ତି। ପୁରାଣର ଚରିତ୍ରମାନେ ଏଠାରେ କେବଳ ଦୈବୀ ଶକ୍ତିର ପ୍ରତୀକ ନୁହନ୍ତି, ବରଂ ସାମ୍ପ୍ରତିକ ସମାଜର ରାଜନୈତିକ ଓ ବ୍ୟବସାୟିକ ଅଭିସନ୍ଧିର ବାହକ। ବିଦ୍ୟାପତିଙ୍କ ବିଶ୍ୱାସଘାତକତା ଜଗନ୍ନାଥଙ୍କ 'ଅର୍ଦ୍ଧବୃତ୍ତ' ରୂପକୁ ଏକ ଆତ୍ମିକ ଯନ୍ତ୍ରଣାର ରୂପକ ଦେଇଛି। ପାରମ୍ପରିକ ମିଥ୍ ଅନୁସାରେ ନୀଳମାଧବଙ୍କୁ ପାଇବା ଏକ ବିଜୟ ହୋଇଥିବା ବେଳେ, ପାଣିଗ୍ରାହୀଙ୍କ ପ୍ରତୀପିତ ପୁରାବୃତ୍ତରେ ଏହା ହେଉଛି ଏକ 'ବିଶ୍ୱାସର ପରାଜୟ'। ଏହି ସାହିତ୍ୟିକ ରୂପାନ୍ତର ମାଧ୍ୟମରେ ସେ ଏହାହିଁ ପ୍ରମାଣ କରିଛନ୍ତି ଯେ, ସଭ୍ୟତାର ଛଳନାତ୍ମକ ପ୍ରୟାସ ଜଗନ୍ନାଥଙ୍କୁ ମନ୍ଦିରରେ ବନ୍ଦୀ କରି ରଖିପାରେ ସତ, କିନ୍ତୁ ବିଶ୍ୱାବସୁ ଓ ଜୁଇଙ୍କ ପରି ସରଳ ଭକ୍ତଙ୍କ ନିଷ୍କପଟ ପ୍ରେମ ବିନା ସେ କେବେବି 'ପୂର୍ଣ୍ଣବୃତ୍ତ' ହୋଇପାରନ୍ତି ନାହିଁ। ଏହିପରି ଭାବେ, ମିଥ୍ ଏହି ନାଟକରେ କେବଳ ଏକ କାହାଣୀ ନୁହେଁ, ବରଂ ଏକ ତୀକ୍ଷ୍ଣ ସମାଜ-ସମୀକ୍ଷାର ଅମୋଘ ଅସ୍ତ୍ର ସାଜିଛି।

**ଧର୍ମର ବଜାରୀକରଣ ଓ ଶାସକୀୟ ଚକ୍ରାନ୍ତ :**

ସାମ୍ପ୍ରତିକ ସମାଜରେ ଧର୍ମ ଓ ରାଜନୀତିର ଅପବିତ୍ର ମେଣ୍ଟ ମାନବୀୟ ମୂଲ୍ୟବୋଧକୁ ବିପର୍ଯ୍ୟସ୍ତ କରୁଥିବା ବେଳେ, ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ **'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ'** ନାଟକରେ ଏହାର ଏକ ନିଛକ ବିସ୍ଫୋରକ ଚିତ୍ର ପ୍ରଦାନ କରିଛନ୍ତି। ଆଜିର ଶାସକ ଗୋଷ୍ଠୀ ନିଜର କ୍ଷମତା ଲିପ୍ସା ଓ କୁକର୍ମକୁ ଘୋଡ଼ାଇବା ପାଇଁ ଈଶ୍ୱରଙ୍କୁ ଏକ 'ରାଜନୈତିକ ଢାଲ' ଭାବେ ବ୍ୟବହାର କରୁଛନ୍ତି। ଧର୍ମକୁ ଭୋଟ୍ ବ୍ୟାଙ୍କର ଆଧାର କରିବା ଏବଂ ଭଗବାନଙ୍କୁ ନେଇ ବ୍ୟବସାୟ କରିବା ସାମ୍ପ୍ରତିକ ସମାଜର ଏକ କର୍କଟ ସଦୃଶ ବ୍ୟାଧିରେ ପରିଣତ ହୋଇଛି। ନାଟ୍ୟକାର ଏହି ବ୍ୟବସ୍ଥାର ନଗ୍ନତାକୁ ଦର୍ଶାଇବାକୁ ଯାଇ ନୀଳମାଧବଙ୍କ କିମ୍ବଦନ୍ତୀକୁ ଏକ ନୂତନ ରୂପକ ଦେଇଛନ୍ତି। ବିଦ୍ୟାପତିଙ୍କ ଦ୍ୱାରା ନୀଳମାଧବଙ୍କ ଉପର ଅର୍ଦ୍ଧାଂଶକୁ ହରଣ କରାଯିବା ଏବଂ ପରେ ତାଙ୍କୁ 'ସଭ୍ୟତାର ଠାକୁର' ଭାବେ ବଡ଼ଦେଉଳରେ ଅଧିଷ୍ଠିତ କରିବା, କେବଳ ଏକ ଧାର୍ମିକ ବିଧି ନୁହେଁ, ବରଂ ଏହା ଥିଲା ଏକ ସୁଚିନ୍ତିତ ସାମ୍ରାଜ୍ୟବାଦୀ ଚକ୍ରାନ୍ତ। ମହାରାଜା ଓ ବିଦ୍ୟାପତିଙ୍କ ଆନନ୍ଦ ମଧ୍ୟରେ କୌଣସି ଆଧ୍ୟାତ୍ମିକ ସତ୍ତା ନଥିଲା; ଥିଲା କେବଳ ଷାଠିଏ ପଉଟି ଭୋଗ ଓ ନୈବେଦ୍ୟ ନାମରେ ଜନସାଧାରଣଙ୍କୁ ଶୋଷଣ କରିବାର ଏକ ନୀଚ ଅଭିସନ୍ଧି। ସମାଜର ତଥାକଥିତ ଆଗଧାଡ଼ିର ବ୍ୟକ୍ତି ଓ ଶାସକମାନେ ଜଗନ୍ନାଥଙ୍କୁ 'ବିଶ୍ୱବ୍ରହ୍ମାଣ୍ଡର ନାଥ' ପରିବର୍ତ୍ତେ ଏକ 'ବ୍ୟବସାୟିକ ବ୍ରାଣ୍ଡ' (Commercial Brand) ରେ ପରିଣତ କରିଦେଇଛନ୍ତି। ବିଦ୍ୟାପତି, ସଂଗ୍ରାମ ଓ ଯୋଗମାୟାଙ୍କ ପରି ଚରିତ୍ରମାନେ ରାଜକୋଷ ବୃଦ୍ଧି ନିମନ୍ତେ ଜଗନ୍ନାଥଙ୍କ ରୂପକୁ ପଣ୍ୟ ଦ୍ରବ୍ୟ ଭାବେ ବଜାରରେ ବିକ୍ରି କରିଛନ୍ତି। ହଜାର ହଜାର କାଠ ମୂର୍ତ୍ତି, ଶିପ-ଶାମୁକାର କାରୁକାର୍ଯ୍ୟ ଠାରୁ ଆରମ୍ଭ କରି ଟି-ସାର୍ଟ, ଲକେଟ୍, ଲେଟର ପ୍ୟାଡ୍, ଏପରିକି ହୋଟେଲ ଓ ଟ୍ରାନ୍ସପୋର୍ଟ ବ୍ୟବସାୟରେ ଜଗନ୍ନାଥଙ୍କ ନାମ ଓ ମୁଖାର ବ୍ୟବହାର ମାଧ୍ୟମରେ ଈଶ୍ୱରଙ୍କୁ ଅତ୍ୟନ୍ତ ସାଧାରଣ କରିଦିଆଯାଇଛି। 'Krishna consciousness' ଭଳି ଆଧ୍ୟାତ୍ମିକ ଶବ୍ଦକୁ ବିଶ୍ୱ ଦରବାରରେ ଜଗନ୍ନାଥ ଧର୍ମ ସହ ମିଶ୍ରଣ କରିବା ପଛରେ ମଧ୍ୟ ରାଜନୈତିକ ଶକ୍ତି ବୃଦ୍ଧିର ଚକ୍ରାନ୍ତ ନିହିତ ରହିଛି। ସବୁଠାରୁ ଦୁର୍ଭାଗ୍ୟଜନକ ବିଷୟ ହେଉଛି, ଯେଉଁ ଜଗନ୍ନାଥ ସର୍ବଧର୍ମ ସମନ୍ୱୟ ଓ ଜାତିହୀନ ସମାଜର ପ୍ରତୀକ, ତାଙ୍କ ପାଖରେ ମଧ୍ୟ ଏହି ଶାସକ ଗୋଷ୍ଠୀ 'ଜାତିଭେଦ'ର ବିଷବଳୟ ସୃଷ୍ଟି କରିଛନ୍ତି। ବିଦ୍ୟାପତିଙ୍କ ଦ୍ୱାରା ଜୁଇକୁ ଜଗନ୍ନାଥଙ୍କ ସନ୍ନିକଟ ହେବାକୁ ବାରଣ କରିବା, ସଭ୍ୟତାର ଅହଙ୍କାର ଓ ନୀଚ ମାନସିକତାର ପରିଚାୟକ। ନାଟ୍ୟକାରଙ୍କ ଭାଷାରେ, ରାଜନୀତି ଯେତେବେଳେ ଭକ୍ତିକୁ ନିୟନ୍ତ୍ରଣ କରେ, ସେତେବେଳେ ଭଗବାନ ମଧ୍ୟ ଜଣେ ନିରୀହ 'ବନ୍ଦୀ' ପାଲଟିଯାଆନ୍ତି। ସଭ୍ୟତାର ଏହି ଚକ୍ରବ୍ୟୂହରେ ଜଗନ୍ନାଥଙ୍କ ପ୍ରକୃତ

CC BY NC

ସତ୍ତା କ୍ରମଶଃ ଲୁପ୍ତ ହୋଇ କେବଳ ଏକ ବ୍ୟବସାୟିକ ମୁଖା ହିଁ ବାକି ରହିଛି, ଯାହା ନାଟ୍ୟକାର ପାଣିଗ୍ରାହୀଙ୍କ ଶାଣିତ ଲେଖନୀରେ ଏକ ଭୟଙ୍କର ସତ୍ୟ ଭାବେ ଉଦ୍‌ଭାସିତ ହୋଇଛି।

### ଉତ୍କଳୀୟ ବୈଷ୍ଣବ ଚେତନାର ଶାଶ୍ୱତ ପ୍ରବାହ ଓ ଜଗନ୍ନାଥ :

ଉତ୍କଳୀୟ ସାଂସ୍କୃତିକ ଚେତନାରେ ବୈଷ୍ଣବ ଧର୍ମର ପ୍ରାବଲ୍ୟ କେବଳ ଏକ ଧାର୍ମିକ ମତବାଦ ନୁହେଁ, ବରଂ ଏହା ଏହି ମାଟିର ଏକ ଶାଶ୍ୱତ ଜୀବନ ଦର୍ଶନ। ଗଙ୍ଗବଂଶୀୟ ଶାସନ କାଳରୁ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଯେଉଁ ବୈଷ୍ଣବୀୟ ଭାବଧାରା ଗତିଶୀଳ ହୋଇଥିଲା, ତାହା କାଳକ୍ରମେ ଓଡ଼ିଶାର ସାରସ୍ୱତ ସାଧନାରେ ମୁଖ୍ୟ ସ୍ୱର ସାଜିଛି। ଓଡ଼ିଆ ବୈଷ୍ଣବୀୟ ଦର୍ଶନର ଅଭିନବତ୍ୱ ହେଉଛି 'ଶ୍ରୀଜଗନ୍ନାଥ'ଙ୍କୁ 'ଅବତାରୀ' ରୂପେ ଗ୍ରହଣ କରିବା। ଏଠାରେ ଜଗନ୍ନାଥ କୌଣସି ନିର୍ଦ୍ଦିଷ୍ଟ ଅବତାରରେ ସୀମିତ ନୁହନ୍ତି, ବରଂ ସେ ହେଉଛନ୍ତି ସମସ୍ତ ଅବତାରର ପରମ ଉତ୍ସ ବା ପୂର୍ଣ୍ଣବ୍ରହ୍ମ। ପଞ୍ଚସଖା ଯୁଗର ଅଚ୍ୟୁତାନନ୍ଦ, ଜଗନ୍ନାଥ ଦାସଙ୍କଠାରୁ ଆରମ୍ଭ କରି ପରବର୍ତ୍ତୀ କାଳର ଦୀନକୃଷ୍ଣ, ଅଭିମନ୍ୟୁ ଏବଂ କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ କବି ଜଗନ୍ନାଥଙ୍କ ମଧ୍ୟରେ ହିଁ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଅଭିନ୍ନତା ଦର୍ଶନ କରିଛନ୍ତି। ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ ଏହି ମହାନ ଐତିହ୍ୟକୁ ତାଙ୍କ ନାଟକ 'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ'ରେ ଏକ ଅଭିନବ 'ମିଥ୍' ଭାବେ ରୂପାନ୍ତରିତ କରିଛନ୍ତି। ନାଟକରେ ବୃଦ୍ଧା ଚରିତ୍ରଟି କେବଳ ଜଣେ ସାଧାରଣ ନାରୀ ନୁହେଁ, ବରଂ ସେ ହେଉଛି ଯୁଗ-ଯୁଗାନ୍ତରର ପୁଞ୍ଜିଭୂତ ଭକ୍ତି ଓ ପ୍ରତୀକ୍ଷାର ଏକ ଶାଶ୍ୱତ ପ୍ରତୀକ। ତ୍ରେତୟାର ଶବରୀ ସାଜି ସିଏ ଯେପରି ରାମାବତାରୀ ଜଗନ୍ନାଥଙ୍କୁ ନିଜର ଆତ୍ମୀୟତା ଅର୍ପଣ କରିଥିଲା, ଦ୍ୱାପରର ଲଳିତା ସାଜି ସେହିପରି ଶ୍ରୀକୃଷ୍ଣଙ୍କ ସହ ପ୍ରେମ ଓ ଅଭିମାନର ଲୀଳା ରଚିଥିଲା। ଏହି ଯାତ୍ରା କଳିଯୁଗର ଉତ୍ତର-ଆଧୁନିକ ପରିବେଶରେ 'ଜୁଇ' ରୂପରେ ପୁଣି ଏକ ନୂତନ ମୋଡ଼ ନେଇଛି। ଜୁଇ ଏଠାରେ କେବଳ ଜଣେ ଆଦିବାସୀ କନ୍ୟା ନୁହେଁ, ସେ ହେଉଛି ସେହି ଶାଶ୍ୱତ 'ବିଶ୍ୱାସ', ଯିଏ ପ୍ରକୃତି ଓ ଈଶ୍ୱରଙ୍କ ସହ ଅନ୍ତରଙ୍ଗ ଭାବେ ଜଡ଼ିତ। ନାଟ୍ୟକାର ଦର୍ଶାଇଛନ୍ତି ଯେ, ସଭ୍ୟତା ଓ ବସ୍ତୁବାଦୀ ରାଜନୀତି ଯେତେବେଳେ ଈଶ୍ୱରଙ୍କୁ ଛଳନାପୂର୍ଣ୍ଣ ଭାବେ ଦ୍ୱିଖଣ୍ଡିତ କରିବାକୁ ଚେଷ୍ଟା କରେ, ସେତେବେଳେ ଜଗନ୍ନାଥ 'ଅର୍ଦ୍ଧବୃତ୍ତ'ରେ ପରିଣତ ହୋଇ କଷ୍ଟ ପାଆନ୍ତି। ସଭ୍ୟ ସମାଜର ଚକ୍ରାନ୍ତରେ ଭଗବାନ ଯେତେବେଳେ ପଣ୍ୟ ଦ୍ରବ୍ୟ ଭାବେ ବଜାରରେ ବିକ୍ରି ହୁଅନ୍ତି, ସେତେବେଳେ ମନ୍ଦିରର ସତ୍ତା ଭୁଶୁଡ଼ିବାକୁ ଲାଗେ। କିନ୍ତୁ ଜୁଇର ଶାଶ୍ୱତ ପ୍ରେମ ଓ ନିଷ୍ପାପ ଭକ୍ତିର ଜୁଇ-ନିଆଁରେ ସବୁ ଅନ୍ଧକାର ଭସ୍ମୀଭୂତ ହୁଏ। ଜୁଇର ପ୍ରତୀକ୍ଷା ଓ ସରଳ ବିଶ୍ୱାସ ହିଁ ଶେଷରେ ସେହି ଅସମ୍ପୂର୍ଣ୍ଣ 'ଅର୍ଦ୍ଧବୃତ୍ତ'କୁ ପୁଣି ଏକ ସମ୍ପୂର୍ଣ୍ଣ 'ପୂର୍ଣ୍ଣବୃତ୍ତ'ରେ ପରିଣତ କରେ। ନାଟ୍ୟକାରଙ୍କ ଏହି ପରିକଳ୍ପନା ପ୍ରମାଣ କରେ ଯେ, ଯୁଗ ଯେତେ ପରିବର୍ତ୍ତନ ହେଲେ ମଧ୍ୟ ସରଳ ବିଶ୍ୱାସର କ୍ଷୀର ସମୁଦ୍ରରେ ସ୍ନାନ କରି ହିଁ ଜଗନ୍ନାଥ ପୂର୍ଣ୍ଣତା ପ୍ରାପ୍ତ ହୁଅନ୍ତି। ଏହାହିଁ ନାଟକର ମୂଳ ଦର୍ଶନ ଯେଉଁଠାରେ ଆଦିମ ସରଳତା ଓ ପାର୍ଥିବ ଅହଙ୍କାର ମଧ୍ୟରେ ହୋଇଥିବା ଯୁଦ୍ଧରେ ଶେଷରେ 'ବିଶ୍ୱାସ'ର ହିଁ ଜୟଗାନ କରାଯାଇଛି।

ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀଙ୍କ 'ଗୋଟିଏ ବୃତ୍ତ ଆଙ୍କିବାର ସହଜ ପ୍ରଣାଳୀ' କେବଳ ଏକ ନାଟକ ନୁହେଁ, ବରଂ ଏହା ଆଧୁନିକ ମଣିଷର ଅନ୍ତରବିବେକ ପାଇଁ ଏକ ଆହ୍ୱାନ। ନାଟ୍ୟକାର ଅତି ସଫଳତାର ସହ ଦର୍ଶାଇଛନ୍ତି ଯେ, ସଭ୍ୟତା ଓ ବସ୍ତୁବାଦ ଯେତେବେଳେ ଈଶ୍ୱରଙ୍କୁ ବ୍ୟବସାୟର ମୂଳଧନ କରି ତାଙ୍କ ସ୍ୱରୂପକୁ ଖଣ୍ଡବିଖଣ୍ଡିତ କରେ, ସେତେବେଳେ ଜୁଇ ପରି ଜଣେ ନିଷ୍କପଟ ଭକ୍ତର ସରଳ ବିଶ୍ୱାସ ହିଁ ସେହି 'ଅର୍ଦ୍ଧବୃତ୍ତ'କୁ 'ପୂର୍ଣ୍ଣବୃତ୍ତ'ରେ ପରିଣତ କରିବାର ସାମର୍ଥ୍ୟ ରଖେ। ଲୋକକଳା, ମିଥ୍ ଏବଂ ଉତ୍ତର-ଆଧୁନିକ ଚିନ୍ତାଧାରାର ଏହି ଅପୂର୍ବ ସମନ୍ୱୟ ଓଡ଼ିଆ ନାଟ୍ୟ ସାହିତ୍ୟକୁ ଏକ ନୂତନ ଦିଗବାରେଣୀ ପ୍ରଦାନ କରିଛି। ପରିଶେଷରେ, ବିଶ୍ୱାସଘାତକତା ଓ ସ୍ୱାର୍ଥପରତାର ଅନ୍ଧକାର ମଧ୍ୟରେ ଆଧ୍ୟାତ୍ମିକତାର ବିଜୟ ଏବଂ ମାନବୀୟ ସମ୍ବେଦନାର ପୁନଃସ୍ଥାପନ ହିଁ ଏହି ନାଟକର ଶାଶ୍ୱତ ବାର୍ତ୍ତା।

### ସହାୟକ ସୂଚୀ :


୧. ସାହୁ, ନାରାୟଣ : ସ୍ୱାଧୀନତୋତ୍ତର ନାଟକ ଓଡ଼ିଆ ନାଟକ ଓ ଅନ୍ୟ ପ୍ରସଙ୍ଗ, କଟକ, ସତ୍ୟନାରାୟଣ ବୁକ୍ ଷ୍ଟୋର, ଦ୍ୱିତୀୟ ସଂସ୍କରଣ :୨୦୨୨

୨.ପ୍ରଧାନ, କୃଷ୍ଣଚନ୍ଦ୍ର / ଚର୍ଜି ବାୟାମନୁ: ନାଟ୍ୟକାର ରମେଶ ପାଣିଗ୍ରାହୀ ସ୍ରଷ୍ଟା ଓ ସୃଷ୍ଟି ( ସଂ ) , କଟକ, ସତ୍ୟନାରାୟଣ ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ :୨୦୨୩

୩.ଶତପଥୀ, ଦେବୀ ପ୍ରସାଦ : ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକରେ ଲୋକ ଉପାଦାନ ପ୍ରୟୋଗ,କଟକ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ପ୍ରଥମ ସଂସ୍କରଣ: ୨୦୧୯

୪. ସାରଳା ସାହିତ୍ୟ ସଂସଦ : ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ନାଟକ ଓ ନାଟ୍ୟକାର( ସଂ), କଟକ, ଓଡ଼ିଶା ବୁକ୍ ଷ୍ଟୋର, ପ୍ରଥମ ସଂସ୍କରଣ :୨୦୧୯

୫. ହାତୀ ସଞ୍ଜୟ/ପାଣିଗ୍ରାହୀ ଅନିନ୍ଦିତା : ମହାନାଟକର ମହାନାୟକ (ସଂ) ,ଭୁବନେଶ୍ୱର , ବ୍ଲାକ୍ ଈଗଲ୍ ବୁକ୍ସ, ପ୍ରଥମ ସଂସ୍କରଣ :୨୦୨୫


BINDU BIMARSHA...


| FIELD | DETAILS | PLAGIARISM QR |
|---|---|---|
| FUNDING STATEMENT | This research received no external funding | |
| CONFLICT OF INTEREST | No | |
| PLAGIARISM TEST | Yes (Drillbit) | |
| SIMILARITY INDEX | 1 % | |
| ETHICAL APPROVAL | Not applicable | |
| CITE: | Bal, Nishikanta. "Mithru Bastabata 'Gotie Brutta Ankibara Sahaja Pranali': Eka Samikhya." *Bindu Bimarsha*, vol. 2, no. 2, Apr. 2026, pp. 35–38. Crossref, https://doi.org/10.64647/bb.vol.2.issue.2.2026.7. | |


BY NC

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା ॥ ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II ॥ APRIL—JUNE 2026

# ମିଥ୍ ପ୍ରୟୋଗର ପ୍ରାସଙ୍ଗିକତା ଓ 'ପୂତନା' କାବ୍ୟର ଆଭିମୁଖ୍ୟ

ବାବୁଲୁ ପଧାନ

**ଗବେଷକ, ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର**

**Date Of Submission:** 27–02-2026 **Date Of Publication:** 14-04-2026

**ABSTRACT ॥ ଅଂଶିତ ସାର**

ଆଲୋଚ୍ୟ ପ୍ରବନ୍ଧରେ ସାହିତ୍ୟରେ ମିଥ୍ (Myth) ପ୍ରୟୋଗର ଆବଶ୍ୟକତା, ତାହାର ସାଂସ୍କୃତିକ ଓ ଦାର୍ଶନିକ ମୂଲ୍ୟବୋଧ ଏବଂ କାବ୍ୟ କବିତାରେ ତା'ର ରୂପାନ୍ତରଣ ମୂଳକ ସାର୍ଥକତାକୁ ବିଶ୍ଲେଷଣ କରାଯାଇଛି। ମିଥ୍ କେବଳ ପୌରାଣିକ କାହାଣୀ ନୁହେଁ ବରଂ ଏକ ସାମୂହିକ ସ୍ମୃତି, ଯାହା ଅନୁଭବ, ଆସ୍ଥା ଓ ମାନବୀୟ ଚେତନାକୁ ଅଭିବ୍ୟକ୍ତ କରେ। ସମୟ ପରିବର୍ତ୍ତନ ସହିତ ମିଥ୍ ନୂତନ ଅର୍ଥ ଓ ପ୍ରତୀକରେ ବ୍ୟବହୃତ ହୁଏ। ସାହିତ୍ୟିକମାନେ ମିଥ୍‌କୁ ନୂତନ ଦୃଷ୍ଟିକୋଣରେ ପୁନଃନିର୍ମାଣକରି ସମସାମୟିକ ସତ୍ୟକୁ ଉଦ୍ଘାଟନ କରନ୍ତି। 'ପୂତନା' ମିଥ୍‌ର ମୂଳ ଉତ୍ସ ହେଉଛି ଶ୍ରୀମଦଭାଗବତ ଯେଉଁଠାରେ ପୂତନାକୁ ରାକ୍ଷସୀ ରୂପେ ଦର୍ଶାଯାଇଛି ଯିଏ ଶିଶୁ କୃଷ୍ଣଙ୍କୁ ବିଷପାନ କରାଇ ହତ୍ୟା କରିବାକୁ ଚେଷ୍ଟା କରେ। କିନ୍ତୁ ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ଆଧୁନିକ " ପୂତନା" କାବ୍ୟରେ 'ପୂତନା' ଚରିତ୍ର କେବଳ ଦୁଷ୍ଟତାର ପ୍ରତୀକ ନୁହେଁ; ତାହାକୁ ମାନବୀୟ ବିଷାଦ, ସାମାଜିକ ବିଚ୍ଛିନ୍ନତା ଓ ନାରୀ-ବିମର୍ଶର ପରିପ୍ରେକ୍ଷିରେ ପୁନଃନିର୍ମାଣ କରାଯାଇଥିବା ଏକ ମହନୀୟ ଚରିତ୍ର । ଏହି ପ୍ରବନ୍ଧରେ ଦର୍ଶାଯାଇଛି ଯେ ମିଥ୍ ପ୍ରୟୋଗ ମାଧ୍ୟମରେ କବି କିପରି ସମାଜର ଅନ୍ୟାୟ , ନୈତିକ ଅବକ୍ଷୟ ଓ ମାନବୀୟ ମୂଲ୍ୟବୋଧର ସଙ୍କଟକୁ ସୂକ୍ଷ୍ମ ଭାବରେ ପ୍ରକାଶ କରିପାରିଛନ୍ତି।

**ARTICLE NUMBER:** BB-II-II-2026-08

**ORC ID:** 0009-0000-3937-5270

**DOI:** 10.64647/bb.vol.2.issue.2.2026.8

**E-MAIL:** padhanbabulu11@gmail.com

**REVIEW STATUS:** Double-Blind Peer Reviewed

**LANGUAGE OF THE ARTICLE:** Odia

**TYPE OF ARTICLE:** Analytical Research Article

**ପ୍ରମୁଖ ଶବ୍ଦାବଳୀ :**
ମିଥ୍, ପୂତନା, ପ୍ରାସଙ୍ଗିକତା, ପୁନଃନିର୍ମାଣ, ସଂସ୍କୃତି ଓ ପରମ୍ପରା, ପରିପକ୍ୱ ମାନସିକତା, ଜୀବନବୋଧ, ପ୍ରୟୋଗ, ମୂଲ୍ୟବୋଧ, ନୈତିକତା

BINDU BIMARSHA...

ମିଥ୍ ମୁଖୀନତା ସାଂପ୍ରତିକ ସମୟରେ ସାହିତ୍ୟର ଏକ ପ୍ରଧାନ ମାନସିକ ପ୍ରବୃତ୍ତି । ପୁରାତନ କାଳରୁ ମାନବ – ସମାଜ ଉପରେ ଏହାର ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି । ଏହା ଆଧୁନିକ ମଣିଷ ମନର ଅବଚେତନ କକ୍ଷକୁ ବିଶ୍ଲେଷଣ କରିବାରେ ସହାୟକ ହୋଇଛି । ମିଥ୍ ହେଉଛି ଏକ ଗଣ ଚେତନା ସମ୍ଭୂତ ସୃଷ୍ଟି । ଏହା ଆମର ଖୁବ୍ ନିକଟତର ଓ ସଂସ୍କୃତି ସଂଜାତ । ମିଥ୍ ଆଲୋଚନା କରିବା ଦ୍ୱାରା ଏହାର ଅତୀତର ବ୍ୟାପ୍ତି ଏବଂ ସମକାଳୀନତାର ସଂଯୋଗର ପରିଚୟ ମିଳିଥାଏ । ସାହିତ୍ୟକୁ ସଂସ୍କୃତି, ସଭ୍ୟତା, ତଥା ଆଦିମାନବୀୟ ଚିନ୍ତା ଚେତନା ସହ ଯୋଡ଼ିବା ହେଉଛି ମିଥ୍'ର ପ୍ରଧାନ ଲକ୍ଷ୍ୟ।ସାଂପ୍ରତିକ ସମୟରେ ସାହିତ୍ୟରେ ବହୁଳ ଭାବରେ ମିଥ୍'ର ପ୍ରୟୋଗକୁ ଆମେ ଲକ୍ଷ୍ୟ କରିପାରିବା । ସମାଲୋଚକ ହିଲ୍'ରାଇଟ୍ "Poetry, myth and reality " ପ୍ରବନ୍ଧରେ କହିଛନ୍ତି – ସୃଷ୍ଟିର ରହସ୍ୟମୟତାକୁ ହୃଦୟଙ୍ଗମ କରିବାର ଆଦିମ ଉତ୍କଣ୍ଠା ହିଁ ଧର୍ମ ଚେତନାର ମୂଳ କଥା ଏବଂ ଏହି ଧର୍ମ ଚେତନାକୁ ଗଣ-ମାନସ ସହିତ ସଂଶ୍ଲିଷ୍ଟ କରବା ହିଁ ମିଥ୍'ର ମୂଳ ଆଭିମୁଖ୍ୟ । ସାହିତ୍ୟରେ ମିଥ୍ ପ୍ରୟୋଗ ହେବା ଦ୍ୱାରା ସାଂପ୍ରତିକ ସମାଜ - ଜୀବନ ସହ ଆମର ପ୍ରାଚୀନ ସଭ୍ୟତା, ସଂସ୍କୃତି ତଥା ପରଂପରାର ନବ ମୂଲ୍ୟାୟନ ସମ୍ଭବପର ହୋଇପାରୁଛି । ଉପରୋକ୍ତ ଲକ୍ଷ୍ୟକୁ ଭିତ୍ତିକରି ସାହିତ୍ୟରେ ମିଥ୍ ପ୍ରୟୋଗର ପ୍ରାସଂଗିକତାକୁ ଆମେ ଉପଲବ୍ଧି କରିପାରିବା । ନିମ୍ନରେ କେତେ ଗୁଡ଼ିଏ ଉଲ୍ଲେଖନୀୟ ବୈଶିଷ୍ଟ୍ୟକୁ ପ୍ରଦାନ କରାଗଲା -

### ମାନବୀୟ ସଭ୍ୟତା,ସଂସ୍କୃତି ଓ ପରମ୍ପରାର ସଂରକ୍ଷକ:

ପ୍ରାଚୀନ ସଭ୍ୟତା, ସଂସ୍କୃତି ଓ ପରମ୍ପରା ହେଉଛି ଏକ ଜାତିର ଅସ୍ମିତାର ଆଧାର। ପୁନଶ୍ଚ ଏହା ମିଥ୍'ର ଏନ୍ତୁଡ଼ିଶାଳ। ଏହି ଅସ୍ମିତାକୁ ଜୀବନ୍ତ ରଖିବାରେ ମିଥ୍ କିମ୍ବା ପୁରାକଳ୍ପର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗୋଟିଏ ଜାତିର ଇତିହାସର ପୁନଃନିର୍ମାଣ କରିବା ସକାଶେ ମିଥ୍'ର ଭୂମିକା ଅତୁଳନୀୟ । ମିଥ୍ ମାଧ୍ୟମରେ ଗୋଟିଏ ଜାତି ନିଜର ଅତୀତକୁ ଅନୁଭବ କରେ ଏବଂ ସେହି ଅତୀତ ସହିତ ନିଜର ଅବିରତ ସମ୍ପର୍କ ରଖି ଭବିଷ୍ୟତ ପାଇଁ ପଥ ଗଢ଼େ। ପରମ୍ପରା ହେଉଛି ଗୋଟିଏ ଜାତିରମୂଳାଧାର ଯାହା ଅତୀତକୁ ବର୍ତ୍ତମାନର ଜୀବନ ସହ ଯୋଡ଼ି ରଖେ। ଯେଉଁ ଜାତି ନିଜର ପରମ୍ପରାକୁ ସଂରକ୍ଷିତ କରିପାରେ, ସେହି ଜାତି ସାମାଜିକ ଓ ସାହିତ୍ୟିକ ସ୍ତରରେ

CC BY NC

ବିଶେଷ ଶକ୍ତିଶାଳୀ ହୋଇଉଠେ। ସଂସ୍କୃତି ହେଉଛି ସେହି ସୂତାଖିଅ ଯାହା ପୁରୁଣା ଓ ନୂଆ ପରମ୍ପରାକୁ ଏକତାର ସୂତ୍ରରେ ବାନ୍ଧେ। ଏହା କାଳର ସ୍ରୋତରେ ନିରବଚ୍ଛିନ୍ନ ଭାବେ ପ୍ରବାହିତ ହୋଇ ଜୀବନକୁ ନୂତନ ଅର୍ଥ ଓ ଦିଗ ଦେଇଥାଏ। ଏକ ଜାତିର ସଂସ୍କୃତି ତାର ଆଚରଣ, ପୋଷାକ, ଭାଷା, ଆସ୍ଥା ଓ ଜୀବନ ଶୈଳୀରେ ପ୍ରକାଶ ପାଏ। ମିଥ୍ ଏହି ସବୁ ଦିଗକୁ ସାହିତ୍ୟ ମାଧ୍ୟମରେ ପ୍ରକାଶିତକରି ସେଗୁଡିକୁ ପୃଥିବୀ ବକ୍ଷରେ ଅମର କରେ। ବ୍ୟକ୍ତିର ଜୀବନଧାରା ବିକୃତ ହୋଇଯାଉଥିବା ବେଳେ ଜାତିର ଜୀବନ ଧାରାକୁ ମିଥ୍ ମାଧ୍ୟମରେ ସାହିତ୍ୟରେ ପ୍ରୟୋଗ କରି ଲେଖକ ସମକାଳ ପାଇଁ ଉଚିତ ମାର୍ଗ ନିର୍ଣ୍ଣୟ କରିଥାଏ ।ଲେଖକ ମିଥ୍ କୈନ୍ଦ୍ରିକ ଚରିତ୍ର ମାଧ୍ୟମରେ, ସାମାଜିକ ଆଦର୍ଶ ଓ ନୀତି,ଆଦର୍ଶ ଓ ମୂଲ୍ୟକୁ ନୂତନ ରୂପଦେଇ ବର୍ତ୍ତମାନ ସମୟର ସନ୍ଦର୍ଭରେ ପ୍ରୟୋଗ କରେ।

ସାହିତ୍ୟ ଏହିପରି ଏକ ସାଧନ ଯାହା ମାଧ୍ୟମରେ ପୁରାତନ ମୂଲ୍ୟବୋଧ ଓ ସାଂସ୍କୃତିକ ଆଦର୍ଶ ନୂତନ ପିଢ଼ି ପର୍ଯ୍ୟନ୍ତ ପହଞ୍ଚିପାରେ ଏବଂ ସାହିତ୍ୟରେ ପୁରାକଳ୍ପର ବହୁଳ ପ୍ରୟୋଗ ଦ୍ୱାରା ଏହା ସମ୍ଭବପର ହୋଇପାରେ। ବିଭିନ୍ନ ମିଥ୍ ରେ ଥିବା ଆଧ୍ୟାତ୍ମିକ ଓ ନୀତିମୂଳକ ଦିଗ ସାହିତ୍ୟରେ ଯେତେବେଳେ ପୁନଃ ନିର୍ମିତ ହୁଏ, ସେତେବେଳେ ଜାତି ନିଜର ମୂଳ ସ୍ୱରୂପକୁ ନୂଆଁ ଭାବେ ଅନୁଭବକରେ। ବୈଷୟିକ ଜୀବନର ଚାପ ଓ ପାଶ୍ଚାତ୍ୟ ସଂସ୍କୃତିର ପ୍ରଭାବ ମଧ୍ୟରେ ମିଥ୍ ଆମକୁ ନିଜ ମାଟି, ମୂଳ ଓ ପରମ୍ପରା ସହିତ ଯୋଡ଼ି ରଖେ। ସେହିପରି ଭାବେ, ମିଥ୍ କେବଳ ପୁରାଣ କାହାଣୀ ନୁହେଁ — ଏହା ହେଉଛି ଆମର ସଂସ୍କୃତି, ସଭ୍ୟତା ଓ ପରମ୍ପରାର ଜୀବନ୍ତ ସ୍ମୃତି। ଏହା ଆମକୁ ଶିଖାଏ କିପରି ଅତୀତକୁ ଆଧାର କରି ବର୍ତ୍ତମାନକୁ ଗଢ଼ିହୁଏ ଓ ଭବିଷ୍ୟତକୁ ସୁରକ୍ଷିତ କରାଯାଏ। ସାହିତ୍ୟ ଓ ମିଥ୍ ମିଶି ଯେତେବେଳେ ଜାତୀୟ ଜୀବନର ଆଦର୍ଶ ରଚନା କରେ, ସେତେବେଳେ ଏହା ନିଜେ ହୋଇଯାଏ ସଂସ୍କୃତି ସୁରକ୍ଷାର ସବୁଠାରୁ ଶକ୍ତିଶାଳୀ ଉପାୟ।

**ପରିପକ୍ୱ ମାନସିକତା ଓ ଜୀବନବୋଧର ବିନିର୍ମାଣ :**

ପରିପକ୍ୱ ମାନସିକତା ହେଉଛି, ଯେଉଁଠାରେ ମନୁଷ୍ୟ ନିଜର ଚିନ୍ତାଧାରାରେ ଗଭୀରତା, ସାମଞ୍ଜସ୍ୟ ଓ ସହନଶୀଳତାର ପ୍ରକାଶ ଘଟାଇଥାଏ । ଏହି ମାନସିକତା ଗଢିଉଠିବାରେ ମିଥ୍‌ର ଗୁରୁତ୍ୱପୂର୍ଣ୍ଣର ଭୂମିକା ରହେ। ମିଥ୍ ହେଉଛି ମାନବ ଜୀବନର ଆତ୍ମସାରକୁ ଜାଗୃତ କରିବାର ଏକ ଆଦି ଶକ୍ତି। ସାହିତ୍ୟିକ ଯେତେବେଳେ ମିଥ୍‌କୁ ସାହିତ୍ୟରୂପରେ ଅଭିବ୍ୟକ୍ତ କରେ, ସେ ମାନବର ମନୋଜଗତର ଉନ୍ନତ ଓ ସଂସ୍କୃତି ସମ୍ପନ୍ନ ଆଦର୍ଶକୁ ଆକାର ଦେଇଥାଏ। ମିଥ୍ କୈନ୍ଦ୍ରିକ ପୁରାଣ, ମହାଭାରତ, ରାମାୟଣ ଓ ବିଭିନ୍ନ ଲୋକକାହାଣୀ ମାନବ ଜୀବନର ଦୁଃଖ, ସଂଘର୍ଷ ଓ ମୁକ୍ତିର ରୂପକ ରୂପେ ଆବିର୍ଭାବ ହୋଇଛି। ଏହି କାହାଣୀମାନେ ନୈତିକ ମୂଲ୍ୟ, କରୁଣା, ସତ୍ୟ, ଧୈର୍ଯ୍ୟ ଓ ଧର୍ମବୋଧକୁ ଜୀବନର ଅଂଶକରି ମନୁଷ୍ୟକୁ ଆତ୍ମ-ବିକାଶର ପଥରେ ପ୍ରେରିତ କରିଥାନ୍ତି।ପୁରାଣ, ଇତିହାସ ଓ ଲୋକ ପରମ୍ପରାରେ ଥିବା ମିଥିକ ଉପାଖ୍ୟାନଗୁଡ଼ିକ ମଣିଷକୁ ନିଜ ଚିତ୍ତର ଅନ୍ତଃସ୍ବର ସହ ବାର୍ତ୍ତାଳାପ କରିବାର ଶିକ୍ଷା ଦେଇଥାଏ। ଦୁର୍ଯ୍ୟୋଧନର ଅହଂକାର ମାନବକୁ ନିଜ ଅଭିମାନର ନିୟନ୍ତ୍ରଣ ଶିଖାଏ ; କର୍ଣ୍ଣର ଦାନଶୀଳତା ଏକ ମହାନ ମନୋଭାବର ନିଦର୍ଶନ ଦିଏ ପୁଣି ରାମଙ୍କ ଜୀବନ ଆଦର୍ଶ ଧର୍ମ, ନିଷ୍ଠା ଓ ନୀତିର ପ୍ରତୀକିତକରେ, ଦ୍ରୌପଦୀର ଯନ୍ତ୍ରଣା ନାରୀ ସମ୍ମାନ ଓ ସାମାଜିକ ନ୍ୟାୟର ପ୍ରେରଣାଦିଏ। ଏହି ସମସ୍ତ ମିଥିକ ପାତ୍ରମାନଙ୍କ ମାଧ୍ୟମରେ ମଣିଷ ସ୍ୱୀୟ ଆତ୍ମାର ଉନ୍ନତି ଓ ଜୀବନ ଚେତନାର ଉତ୍କର୍ଷକୁ ଅନୁଭବକରେ । ମିଥ୍ ମାନବୀୟ ଆଚରଣ, ମୂଲ୍ୟ ଓ ଆଦର୍ଶର ନୀତିଶିକ୍ଷା ପ୍ରଦାନକରେ। ସେଥିପାଇଁ ମିଥ୍ ମାଧ୍ୟମରେ ମଣିଷ ଜୀବନର ଉଚ୍ଚତର ଅର୍ଥକୁ ବୁଝାଏ ଓ ଖୋଜେ। ଯେଉଁଠାରେ କରୁଣା ପରୋପକାର ଓ ସତ୍ୟ ଜୀବନର ମୂଳ ମନ୍ତ୍ର ହୋଇଯାଏ। ଏହି ପରିଭାବରେ ମିଥ୍ ସାହିତ୍ୟ ମାନବ ଜୀବନରେ ଉନ୍ନତ ଜୀବନଚେତନା ଓ ଜୀବନବୋଧ ଗଠନର ଏକ ଦିଗଦର୍ଶକ ଶକ୍ତି ଭାବେ ପ୍ରତିଷ୍ଠିତ ହୁଏ।

**ନୈତିକ ଓ ମୂଲ୍ୟବୋଧ ଆଧାରିତ ସାମାଜ ଗଠନ :**

ସାହିତ୍ୟ ସଦାସର୍ବଦା ସମାଜର ଆଦର୍ଶ,ଚେତନା ଓ ନୀତିବୋଧର ପ୍ରତିଫଳକ। ଏକ ସୁସଂଗଠିତ ଓ ସାଧୁ ନୀତିନିଷ୍ଠ ସମାଜ ଗଠନରେ ସାହିତ୍ୟର ଭୂମିକା କେବଳ ମନୋରଞ୍ଜନ ମୂଳକ ନୁହେଁ; ଏହା ନୈତିକ ଶିକ୍ଷା, ସାମାଜିକ ଆଦର୍ଶ ଓ ଆତ୍ମ-ଚେତନାର ଉତ୍ସ। ଏହି ପରିପ୍ରେକ୍ଷୀରେ ଦେଖିବାକୁ ଗଲେ ସାହିତ୍ୟରେ ମିଥ୍ କୁ ଏକ ଦାର୍ଶନିକ ଓ ସାମାଜିକ ଉପାଦାନ ରୂପେ ବିବେଚିତ କରାଯାଏ। ମିଥ୍‌ର ଗଠନ ଓ ପ୍ରସାର ମାଧ୍ୟମରେ ମନୁଷ୍ୟ ସଭ୍ୟତା ନିଜର ନୈତିକ ଉତ୍ସକୁ ସ୍ମରଣକରେ ଏବଂ ତାହା ଆଧାରରେ ଗଢ଼ି ତୋଳେ ଏକ ମୂଲ୍ୟବୋଧ ଭିତ୍ତିକ ସମାଜ। ମିଥ୍ ହେଉଛି ମାନବ-ସଂସ୍କୃତିର ଆଦିଜାଗତିକ ସଚେତନତାର ଏକ ସାଂସ୍କୃତିକ ପ୍ରତୀକ। ଏହା କେବଳ ଆଖ୍ୟାନମୂଳକ କଳ୍ପନା ନୁହେଁ; ବରଂ ମନୁଷ୍ୟ ଜୀବନର ନୀତି, ଧର୍ମ, ଦାର୍ଶନିକତା ଓ ଆଦର୍ଶବୋଧକୁ ଅନ୍ତର୍ଭୁକ୍ତ କରିଥିବା ଜୀବନ-ତତ୍ତ୍ୱର ଚିତ୍ରାଙ୍କନ। ମିଥ୍‌ର ମୂଳ ସ୍ୱରୁପ ହେଉଛି ମନୁଷ୍ୟ ଓ ସମାଜ ମଧ୍ୟରେ ନିହିତ ଆଦ୍ୟ ନୈତିକ ଶୃଙ୍ଖଳାର ପୁନରାବିଷ୍କାର। ଏହା ସମାଜକୁ ଏକ ନୀତିନିଷ୍ଠ ଓ ମୂଲ୍ୟବୋଧମୟ ଦିଗରେ ପରିଚାଳିତ କରିଥାଏ।

ମିଥ୍‌ର ଅନ୍ତରାଳରେ ଥିବା ପୁରାତନ ଚରିତ୍ର,ଆଚାର, ଓ ଆଦର୍ଶଗୁଡ଼ିକ ସମାଜର ନୀତିଗଠନର ଶକ୍ତିଶାଳୀ ଆଧାର। ରାମାୟଣ ଓ ମହାଭାରତ ଭଳି ମହାକାବ୍ୟମାନଙ୍କ ମାଧ୍ୟମରେ ମିଥ୍ ନୈତିକ ଦର୍ଶନର ଏକ ସମଗ୍ର ପାଠ୍ୟ ରୂପେ ଉପସ୍ଥିତ। ରାମଙ୍କ ମର୍ଯ୍ୟାଦା, ସୀତାଙ୍କ ପତିବ୍ରତା, ହରିଶ୍ଚନ୍ଦ୍ରଙ୍କ ସତ୍ୟନିଷ୍ଠା, ଏବଂ ଯୁଧିଷ୍ଠିରଙ୍କ ଧର୍ମନିଷ୍ଠ ବିବେକ—ଏହି ସମସ୍ତ ମିଥ୍‌ମାନେ ନୀତି, ସତ୍ୟ ଓ ମୂଲ୍ୟବୋଧର ସାରତତ୍ତ୍ୱକୁ ପ୍ରତିପାଦନ କରନ୍ତି। ଏମାନେ ମାନବୀୟ ଆଚରଣକୁ ଏକ ଦାର୍ଶନିକ ନିୟମରେ ନିୟନ୍ତ୍ରିତ କରି ଏକ ଆଦର୍ଶ ସମାଜ ଗଠନର ପ୍ରେରଣା ଦିଅନ୍ତି।ସାମ୍ପ୍ରତିକ ଯୁଗର ବୈଜ୍ଞାନିକ ଯାନ୍ତ୍ରିକତା ଓ ଭୋଗବାଦୀ ଦୃଷ୍ଟିକୋଣ ମଧ୍ୟରେ ଯେପରି ନୈତିକ ଅଧୋପତନ ଦେଖାଯାଉଛି, ସେଠାରେ ମିଥ୍ ମନୁଷ୍ୟକୁ ସେହି ହଜିଯାଇଥିବା ନୀତି,ଚେତନା ଓ ଆଦର୍ଶବୋଧ ସହ ନିଜ ଜୀବନର ଅର୍ଥବୋଧ ଖୋଜିବାର ପ୍ରେରଣା ଦେଇଥାଏ। ମିଥ୍ ମନୁଷ୍ୟ ସମାଜରେ ଏକ ଦାର୍ଶନିକ ସାମାଜିକ ନିୟନ୍ତ୍ରଣ ବ୍ୟବସ୍ଥା ସୃଷ୍ଟି କରି ନୀତି, ନ୍ୟାୟ, ଧର୍ମ ଓ ସତ୍ୟର ଆଦର୍ଶକୁ ପୁନଃସ୍ଥାପନ କରେ।ବାସ୍ତବରେ ମିଥ୍ କେବଳ ସାହିତ୍ୟିକ ଉପାଦାନ ନୁହେଁ; ଏହା ହେଉଛି ଏକ ନୀତିସଂପନ୍ନ ସଭ୍ୟତାର ଦାର୍ଶନିକ ଭିତ୍ତି। ଏହାରି ମାଧ୍ୟମରେ ସମାଜ ନିଜର ନୈତିକ ମାର୍ଗକୁ ସଂଶୋଧନ କରେ ଓ ଏକ ମୂଲ୍ୟବୋଧ ଆଧାରିତ ସୁସଂଘଟିତ ନୂତନ ଜୀବନ-ବ୍ୟବସ୍ଥାର ପରିକଳ୍ପନା କରେ।

**ଜାତୀୟବାଦୀ ଚେତନାର ଉଦ୍ରେକ :**

ମିଥ୍ ହେଉଛି ଗୋଟିଏ ଜାତିର ଅସ୍ତିତ୍ୱବୋଧ, ମୂଳ ଚେତନା ଓ ଆତ୍ମ-ପରିଚୟର ଗଭୀର ସାଙ୍କେତିକ ପ୍ରତିବିମ୍ବ।ସାହିତ୍ୟ ଓ କଳାରେ ଯେତେବେଳେ ମିଥ୍ ପ୍ରୟୋଗ ହୁଏ, ସେଠାରେ ଜାତୀୟତାର ଏକ ଆନ୍ତରିକ ସ୍ୱର ଜାଗୃତହୁଏ। ମିଥ୍ ମାଧ୍ୟମରେ ଲେଖକ ନିଜ ଜାତିର ଗୌରବ, ଦୁଃଖ,ସୁଖ ଓ ସଂଘର୍ଷରକାହାଣୀକୁ ନୂତନ ରୂପରେ ପୁନଃବିନ୍ୟାସ କରେ। ଏହା ମାନବୀୟ ଅନୁଭୂତି ସହ ଜାତୀୟ ଅସ୍ତିତ୍ୱକୁ ଯୋଡ଼ି ଦେଇ, ପାଠକର ମନୋଜଗତରେ ଜାତିପ୍ରେମର ଭାବନାକୁ ଜାଗ୍ରତ କରେ। ମିଥ୍ର ମୂଳେ ଅଛି ଏକ ସାମୂହିକ ସ୍ମୃତି, ଯାହା ଜାତିକୁ ଏକତାରେ ବାନ୍ଧି ରଖେ। ଜାତୀୟ ଚେତନାର ଉଦ୍ରେକ ଅର୍ଥ ହେଉଛି ଜାତି ନିଜର ସଂସ୍କୃତି, ଭାଷା, ପରମ୍ପରା ଓ ଇତିହାସ ସହିତ ନିଜ ସ୍ୱତନ୍ତ୍ର ଅସ୍ତିତ୍ୱକୁ ଅନୁଭବ କରିବା। ଏହି ଅନୁଭୂତିର ପ୍ରାରମ୍ଭ ଓ ସୁସ୍ଥିରତାରେ ମିଥ୍ ମୁଖ୍ୟଭୂମିକା ଗ୍ରହଣ କରେ।

ଜାତୀୟଜୀବନର ଯାତ୍ରାରେ ମିଥ୍ ହେଉଛି ଗୋଟିଏ ଅନ୍ତଃସ୍ରୋତସ୍ରେତସ୍ୱିନୀ, ଯାହା ମାନବୀୟ ଆଦି ଚେତନାକୁ ସଂରକ୍ଷିତକରେ। ମିଥ୍ ମାଧ୍ୟମରେ ଜନଗୋଷ୍ଠୀ ନିଜର ଆଦିଉତ୍ସକୁ ସ୍ମରଣକରେ, ତାହାର ଉତ୍ପତ୍ତି, ଦେବ-ଦେବୀ, ପିତୃପୁରୁଷ ଓ ପୌରାଣିକ ଆଦର୍ଶ ସହିତ ଆତ୍ମସାତ୍ ହୁଏ। ପ୍ରାଚୀନ ଭାରତୀୟ ସଂସ୍କୃତିର ପ୍ରତିଟି ଜାତି, ପ୍ରାନ୍ତ ଓ ଉପଜାତି ମିଥ୍ରେ ନିଜରଜୀବନ ଶକ୍ତି ଖୋଜିଛି। ରାମ, କୃଷ୍ଣ, ଦୁର୍ଗା, ଜଗନ୍ନାଥ, ମାଧବ, ତାରିଣୀ ଇତ୍ୟାଦି ମିଥିକ ପ୍ରତୀକଗୁଡିକ କେବଳ ଧାର୍ମିକ ନହୋଇ, ସେଗୁଡିକ ଜାତୀୟ ଆତ୍ମାର ଚିତ୍ରଣକରିଛନ୍ତି। ଜଗନ୍ନାଥ ମିଥ୍ ଯେପରି ଓଡ଼ିଆ ଜନଜୀବନରେ ଏକତା, ଭାଇଚାରା,ବିଶ୍ୱଭ୍ରାତୃତ୍ୱ ଓ ଜାତୀୟତାବୋଧ ସୃଷ୍ଟି କରିଛି, ସେପରି ଅନ୍ୟ ମିଥ୍ଗୁଡିକ ଜାତୀୟ ଅଭିବ୍ୟକ୍ତିର ନୂତନ ପଥ ଉନ୍ମୁକ୍ତ କରିଛନ୍ତି ।ଆଧୁନିକ ଯୁଗରେ ମଧ୍ୟ ମିଥ୍ର ଏହି ଜାତୀୟ ଅବଦାନ ଅବିକଳ ଅଛି। ଗାନ୍ଧୀ, ସୁଭାଷ, ଭଗତ ସିଂହ ପରି ମହାନାୟକମାନେ ଆଜି ନୂତନ ମିଥ୍ର ରୂପ ଧାରଣ କରି ଜାତୀୟବାଦୀ ଆନ୍ଦୋଳନର ଆଧାର ହୋଇଛନ୍ତି। ଏହିପରି ଭାବରେ ମିଥ୍ ଜାତିକୁ ନିଜ ଇତିହାସ ସହ ସଂଯୋଗକରି, ଆଗାମୀ ପିଢ଼ିକୁ ଜାତୀୟ ସଚେତନତା ଓ ଆତ୍ମ ସମ୍ମାନର ପଥେ ଅନୁପ୍ରାଣିତ କରିଆସିଛି। ଜାତୀୟ ଗୌରବକୁ ପୁନଃସ୍ଥାପିତ କରି ମାନବତାର ମୂଳ ଆଦର୍ଶକୁ ଉଦ୍ଭାସିତ କରିଛି।

**ମାନସିକ ଓ ଆଧ୍ୟାତ୍ମିକ ଅନୁସନ୍ଧିତ୍ସା :**

ମିଥ୍ କେବଳ ଦେବତା ଓ ଅଲୌକିକ ଘଟଣାର କାହାଣୀ ନୁହେଁ; ଏହା ମାନବର ମନୋଜଗତ ଓ ଜୀବନର ଗଭୀର ସତ୍ୟକୁ ଆଲୋକିତ କରୁଥିବା ଏକ ସାହିତ୍ୟିକ ଉପାଦାନ। ମିଥ୍ ମାନବୀୟ ଚେତନାର ଆଭ୍ୟନ୍ତରୀଣ ସଂଘର୍ଷ, ଭୟ, ଆକାଂକ୍ଷା ଓ ଅଭିଳାଷର ରୂପକ। ସାହିତ୍ୟରେ ମିଥ୍ ପ୍ରୟୋଗ ଦ୍ୱାରା ଲେଖକ ମନୁଷ୍ୟର ମନୋଜଗତର ଗୁପ୍ତ ଦିଗକୁ ଉଜାଗର କରିପାରେ।ଯେମିତି ଜେମ୍ସ ଜଏସ୍ଙ୍କ Ulysses ଉପନ୍ୟାସ ହୋମରଙ୍କ Odyssey ମିଥ୍ ଉପରେ ଆଧାରିତ ହେଲେ ମଧ୍ୟ, ସେଠାରେ ଦେବତା ଓ ଯୁଦ୍ଧର କଥା ନୁହେଁ — ଏହା ଆଧୁନିକ ମନୁଷ୍ୟର ଚେତନା ଓ ଆତ୍ମସନ୍ଧାନର ଯାତ୍ରା। ଲିଓପୋଲ୍ଡ ବ୍ଲୁମ୍ ନାମକ ସାଧାରଣ ନାଗରିକ ମାଧ୍ୟମରେ ଜଏସ୍ ଦେଖାଇଛନ୍ତି ଯେ ପ୍ରତ୍ୟେକ ମନୁଷ୍ୟ ନିଜ ଜୀବନରେ ଗୋଟିଏ "ଓଡିସି" — ଅର୍ଥାତ୍ ଯାତ୍ରା — ଅନୁଭବ କରେ। ଏହି ଯାତ୍ରା ବାହ୍ୟ ନୁହେଁ, ମସ୍ତିଷ୍କର ଆଭ୍ୟନ୍ତରୀଣ ଯାତ୍ରା, ଯେଉଁଠି ସେ ନିଜର ଅସ୍ତିତ୍ୱ, ନୀତି, ପାପ, ପ୍ରେମ ଓ ଅର୍ଥକୁ ଖୋଜେ।ମିଥ୍ ଏହିପରି ମନୋବିଶ୍ଳେଷଣର ଉପକରଣ ଭାବେ କାମକରେ। କାର୍ଲ ଜୁଙ୍ଗଙ୍କ ମତାନୁସାରେ, ମିଥ୍ ହେଉଛି Collective Unconscious(ସାମୂହିକ ଅବଚେତନ)ର ପ୍ରତିରୂପ। ଯେତେବେଳେ ଲେଖକ ମିଥ୍ ବ୍ୟବହାର କରେ, ସେ ମାନବ ମସ୍ତିଷ୍କରଗଭୀର ସ୍ତରକୁ ଛୁଁଇଯାଏ। ଏହିପରି ମିଥ୍ ପ୍ରୟୋଗ ସାହିତ୍ୟକୁ ଗଭୀର ଆଧ୍ୟାତ୍ମିକ ମାନ ଦେଇଥାଏ। ଏହା ମନୁଷ୍ୟର ଆତ୍ମସନ୍ଧାନ, ଜୀବନର ଅର୍ଥ ଓ ସଂଘର୍ଷକୁ ପ୍ରତୀକାୟ ଭାବେ ଦେଖାଏ। ତେଣୁ ମିଥ୍ ହେଉଛି ମାନବ ଆତ୍ମାର ଦର୍ପଣ ଯେଉଁଠି ଆମେ ନିଜର ଭିତରକୁ ଦେଖିପାରିବା ଏବଂ ସେହି ଆତ୍ମଜ୍ଞାନ ହିଁ ସାହିତ୍ୟର ସର୍ବୋଚ୍ଚ ସାଧନା।

ଉପରେ ଆଲୋଚନା କରାଯାଇଥିବା ବିଷୟବସ୍ତୁଗୁଡ଼ିକରୁ ଆମେ ଉପନିତ ହେଲେ ଯେ, ମିଥ୍ ପ୍ରୟୋଗର ଭୂମିକା ସାହିତ୍ୟ କ୍ଷେତ୍ରରେ କେତେ ପ୍ରାସଙ୍ଗିକତା ବହନକରେ । ମିଥ୍ ପ୍ରୟୋଗ ଦ୍ୱାରା ଗୋଟିଏ ଜାତିର ସାହିତ୍ୟ ସମୃଦ୍ଧ ହେବା ସହ ତା'ର ସାମାଜିକ, ସାଂସ୍କୃତିକ ତଥା ଜାତୀୟ ଜୀବନର ବିଶେଷତ୍ୱ ପ୍ରତିପାଦିତ ହେବା ସମ୍ଭବପର ହୋଇଥାଏ ଏହା – ଅବିସମ୍ବାଦିତ । ମିଥ୍ ଗୁଡ଼ିକ ସାଧାରଣତଃ ମଣିଷ ଅବଚେତନ କଳାତ୍ମକ ପରିପ୍ରକାଶ ଘଟାଇ ସାହିତ୍ୟର ବିଭିନ୍ନ ବିଭାଗରେ ରୂପଲାଭ କରିଥିବ ହେତୁ ଏହା ମାଧ୍ୟମରେ ମାନବୀୟ ଚିନ୍ତା ଚେତନା ଓ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ସମ୍ଭବ ହୋଇଥାଏ । ରୁଚି ଓ ନୀତି, ଆଦର୍ଶ ଓ ବାସ୍ତବତା ମଧ୍ୟରେ, ପ୍ରାଚୀନ ଓ ନୂତନତା ମଧ୍ୟରେ ଏକ ସମନ୍ୱୟାତ୍ମକ ଭାବ-ମାନସ ପ୍ରତିଷ୍ଠା କରିବାରେ ମିଥ୍ ର ପ୍ରାସଙ୍ଗିକତା ଏକ ଲକ୍ଷଣୀୟ ବିଶେଷତ୍ୱ । ଏହା ମହାଭାରତୀୟ ଆଦର୍ଶ ତଥା ଓଡ଼ିଶୀ ସାଂସ୍କୃତିକ ଚିନ୍ତା ଚେତନାର ମୂଲ୍ୟାତ୍ମକ ପକ୍ଷକୁ ପ୍ରାଧାନ୍ୟ ଦେଇ ଏକ ନାବନ୍ୟାୟିକ ସାହିତ୍ୟିକ ଭାବଗତ ନିର୍ମାଣରେ ସହାୟକ ହୋଇଥାଏ । ତେଣୁ କବିମାନେ ମିଥ୍ ପ୍ରୟୋଗକୁ ପ୍ରାଧାନ୍ୟ ଦେଇ ନୂଆ ଭାବରେ କବିତା ଲେଖିବାର ପ୍ରୟାସ କରିଆସିଛନ୍ତି ।

BINDU BIMARSHA...

**'ପୂତନା'କାବ୍ୟର ଆଭିମୁଖ୍ୟ :**

ଖଣ୍ଡିଏ ଖଣ୍ଡିଏ କାବ୍ୟ-କୃତି କାଳ ଖଣ୍ଡକୁ ଅତିକ୍ରମ କରି କାଳଜୟୀ ହେବାର କ୍ଷମତା ରଖିପାରେ । "ପୂତନା" କାବ୍ୟ ହେଉଛି ତାହାର ଏକ ଜ୍ୱଳନ୍ତ ସ୍ୱାକ୍ଷର ଯାହାର ସ୍ରଷ୍ଟା ହେଉଛନ୍ତି ସେନାପତିପ୍ରଦ୍ୟୁମ୍ନ କେଶରୀ। ପୂତନା – ଆଲୋଚ୍ୟ କାବ୍ୟରେ କେବଳ ଏକ ପୌରାଣିକ ଚରିତ୍ର ନୁହେଁ; ବରଂ ସେ ହେଉଛି ଶାପଗ୍ରସ୍ତ ନାରୀ ମନରେ କୁହୁଳୁଥିବା ଅର୍ନ୍ତ ଦହନର ନିରୁତା ପରିପ୍ରକାଶ । ପୂତନା ଏକ କୁତ୍ସିତ ରୂପଧାରା, ଅବହେଳିତା, ଅସ୍ୱୀକୃତା, ଉପେକ୍ଷିତା ସମାଜ ବିନିନ୍ଦିତା ତଥା ଅନୂଢ଼ା ଚରିତ୍ର। ପ୍ରେମ ଓ ମାତୃତ୍ୱର ପ୍ରାପ୍ତି ସକାଶେ ତା'ରି ଭିତରୁ ଆସେ ଏକ ବ୍ୟାକୁଳ ଆବେଦନ ଏବଂ ଏହି ଆବେଦନକୁ କାବ୍ୟିକ ଓ ନୈସର୍ଗିକ ନ୍ୟାୟମିଳେ ପରିଶେଷରେ କୃଷ୍ଣ ରୂପରେ। ପୂତନାକାବ୍ୟରେ ସାଧାରଣତଃ ଆମେ ଦୁଇଟି ପ୍ରସଙ୍ଗକୁ ଲକ୍ଷ୍ୟ କରିପାରିବା ପ୍ରଥମତଃ ସମାଜରୁ ନିଗୃହୀତା, ଉପେକ୍ଷିତା ନାରୀ ମାନଙ୍କର ମନୋସ୍ଥିତିର ଜଟିଳ ବର୍ଣ୍ଣନା ଓ ଦ୍ୱିତୀୟତଃ ସମାଜ – ନିଗୃହୀତା, ଉପେକ୍ଷିତା, ସର୍ବସାଧାରଣ ନିନ୍ଦିତା ଦାନବୀ ପୂତନାର ଅନ୍ତଃ କୋଣରେ ଲୁଚି ରହିଥିବା ମମତାମୟୀ ରୂପଟିର ଉଦ୍ଘାଟନ । "

ପୂତନା" କେବଳ ସାଧାରଣ ନାରୀଟିଏ ନୁହେଁ, ସେ ଯୁଗେ ଯୁଗେ କାଳେ କାଳେ ସମାଜରେ ନିନ୍ଦିତ ହେଉଥିବା, ଉପେକ୍ଷିତ ହେଉଥିବା ନାରୀମାନଙ୍କର ପ୍ରତୀକ । ସେ କୃଷ୍ଣଙ୍କୁ ନିଜ ଥନରୁ ଅମୃତ ଦେଇ ମୃତ୍ୟୁ ମନାସୁଥିବା କୁମାରୀ ମାତା ନୁହେଁ ବରଂ କୃଷ୍ଣ ପ୍ରେମ ବିଦଗ୍ଧା ସ୍ନେହ ରଙ୍କୁଣୀ ମାଟିଏ । କବିଙ୍କ ଭାଷାରେ – " ପୂତନା ହେଉଛି ଏକାଧାରରେ ଜୀବନ ଓ ଯନ୍ତ୍ରଣାର ପ୍ରତୀକ  ପୂତନା ଭିତରେ ଯେଉଁ ପୀଡ଼ା ରହିଛି ତାହା ଏକ ସାର୍ବଜନୀନ ପୀଡ଼ା । ××××× ପୂତନା ଭିତରେ ମୁଁ ସମାଜର ନିଗୃହୀତ ନାରୀମାନଙ୍କର କ୍ଷତବିକ୍ଷତ ନିଷ୍ପାପ ସତ୍ତାଟିକୁ ଆଙ୍କିବା ଲାଗି ସବୁମତେ ପ୍ରୟାସ କରିଛି । (ପୂତନା କାବ୍ୟ - ପୃଷ୍ଠବନ୍ଧ)

ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ " ପୂତନା" କାବ୍ୟ ପୁରାଣରୁ ସମାଜ ଜୀବନ ଆଡ଼କୁ ଶାଶ୍ୱତ ଯାତ୍ରାର ପବିତ୍ର ଇସ୍ତାହାର । ପୁରାଣର ଚରିତ୍ରଟି ଭିତରେ ପ୍ରତିବିମ୍ବିତ ହୋଇଉଠିଛି ଅଯୁତେ ଦରଜର ଛାଇ । ଯାହାର କିଛି ଚିହ୍ନ ବର୍ଣ୍ଣ ସାଇତା ହୋଇନାହିଁ । ଆଖିତଳୁ ଲୁହ ଶୁଖଯାଇଥିବା ଗୋଟିଏ ମଳିନ ହସପିନ୍ଧା ଜୀବନ ବଞ୍ଚୁଥିବା ଏମିତି ଅନେକ ନାରୀ ହୁଏତ ଉଙ୍କିମାରିଛନ୍ତି ଏ କାବ୍ୟ ପ୍ରୟାସରେ । ପାଠକର ହୃଦୟ ବୀଣାକୁ ଶୋକାୟିତ କରେ ପ୍ରତିପୃଷ୍ଠାରେ ରହିଥିବା ସେହି ଅସହାୟ କିଂକର୍ତବ୍ୟ ବିମୁଢାର କରୁଣ ରାଗିଣୀ "ପୂତନା" ଗୋଟିଏ ଅଭିଶାପ ସମ୍ଭୂତ ନାରୀର ଜୀବନନାଟ୍ୟ କେବଳ ନୁହେଁ ଅବହେଳିତ ନାରୀ ଜୀବନର ଏକ ଶାଣିତ ସ୍ୱର । ସାଧାରଣ ନାରୀଟିଏ ଜୀବନର ସବୁ ଇଚ୍ଛା ହୁଏତ " ପୂତନା" ମନ ତଳେ ବି ଥିବ ମାତ୍ର ଜୀବନରେ, ସମାଜରେ, ସାହିତ୍ୟରେ ଚେତନା ଓ ଅବବୋଧରେ ପୁତି ପଙ୍କମୟ ନାଡୁଅ ମେଞ୍ଚାଏ ହୋଇ ରହିଯାଇଛି ତା'ର ଜୀବନ । ସାମାଜିକ ବିଧିବ୍ୟବସ୍ଥା ତାଲୁ ସେମିତି ହିଁ ରୁଗ୍ଣ କରିଦେଇଛି । ଏହି କାବ୍ୟକୁ ପାଠ କଲାବେଳେ ପ୍ରକୃତ ପାଠକକୁ "ପୂତନା" ଯେତିକି ଦିଶିବନି ତା'ଠାରୁ ଅଧିକ ଦିଶିବ ଆଧୁନିକ ଶଙ୍କାଗ୍ରସ୍ତ ସମୟଖଣ୍ଡରେ ନାରୀଟିଏର ଅଭିଶପ୍ତା ରୂପ। ଏହି ଅଭିଶପ୍ତା ବେଶ ତାକୁ ପୁରାଣ ବେଶରେ, ଈଶ୍ୱର ବେଶରେ, ଲେଖକ ବେଶରେ, ସମାଜ ବେଶରେ ପୁରୁଷଟିଏ ହିଁ ଦେଇ ଆସିଛି ଏବଂ ଏବେଶରୁ ମୁକ୍ତି ପାଇଁ ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ " ପୂତନା" ସ୍ୱର ଉତ୍ତୋଳନ କରିଛି ।

ବେଦ ଉପନିଷଦଠାରୁ ଆରମ୍ଭ କରି ଭାରତୀୟ ପୁରାଣ ଶାସ୍ତ୍ରରେ ନାରୀର ଜୀବନ ଚର୍ଯ୍ୟା ବିଶଦଭାବରେ ରହିଛି । ନାରୀଟିଏ କେତେବେଳେ ଅହଲ୍ୟା ଭୂମି ପାଲଟିଯାଏ ତ କେତେବେଳେ ହା-ହୁତାଶ ଭିତରେ ବିଡ଼ମ୍ବିତ ଜୀବନକୁ ନେଇ ବଞ୍ଚେ । ସେ ସିବିଲ, ରିଆ, ଆଦିତି ପରି ଆଦି ଜନନୀ,ସନ୍ତାନପିକୀ ମାଁର ଭୂମିକାରେ ଅବତୀର୍ଣ୍ଣ। କବିଙ୍କ ଦୃଷ୍ଟିରେ ପୂତନାର ରୂପଟି ଯଥାର୍ଥରେ ଏକ ମାତୃ ରୂପ । ଅଭିଶପ୍ତା ରୂପଟି ଅସଲ ପରିଚୟ ନୁହେଁ । ସମକାଳୀନ ବିଚାରରେ " ପୂତନା" ଜୀବନ ଓ ଯନ୍ତ୍ରଣାର ପ୍ରତୀକ । ନାରୀର ଗୋଟିଏ ରୂପ ମହମହ ଚନ୍ଦନ ବାସ, ଅନ୍ୟ ରୂପଟି ଡହଡହ ଉତ୍ତପ୍ତ ଅଙ୍ଗାର । ନାରୀର ଜୀବନ ମାତୃତ୍ୱରେ କେନ୍ଦ୍ରୀଭୂତ । ତେଣୁ ନାରୀର ସ୍ୱାଧୀନତା ହେଉଛି ତା'ର ବୈଶିଷ୍ଟ୍ୟ । ଯେଉଁଠି ଏହି ବୈଶିଷ୍ଟ୍ୟ ଆଲୋକାୟିତ ହୋଇଯାଏ, ମୁଖର ହୋଇ ଉଠେ, ପ୍ରେରଣାରେ ପରିପୁଷ୍ଟ ହୋଇ ଉଠେ ସେଇଠି ତାର ମୁକ୍ତି ଓ ସାର୍ଥକତା ମଧ୍ୟ ହୁଏ ମୁଖରୀତ । "ନାରୟତି ଇତି ନାରୀ" ନାରୟତି ଅର୍ଥ ଯାହା ବୃଦ୍ଧପ୍ରାପ୍ତକରେ । ନାରୀକୁ ମାଟି ସହ ତୁଳନା କରାଯାଏ । " ଯଥା ଭୂମି ସ୍ତଥା ନାରୀ" । ମାଟିର ବିଶେଷ ବୈଶିଷ୍ଟ୍ୟ ହେଲା ଧାରଣ କରିବା । ପୋଷଣ ଦେବା । ନାରୀର ଚରିତ୍ର ସହଜ ସହାନୁଭୂତି ପ୍ରବଣ ତେଣୁ ସେମାନେ ସହଜରେ ଭଲ ବା ମନ୍ଦରେ ଝୁଙ୍କିପଡ଼ନ୍ତି । ସେମାନଙ୍କ ଚରିତ୍ର ପୁଣି ମିଳନ ପ୍ରବଣତା ଅଧିକ ; ତେଣୁକରି ତାଙ୍କର ଗୁଣସବୁ କାଳ ଓ ପାତ୍ରର ଭେଦରେ ସବୁ ଆକାର ଧାରଣକରେ ।ସମାଜର ପ୍ରତିକୂଳ ପରିବେଶରେ ଜୀବନ ବଞ୍ଚିବାକୁ ହୁଏ ନାରୀକୁ । ଯାହା " ପୂତନା" କାବ୍ୟ ମାଧ୍ୟମରେ କହିଛନ୍ତି ପାଠକ ସମାଜକୁ । କବିଙ୍କ ଭାଷାରେ –

"ମୁଁ ଅପାଠୋଇ ବୋଲି
ଯିଏ ଯେମିତି ଚାହିଁଛ
ସେମିତି ମୋତେ ଠକିଚାଲିଛ।
ମୋର ଜନ୍ମଜନ୍ମର ଦାବି, ଦରଖାସ୍ତ
ତେଣୁ ଅନ୍ୟଭାବରେ ହୁଏ ଉପସ୍ଥାପିତ ।
ସତ ବଦଳରେ ଲେଖାହୁଏ ରାଶିରାଶି ମିଛ,
ମୋ ତୁଣ୍ଡକୁ ବନ୍ଦ ରଖିବା ଲାଗି
ମୋତେ ଦେଖାଯାଏ ଲୋଭ
ନତୁବା ନାନା ପ୍ରକାରର ଧମକ ।''।

(ପୂତନା କାବ୍ୟ) ପୃଷ୍ଠା-୫୨

ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ "ପୂତନା" କାବ୍ୟ ଓଡ଼ିଆ ସାହିତ୍ୟରେ ନାରୀବାଦୀ-ଚେତନା ପରିଚର୍ଚ୍ଚାରେ ଏକ ଅଭିନବ ପରିବର୍ତ୍ତନ ଘଟାଇଥିବା କୃତି ଅଟେ। ଏହି କାବ୍ୟର ମୂଳଭାବ ହେଉଛି - ନାରୀ ମନୋଜଗତ ଦୁଃଖ, ବିଦ୍ରୋହ ଓ ମୁକ୍ତିକାମୀ ମନର ଅଶ୍ରୁଳ ଚିତ୍କାର। ଶିକ୍ଷା, ସ୍ୱାଧୀନ ଚିନ୍ତା, ଆତ୍ମ-ପ୍ରତ୍ୟୟ ଓ ଆତ୍ମ ସମ୍ମାନ - ଏହି ମାନବୀୟ ଅଧିକାରଗୁଡ଼ିକୁ ଯେତେବେଳେ ନାରୀ ଅଭାବ ଅନୁଭବକରେ, ସେତେବେଳେ ସେ ଅବରୋଧିତ ଜୀବନର ଗମ୍ଭିରୀ ଭିତରେ ପତିତ ହୁଏ। ଏହି ଅବସ୍ଥାକୁ ସେନାପତି ଗଭୀରଭାବରେ ସାହିତ୍ୟିକ ଏବଂ ଦାର୍ଶନିକ ସଚେତନତା ସହ ଅଭିବ୍ୟକ୍ତ କରିଛନ୍ତି।ନାରୀର ଜୀବନ ଯାତ୍ରା ସେତେବେଳେ ଅପୂର୍ଣ୍ଣ ହୁଏ, ଯେତେବେଳେ ସେ ଆତ୍ମପ୍ରକାଶର ଅବସର ନ ପାଏ,ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଓ ସ୍ୱାଚ୍ଛନ୍ଦ୍ୟ ପରିବେଶରୁ ବଞ୍ଚିତ ହୁଏ। ସମାଜର ନାନାବିଧ ସାମାଜିକ ସମସ୍ୟା,ଅସାମ୍ୟ, ମିଥ୍ୟା,ଅଲୌକିକ ଧାରଣା, ଜଡ଼ କୁସଂସ୍କାର ଓ ଅନ୍ଧବିଶ୍ୱାସ- ଏସବୁ ନାରୀ ମୁକ୍ତିର ମାର୍ଗକୁ ଅନ୍ଧକାର କରେ। ଆଧୁନିକ ସମୟରେ ଏହି ସମସ୍ୟାଗୁଡିକ ଏତେ ଗଭୀର ଯେ, ନାରୀ ଅସ୍ତିତ୍ୱ ତାରି ଭିତରେ କାରାବଦ୍ଧହୋଇ ରହିଲାପରି ମନେହୁଏ।"ପୂତନା" କାବ୍ୟ ଏହି ନିର୍ଯ୍ୟାତିତ ଓ ଅପମାନିତ ନାରୀ ଜଗତର ସ୍ୱର ହିସାବରେ ଉପସ୍ଥାପିତ ହୋଇଛି। ଏଠାରେ "ପୂତନା" କେବଳ ପୁରାଣର ରାକ୍ଷସୀ ନୁହେଁ, ସେ ହେଉଛି ଆଧୁନିକ ନାରୀର ଚେତନାର ପ୍ରତୀକ - ଯେଉଁଥିରେ ତାର ବିଦ୍ରୋହ, ତାର ବ୍ୟାକୁଳତା ଓ ତାର ମୁକ୍ତିକାମନା ସାହିତ୍ୟିକ ଭାବାଦର୍ଶ ଘେନି ପ୍ରତିଫଳିତ। କବି ଏଠି ଲୋକ ଉପାଦାନ ଓ ପୁରାଣର ପ୍ରତୀକାତ୍ମକ ଚରିତ୍ର ମାଧ୍ୟମରେ ନାରୀର ମନୋ ଜଗତର ଅନ୍ଧକାରରୁ ଆଲୋକ ପର୍ଯ୍ୟନ୍ତ ଯାତ୍ରାକୁ ଦର୍ଶାଇଛନ୍ତି।କବିଙ୍କ ଭାଷାରେ–

"ଥରେଥରେ
ଆଦୌ ନ ହସିପାରିବାର କ୍ଳାନ୍ତି
ମାଡ଼ି ବସେ ଛାତିକୁ ମୋର
ତାକୁ ମୁଁ ଲୋଡ଼େ କି ନଲୋଡ଼େ,

ସେ ମୋତେ ଲୋଡୁଥାଏ ଚିରକାଳ
ମୋତେ ଲାଗେ ଜୀବନ ଯେମିତି
ଧୂଆଁରେ ତିଆରି ଗୋଟେ ଘର ।

(ପୂତନା କାବ୍ୟ) ପୃଷ୍ଠା-୪୨)

ପୁର୍ନଜନ୍ମର ଅନନ୍ତ ଚକ୍ରରେ ପୂତନା ହେଉଛି ମାନବୀୟ ବାସନା ଓ ଅତୃପ୍ତିର ଜୀବନ୍ତ ରୂପ। ସମାଜ ତା'କୁ ଅଶୁଭ, ଅମଙ୍ଗଳ୍ୟା ବୋଲି ଅଭିହିତ କରିଛି କିନ୍ତୁ ସେ ନିଜ ଅସ୍ତିତ୍ୱରେ ଜୀବନର ଅପାର ତାତ୍ପର୍ଯ୍ୟ ଖୋଜିଚାଲିଛି ଅବିରତ। ପୂତନାର ପୁନଃପୁନଃ ଧରାବତରଣ ମାନବ ମନର ମୋକ୍ଷ ସନ୍ଧାନର ଗଭୀର ପ୍ରତୀକ। ସେ କେବେ ରାଜକନ୍ୟା ରୂପେ ସୌନ୍ଦର୍ଯ୍ୟ, ଆଶା ଓ ସଭ୍ୟତାର ଚିହ୍ନ; କେବେ ରାକ୍ଷସୀ ରୂପେ ବିଦ୍ରୋହ, ବିନାଶ ଓ ଅନ୍ଧକାରର ପ୍ରତିନିଧି। ଏହି ଦ୍ୱୈତ ରୂପ ମଧ୍ୟରେ ଗଢ଼ିଉଠିଛି ତା'ର ଦାର୍ଶନିକ ସତ୍ୟ— ଯେଉଁଠାରେ ଶୁଭ ଓ ଅଶୁଭ, ପ୍ରେମ ଓ ଘୃଣା, ମାତୃତ୍ୱ ଓ ବିନାଶ ଏକାଧାରେ ସଂପୃକ୍ତ। କବିତାନୁସାରେ-

"ମୋର କୌଣସି ଜନ୍ମକୁ ମୁଁ, କିଆଁ ମଣିବି ବିଫଳ ?
ଏମିତି ମୁଁ ଆସୁଥିବି,ଆଲୁଅ ଖୋଜା ଆଖି ହଳକ ନେଇ
କଣ୍ଟାକୁଦି ରକ୍ତରେ ଫୁଟେଇବି ଫୁଲ
ଦେହେ ଦେହେ କଅଁଳେଇ ଅସଂଖ୍ୟ ପତର"

(ପୂତନା-କାବ୍ୟ) ପୃଷ୍ଠା-୫୨)

ସେ ଜୀବନକୁ କେବେ ବିଫଳ ମଣିନି, କାରଣ ତା'ର ଜନ୍ମ ଓ ମୃତ୍ୟୁ ଉଭୟ ହେଉଛି ଅର୍ନ୍ତମୁଖୀ ଆତ୍ମାର ଶୋଧନ ପ୍ରକ୍ରିୟା। ସେ ଆତ୍ମାର ଅନେକ ଅବତାର ମାଧ୍ୟମରେ ଦିବ୍ୟ କୃପା ଖୋଜିଛି । ପୂତନା ଏକାଧାରେ ସାହସିନୀ ଓ ଦୁର୍ଭାଗ୍ୟବନ୍ତୀ। ତେଣୁ, ପୂତନା ବାସ୍ତବରେ ମାନବ ମନର ଦାର୍ଶନିକ ସଂଘର୍ଷର ଏକ ସଂକେତ, ଯେଉଁଠି ଜୀବନ ଓ ମୃତ୍ୟୁ ମିଶି ଯାଏ ଏକ ଆତ୍ମ-ଜାଗରଣର ଅର୍ଥରେ। ସମାଜରେ ପ୍ରଚଳିତସାମାଜିକ ଅସମାନତା, ମିଥ୍ୟା ଅଲୌକିକ ଧାରଣା, କୁସଂସ୍କାର ଓ ଅନ୍ଧବିଶ୍ୱାସ ଆଜି ବୈଜ୍ଞାନିକ ଯୁଗରେ ମଧ୍ୟ ମାନବ ଜୀବନର ଅଭିଶାପ ରୂପେ ରୂପାନ୍ତରିତ ହୋଇଛି । ଏହି ସମସ୍ତ ଅନୁପାତିକ ଅସୁସ୍ଥତା ଫଳରେ ଆଧୁନିକ ନାରୀଜୀବନ ଗଭୀର ଭାବରେ ପୀଡ଼ିତ ହୋଇପଡ଼ିଛି । ଆତ୍ମକେନ୍ଦ୍ରିକ ଚିନ୍ତା, ଭୋଗପ୍ରବୃତ୍ତି, ବିଶ୍ୱବ୍ୟାପୀ ଶିଳ୍ପାୟନ ଓ ବ୍ୟବସାୟିକ ଦୃଷ୍ଟିଭଙ୍ଗୀ ନାରୀ ଜୀବନର ମର୍ଯ୍ୟାଦା ତଥା ମାନବତାକୁ ଅସ୍ତିତ୍ୱହୀନ କରୁଛି ।ଏହି ପରିବେଶର ପ୍ରତିଫଳନ ଭାବେ ସେନାପତି ପ୍ରଦ୍ୟୁମ୍ନକେଶରୀଙ୍କ "ପୂତନା" କାବ୍ୟ ନାରୀଜୀବନର ଗଭୀର ମନୋବେଦନାର ଦସ୍ତାବିଜ। କବି ଏଠାରେ ପୌରାଣିକ ପୂତନା ଚରିତ୍ରକୁ ଆଧୁନିକ ନାରୀ ଜଗତର ପ୍ରତୀକ ରୂପେ ଅଭିବ୍ୟକ୍ତ କରିଛନ୍ତି- ଯେଉଁଠାରେ ସେ ଅପମାନ, ନିର୍ଯ୍ୟାତନା, ଅବହେଳା ଓ ବିଦ୍ରୋହର ଆତ୍ମ-ସଂଘର୍ଷ ମାଧ୍ୟମରେ ମୁକ୍ତି ଓ ଉତ୍ତରଣର ଆକାଂକ୍ଷାକୁ ଉଚ୍ଚାରଣ କରୁଛି । କାବ୍ୟର ଆତ୍ମା ପାଲଟିଛି ମୁକ୍ତି ; ନାରୀ ଅସ୍ତିତ୍ୱ, ସ୍ୱପନ ଓ ସ୍ୱାଭିମାନର। ପୂତନା ନିଜ ଶାପକୁ ମୁକ୍ତିର ସାଧନାରେ ପରିଣତ କରିଛି । ସମାଜକୁ ଦେଖେଇ ଦେଇଛି ଜଟିଳ ପରିସ୍ଥିତିରେ ମଧ୍ୟ ଆତ୍ମପ୍ରତିଭା ଓ ଆତ୍ମବିଶ୍ୱାସ ବଳରେ ନାରୀଟିଏ କେମିତି ସବୁ ଜିଣିପାରେ ଅନାୟାସରେ । ନିମ୍ନରେ ପୂତନା କାବ୍ୟର କିଛି ଆଭିମୁଖ୍ୟକୁସୂଚାଇ ଦିଆଯାଉଛି-

୧.'ପୂତନା' ହେଉଛି ଏକ ମନୋବୈଜ୍ଞାନିକ କାବ୍ୟ। ଯେଉଁଠି ପୂତନା ମନୁଷ୍ୟର ଅନ୍ତଃସଂଘର୍ଷର ପ୍ରତୀକ -ସେ ନିଜ ମନରେ ଧୃଷ୍ଟତା ଓ ମାତୃସ୍ନେହର ଦ୍ୱନ୍ଦ୍ୱକୁ ଅନୁଭବ କରିଛି। ଶିଶୁ କୃଷ୍ଣଙ୍କୁ ବିଷଦେବା ସମୟରେ ତାର ହୃଦୟରେ ମାତୃଭାବ ଜାଗ୍ରତ ହୋଇଛି, ଯାହା ତାର ମନୋଭିନ୍ନତାର ସୂଚକ। କବି ଏଠାରେ ମାନବ ମନର ଗୁହ୍ୟ ପ୍ରତିସଂଘାତ, ଆତ୍ମଦ୍ୱନ୍ଦ୍ୱ ଓ ନୈତିକ ଆକୁଳତାକୁ ଚିତ୍ରିତ କରିଛନ୍ତି।

୨.ପୂତନା ମାନବୀୟ ବେଦନା ଓ ନାରୀଜୀବନର ଜଟିଳ ସତ୍ୟର ଜୀବନ୍ତ ପ୍ରତୀକ। ସେ ଜନ୍ମରୁ ନାରୀ, କିନ୍ତୁ ସମାଜ ତାକୁ ରାକ୍ଷସୀ ରୂପି ଆବରଣରେ ଢାଙ୍କି ତାହାର ମାନବୀୟତାକୁ ଅସ୍ୱୀକାର କରିଛି। ସେନାପତି ପ୍ରଦ୍ୟୁମ୍ନକେଶରୀ ଏହି ଚରିତ୍ର ମାଧ୍ୟମରେ ନାରୀର ଅସ୍ତିତ୍ୱ ହାନି, ନିର୍ଦ୍ଦୋଷ ମାତୃତ୍ୱର ବିକୃତି ଓ ସମାଜିକ ଅନ୍ୟାୟର ଅନ୍ତଃସ୍ରାବକୁ ସୁକୁମାର ଭାବେ ଉଦ୍ଭାସିତ କରିଛନ୍ତି। ପୂତନା ଭିତରେ ଥିବା ମାତୃସ୍ନେହ ଓ ଦୁଷ୍ଟତାର ଦ୍ୱନ୍ଦ୍ୱ ନାରୀଜୀବନର ଦାର୍ଶନିକ ଓ ମାନସିକ ଅନୁଭବକୁ ପ୍ରକାଶକରେ। ଏହି ଅର୍ଥରେ, "ପୂତନା" କେବଳ ଏକ ପୌରାଣିକ ଉପାଖ୍ୟାନ ନୁହେଁ, ବରଂ ନାରୀ ସ୍ୱାଧୀନତା ଓ ଆତ୍ମସଂଘର୍ଷର ପ୍ରତୀକ ।

୩. ସେନାପତି ପ୍ରଦ୍ୟୁମ୍ନ କେଶରୀଙ୍କ ଉକ୍ତ ଲେଖନୀ ଅନ୍ଧବିଶ୍ୱାସ ଓ ଅଜ୍ଞାନତାର ଅନ୍ଧକାରକୁ ଚ୍ୟାଲେଞ୍ଜ କରିଛି । ସେ ମିଥ୍‌କୁ ଅନ୍ଧତାର ହତିଆର ଭାବେ ନୁହେଁ, ବରଂ ଜ୍ଞାନ ଓ ସଚେତନତାର ପ୍ରତୀକ ଭାବେ ବ୍ୟବହାର କରିଛନ୍ତି। "ପୂତନା" କାବ୍ୟରେ ସେ ଦେଖାଇଛନ୍ତି ଯେ ମିଥ୍ ମାନବ ମନରେ ଲୁଚିରହିଥିବା ଅଜ୍ଞାତା ଓ ଭୟକୁ ଉଜାଗରକରି, ସତ୍ୟତାରପଥକୁ ଆଲୋକିତ କରେ। ପୂତନା ଏଠାରେ ଅନ୍ଧକାର, ମିଥ୍ୟା ଧାରଣା ଓ ଭୟର ପ୍ରତିନିଧି, ଯେଉଁଠାରେ କୃଷ୍ଣ ଯୁକ୍ତି, ପ୍ରଜ୍ଞା ଓ ଜୀବନଦୀପ୍ତ ଜ୍ଞାନର ପ୍ରତୀକ ରୂପେ ଉପସ୍ଥିତ। ଏହି ରୂପକ ମାଧ୍ୟମରେ ସେନାପତି ମାନବଚେତନାକୁ ଅନ୍ଧବିଶ୍ୱାସରୁ ମୁକ୍ତକରି, ବୈଚାରିକ ଚେତନାକୁ ଜାଗ୍ରତ ଓ ଆଲୋକିତ କରିବାର ସନ୍ଦେଶ ଦେଇଛନ୍ତି ।

୪. ପୂତନା କାବ୍ୟ' ଏକ ଆତ୍ମ-ଶୋଧନାତ୍ମକ ସୃଜନଯେଉଁଥିରେ କବି ଜୀବନର ଅନ୍ଧକାରକୁ ନିର୍ମଳ ସତ୍ୟର ଆଲୋକରେ ନିଶେଷ କରିବାର ପଥ ଦେଖାଇଛନ୍ତି।

୫. କାବ୍ୟର ମୂଳ ଭାବ ହେଉଛି -ଜୀବ ଏବଂ ଈଶ୍ୱରଙ୍କ ମଧ୍ୟର ସମ୍ପର୍କ। ପୂତନା ଅଜ୍ଞାନ ଓ ମୋହର ପ୍ରତୀକ, ଯେଉଁଠାରେ କୃଷ୍ଣ ଜ୍ଞାନ ଓ ମୋକ୍ଷର ରୂପକ,ଚିତ୍‌ଶକ୍ତି-ସଚେତନତାତଥାଆନନ୍ଦରସାର। ଯେତେବେଳେ ଜୀବ(ପୂତନା) ଅଜ୍ଞାନ ଭିତରେ ଥାଏ, ସେ ମୃତ୍ୟୁକୁ ପାଏ କିନ୍ତୁ ଯେତେବେଳେ ଜ୍ଞାନର ଚିତ୍'ଶକ୍ତି (କୃଷ୍ଣ) ତା'ର ଅନ୍ତରକୁ ସ୍ପର୍ଶକରେ, ସେ ମୋକ୍ଷରେ ଲୀନ ହୁଏ। ଏହି ଦାର୍ଶନିକ ଆଭିମୁଖ୍ୟ ଏହି କାବ୍ୟର ଅନ୍ତଃତତ୍ତ୍ୱ।ବାସ୍ତବରେ ପ୍ରଦ୍ୟୁମ୍ନ କେଶରୀଙ୍କ'ପୂତନା' କାବ୍ୟ ଓଡ଼ିଆ ସାହିତ୍ୟରେ ଏକ ସାଙ୍କେତିକ ଓ ଦାର୍ଶନିକ ରଚନା ଭାବେ ବିଶିଷ୍ଟ ସ୍ଥାନ ଅଧିକାର କରିଛି।ଏହି କାବ୍ୟରେ ପୌରାଣିକ ମିଥ୍‌କୁ ଆଧୁନିକ ସାମାଜିକ ଓ ମନୋବୈଜ୍ଞାନିକ ପରିପ୍ରେକ୍ଷିରେ ପୁନଃବ୍ୟାଖ୍ୟା କରାଯାଇଥିବା ଫଳରେ ବେଶ୍ ଜନ ପ୍ରିୟତା ଅର୍ଜନ କରିଛି ।

**ସହାୟକ ଗ୍ରନ୍ଥସୂଚୀ**

୧. ଦେବତା, ସନ୍ତୋଷ : ପ୍ରଦ୍ୟୁମ୍ନ କେଶରୀଙ୍କ କାବ୍ୟ ଦୃଷ୍ଟି, କୃତି ଓ

cc BY NC

କୀର୍ତ୍ତି, ଏଥେନା ବୁକ, ୨୦୨୦, - ପୃ -୫୫

୨. ପଟ୍ଟନାୟକ, ଜିତେନ୍ଦ୍ରନାରାୟଣ :ସାଂପ୍ରତିକ ପାଶ୍ଚାତ୍ୟ ସମାଲୋଚନା ତର୍,ବିଦ୍ୟାପୁରୀ, ୨୦୦୬, ପୃ-୨୩

୩. ମହାନ୍ତି, ସୁଧର ଚନ୍ଦ୍ର :ପ୍ରାଚ୍ୟ ପାଶ୍ଚାତ୍ୟ କାବ୍ୟତନ୍ତ୍ର, ଏ.ଏକ ମିଶ୍ର, ପବ୍ଲିଶର୍ସ, ୨୦୧୬-ପୃ-୭୮

୪. ମିଶ୍ର,ଇନ୍ଦୁ: ମିଥ୍ ଓ ଏହାର କାବ୍ୟିକ ପ୍ରୟୋଗ, ଗ୍ରନ୍ଥମନ୍ଦିର,୧୯୮୪

୫. ସ୍ୱାଇଁ, ଦିଲୀପ କୁମାର, ପ୍ରାଚ୍ୟ ପାଶ୍ଚାତ୍ୟ ଓ ପ୍ରାଦେଶିକ ସାହିତ୍ୟ ତତ୍ତ୍ୱ, ବିଜୟିନୀପବ୍ଲିକେଶନ୍ସ ୨୦୧୯ ପୃ-୨୨୮

୬. ତତୈବ – ପୃ – ୨୭୫

୭.ଶତପଥୀ,ପ୍ରତିଭା,ଉତ୍ତର-ଆଧୁନିକ ଓଡ଼ିଆ କବିତା ଓ ଅନ୍ୟାନ୍ୟ ପ୍ରବନ୍ଧ,ଗ୍ରନ୍ଥମନ୍ଦିର,୧୯୧୯, ପୃ-୨୪


BINDU BIMARSHA...


| FIELD | DETAILS | PLAGIARISM QR |
|---|---|---|
| FUNDING STATEMENT | This research received no external funding | |
| CONFLICT OF INTEREST | No | |
| PLAGIARISM TEST | Yes (Drillbit) | |
| SIMILARITY INDEX | 0 % | |
| ETHICAL APPROVAL | Not applicable | |
| CITE: | Padhan, Babulu. "Mitha Prayogara Prasangikata O 'Putana' Kabyara Abhimukhya." *Bindu Bimarsha*, vol. 2, no. 2, Apr. 2026, pp. 39–44. Crossref, https://doi.org/10.64647/bb.vol.2.issue.2.2026.8. | |

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା ॥ ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II ॥ APRIL—JUNE 2026

# ପଲ୍ଲୀ ଓ ପ୍ରକୃତିର ନିଚ୍ଛକ ପ୍ରତିଛବି: କବି ବିନୋଦ ଚନ୍ଦ୍ର ନାୟକଙ୍କ 'ଗ୍ରାମପଥ'

ଅଜିତ୍ କୁମାର ମୁଖି
ଓଡ଼ିଆ ଅଧ୍ୟାପକ, ସ୍ନାତକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଏନ୍.ବି.ସି କଲେଜ୍ କେନ୍ଦୁପଦର, ଗଞ୍ଜାମ

**Date Of Submission:** 27–02-2026 **Date Of Publication:** 14-04-2026

ABSTRACT ॥ ସଂକ୍ଷିପ୍ତ ସାର

କବିତା ରଚନା କରି ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟକୁ ସମୃଦ୍ଧ କରିଥିବା ଆଗ ଧାଡ଼ିର କବିମାନଙ୍କ ମଧ୍ୟରେ କବି ବିନୋଦ ଚନ୍ଦ୍ର ନାୟକ ଅନ୍ୟତମ। ଓଡ଼ିଆ କାବ୍ୟ ସୌଧ ନିର୍ମାଣ ହୋଇଛି ବିଭିନ୍ନ କବିଙ୍କ ଦ୍ୱାରା ରଚିତ ବିବିଧ ବିଷୟକୁ ନେଇ । ବହୁ କବି ତଥା ଲେଖକ ନିଜ ରଚନାରେ ଗ୍ରାମ୍ୟ ଜୀବନ ଚିତ୍ର, ସାମାଜିକ ଜୀବନର ବହୁମୁଖୀ ନିଚ୍ଛକ ଚିତ୍ରକୁ ଅଙ୍କନ କରି ଓଡ଼ିଆ ସାହିତ୍ୟରେ ହୋଇଛନ୍ତି ଅମର । କବିବର ରାଧାନାଥ ରାୟ, ପଲ୍ଲୀକବି ନନ୍ଦକିଶୋର ବଳ , ସଚ୍ଚିଦାନନ୍ଦ ରାଉତରାୟଙ୍କ ପରି ପ୍ରମୁଖ କବିଗଣ ସ୍ୱକୀୟ ରଚନାରେ ଗ୍ରାମ୍ୟ ପରିବେଶକୁ କରିଛନ୍ତି ଜୀବନ୍ତ । ସୁପରିଚିତ କବିମାନଙ୍କ ମଧ୍ୟରେ କବି ବିନୋଦ ଚନ୍ଦ୍ର ନାୟକଙ୍କ କବିତାରେ ମଧ୍ୟ ଗ୍ରାମ୍ୟ ଜୀବନଚିତ୍ର, ପଲ୍ଲୀ ପ୍ରକୃତିର ମନୋରମ ଦୃଶ୍ୟ ସହ ସଂସ୍କୃତିର ଚିତ୍ର ମଧ୍ୟ ଦେଖିବାକୁ ମିଳେ । ଗାଁ ପରିବେଶର ବର୍ଣ୍ଣନା, ଦୂରବର୍ତ୍ତୀ ଭୌଗୋଳିକ କ୍ଷେତ୍ର ବର୍ଣ୍ଣନା, ପାରିବାରିକ ଜୀବନ, ନାରୀ ଜୀବନ ଚିତ୍ର ସହ ବାସ୍ତବବାଦୀ ରୋମାଣ୍ଟିକ ଭାବର ରୂପ ଚିତ୍ରଣରେ କବି ଶ୍ରୀ ନାୟକ ଏକାନ୍ତ ଭାବରେ ବାରି ହୋଇ ପଡ଼ନ୍ତି । ଏହି ଗ୍ରାମ୍ୟ ଜୀବନ ଚିତ୍ର, ପଲ୍ଲୀ ପ୍ରକୃତିର ନିଚ୍ଛକ ପ୍ରତିଛବି, ଗାଁ ସଡ଼କର ଗୁଣଗାନ, ନାରୀ ଜୀବନର ବାସ୍ତବ ଚିତ୍ର, କୃଷକ ପରିବାରର ଚିତ୍ର, ବାଲ୍ୟ ଓ କୈଶୋର ସ୍ମୃତିକୁ ପୁଞ୍ଜିକରି କବି ଶ୍ରୀ ନାୟକ ରଚନା କରିଛନ୍ତି 'ଗ୍ରାମପଥ' କବିତା ।

**ARTICLE NUMBER:** BB-II-II-2026-09

**ORC ID:** 0009-0000-8482-3810

**DOI:** 10.64647/bb.vol.2.issue.2.2026.9

**E-MAIL:** ajitkumarmukhi007@gmail.com

**REVIEW STATUS:** Double-Blind Peer Reviewed

**LANGUAGE OF THE ARTICLE:** Odia

**TYPE OF ARTICLE:** Analytical Research Article

**ପ୍ରମୁଖ ଶବ୍ଦାବଳୀ :**
ଗ୍ରାମପଥ, ତାଳବଣ, କାଶ ଫୁଲ, ଅପରାଜିତା, ଗ୍ରାମ ବଧୂ, ସହନଶୀଳା, ମଶାଣି, ଧାନ କ୍ଷେତ, ବାଲ୍ୟ ଓ ତରୁଣ ସ୍ମୃତି, ପ୍ରାନ୍ତର, ଝରଣା, ପୋଖରୀ, ମୃତ୍ୟୁବୋଧ, ବାସ୍ତବତା, ଗ୍ରାମ୍ୟ ଜୀବନ, ନାରୀ ଜୀବନ, ପଲ୍ଲୀ ଓ ପ୍ରକୃତି ।

BINDU BIMARSHA...

ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ସୁପରିଚିତ ପ୍ରଥିତ ଯଶା କବି ବିନୋଦ ନାୟକଙ୍କ ଜନ୍ମହୁଏ ସୁନ୍ଦରଗଡ଼ ଜିଲ୍ଲାର ବାମରା ନିକଟବର୍ତ୍ତୀ ତେଲିପାଲି ଗ୍ରାମରେ ୧୯୧୯ ମସିହା ସେପ୍ଟେମ୍ବର ମାସ ୦୨ ତାରିଖରେ । ଫୁଲ ଛୋଟ ହେଉ କି ବଡ଼ ହେଉ ତାର ସୁରଭି ଜଣା ପଡ଼ିଯାଏ । ଅନୁରୂପ ଭାବରେ କବିଙ୍କ ବାଲ୍ୟ ଜୀବନରେ ହିଁ ଜଣା ହୋଇଥିଲା କବିଙ୍କ କବିତ୍ୱର ସ୍ଫୁରଣ । କବି ଛାତ୍ର ଜୀବନରୁ ଆକୃଷ୍ଟ ହୋଇ ପଡ଼ିଥିଲେ କବିତା ପ୍ରତି । କବିଙ୍କ ସବୁ କବିତା ସମସାମୟିକ ପତ୍ରିକା ସହକାର, ନବ ଭାରତ, ନବୀନ, ଯୁଗବାର୍ତ୍ତା ଓ ଡଗର ଭଳି ଉତ୍କୃଷ୍ଟ ପତ୍ରିକା ମାନଙ୍କରେ ହୋଇଥିଲା ପ୍ରକାଶିତ । ପ୍ରକାଶିତ କବିତା ଗୁଡିକ ସାଉଁଟି ଥିଲା ଅନେକ ପ୍ରଶଂସା । କବି ବିନୋଦ ନାୟକ ଥିଲେ ଉଚ୍ଚ ଶିକ୍ଷିତ । ସେ ଉଭୟ ଇଂରାଜୀ ଓ ଓଡ଼ିଆ ସାହିତ୍ୟ ବିଷୟରେ ସ୍ନାତ୍ତକୋତ୍ତର ଶିକ୍ଷା ଲାଭ କରିଥିଲେ ପାଟଣା ବିଶ୍ୱବିଦ୍ୟାଳୟରୁ । ଏହାପରେ ସେ ଯୋଗ ଦେଇଥିଲେ ଓଡ଼ିଶା ସରକାରୀ ସେବାରେ ଏବଂ ପରବର୍ତ୍ତୀ ସମୟରେ ବିବିଧ ଅନୁଷ୍ଠାନରେ ଅଧ୍ୟାପକ ଭାବରେ କାର୍ଯ୍ୟ ସଂପାଦନ ପୂର୍ବକ ଶେଷରେ ଅଧ୍ୟକ୍ଷ ଭାବରେ ୧୯୭୮ ମସିହାରେ ଝାରସୁଗୁଡ଼ା ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟରୁ ନେଇଥିଲେ ଅବସର । ଆଜୀବନ ଶିକ୍ଷା ଓ ସାହିତ୍ୟ ପ୍ରତି ତାଙ୍କର ରହିଥିଲା ନିବିଡ଼ ସମ୍ପର୍କ । ଓଡ଼ିଆ ସାହିତ୍ୟ ଏକାଡେମୀର ସଂପାଦକ ଓ ପରେ ସଭାପତି ପଦ ମଧ୍ୟ ଅଳଙ୍କୃତ କରିଥିଲେ । ତାଙ୍କ ସାହିତ୍ୟ ବିବିଧ ବିଷୟକୁ ନେଇ ହୋଇଥାଏ ପରିଶୋଭିତ । ସାମାଜିକ ଜୀବନର ଚିତ୍ର, ଗ୍ରାମ୍ୟ ଜୀବନ ଚିତ୍ର, ସହରୀ ଜୀବନ ଚିତ୍ର, ଆନନ୍ଦ-ନିରାନନ୍ଦ,ହର୍ଷ-ବିଷାଦ,ସୁଖ -ଦୁଃଖ, ଆଶା-ନିରାଶା, ପର୍ବପର୍ବାଣୀ, ଐତିହାସିକ ଚିତ୍ର, ପୌରାଣିକ ଚିତ୍ର, ରାଜନୀତିକ ପୃଷ୍ଠପଟ୍ଟ, ଦାର୍ଶନିକ ଅବବୋଧ, ଆଧ୍ୟାତ୍ମିକ ଅନ୍ୱେଷାବୋଧ, ଆଧୁନିକ ମନୁଷ୍ୟର ଅସହାୟତା, ନିଃସଙ୍ଗତାବୋଧ, ସ୍ୱପ୍ନଭଙ୍ଗ, ରୋମାଣ୍ଟିକ ଭାବ ଓ ବିଶେଷ କରି ପାରିବାରିକ ଜୀବନର ଦାୟବୋଧତା ପରି ପ୍ରସଙ୍ଗକୁ ନେଇ ସାହିତ୍ୟ ତଥା କବିତାର କଳେବର ହୁଏ ଗଠିତ । ପୃଥିବୀ ରୂପକ ପାତ୍ରରେ ବହୁ ବିଷୟ ଥିଲେ ହେଁ ଗ୍ରାମ୍ୟ ଜୀବନ, ପାରିବାରିକ ଜୀବନ, ପଲ୍ଲୀ ପ୍ରକୃତିର ଅମାପ ବର୍ଣ୍ଣନା, ସାମାଜିକ ଜୀବନର ବହୁ ଅନୁଭୂତି ସୁଲଭ ଚିତ୍ରକୁ ନେଇ ରାଶି ରାଶି କବିତା ଲେଖିଛନ୍ତି ଅନେକ କବି । ଓଡ଼ିଆ ପଦ୍ୟ ସାହିତ୍ୟର ଉନ୍ମେଷ ଘଟେ ଚର୍ଯ୍ୟା ସାହିତ୍ୟରୁ । ଏହି ସାହିତ୍ୟରେ

ବହୁତ୍ ସାମାଜିକ ଜୀବନର ଚିତ୍ର ମିଳେ ଦେଖିବାକୁ । ଚର୍ଯ୍ୟା ସାହିତ୍ୟର ପରବର୍ତ୍ତୀ ସମୟରେ ସାରଳା ସାହିତ୍ୟ, ପଞ୍ଚସଖା ସାହିତ୍ୟ, ରୀତି ସାହିତ୍ୟ, ଆଧୁନିକ ଯୁଗର କବି ରାଧାନାଥ ରାୟ, ଗଙ୍ଗାଧର ମେହେର, ନନ୍ଦ କିଶୋର ବଳ, ଶଶୀଭୂଷଣ ରାୟ, ଗୋପବନ୍ଧୁ ଦାସ, ସମସ୍ତ ସବୁଜ କବି ମାୟାଧର ମାନସିଂହ ଓ 'ଛୋଟ ମୋର ଗାଁଟି'ର କବି ସଚ୍ଚି ରାଉତରାୟ ପ୍ରମୁଖ କବି ଗ୍ରାମ୍ୟ ପରିବେଶର ଜୀବନ୍ତ ବର୍ଣ୍ଣନା, ପଲ୍ଲୀର ଚିତ୍ର, ପାରିବାରିକ ଜୀବନର ଚିତ୍ରକୁ ରୂପ ଦେଇଛନ୍ତି ନିଜ ନିଜ ମାନସ ସନ୍ତତି କବିତାରେ । ଏହି ପ୍ରମୁଖ କବି ମାନଙ୍କ ବ୍ୟତିରେକ କବି ବିନୋଦ ଚନ୍ଦ୍ର ନାୟକଙ୍କ କବିତାରେ ମଧ୍ୟ ଦେଖିବାକୁ ମିଳେ ଗ୍ରାମ୍ୟ ଜୀବନର ନିଛକ ପ୍ରତିଛବି । କବି ଶ୍ରୀ ନାୟକଙ୍କ କବିତାର ପଲ୍ଲୀ ପ୍ରକୃତିର ମନୋରମ ଦୃଶ୍ୟ ଓ ରୋମାଣ୍ଟିକ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀ ଅନ୍ୟତମ ମୌଳିକ ବୈଶିଷ୍ଟ୍ୟ । ତାଙ୍କ କବିତାର ଅନ୍ୟତମ ବିଶେଷତ୍ୱ ହେଉଛି ଦୁରବର୍ତ୍ତୀ ଭୌଗୋଳିକ କ୍ଷେତ୍ର ପ୍ରତି ଆସକ୍ତି । ସବୁଜ ସୁଲଭ ମନୋଭାବ ଜନିତ ଭାବ ତାଙ୍କ କବିତାରେ ପ୍ରକଟିତ ହେଉଥିବାର ତାଙ୍କୁ ବିଶିଷ୍ଟ ସମାଲୋଚକ ମାୟାଧର ମାନସିଂହ 'ବୈଦେଶିକୀ' ଓ ସଚ୍ଚି ରାଉତରାୟ ତାଙ୍କୁ 'ପଳାୟନବାଦୀ' ଭାବେ କରିଛନ୍ତି ନାମିତ । କବି ବିନୋଦ ନାୟକଙ୍କ ଜଣେ ପ୍ରଶଂସକ ହେଉଛନ୍ତି ସୁରେନ୍ଦ୍ର ମହାନ୍ତି ।

କବି ବିନୋଦ ଚନ୍ଦ୍ର ନାୟକଙ୍କ ସାହିତ୍ୟିକ ଜୀବନ ଆରମ୍ଭ ହୁଏ ଛାତ୍ର ଜୀବନରୁ । କବି ଶ୍ରୀ ନାୟକ ଅଷ୍ଟମ ଶ୍ରେଣୀରେ ଅଧ୍ୟୟନ କରୁଥିବା ସମୟରେ ମାତ୍ର ଆଠ ବର୍ଷ ବୟସରେ ହିଁ ୧୯୩୩ ମସିହାରେ ଲେଖିଥିଲେ ପ୍ରଥମ କବିତା "ଅଶ୍ରୁରଅର୍ଘ୍ୟ " । ଯାହା ପ୍ରକାଶିତ ହୋଇଥିଲା ସହକାର ପତ୍ରିକାରେ । କବିତାରେ ସବୁଜ ଯୁଗ ସୁଲଭ ରୋମାଣ୍ଟିକ ଚେତନା ପରିଲକ୍ଷିତ । କୌଣସି ଏକ କଜଳ ସଜଳ ତରୁଣୀକୁ ଆହ୍ୱାନ କରି କାବ୍ୟ ନାୟକଙ୍କ ମୃତ୍ୟୁ ପରେ କବର ପାଖ ଚିତା ଭସ୍ମର ନିକଟରେ ଦୁଇଟୋପା ଅଶ୍ରୁ ବିନ୍ଦୁ ଢାଳିବାକୁ ଅନୁଗ୍ରହ ଲୋଡ଼ିଥିଲେ । ଏହି କବିତା ପ୍ରକାଶିତ ହେବା ପରେ ଅଜସ୍ର ସ୍ନେହ ଓ ପ୍ରଶଂସା କରନ୍ତି ଲାଭ । କବି ଶ୍ରୀ ନାୟକ ବହୁ ପ୍ରଶଂସା ଲାଭ କରିବା ପୂର୍ବକ ପରବର୍ତ୍ତୀ ସମୟରେ ନିରବଚ୍ଛିନ୍ନ ଭାବେ ଲେଖି ଯାଇଛନ୍ତି ରାଶି ରାଶି କବିତା । ଯେଉଁ କବିତା ଗୁଡ଼ିକ ସଂକଳିତ ହୋଇଛି ବିଭିନ୍ନ ସମୟରେ ପ୍ରକାଶିତ କବିତା ଗୁଚ୍ଛ ଗୁଡ଼ିକରେ । କବି ବିନୋଦ ନାୟକଙ୍କ ପ୍ରକାଶିତ କବିତା ଗୁଚ୍ଛ ଗୁଡ଼ିକ ମଧ୍ୟରେ ପ୍ରଥମ ହେଉଛି ହୈମନ୍ତୀ (୧୯୩୩) । ଏହି କବିତା ସଂକଳନରେ ଗୁଚ୍ଛିତ କବିତା ଗୁଡ଼ିକ କବିଙ୍କ ଛାତ୍ର ଜୀବନ ତଥା ପ୍ରାରମ୍ଭିକ ପର୍ଯ୍ୟାୟର ରଚନା । ଏଥିପାଇଁ ଏସବୁ କବିତାରେ ସବୁଜ ସୁଲଭ ରୋମାଣ୍ଟିକ ଭାବଧାରା ଓ ମାୟାଧର ମାନସିଂହଙ୍କ ପ୍ରଭାବ ସହଜରେ ଲକ୍ଷ୍ୟ କରାଯାଏ । ଏହାପରେ ପ୍ରକାଶ ପାଏ କବିଙ୍କ କବିତା ସଂକଳନ 'ଚନ୍ଦ୍ର ଓ ତାରା' , 'ନୀଳ ଚନ୍ଦ୍ରର ଉପତ୍ୟକା', 'ଇଳାବୃତ୍ତ', 'ନନ୍ଦାଦେବୀ', 'ସାତ ତାରାର ଦ୍ୱୀପ', 'ସରୀସୃପ' , 'ପୋହଳା ଦ୍ୱୀପର ଇତିକଥା', 'ରାଜକୀୟ ନିଃସଙ୍ଗତା' ଓ 'କାଞ୍ଚନ କୁନ୍ତଳାର ତରବାରୀ' । କବିତା ଗୁଡ଼ିକରେ ରୋମାଣ୍ଟିକ ଚିନ୍ତାଧାରା ଓ ପଲ୍ଲୀ ପ୍ରକୃତିର ଜୀବନ୍ତ ପ୍ରତିଫଳନ ହୋଇଥାଏ ଦୃଶ୍ୟମାନ । ତାଙ୍କ କବିତାର ଭାଷା, ଭାବ, ମନୋରମ ଭାବେ ପ୍ରକାଶ କରିବାର ଶୈଳୀ ଓ ଗଭୀର ଅନୁଭୂତିର ପରିପ୍ରକାଶ ଘଟିଥିବାରୁ ପାଠକ ପ୍ରାଣରେ ଏକ ଆହ୍ଲାଦିତ ଭାବ ସୃଷ୍ଟି କରିବାରେ ହୁଏ ସମର୍ଥ ଶ୍ରୀ ନାୟକଙ୍କ କବିତା । କବି ଶ୍ରୀ ନାୟକ ପ୍ରଶାସନିକ ସେବା, ଶିକ୍ଷା ଓ ସାହିତ୍ୟ ପ୍ରତି ଆଜୀବନ ନିଷ୍ଠାପର ଭଲପାଇବା ସକାଶେ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନଦ୍ୱାରା ହୋଇଥିଲେ ସମ୍ମାନିତ । "ସରୀସୃପ" କବିତା ସଂକଳନ ତାଙ୍କୁ ୧୯୭୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା କରାଇଛି ।

କବି ବିନୋଦ ଚନ୍ଦ୍ର ନାୟକ 'ଗ୍ରାମପଥ' କବିତାର ଆରମ୍ଭରୁ ଦେଇଛନ୍ତି ସବୁଜ ଶ୍ୟାମଳ ସୁନ୍ଦର ବନାନୀ ଗାଁର ବର୍ଣ୍ଣନା । ଗାଁ ମାନଙ୍କରେ ସାଧାରଣତଃ ତାଳଗଛ, ଖଜୁରୀ ଗଛ, ନଡ଼ିଆ ଗଛ ଆଦି ଥାଏ । କବିତାର ବର୍ଣ୍ଣନାରେ ମଧ୍ୟ ଏସବୁ ପାଇଛି ସ୍ଥାନ । ଗାଁର ତାଳବଣ ସତେ ଯେମିତି ଗାଁର ମହକ, ମାଟିର ବାସ୍ନା, ମାଟିର ସଂଗୀତକୁ ଆକାଶକୁ ଶୁଣାଇଛି । ଗାଁ ଭିତରେ ସରୁ ସଡ଼କ ଟିଏ ଯାଇଛି ଲମ୍ବି । ଏହି ସଡ଼କ ବା ଗ୍ରାମପଥ ଦୂରରୁ କବିଙ୍କ ମନରେ ଦୂର ଦିଗବଳୟ ସହ ମିଶିଯିବାର ସୃଷ୍ଟି କରିଛି ଭ୍ରମ । ଗାଁ ପଥର ଦୁଇ କଡ଼ରେ ବିଲ, ଗାଡ଼ିଆ, କ୍ଷେତ ଗୁଡ଼ିକ ରହିଛି । କ୍ଷେତରେ କାଶତଣ୍ଡୀ ଫୁଲ ପ୍ରସ୍ଫୁଟିତ ହୋଇ ଦେଖାଯାଇଛି କେଡ଼େ ମନୋରମ । କାଶତଣ୍ଡୀ ଫୁଲ ପ୍ରସ୍ଫୁଟିତ ହେବା ଅଶ୍ୱିନ ମାସ ତଥା ଶରତ ଋତୁର ଆଗମନ କଥା କରିଅଛି ପ୍ରକାଶ । ଗାଁର ବିଲ ପାଖରେ ବିସ୍ତୀର୍ଣ୍ଣ ଭୂମିର ରହିଛି ବେରୁଆଁ ବା ବେଣା । ଜଙ୍ଗଲ, ପାହାଡ଼ ଘେରା ହୋଇଛି ଗାଁ । ବଣ ପାର ହେବାପରେ କବିଙ୍କୁ ତାଙ୍କ ମାମୁଁ ଘର ଦେଖାଯିବା କଥା ପ୍ରକାଶ କରିଛନ୍ତି କବିତାରେ । କବିଙ୍କ ଭାଷାରେ-"ଦୂରେ ତାଳ ବଣ ଆକାଶେ ଶୁଣାଏ /ମାଟିର କବିତା କି ସେ /ଏ ଗ୍ରାମର ପଥ ତହିଁ ଦିଗନ୍ତେ ମିଶେ / କ୍ଷେତ ପରେ କ୍ଷେତ କାଶଫୁଲ ଆଉ/ ବେଣାରେ ଜଟିଳା ପାଟ/ ପାଟ ପରେ ବଣ / ବଣ ପାରି ହେଲେ / ମାମୁଁ ଘର ଗାଁ ଦିଶେ ।" ( ୧ ) ଗ୍ରାମ ମାନଙ୍କରେ ଚାଷ କାର୍ଯ୍ୟ କରି ଅନେକ ଲୋକ କରିଥାନ୍ତି ଜୀବିକା ନିର୍ବାହ । ଓଡିଶା ମଧ୍ୟ ଏକ କୃଷି ପ୍ରଧାନ ରାଜ୍ୟ । କବିତାରେ ମଧ୍ୟ ଏହାର ଚିତ୍ର ହୋଇଛି ପ୍ରତିଫଳିତ । ଗାଁରେ ହରଡ଼, ବୁଟ ଚାଷ କରିବା, ଗାଇଗୋରୁ ଚରିବା ନିମିତ୍ତ ଚାରଣ ଭୂମି, ଗାଇଗୋରୁ, ଛେଳି ମାନଙ୍କୁ ସକାଳେ ନେଇ ଏକତ୍ର ଗୋଠରେ ରଖିବା ବିଷୟ ମଧ୍ୟ କବିତାରେ ହୋଇଛି ବର୍ଣ୍ଣିତ । ଗ୍ରାମପଥ କବିତା କବିତା ପଠନ କଲେ ଜଣାପଡ଼େ କବି ଲୋକ ଉକ୍ତି, ପ୍ରବାଦ ପ୍ରବଚନ ପ୍ରତି ମଧ୍ୟ ଥିଲେ ଅବଗତ । ଥୁଣ୍ଟା ଶିମିଳି ଗଛର ଶାଖାରେ କପୋତୀ କହିକହି କାନ୍ଦୁଛି ଉଠ୍ ପୂତ ଉଠ୍ ପୂତ ପୁରିଲାଣି ମାଣ । ଏଠାରେ ଲକ୍ଷ୍ୟ କରିବାର କଥା ମଣିଷ ଜନ୍ମ ନେଇ ସମାଜରେ ବଢ଼େ, ଜୀବନରେ ବିବିଧ କାର୍ଯ୍ୟ ସମ୍ପାଦନ କରି ଶେଷରେ ମୃତ୍ୟୁର ନିକଟତର ହୁଏ । ପ୍ରତି କ୍ଷଣରେ ସରି ସରି ଯାଏ ଆୟୁ । ଯାହାକୁ ଲୋକଙ୍କ ଭାଷାରେ ଗାଁ ମାନଙ୍କରେ ପୁରିଲାଣି ମାଣ ବୋଲି କୁହାଯାଏ । ଏହାକୁ କବିତାରେ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି କବି ଶ୍ରୀ ନାୟକ ।

ଗାଁର ସୌନ୍ଦର୍ଯ୍ୟକୁ ବଢ଼ାଇ ଥାଏ ପୋଖରୀକୂଳ ଓ କୁଳୁକୁଳୁ ନାଦରେ ବହି ଯାଉଥିବା ନଈ, ଝରଣା । ପୋଖରୀକୁ ନେଇ ଗାଁରେ ଅତିବାହିତ ଜୀବନରେ ଥାଏ କେତେକେତେ ସ୍ମୃତି । କବି "ଗ୍ରାମପଥ" କବିତାରେ ପୋଖରୀର ବର୍ଣ୍ଣନା ଅତି ଚତୁରତାର ସହ କରିଛନ୍ତି । କବିଙ୍କ ଗାଁରେ ଅଛି ପୋଖରୀ ଟିଏ । ପୋଖରୀରେ ଅନେକ କୁମୁଦିନୀର ହୋଇଛି ସମାଗମ । କଇଁର ପୂର୍ଣ୍ଣତା ପୋଖରୀରେ ଥିବା ଯୋଗୁଁ କବି ନାମ ଦେଇଛନ୍ତି କଇଁର ପୋଖରୀ । ଗାଁର ପୋଖରୀରେ ଗାଁର ଭୂଆସୁଣୀ, ସ୍ତ୍ରୀଲୋକ ଓ ଗାଁର ଲୋକମାନେ ସ୍ନାନ କରିଥାନ୍ତି । ସ୍ନାନ ସମୟରେ ପାଦ ସଫା ପୂର୍ବକ ପାହୁଡ଼ ଘଷିଥାନ୍ତି ପୋଖରୀ ତୁଠ ପଥରରେ । କେଶର ଯତ୍ନ ନେବାକୁ ଯାଇ ପ୍ରାକୃତିକ ଉପାୟରେ ମେଥି ସାହାଯ୍ୟରେ ବେଣୀକୁ ମୁକୁଳା କରି ଧୋଇଥାନ୍ତି କେଶକୁ । ଭୂଆସୁଣୀ ସହିତ ଚାତୁରୀ ନଣନ୍ଦ ମଧ୍ୟ ଯାଏ ପୋଖରୀ ତୁଠକୁ । ସେ ଗାଲରେ ହଳଦୀ ଲଗାଇ ଚହଲା ପାଣିରେ ଦେଖୁଥାଏ ମୁଖକୁ । କବି ପୋଖରୀ ପ୍ରସଙ୍ଗ ବର୍ଣ୍ଣନା କରିବା ପରେ ନିଜ ଘର କଥା ମଧ୍ୟ କରିଛନ୍ତି ବର୍ଣ୍ଣନା । ଘର ଉପରେ ପୋଇ ଶାଗ ଓ ପାଣିକଖାରୁ ଲତା ମାଡ଼ିଛି । ଲତା ଗୁଡ଼ିକ ବଢ଼ିଯାଇ ଘର ମଥାକୁ କରିଛି ସ୍ପର୍ଶ । ସଜନା ଗଛ ସାଗରୁ କେତେବେଳେ କଶିଫୁଲ ଝଡ଼ିପଡ଼ି ଧୂଳିରେ ଯାଇଛି ମିଶି । ବାଡ଼ ଦେହରେ ଅପରାଜିତାର ଲତାର ଫୁଲ ଗୁଡ଼ିକ କେତେ ମନୋହର ଭାବରେ ଶୋଭା ପାଉଛି ।

କବି ବିନୋଦ ନାୟକ ସଚେତନତାର ସହିତ "ଗ୍ରାମପଥ" କବିତାରେ ନାରୀ ଜୀବନର ଅନେକ ଦିଗ ପ୍ରତି ଦୃଷ୍ଟି ଆକର୍ଷଣ କରାଇଛନ୍ତି । ଗ୍ରାମପଥକୁ କେନ୍ଦ୍ର କରି ଗଢ଼ି ଉଠିଥିବା ବହୁ ବାସ୍ତବ ଅନୁଭୂତିକୁ ପ୍ରକାଶ କରିଛନ୍ତି କବିତାରେ । ନବବଧୂ ଟିଏ ଗାଁକୁ ଆସିଥାଏ । ପରିବାରରେ ତାର କେତେ ପ୍ରକାର କର୍ମ, ଗାଁରେ କେତେ ପୂଜା, ପର୍ବପର୍ବାଣୀ, ଓଷାବ୍ରତ ସହ ଅନେକ କର୍ମ କରିଥାଏ ସମ୍ପାଦନ । ଗ୍ରାମବଧୂ ଘରର ସକାଳ କାମ ଓ ନିତ୍ୟକର୍ମ ଶେଷ କରି ପ୍ରଭାତରେ ସ୍ନାନ କରିବାକୁ ଯାଏ ପୋଖରୀକୁ । ପୋଖରୀରେ ସ୍ନାନ ସାରି ଓଦା ଲୁଗା ପିନ୍ଧି ଘରକୁ ଚାଲି ଚାଲି ଆସେ । ଓଦା ସରବର ଦେହରୁ ବିନ୍ଦୁ ବିନ୍ଦୁ ଜଳ ପାଦ ଦେଇ ଆସିଥାଏ ଖସି । ଓଦା ଲୁଗାରୁ ଜଳ ପାଦ ଦେଇ ପଡ଼ିବା ଫଳରେ ଭୂମିରେ ସଜଳ ଚରଣ ରେଖା ହୁଏ ଅଙ୍କିତ । କବିଙ୍କ ମନ ଗ୍ରାମବଧୂକୁ ଦେଖି ମାଆ ବୋଲି ସମ୍ବୋଧନ କରି ଡାକିବାକୁ ବ୍ୟାକୁଳ ହୋଇ ଉଠିଛି । କାରଣ ପୃଥିବୀ ଯେପରି ସର୍ବଂସହା ଠିକ୍ ସେହିପରି ଜନନୀ ତଥା ଗ୍ରାମବଧୂ ମଧ୍ୟ ପୃଥିବୀ ସମ ସହନଶୀଳା । ନିଜେ ନଖାଇ ଅନ୍ୟକୁ ଖୁଆଇବା, ନିଜେ ଦୁଃଖରେ ରହି ପରିବାର ତଥା ଅନ୍ୟକୁ ଖୁସିଦେବା ପରି ବହୁ କୋହକୁ ଲୁଚାଇ ରଖିଥାଏ ମାଆ । ଆଖିରେ ଥାଏ ବେଦନାର ରେଖା ମାତ୍ର ଓଠରେ ଥାଏ ସୁଖରେ ଥିବାର ମହକ । କବିଙ୍କ ଭାଷାରେ – "ସେଇ ପଥେ ଫେରେ ଗ୍ରାମବଧୂ

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିଲେ ହେଁ ଅନେକ ସମୟରେ ବହୁ ବ୍ୟକ୍ତି ଜୀବିକା ନିର୍ବାହ ପାଇଁ ଯାଇଥାନ୍ତି ବିଦେଶକୁ । ବଧୂଟିଏ କେତେ ଆଶା ନେଇ ଆନନ୍ଦ ଉଲ୍ଲାସର ବିବାହ କରେ ଗାଁର ତରୁଣକୁ । ଗ୍ରାମପଥ ଦେଇ ବାପା ଘରୁ ଆସେ ଶାଶୁ ଘରକୁ । କିଛି ଦିନ ପରେ ସମୟ ସ୍ରୋତରେ ପଡ଼ି ତରୁଣ ଯାଏ ବିଦେଶକୁ ଗମନ କର୍ମ କରି ଗୁଜୁରାଣ ମେଣ୍ଟାଇବାକୁ । ତରୁଣର ଫେରିବା ବାଟକୁ ଆକୁଳ ସହକାରେ ଅନାଇ ରହିଥାଏ ନବବଧୂ । କାକକୁ ତଣ୍ଡୁଳ ଦେଲେ କାକ ବାର୍ତ୍ତା ଆଣିବାର ରହିଛି ବିଶ୍ୱାସ । ଆହାର ଲୋଭରେ କାଉ କେବଳ ଖାଦ୍ୟ ଖାଇବାକୁ କରିଛି ରାବ । କୌଣସି ଖବରର ପ୍ରେରଣ ତଥା ତରୁଣ ମଧ୍ୟ ଫେରିବାର ସୂଚନା ନାହିଁ । ଗ୍ରାମ ଦେବତୀଙ୍କ ପୀଠରେ ନିବେଦନ କଲେ ଗ୍ରାମଦେବତୀ ବଧୂର ବ୍ୟଥାକୁ ବୁଝି ପାରିନାହିଁ । ଏଣୁ ବଧୂ ମନରେ ଆସିଚି ବିଷାଦ । କବିଙ୍କ ଭାଷାରେ – " ଏ ପଥେ ଗ୍ରାମର ତରୁଣ ବିଦେଶେ ଯାଏ / ଲେଉଟା ପଥକୁ ନୂତନା ଘରଣୀ / ଆକୁଳେ ଅନାଇ ଥାଏ ।" (୨) ଗ୍ରାମ ପଥରେ ବଧୂ ବିବାହ ହୋଇ ବାପା ଘରୁ ଆସିବା ବେଳେ କରେ ପ୍ରବେଶ । ଗାଁକୁ ଆସିବାପରେ ନିଜର ଭାବ, ସ୍ନେହ, ଶ୍ରଦ୍ଧା, ଅନୁରାଗ, ହୃଦୟର ମମତା, ମୁଖର ମଧୁର ହସ କରିଥାଏ ବିତରଣ । ଚାଳକ ପରି ପରିବାରର ସଂସାର ରଥକୁ ବାହି ଚାଲିଥାଏ ଆଗକୁ ଆଗକୁ । ପୁଅ-ଝିଅ, ନାତି-ନାତୁଣୀ, ପୁଅ - ବୋହୂ ଦେଖେ । ଜୀବନର ଅଭିନୟ ସରିବା ପରେ କାଳର କୋଳରେ କବଳିତ ହେବାକୁ ପଡ଼େ । ଗ୍ରାମପଥ ଦେଇ ସେ ଯେପରି ଆସିଥାଏ, ଠିକ୍ ସେହିପରି ପଥ ଦେଇ ଗାଁର ମଶାଣିକୁ ବୁହା ହୋଇଯାଏ । କବି ଏଣୁ ଗ୍ରାମପଥକୁ ଆସିବା ଜନର ସାକ୍ଷୀ ଓ ଫେରିବା ଜନର ବନ୍ଧୁ ବୋଲି କହିଛନ୍ତି । କବିଙ୍କ ଭାଷାରେ – "ଏ ପଥରେ ଗ୍ରାମେ ପ୍ରବେଶ ହୁଅଇ ବଧୂ / ବିତରି ବୁକୁର ମମତା ମୁଖର ମଧୁ / ପୁଅ ଝୁଅ ନାତି ନାତୁଣୀରେ ରଖି / ମଶାଣି ଏ ପଥେ ଫେରେ / ଆସିବା ଜନର ସାକ୍ଷୀ ଏ ପଥ / ଫେରିବା ଜନର ବନ୍ଧୁ ।" (୩)

କବି ଶ୍ରୀ ନାୟକ କବିତାର ପ୍ରାରମ୍ଭରୁ ହିଁ ସୂଚନା ଦିଅନ୍ତି କାଶତଣ୍ଡୀ ଫୁଟିବାରୁ ଆଶ୍ୱିନ ମାସର ଆଗମନ କଥା । ଆଶ୍ୱିନ ମାସର ଜୋସ୍ନାଲୋକ କେଡ଼େ ମନୋହର । ଗ୍ରାମପଥରେ ଚନ୍ଦ୍ରକିରଣର ପ୍ରତିଫଳନ କବିଙ୍କ ମନରେ ସତେ ଯେମିତି ସୃଷ୍ଟି କରିଛି ରୂପା ଢାଳିବାର ଭ୍ରମ । ଆଶ୍ୱିନରେ ହୁଏ ଜହ୍ନି ଓଷା । ଓଷାରେ କେତେ ମଉଜ, ହସ ଖୁସି, କୌତୁହଳରେ ଗାଁର ତରୁଣୀ ମାନଙ୍କର ଦିବା ନିଶି ହେଇଥାଏ ଅତିବାହିତ । ଜ୍ୟୋତ୍ସ୍ନାବିଧୌତ ରଜନୀରେ କୁମାରୀ ଦଳର ମିଳିତ କଣ୍ଠରୁ ଝରିଆସେ ସଙ୍ଗୀତର ଝଙ୍କାର । ସଙ୍ଗୀତର ଲାଳିତ୍ୟରେ ଗାଁର ପରିବେଶ ହୋଇଥାଏ ମୁଖରିତ । ଧାନ ପାକଳ ହୋଇ ସୁନା ପରି ଝଟକୁ ଥାଏ କ୍ଷେତରେ । କୃଷକ ଦେଖି ହୋଇଉଠେ ଆନନ୍ଦ । ଖୁସିରେ ସତେ ଯେମିତି ତା'ର ମୁଖ ପୂର୍ଣ୍ଣମୀର ଚାନ୍ଦ । ଧାନ କ୍ଷେତକୁ ବନ୍ୟଜନ୍ତୁଙ୍କ କବଳରୁ ରକ୍ଷା କରିବାକୁ କୃଷକ ଚାଲିଯାଏ ରାତିରେ ଧାନ କ୍ଷେତରେ ଶୋଇବାକୁ । ଶରତ ଋତୁରେ ନୀଳ ଆକାଶରେ ଦେଖାଯାଏ ଖଣ୍ଡ ଖଣ୍ଡ ଧଳାମେଘ । କବିଙ୍କ ମନରେ ଏହା ସୃଷ୍ଟି କରଛି ପ୍ରାନ୍ତର ଡେଇଁ ଡେଇଁ ସତେ ଯେମିତି ଭସାଣି ମେଘର ଛାୟା ରଚନା କରୁଛି ।

ଗାଁରେ ଝିଅଟିଏ ଜନ୍ମରୁ ବଢ଼ିଥାଏ । ସମୟ ସ୍ରୋତରେ ତା'ର ବାଲ୍ୟ, ପଉଗଣ୍ଡ, କୈଶୋର ବେଳ ଅତିବାହିତ ହୁଏ । ସାଙ୍ଗ ସାଥି ପରିବାର ମେଳରେ କେତେ ସୁଖ ସରାଗରେ ସମୟ କଟିଥାଏ । ଯୌବନ ପ୍ରାପ୍ତ ହେଲାପରେ ବିବାହ ବୟସ ହୁଏ ଉପନୀତ । ପରିବାରର ଲୋକ ବିବାହ ଠିକ୍ କରିଦିଅନ୍ତି ଅନ୍ୟ ଏକ ଅପରିଚିତ ପରିବାରରେ । ଅପରିଚିତ ବ୍ୟକ୍ତି କଥା ଭାବି କିଶୋରୀଟି ଭାଙ୍ଗି ପଡ଼େ । ନୟନରେ ଆସିଯାଏ ଲୋତକର ଧାର । ଗାଁର ମହକ, ଧୂଳିଘର ଛାଡ଼ି ଝିଅ ଗାଁ ପଥ ଦେଇ ଶାଶୁଘରକୁ ଯିବାର ସମୟ ଉପଗତ ହୁଏ । ଏହି ସମୟରେ ମାଆର ଅମାନିଆ ଆଖିର ଲୁହ ରଚିଥାଏ ବନ୍ୟା । ଗ୍ରାମ ପଥକୁ ନେଇ ବିତି ଯାଇଥିବା ବିଗତ ଦିନର ଥିବା ସ୍ମୃତିକଥା ମନେପକାଇ କନ୍ୟା ବୁକୁ ଫଟାଇ କରିଚାଲେ କ୍ରନ୍ଦନ । ବିଧାତାଙ୍କର ଏହା ସତେ ଯେପରି ନାରୀ ଜୀବନ ପାଇଁ ଅଭିଶାପ । ଏଥିପାଇଁ କବି କରିଛନ୍ତି ଦୁଃଖ ପ୍ରକାଶ ।

କବି ଶ୍ରୀ ନାୟକ "ଗ୍ରାମପଥ" କବିତାରେ ଉପମାର ମଧ୍ୟ ଚମତ୍କାର ପ୍ରୟୋଗ କରିଛନ୍ତି । ଶ୍ୟାମଳ ପ୍ରାନ୍ତରରେ ଗ୍ରାମପଥ ଉଲଙ୍ଗ ଶିଶୁ ପରି ଘୁମାଇବାକୁ କବି ନୀଳ ଆକାଶର ଛାୟାପଥର ମନୋରମ ଦୃଶ୍ୟ ସହ କରିଛନ୍ତି ତୁଳନା । ଗ୍ରାମର ଝରଣାକୁ ଅତିକ୍ରମ କରି ଗ୍ରାମପଥ ଅଗ୍ରସର ହୋଇ ସତେ ଯେପରି ପଥ ସ୍ୱର୍ଗର ସୀମାକୁ ସ୍ପର୍ଶ କରିବାକୁ ଧାଇଁଛି । ଗ୍ରାମପଥକୁ କବି ଏଠାରେ ସଂସାର ତ୍ୟାଗୀ ସନ୍ୟାସୀ ସହ ତୁଳନା କରିଛନ୍ତି । ସନ୍ୟାସୀ ନିଜର ପରିବାର,ବନ୍ଧୁ ପରିଜନ, ସାଂସାରିକ କାମନା ବାସନାକୁ ପରିତ୍ୟାଗ କରିଥାଏ, ଅନୁରୂପ ଭାବେ ଗ୍ରାମପଥ ମଧ୍ୟ ଗ୍ରାମ, ପରିବାର, ବିଲ, ଝରଣା ଅତିକ୍ରମ କରି ସ୍ୱର୍ଗର ସୀମାକୁ ଧାଇଁଛି ଏକାଗ୍ର ଚିତ୍ତରେ ସ୍ପର୍ଶ କରିବାକୁ ।

କବି ବିନୋଦ ଚନ୍ଦ୍ର ନାୟକ ଗ୍ରାମପଥର ମହାତ୍ମ୍ୟ ବର୍ଣ୍ଣନା କରିବାକୁ ଯାଇ ନିଜର ବାଲ୍ୟ ଜୀବନ ଓ ତରୁଣ ଦିନର ସ୍ମୃତିକୁ କରିଛନ୍ତି ରୋମନ୍ଥନ । ପିଲାବେଳେ କେତେ ହସ, ଗମାତ, ଖେଳକୁଦ କରିଥିଲେ ଗ୍ରାମପଥରେ କବି ଶ୍ରୀ ନାୟକ । ବାଳକ ବେଳର ପ୍ରିୟ ସାଥି ଭାବେ ସମ୍ବୋଧନ କରି ଗ୍ରାମପଥର ବନ୍ଦନା ଗାନ ପୂର୍ବକ କରିଛନ୍ତି ଅଯୁତ ରୂପକ ଦଣ୍ଡବତ । ତରୁଣ ଦିନର କେଳିକୁଞ୍ଜ ରୂପେ ବର୍ଣ୍ଣନା ଦେବା ସହ ଶେଷରେ ବୟସର ଉତରଣରେ ଗ୍ରାମପଥର ବିସ୍ତାର ଭୂମିରେ କବି ହୋଇ ପଡ଼ିଛନ୍ତି କ୍ଲାନ୍ତ । ଏଣୁ କବିଙ୍କ ପ୍ରାଣରେ ଲାଗିଛି କଷ୍ଟ ଅନବରତ । ପାଥେୟ ବିହୀନ ପଥିକ ପରି କବିଙ୍କୁ ମନେ ହୋଇଛି । କ୍ଲାନ୍ତ ବଶତଃ କବିଙ୍କୁ ଜୀବନରେ ଆଗକୁ ଯାତ୍ରା କରିବା ହୋଇ ଯାଇଛି ଅସମ୍ଭବ । ଏଣୁ କବିଙ୍କ ମନରେ ସୃଷ୍ଟି ହୋଇଛି ଆଶଙ୍କା । ମୃତ୍ୟୁବୋଧ ଜନିତ ପ୍ରେମ ପ୍ରକାଶିତ ହେଉଛି କବିତାରେ । ମଣିଷ ସଂସାରକୁ ଆସେ, ସଂସାର ରୂପକ ରଙ୍ଗମଞ୍ଚରେ

ଅଭିନୟ କରିବା ପରେ କାଳଦ୍ୱାରା ହୋଇଥାଏ କବଳିତ । ଇହଲୀଳା ସମ୍ବରଣ କଲେ କୋକେଇରେ ଶବ ହୋଇ ମଶାଣିକୁ ବୁହା ହୋଇଯାଏ । ମଶାଣିକୁ ଯିବାବେଳେ ଖଇ ଓ କଉଡ଼ି ପକାଯାଇଥାଏ । ସଭିଏଁ କହି ଚାଲନ୍ତି 'ରାମ ନାମ ସତ୍ୟ ହେ' । ଖଇ , କଉଡ଼ି ଓ ତୁଳା ଯୋଗୁଁ ଗ୍ରାମପଥ ଦିଶେ ଶ୍ୱେତ ବର୍ଣ୍ଣ । ଏହି ମୁହୂର୍ତ୍ତ କେବେ ଆସିବ , କେବେ ବୁହା ହୋଇ ଗ୍ରାମ ପଥର ତୀର ଦେଇ ଶ୍ମଶାନକୁ ଯିବାକୁ ପଡ଼ିବ ବୋଲି କବି ଶେଷରେ କାତର ସହକାରେ ଗ୍ରାମପଥକୁ ପ୍ରଶ୍ନ ପଚାରିଛନ୍ତି । ଅତି ସୁନ୍ଦର ଭାବରେ ବିବିଧ ପ୍ରସଙ୍ଗ ମାଧ୍ୟମରେ ଗ୍ରାମପଥର ଗୁଣଗାନ କରିଛନ୍ତି କବି ଶ୍ରୀ ନାୟକ । କବିଙ୍କ ଭାଷାରେ-" ଭିକ୍ଷାଶୀ ପ୍ରାଣ ପୀଡେ ମତେ ଅହରହ / ପାଥେୟ ବିହୀନ ପଥିକ ମୁଁ ମଣେ/ ଯାତ୍ରା ଏ ଦୂରୁବହ / ଖଇ ଓ ତୁଳାରେ ଶୁଭ୍ର କରି ତୋ ତନୁ / ରାମ ନାମ ସତ ମନ୍ତ୍ରେ ଚଳିବି / ତୋ ତୀର ଶ୍ମଶାନେ / କେବେ କହ କେବେ କହ ।"(୪)

କବି ବିନୋଦ ଚନ୍ଦ୍ର ନାୟକ "ଗ୍ରାମପଥ" କବିତାରେ ଗ୍ରାମପଥର ବର୍ଣ୍ଣନା ମାଧ୍ୟମରେ ଗ୍ରାମ୍ୟ ଜୀବନ ଚିତ୍ର ବର୍ଣ୍ଣନା କରିଛନ୍ତି । ଗ୍ରାମର ସଡ଼କକୁ ଗ୍ରାମପଥ କୁହାଯାଏ । କବିଙ୍କ ବାଲ୍ୟ ଜୀବନ ଗାଁରେ ହୋଇଥିଲା ଅତିବାହିତ । ପରବର୍ତ୍ତୀ ସମୟରେ କର୍ମମୟ ଜୀବନ ନିମିତ୍ତ ସେ ରହିଛନ୍ତି ସହରରେ । ବୟସର ଅପରାହ୍ନରେ ଆସି ବାଲ୍ୟ ସ୍ମୃତି କଥା ମନେ ପଡ଼ିଯାଇଛି । ଏଣୁ ଅତି ଚମତ୍କାର ଭାବରେ ଗାଁର ପରିବେଶ କଥା ବର୍ଣ୍ଣନା କରିଛନ୍ତି କବିତାରେ । ଗାଁର ସଡ଼କ, ତାଳବଣ, ମାମୁଁ ଘର, ଗାଁରେ ମୁଗ ଓ ବୁଟ ଚାଷ, ଚାରଣ ପଡ଼ିଆ, ଗୋରୁ ଗୋଠର ବର୍ଣ୍ଣନା ଅତି ସୁନ୍ଦର ଭାବରେ ହୋଇଛି । କବି ଉକ୍ତ କବିତାରେ ନାରୀ ଜୀବନ ଚିତ୍ରକୁ ମଧ୍ୟ ସଚେତନତାର ସହ ପ୍ରକାଶ କରିଛନ୍ତି । ଗ୍ରାମର ବଧୂ, ନଣନ୍ଦ, ଗ୍ରାମର ସ୍ତ୍ରୀଲୋକ ଓ ଗାଁର ଲୋକମାନେ ପୋଖରୀରେ ସ୍ନାନ କରିବା, ଭାଉଜ ନଣନ୍ଦଙ୍କ କୌତୁହଳ ପୂର୍ଣ୍ଣ ଥଟ୍ଟାପରିହାସ, ବଧୂଟିଏ କିପରି ସହନଶୀଳା ଭାବରେ ପରିବାରରେ କରେ ଜୀବନ ଅତିବାହିତ, ଗାଁର ଝିଅ ଗାଁ ଛାଡ଼ି ଶାଶୁଘର ଯିବା ଓ ଏଥିପାଇଁ ପରିବାର, ବନ୍ଧୁବର୍ଗ, ସାଙ୍ଗସାଥି ମାନେ ମନଦୁଃଖ କରି କ୍ରନ୍ଦନ କରିବା ଆଦି ଚିତ୍ରକୁ ସରଳ ଭାଷାରେ ସୁନ୍ଦର ପଦବିନ୍ୟାସ ଦ୍ୱାରା କବି କରିଛନ୍ତି ବର୍ଣ୍ଣନା । ଗ୍ରାମ୍ୟ ଜୀବନ ଓ ପଲ୍ଲୀ ପ୍ରକୃତିର ଚିତ୍ରକାର କବି ଶ୍ରୀ ନାୟକଙ୍କ ବାସ୍ତବବାଦୀ ଦୃଷ୍ଟିଭଙ୍ଗୀର ପରିଚୟ ମିଳେ । କବି ଏଠାରେ କୃଷକ ପରିବାରର ଜୀବନ ଚିତ୍ର ମଧ୍ୟ ଦର୍ଶାଇଛନ୍ତି ।

କବି ବିନୋଦ ନାୟକ ବାଲ୍ୟ ସ୍ମୃତି ଓ ତରୁଣ ଜୀବନରେ ବିତିଥିବା ମୁହୂର୍ତ୍ତକୁ ସ୍ମୃତିଚାରଣ କରିଛନ୍ତି । ଗ୍ରାମପଥର ଗୁଣଗାନ ପୂର୍ବକ ପଥକୁ କରିଛନ୍ତି ଅୟୁତ ଦଣ୍ଡବତ । ଏଥିରୁ କବିଙ୍କ ଗ୍ରାମ୍ୟଜୀବନ ପ୍ରତି ଥିବା ଅହେତୁକ ଭଲ ପାଇବା ଲକ୍ଷ୍ୟ କରାଯାଏ । କବିଙ୍କ ଉତ୍ତରଣ ବୟସ ହେତୁ ଜୀବନ ଯାତ୍ରାରେ ଆସିଯାଇଛି କ୍ଳାନ୍ତି । ଯାତ୍ରା କରିବା ଯେପରି ହୋଇପଡ଼ିଛି ଅସମ୍ଭବ । ପଥ ବିହୀନ ସାଜିଛନ୍ତି ପଥିକ । କବି କାଳଦ୍ୱାରା କବଳିତ ହେବା କଥା କରିଛନ୍ତି ପ୍ରକାଶ । ଶବ ହୋଇ କୋକେଇରେ ମଶାଣି ଯିବାକୁ ହେବ ଦିନେ । ଖଇ ଓ କଉଡ଼ିଦ୍ୱାରା ଗ୍ରାମପଥ ହେବ ଶୁଭ୍ରବର୍ଣ୍ଣ । 'ରାମ ନାମ ସତ୍ୟ ହେ' ଧ୍ୱନିରେ ଗ୍ରାମପଥ ହେବ ପ୍ରକମ୍ପିତ । ଏହି ଭବିଷ୍ୟତର ଅମୃତମୟ ମୃତ୍ୟୁର କୋଳରେ କେବେ କୋଳାୟିତ ହେବେ ବୋଲି କବି ଆଗ୍ରହର ସହ ପ୍ରଶ୍ନ କରିଛନ୍ତି ଗ୍ରାମପଥକୁ । ଏଠାରେ କବିଙ୍କ ମୃତ୍ୟୁ ବୋଧ ଜନିତ ପ୍ରେମ ତଥା ମୃତ୍ୟୁ ପ୍ରତି ଗଭୀର ଆସକ୍ତି ମନୋଭାବ ପରିଲକ୍ଷିତ । କବିତାର ସରଳ ଭାଷା, ସୁନ୍ଦର ଶବ୍ଦ ସଂଯୋଜନା , ସରଳ ଭାବ , ମନୋରମ ଶୈଳୀରେ ପ୍ରକାଶଭଙ୍ଗୀ ଦ୍ୱାରା ଗ୍ରାମ୍ୟ ଜୀବନର ଦୃଶ୍ୟକୁ ବର୍ଣ୍ଣନା କରିଛନ୍ତି । ବାସ୍ତବରେ ପଲ୍ଲୀ ଓ ପ୍ରକୃତିର ନିଛକ ପ୍ରତିଛବି ହେଉଛି କବି ବିନୋଦ ଚନ୍ଦ୍ର ନାୟକଙ୍କ 'ଗ୍ରାମପଥ' କବିତା ।

**ସଂକେତ ସୂଚୀ :**


୧. ନାୟକ, ବିନୋଦ ଚନ୍ଦ୍ର,ନନ୍ଦାଦେବୀ , ବିକାଶ ପ୍ରତିଷ୍ଠାନ ଜୟପୁର,କୋରାପୁଟ , ୧ମ ପ୍ରକାଶ : ୧୯୬୨, ପୃଷ୍ଠା - ୨୭ ।

୨ . ଅତ୍ରୈବ , ପୃଷ୍ଠା – ୨୯

୩ . ଅତ୍ରୈବ , ପୃଷ୍ଠା - ୨୯

୪ . ଅତ୍ରୈବ , ପୃଷ୍ଠା – ୩୧


**ସହାୟକ ଗ୍ରନ୍ଥସୂଚୀ :**


୧. ନାୟକ, ବିନୋଦ ଚନ୍ଦ୍ର,ନନ୍ଦାଦେବୀ , ବିକାଶ ପ୍ରତିଷ୍ଠାନ ଜୟପୁର,କୋରାପୁଟ , ୧ମ ପ୍ରକାଶ : ୧୯୬୨ ।

୨. ନାୟକ,ବିନୋଦ, ଭାରତୀୟ ସାହିତ୍ୟ ସ୍ରଷ୍ଟା ଗ୍ରନ୍ଥମାଳା , ସାହିତ୍ୟ ଅକାଡେମୀ, ନୂଆଦିଲ୍ଲୀ- ୦୧: ପ୍ରଥମ ପ୍ରକାଶ-୨୦୧୧ ।

୩. ମହାରଣା, ସୁରେନ୍ଦ୍ର,ଓଡ଼ିଆ ସାହିତ୍ୟର ଇତିହାସ, ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଇଭେଟ୍ ଲିମିଟେଡ,କଟକ,ପଞ୍ଚମ ପରିବର୍ଦ୍ଧିତ ସଂସ୍କରଣ : ୨୦୧୮ ।

୪. ଶତପଥି, ନିତ୍ୟାନନ୍ଦ, ସବୁଜରୁ ସାମ୍ପ୍ରତିକ, ଗ୍ରନ୍ଥମନ୍ଦିର, ବିନୋଦବିହାରୀ, କଟକ, ୭ମ ସଂସ୍କରଣ, ୨୦୧୬ ।


BINDU BIMARSHA...


| FIELD | DETAILS | PLAGIARISM QR |
|---|---|---|
| FUNDING STATEMENT | This research received no external funding | |
| CONFLICT OF INTEREST | No | |
| PLAGIARISM TEST | Yes (Drillbit) | |
| SIMILARITY INDEX | 0 % | |
| ETHICAL APPROVAL | Not applicable | |
| CITE: | Mukhi, Ajit Kumar. "Palli O Prakrutira Nikhudra Pratichhabi: Kabi Binod Chandra Nayakanka Grampatha." *Bindu Bimarsha*, vol. 2, no. 2, Apr. 2026, pp. 45–48. Crossref, https://doi.org/10.64647/bb.vol.2.issue.2.2026.9. | |


cc BY NC

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା ॥ ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II ॥ APRIL—JUNE 2026

# ଓଡ଼ିଆ ଭାଷା, ସାହିତ୍ୟ ଓ ଶିକ୍ଷାଦାନରେ ଅନୁବାଦର ଭୂମିକା

ମେନନ ସାହୁ

**ବାରିହାପୁର, ପର୍ଜଙ୍ଗ, ଢେଙ୍କାନାଳ**

**Date Of Submission:** 27–02-2026 **Date Of Publication:** 14-04-2026

**ABSTRACT ॥ ସଂକ୍ଷିପ୍ତ ସାର**

ଭାଷା ସାହିତ୍ୟ ନିମନ୍ତେ ଅନୁବାଦ ଏକ ସେତୁ ଭାବରେ କାର୍ଯ୍ୟ କରିଥାଏ । ବିଶେଷ ଭାବରେ ଓଡ଼ିଆ ଭାଷା, ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି । ଓଡ଼ିଶାରେ ଓଡ଼ିଆ ଭାଷାରେ ସ୍ୱତନ୍ତ୍ର ସାହିତ୍ୟ ସୃଷ୍ଟି ହେବାର ପୂର୍ବରୁ ସଂସ୍କୃତ ଭାଷାରେ ସାହିତ୍ୟ ସୃଷ୍ଟି ହୋଇ ସାରିଥିଲା । ସେସବୁକୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଅନୁସରଣ କିମ୍ବା ଅନୁବାଦ କରି ଓଡ଼ିଆ ଭାଷା ସାହିତ୍ୟ ବଳିଷ୍ଠ ରୂପ ଧାରଣ କରିଛି । କେବଳ ଭାଷା ସାହିତ୍ୟ କ୍ଷେତ୍ରରେ ନୁହେଁ ଓଡ଼ିଆ ଜାତି ବା ଲୋକମାନଙ୍କୁ ଶିକ୍ଷିତ କରିବାରେ ଏହି ଅନୁବାଦର ଭୂମିକା ଅତୁଳନୀୟ । କୌଣସି ନିର୍ଦ୍ଦିଷ୍ଟ ଶବ୍ଦ, ଶୀର୍ଷକ, ପ୍ରସଙ୍ଗ ହେଲେ ମଧ୍ୟ ଉତ୍କଳ ମାଟିରେ ଯେ, ଅନୁବାଦ ସଂପର୍କୀତ ଜ୍ଞାନ ପୂର୍ବରୁ ନଥିଲା ଏକଥା କହିବା ଅନୁଚିତ। ଊନବିଂଶ ଶତାବ୍ଦୀର ପ୍ରଥମ ଭାଗରେ ପାଦ୍ରୀମାନେ ଆସି ଅନୁବାଦକୁ ଯେଉଁ ବ୍ୟାପକ ଅର୍ଥରେ ବ୍ୟବହାର କରି ନିଜର ଉଦ୍ଦେଶ୍ୟ ପୂରଣ ପାଇଁ ଚେଷ୍ଟା କରିଥିଲେ ସେଥିରୁ ଆମେ ଶିକ୍ଷା, ସାହିତ୍ୟ, ସମାଜ, ସଂସ୍କୃତି ଭିତ୍ତିକ ଅନେକ ଉପାଦେୟ ଶିଖିବାକୁ ସମର୍ଥ ହେଲୁ । ଏହି ଅନୁବାଦ କ୍ରିୟାଦ୍ୱାରା ଓଡ଼ିଆ ଭାଷା, ସାହିତ୍ୟ, ଶିକ୍ଷାଦାନ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଦେଖା ଦେଇଥିଲା। ଏ ଦିଗରେ ଉଇଲିୟମ କେରୀ, ଆମସର୍ଟନ, ଡବ୍ଲୁ.ସି ଲେସୀ, ଫକୀର ମୋହନ ସେନାପତି, ରାମଶଙ୍କର ରାୟ, ରାଧାନାଥ ରାୟ, ବୈକୁଣ୍ଠ ନାଥ ଦେବ, ଗଙ୍ଗାଧର ମେହେର, ମଧୁସୂଦନ ଦାସ ପ୍ରଭୃତିଙ୍କର ଅଗ୍ରଣୀ ଭୂମିକା ରହିଥିଲା । ଏମାନଙ୍କ ବଳିଷ୍ଠ ଚିନ୍ତାଧାରାରେ ଓଡ଼ିଆ ଭାଷା, ସାହିତ୍ୟ ଓ ଶିକ୍ଷାଦାନକୁ ଅନୁବାଦ କଳାଟି ସଂଞ୍ଜିବନୀ ସଦୃଶ କାର୍ଯ୍ୟ କରିଥିଲା । ଓଡ଼ିଆ ଭାଷାସାହିତ୍ୟ ଓ ଶିକ୍ଷା ବ୍ୟବସ୍ଥାକୁ ଏହି ଅନୁବାଦର ଭୂମିକା କିପରି ରହିଥିଲା ତାହା ହେଉଛି ଏହି ପ୍ରବନ୍ଧ ପ୍ରସଙ୍ଗ ।

**ARTICLE NUMBER:** BB-II-II-2026-10

**ORC ID:** 0009-0002-0754-1101

**DOI:** 10.64647/bb.vol.2.issue.2.2026.10

**E-MAIL:** menonsahoo@gmail.com

**REVIEW STATUS:** Double-Blind Peer Reviewed

**LANGUAGE OF THE ARTICLE:** Odia

**TYPE OF ARTICLE:**Conceptual Research Article

**ପ୍ରମୁଖ ଶବ୍ଦାବଳୀ :**

ଅନୁବାଦ, ଅନୁସରଣ, ଅନୁସୃଜନ, ପାଦ୍ରୀ, ସଂସ୍କୃତ , ବଙ୍ଗଳା, ବିଶ୍ୱ, ଭୌଗୋଳିକ, ରଚନା, ଟ୍ରାନ୍ସଲେସନ , ଗବେଷଣା, ରୂପାନ୍ତର, ପାଠ୍ୟକ୍ରମ, ଶିକ୍ଷାଦାନ,ଭାଷା, ସାହିତ୍ୟ , ସମାଜ , ସଂସ୍କୃତି, ବିଜ୍ଞାନ, ପ୍ରକାର୍ଯ୍ୟ, ସଂଜ୍ଞା, ଗୁରୁତ୍ୱପୂର୍ଣ୍ଣ, ସାଧନା , ପରିସୀମା, ଭୂମିକା ଉତ୍କୃଷ୍ଟ ଇତ୍ୟାଦି ।

BINDU BIMARSHA...

ଅନୁବାଦ ହେଉଛି ଏକ ଭାଷା ବୈଜ୍ଞାନିକ ପ୍ରକ୍ରିୟା । ଓଡ଼ିଆ ଭାଷା, ସାହିତ୍ୟ ଓ ଶିକ୍ଷାର ବିବର୍ତ୍ତନରେ (Evolution) ଅନୁବାଦ କିପରି ପ୍ରମୁଖ ଭୂମିକା ନିର୍ବାହ କରିଛି ତାହା ଏହି ନିବନ୍ଧର ମୁଖ୍ୟ ଆଲୋଚନା। ଅନୁବାଦ କିମ୍ବା ଅନୁବାଦ ଇତିହାସ ସମ୍ପର୍କୀୟ ଆଲୋଚନା ମାନବ ସମାଜର ସାଂସ୍କୃତିକ ଓ ବୌଦ୍ଧିକ ଅଗ୍ରଗତିର ପରିଚୟ । ଅନୁବାଦ ହେଉଛି ଭାଷା ବୈଜ୍ଞାନିକ ପ୍ରକାର୍ଯ୍ୟ (function)ର ଏକ ସଫଳ ସୃଷ୍ଟି । ଗୋଟିଏ ଭାଷାରେ ରଚିତ ସାହିତ୍ୟକୁ ଅନ୍ୟ ଏକ ଭାଷାକୁ ଅନୁବାଦ କଲାବେଳେ ଉତ୍ସଭାଷା (source language) ଓ ତତ୍ ସଂପୃକ୍ତ ସାହିତ୍ୟିକ ଓ ସାଂସ୍କୃତିକ ଭାବଧାରା ତଥା ନିଷ୍ପନ୍ନ ଅର୍ଥକୁ ଉଦ୍ଦିଷ୍ଟ ଭାଷାରେ ପରିପ୍ରକାଶ କରିବା ହେଉଛି ଅନୁବାଦର ଲକ୍ଷ୍ୟ । ଏଇ କାରଣରୁ ଅନୁବାଦର ସମତୁଲ୍ୟତା ଧାରଣାଟି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଅନୁବାଦ ମାଧ୍ୟମରେ ସାହିତ୍ୟ ବିଶ୍ୱମୁଖୀ ହୋଇଥାଏ । ଅନୁବାଦକ ନିଜକୁ ତାହାର ଭୌଗୋଳିକ ପରିସୀମାରୁ ଦୂରକରି ଅନ୍ୟ ପାଖେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାଏ । ଇଂରାଜୀ ଟ୍ରାନ୍ସଲେଶନ ଶବ୍ଦର ପାରିଭାଷିକ ଶବ୍ଦରୂପେ ଅନୁବାଦକୁ ଗ୍ରହଣ କରାଯାଏ । ଅନୁବାଦ କିନ୍ତୁ ଟ୍ରାନ୍ସଲେଶନର ଯଥାର୍ଥ ପ୍ରତିଶବ୍ଦ ନୁହେଁ । ଟ୍ରାନ୍ସଲେଶନ ଶବ୍ଦର ମୂଳ ଅର୍ଥ ହେଲା ଅନ୍ୟତ୍ର ବହନ କରିନେବା । ଅବଶ୍ୟ ଗୋଟାଏ ଭାଷାରେ

cc BY NC

ଭାବଧାରାକୁ ଅନ୍ୟ ଏକ ଭାଷାକୁ ବହନ କରିନେବା ଅର୍ଥରେ ମଧ୍ୟ ଟ୍ରାନ୍ସଲେଶନ କରାଗଲା ବୋଲି କୁହାଯାଇଥାଏ । ଆମେ 'ଅନୁବାଦ' କହିଲେ କେବଳ ଭାଷ୍ୟନ୍ତରଳକୁ ବୁଝୁଥିବା ସମୟରେ ଇଂରାଜୀ ଶବ୍ଦ ଟ୍ରାନ୍ସଲେସନ ଅଧିକ ବ୍ୟାପକ ଅର୍ଥରେ ନିଜକୁ ପ୍ରକାଶ କରିଥାଏ । କଥାକୁ କାର୍ଯ୍ୟରେ ପରିଣତ କରିବାକୁ ମଧ୍ୟ ଟ୍ରାନ୍ସଲେସନ ବୋଲି କୁହାଯାଇଥାଏ । ଏପରିକି ପ୍ରକୃତି ସୌନ୍ଦର୍ଯ୍ୟକୁ ସଂଗୀତରେ ଟ୍ରାନ୍ସଲେସନ କରିବା ଭଳି ପ୍ରୟୋଗ ମଧ୍ୟ ଇଂରାଜୀ ଭାଷାରେ ଥିବା ଲକ୍ଷ୍ୟ କରାଯାଇଥାଏ । ଅନୁବାଦ କଳା ବା ବିଜ୍ଞାନ ଏକ ଉଚ୍ଚସ୍ତରୀୟ ସାହିତ୍ୟିକ ବ୍ୟାପାର । ମୌଳିକ ସୃଷ୍ଟିରେ ଅସ୍ମିତା ପ୍ରଦର୍ଶନ ଠାରୁ ନକଲ ବୃତ୍ତିରେ ସାଧୁତା ପରିପାଳନ ତାହାର ଉତ୍କୃଷ୍ଟର ନିକଷ୍ଟ ସାଧିତ ହୁଏ । ତଥାପି କୌଣସି ଅନୁବାଦ କଦାପି ଆଶା କରିପାରେନା । ତାର ଅନୁବାଦର ମୂଳ ରଚନାର ପୁନରାନୁବାଦ ସମ୍ଭବ ହୋଇପାରେ ।

ଓଡ଼ିଆ ସାହିତ୍ୟ, ଶିକ୍ଷାଦାନ ବା ପାଠ୍ୟକ୍ରମରେ ଅନୁବାଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପୂର୍ଣ୍ଣାଙ୍ଗ ଓଡ଼ିଆ ସାହିତ୍ୟ ପ୍ରଥମେ ଏହି ଅନୁବାଦରୁ ହିଁ ଆରମ୍ଭ ହୋଇଥିଲା । ସାରଳାଦାସ ଓଡ଼ିଆରେ ମହାଭାରତ ରଚନା କରିବା ହିଁ ଏହି ଅନୁବାଦର ପ୍ରଥମ ପାହାଚ ଥିଲା। ଏହାପୂର୍ବରୁ ପଣ୍ଡିତ ଶ୍ରୀଧର ସ୍ୱାମୀ ସଂସ୍କୃତ ଭାଗବତଗୀତାକୁ ଅନୁବାଦ କରିଥିଲେ ବୋଲି କିଛି ମନ୍ତବ୍ୟ ଦିଅନ୍ତି । ସେହିପରି ସାରଳାଙ୍କ ପୂର୍ବରୁ ମଧ୍ୟ କିଛି ସାହିତ୍ୟ ଅନୁବାଦ ହୋଇଥିବାର ମଧ୍ୟ ଦାବି ଆସେ । ଏସବୁ ସଂପର୍କରେ କୈଣସି ପ୍ରାମାଣିକ ତଥ୍ୟ ଉପଲବ୍ଧ ନଥିବାରୁ ସାରଳାଦାସଙ୍କ ମହାଭାରତକୁ ହିଁ ପ୍ରଥମ ଓଡ଼ିଆ ଅନୁବାଦ ସାହିତ୍ୟ ବା ପ୍ରଥମ ଅନୁସୃଜନ ସାହିତ୍ୟ ଭାବରେ ଗ୍ରହଣ କରିବା ଉଚିତ । ତାହା ପର ଠାରୁ ଏ ପର୍ଯ୍ୟନ୍ତ ଏହି ଅନୁବାଦ ଧାରାଟି ନିରବଚ୍ଛିନ୍ନ ଭାବରେ ଭାଷା ସାହିତ୍ୟ ତଥା ପାଠ୍ୟକ୍ରମ ପାଇଁ ଏକ ପ୍ରକାରର ସେତୁ ଭାବରେ କାର୍ଯ୍ୟ କରୁଅଛି ।

**ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଅନୁବାଦର ଭୂମିକା**

ଅନୁବାଦର କେତକ ନିର୍ଦ୍ଦିଷ୍ଟ ସଂଜ୍ଞା ରହିଛି । ମୂଳ ଲେଖାର ଅର୍ଥ କିମ୍ବା ଉଦ୍ଦେଶ୍ୟକୁ ଅପରିବର୍ତ୍ତିତ ରଖି ତାକୁ ଅନ୍ୟ ଭାଷାରେ ରୂପାନ୍ତରିତ କରିବା ପ୍ରକ୍ରିୟାକୁ ସାଧାରଣ ଭାବରେ ଅନୁବାଦର ଆଖ୍ୟା ଦିଆଯାଏ । ଅନୁବାଦ ଶବ୍ଦକୁ ବିଶ୍ଳେଷଣ କଲେ ଜଣାପଡ଼େ ଯେ 'ଅନୁ' ଅର୍ଥ ପୂର୍ବରୁ ବା ପଛରୁ 'ବାଦ' କହିଲେ କହିବା ତେଣୁ ଅନୁବାଦ କହିଲେ ପଛରୁ ବା ପୂର୍ବରୁ କୁହା ଯାଇଥିବା କଥାକୁ ଭିନ୍ନଭିନ୍ନ ଢଙ୍ଗରେ ଭିନ୍ନଭିନ୍ନ ଭାଷାରେ କହିବା । ସାହିତ୍ୟ ବା ଲିଖିତ ଆକାରରେ ପ୍ରକାଶିତ ହେଲେ ତାହା ଅନୁବାଦ ସାହିତ୍ୟ ଭାବରେ ପରିଚୟ ପାଇଥାଏ । ଏହି ଦୃଷ୍ଟିରୁ ଯେତେବେଳେ କୌଣସି ଲୋକ ଅନ୍ୟ ଭାଷାରେ ରଚିତ ଥିବା ଗୀତକୁ ନିଜ ଭାଷାରେ ଗାଏ ତାକୁ ମୌଖିକ ଅନୁବାଦ ବୋଲି କୁହାଯାଇପାରେ । ଭୋଲାନାଥ ତିୱାରୀଙ୍କ ମତରେ, ଏକ ଭାଷାର ବ୍ୟକ୍ତ ଓ ବିଚାରକୁ ଯଥା ସମ୍ଭବ ଅନ୍ୟ ଭାଷାରେ ରୂପାନ୍ତରିତ କରିବା ହେଉଛି ଅନୁବାଦ । ସେହିପରି ଡକ୍ଟର ଜନସେନଙ୍କ ମତରେ, ମୂଳ ଭାଷାର ଭାବକୁ ଅକ୍ଷୁଣ୍ଣ କରି ଅନ୍ୟ ଭାଷାରେ ତାକୁ ବଦଳାଇବା ହେଉଛି ଅନୁବାଦ । ଅନ୍ୟ ଏକ ପ୍ରକାରର କହିଲେ ଅନ୍ୟର ଭାବ ଓ ଶୈଳୀକୁ ଅନୁକରଣ ବା ଅନୁସରଣ କରିବା ପ୍ରକ୍ରିୟାକୁ ଅନୁବାଦ କହିବା ସର୍ବସମ୍ମତ ନହୋଇ ଅନୁସୃଜନ ମୂଳକ ପଛା ଅଧିକ ଗ୍ରହଣୀୟ । ସେହି ଦୃଷ୍ଟିରୁ ସାରଳା ଦାସଙ୍କ ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ କାଳ ତଥା ବିବାଦୀୟ ସାହିତ୍ୟ ସୃଷ୍ଟି ଭିନ୍ନ ଯଦି ଲିଖିତ ଓଡ଼ିଆ ସାହିତ୍ୟର ପ୍ରଥମ ପୂର୍ଣ୍ଣାଙ୍ଗ ରୂପଟି ସାରଳା ଦାସଙ୍କ ମହାଭାରତକୁ ଗ୍ରହଣ କରାଯାଏ । ତେବେ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଅନୁବାଦ କଳାର ପ୍ରଭାବ ପଞ୍ଚଦଶ ଶତାବ୍ଦୀ ସମୟରୁ ପଡ଼ିଛି ବୋଲି ସ୍ୱୀକାର କରିବାକୁ ହେବ । କାରଣ ସାରଳା ଦାସ ବ୍ୟାସ ରଚିତ ସଂସ୍କୃତ ମହାଭାରତର ଛାୟାରେ ଓଡ଼ିଆ ମହାଭାରତ ରଚନା କରିଥିଲେ । ଅନୁରୂପ ଭାବରେ ପଞ୍ଚସଖା ସମୟର ବଳରାମ ଦାସ ଦାଣ୍ଡି ରାମାୟଣ । ଜଗନ୍ନାଥ ଦାସ ଭାଗବତ ମଧ୍ୟ ରଚନା କରିଥିଲେ । ଏସବୁ ରଚନାରେ ଲେଖକୀୟ ନିଜର ସ୍ୱତନ୍ତ୍ର କବି ପ୍ରତିଭା ଦର୍ଶାଇବା ଥିବାରୁ(ପ୍ରସଙ୍ଗ ଯୋଡ଼ିବା, ଫେଡ଼ିବା, ନାମକରଣ, ଇତ୍ୟାଦି) ଏଗୁଡିକୁ ପ୍ରତ୍ୟକ୍ଷ ଭାବରେ ଅନୁବାଦ ନକହି ଅନୁସୃଜନ କହିବା ଉଚିତ୍ । କିନ୍ତୁ ଆମକୁ ଏହା ମନେ ରଖିବା ଉଚିତ ଯେ, ଉପରୋକ୍ତ ତିନୋଟି ମହାଗ୍ରନ୍ଥରେ ନାମକରଣ ଶୀର୍ଷକ ଓ ପ୍ରସଙ୍ଗ ପ୍ରଭୃତି କ୍ଷେତ୍ରରେ ଅନେକ ସାମଞ୍ଜସ୍ୟ ରହିଛି ଯାହାକୁ ଅବିକଳ ଭାବରେ କେବଳ ଭାଷାନ୍ତର କରାଯାଇଛି । ମୂଳ ଭାଷାର ଗୋଟିଏ ଶବ୍ଦ ଯଦି ଅନ୍ୟ ସାହିତ୍ୟରେ ସ୍ଥାନ ଦିଆଯାଏ ତେବେ ସେ ଗୋଟିଏ ଶବ୍ଦକୁ ଆମେ ଅନୁବାଦ କରିଛନ୍ତି ବୋଲି ମାନିବାକୁ ପଡ଼ିବ । ସେହି ଦୃଷ୍ଟିରୁ ଏହିସବୁ ରଚନାକୁ ଉଭୟ ଅନୁବାଦ ଓ ଅନୁସୃଜନ ବୋଲି ସ୍ୱୀକାର କରିବାକୁ ପଡ଼ିବ ।

ପରବର୍ତ୍ତୀ ସମୟରେ ଏହି ଧାରାଟି ରୀତି ଯୁଗ ହୋଇ ଆଧୁନିକ ଯୁଗ ପର୍ଯ୍ୟନ୍ତ ଦ୍ରୁତ ଗତିରେ ପ୍ରସାରିତ ହେବା ସହ ଲୋକାଦୃତ ମଧ୍ୟ ହୋଉଛି । ଅବଶ୍ୟ ସ୍ୱାଧୀନତା ସମୟ ପୂର୍ବରୁ ଅନୁବାଦର ପରିସର କେବଳ ଭାରତୀୟ ସୀମା ମଧ୍ୟରେ ରହିଥିଲା । ସ୍ୱାଧୀନତା ପରେ ପରେ ଲୋକ ଯୋଗାଯୋଗରେ ବ୍ୟାପକ ସୁବିଧା ହେବାରୁ ଅନୁବାଦ ଦିଗଟି ମଧ୍ୟ ବ୍ୟାପକ ଭାବରେ ଅଗ୍ରଗତି ହେଲା । ରାଧାନାଥ ରାୟ 'କେଦାରଗୌରୀ', 'ଚନ୍ଦ୍ରଭାଗା', 'ନନ୍ଦିକା କେଶରୀ', 'ଉଷା', 'ପାର୍ବତୀ' ପ୍ରଭୃତି ସାହିତ୍ୟ କୃତିରେ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବ ସ୍ପଷ୍ଟ ହୁଏ । ତାଙ୍କ ସମସାମୟିକ ଅନ୍ୟ ଲେଖକଗଣ ଯଥା: ଗଂଗାଧର ମେହେର, ମଧୁସୂଦନ ରାଓ, ନନ୍ଦ କିଶୋର ବଳ ପ୍ରଭୃତି ନିଜକୁ ଏକ୍ଷେତ୍ରରେ ସାମିଲ୍ କରିଥିଲେ । ୱାର୍ଡ଼ସ୍ୱର୍ଥ ଓ ଏସ୍.ଟି କଲେରିଜଙ୍କ 'ଲିରିକାଲ ବାଲାଡର ଛାୟାରେ ଉଭୟ ଗୁରୁଶିଷ୍ୟ ରାଧାନାଥ ରାୟ ଓ ମଧୁସୂଦନ ରାଓ କବିତାବଳୀ ରଚନା କରିଥିଲେ । ଏସବୁକୁ ଆମେ କେବଳ ଅନୁସୃଜନ ମୂଳକ ରଚନା ଭାବରେ ଗ୍ରହଣ କରିବା ଉଚିତ୍ ଅନୁବାଦ ନୁହଁ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଏହି ଅନୁବାଦ ଧାରାଟି ଅଧିକରୁ ଅଧିକ ପ୍ରଭାବ ପଡିବା ସହିତ ପାଠକାଦୃତ ମଧ୍ୟ ହୋଇଥିଲା । କିନ୍ତୁ ଓଡ଼ିଆ ସାହିତ୍ୟର ସୃଷ୍ଟି ଠାରୁ ଏପର୍ଯ୍ୟନ୍ତ ଏହି ଅନୁବାଦର ଅବଦାନକୁ ଅସ୍ୱୀକାର କରିବା ଅନୁଚିତ । ଓଡ଼ିଆ ସାହିତ୍ୟରେ କେତକ ଅନୁବାଦ କୃତିକୁ ଏଠାରେ ପ୍ରଦାନ କରାଯାଇଛି ଯଥା; ବୃନ୍ଦାବନ ଦାସ ଗୀତଗୋବିନ୍ଦକୁ 'ରସବାରିଧି ନାମରେ ଅନୁବାଦ କରିଥିଲେ, ଦୀନବନ୍ଧୁ ଖାଡ଼ଙ୍ଗା ସଂସ୍କୃତ ମହାଭାରତର ଅକ୍ଷରାନୁବାଦ କରିଥିଲେ, ସେହିପରି ଗୋପାଳକୃଷ୍ଣ ପଟ୍ଟନାୟକ ମଧ୍ୟ କେତେକ ବୈଷ୍ଣବ ସାହିତ୍ୟକୁ ଅନୁବାଦ କରିଥିଲେ । ଆଧୁନିକ ସମୟରେ ଗୋପୀନାଥ ନନ୍ଦ ଶର୍ମା,ରାଧାନାଥ ରାୟ ରାଧାମୋହନ ଗଡ଼ନାୟକ କାଳିଦାସଙ୍କ 'ମେଘଦୂତ'କୁ ଅନୁବାଦ କରିଥିଲେ , ଲିଙ୍ଗରାଜ ପାଣିଗ୍ରାହୀଙ୍କ 'ରାମାୟଣ', ମଧୁସୂଦନ ରାଓ William Cowperଙ୍କ

Alexander Shelkirkକୁ 'ନିର୍ବାସିତର ବିଳାପ' ନାମରେ ଅନୁବାଦ କରିଥିଲେ ସେହିପରି ନୀଳକଣ୍ଠଙ୍କ 'ପ୍ରଣୟିନୀ' , 'ଦାସ ନାଏକ', ଗୋଦାବରୀଶ ମିଶ୍ରଙ୍କ 'ଅଭାଗିନୀ' , 'ଘଟାନ୍ତର', ଉଦୟନାଥ ଷଡ଼ଙ୍ଗୀଙ୍କ 'ଟମକକାଙ୍କ କୁଟୀର' , ଗୋଲୋକ ବିହାରୀ ଧଳଙ୍କ 'ଗୋଦାନ', 'ଗବନ' , 'ପ୍ରତିଜ୍ଞା', 'ପ୍ରେମାଶ୍ରମ', ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ 'ବୈରାଗ ଶତକ', ଯୁଗଳକିଶୋର ଦତ୍ତଙ୍କ 'ଜନଗଣମନ' , ଅନନ୍ତ ପଟ୍ଟନାୟକଙ୍କ 'ମା' , ଗୋପୀନାଥ ମହାନ୍ତିଙ୍କ 'ଯୁଦ୍ଧ ଓ ଶାନ୍ତି' , 'ଭାରତ ଆଜି ଓ କାଲି' , 'ମୋ ବିଶ୍ୱବିଦ୍ୟାଳୟ' , 'ଯୋଗାଯୋଗ' , ଚିତ୍ତରଞ୍ଜନ ଦାସଙ୍କ 'ରାଜକୁମାର', 'ଦାସୀ ସିଲିଆ' , 'ଡକ୍ଟର ଜିଭାଗୋ' , 'ମୋ ହୃଦୟ ପିଲାଙ୍କ ପାଇଁ' , 'ଜଣେ ଶିକ୍ଷକଙ୍କୁ ଚିଠି', ଦିବ୍ୟ ଜୀବନ' , 'ମାଆ', 'ମହାମାନବ' , ସଚ୍ଚିଦାନନ୍ଦ କାନୁନଗୋଙ୍କ 'ମହାତ୍ମାଗାନ୍ଧୀଙ୍କ ପାଦ ତଳେ', ଚିନ୍ତାମଣି ବେହେରାଙ୍କ 'ବିଶ୍ୱ ମାନବର ପଥେ' , 'କେଲୁ ଗଉଡ଼ର ଗଳି' , ଯୁଗଳ କିଶୋର ଦତ୍ତଙ୍କ 'କଳିଯୁଗର କାହାଣୀ', 'ଦେବଦାସ' , 'ବିରାଜ ବୋହୂ' , ନୀଳମଣି ମିଶ୍ରଙ୍କ 'ମୋ ପତି ମୋ ଦେବତା', 'ଦରବାର ରହସ୍ୟ, 'ହିରଣ୍ୟଗଡ଼ର ବଧୂ' , ବସନ୍ତ କୁମାରୀ ଦେବୀଙ୍କ 'ଗଣଦେବତା, 'ବିଶାଖା, 'ପଞ୍ଚଗ୍ରାମ, 'ବକୁଳ କଥା, ଚୈଧୁରୀ ହେମକାନ୍ତ ମିଶ୍ରଙ୍କ 'ବାରବୁଲା 'ଦେବଦୂତ' , ରବି ସିଂହଙ୍କ 'ନାୟକ ଆମ ସମୟର', 'ବୋତଲ ଭୁତ, ଶ୍ରୀନିବାସ ଉଦଗାତାଙ୍କ 'କାନୁପ୍ରିୟା', 'ମାନସ ହଂସା' , ସୁପ୍ରଭା ରାୟଙ୍କ 'ଲୁହା ଗାରଦର ଛାଇ', 'ଶବସାଧକ', 'ଜୀବନସ୍ୱାଦ', 'ଅଗ୍ନିପରୀକ୍ଷା', ଅଳକା ଚାନ୍ଦଙ୍କ 'ମାନବ ଭୂମି' ଶକୁନ୍ତଳା ବଳିଆର ସିଂହଙ୍କ 'କାବେରୀ ଭଳି ଝିଅ', ବସନ୍ତ କୁମାର ପଣ୍ଡାଙ୍କ 'ତରୁଣ ପାଇଁ ବୁଦ୍ଧ' , ବିଜୟାନନ୍ଦ ସିଂହଙ୍କ 'ତାମସା ହୃଦୟ' , ବ୍ରହ୍ମାନନ୍ଦ ପଣ୍ଡାଙ୍କ 'ଭାରତ ଆବିଷ୍କାର' , ପ୍ରଭାବ ଚନ୍ଦ୍ର ଶତପଥିଙ୍କ 'ପାପ ଓ ପ୍ରାୟଶ୍ଚିତ' , ନନ୍ଦିନୀ ଶତପଥୀଙ୍କ 'ରସିଦ୍ ଟିକେଟ୍' , ଅଜୟ ଚନ୍ଦ୍ର ଦାସଙ୍କ 'ଶେଷ ବନ୍ଦୀ', ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କ 'ବିଶ୍ୱ ଇତିହାସ', ଜ୍ଞାନୀନ୍ଦ୍ର ବର୍ମାଙ୍କ 'ପୋଡ଼ା ଭୂଇଁ' , ଅସିତ୍ ମହାନ୍ତିଙ୍କ 'ବାପୁ ମୋ ମାଆ' , ଗୌରହରି ଦାସଙ୍କ 'ଛେଳି ଚରାଇବାର ଦିନ' , ମୋନାଲିସା ଜେନାଙ୍କ 'ଅସ୍ତରାଗ', ସଂଘମିତ୍ରା ଭଞ୍ଜଙ୍କ 'ଶୁଣ ରାଧିକା' ପ୍ରଭୃତି ଗୋଟିଏ ଗୋଟିଏ ସାର୍ଥକ ଅନୁବାଦ ସାହିତ୍ୟର ଦୃଷ୍ଟାନ୍ତ ।

## ଓଡ଼ିଆ ପାଠ୍ୟପୁସ୍ତକ କ୍ଷେତ୍ରରେ ଅନୁବାଦର ଭୂମିକା

ଓଡ଼ିଆ ଭାଷାର ଇତିହାସକୁ ତର୍ଜମା କରିବସିଲେ ତାହା ଘୋର ଘମାନ୍ଧକାର ମଧ୍ୟରେ ଗତିକରିଛି । ଊନବିଂଶ ଶତାବ୍ଦୀରେ ମିଶନାରୀ ବା ପାଦ୍ରୀ ଅନୂଦିତ ସାହିତ୍ୟର ପ୍ରବେଶ ସାହିତ୍ୟକୁ ନୂତନ ଦିଗନ୍ତକୁ ନେଇଥିଲା । ଓଡ଼ିଶାରେ ଇଂରାଜୀ ପ୍ରଭାବିତ ଆଧୁନିକ ଶିକ୍ଷା ପ୍ରବର୍ତ୍ତନ ଫଳରେ ପାଠ୍ୟପୁସ୍ତକ ରଚନା କ୍ଷେତ୍ରରେ ଦେଶୀୟ ଲୋକଙ୍କ ଆଦୌ ଧାରଣା ନଥିଲା । ଖ୍ରୀଷ୍ଟୀୟାନ ବା ପାଦ୍ରୀମାନେ ଏ କ୍ଷେତ୍ରରେ ପ୍ରଥମେ ନେତୃତ୍ୱ ନେଇ ଇଂରାଜୀ, ପ୍ରାଚୀନ ସଂସ୍କୃତ ଓ ବଙ୍ଗଳା ପୁସ୍ତକରୁ ନିର୍ବାଚନ କରି ଭର୍ଣ୍ଣାକୁଲାର ପାଠ୍ୟପୁସ୍ତକ ଲେଖିଲେ । ଏ କ୍ଷେତ୍ରରେ ରେଭେରେଣ୍ଡ ଉଇଲିୟମ କେରୀ, ଆମସର୍ଟନ, ଡବ୍ଲୁ. ସି.ଲେସି ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ପୂର୍ବରୁ ୧୮୦୦ ଖ୍ରୀଷ୍ଟାବ୍ଦରେ ଲର୍ଡ଼ ୱେଲସଙ୍କ ଦ୍ୱାରା ସିଭିଲିଆନ୍‌ମାନଙ୍କୁ ଦଲିଲ, ଦସ୍ତାବିତ ଲେଖିବା ପାଇଁ ତାଲିମ ନେବାକୁ କଲିକତାର ଫୋର୍ଟ ଉଇଲିୟମ୍ କଲେଜ (୧୮୦୦) ସ୍ଥାପିତ ହୋଇଥିଲା । ସେଠାରେ ସଂପ୍ରଦାୟ ବିଦ୍ୟାଳୟର ମୋହନ ପ୍ରସାଦ ଠାକୁର, ଗଦାଧର ବିଦ୍ୟା ବାଗୀଶଙ୍କର ସହିତ ପାଦ୍ରୀ ଉଇଲିୟମ କେରୀ ମଧ୍ୟ ସଂସ୍କୃତ ବଙ୍ଗଳା ଭାଷା ବିଭାଗର ଅଧ୍ୟାପକ ଥିଲେ । ଏମାନେ ବଙ୍ଗଳା ଓ ଓଡ଼ିଆ ଭାଷାରେ ଅନୂଦିତ ପାଠ୍ୟପୁସ୍ତକ ପ୍ରସ୍ତୁତ କରି କଲିକତାକୁ ସୋସାଇଟି (୧୮୧୭) ଦ୍ୱାରା ପ୍ରକାଶ କରି ବିତରଣ କରୁଥିଲେ । ପାଦ୍ରୀ କେରୀ ସର୍ବପ୍ରଥମେ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କ ସହାୟତାରେ ଖ୍ରୀ. ୧୮୧୧ରେ 'ବାଇବେଲ'ର ଓଡ଼ିଆ ଅନୁବାଦ କରିଥିଲେ । ସେହିପରି 'ନିଉ ଟେଷ୍ଟାମେଣ୍ଟ' ମୂଳ ଗ୍ରୀକ୍‌ର ଓଡ଼ିଆରେ ଅନୂଦିତ ହେଲା । ପାଦ୍ରୀମାନଙ୍କ ମଧ୍ୟରେ ଆମସର୍ଟନ ଓ ସି.ଲେସି ଓଡ଼ିଆ ଭାଷାକୁ ଶୀଘ୍ର ଆୟତ୍ତ କରିବା ସହିତ ଏହାକୁ ଉନ୍ନତ ତଥା ସମୃଦ୍ଧ କରିବା ଦିଗରେ ମନ ବଳାଇଥିଲେ । ପାଦ୍ରୀ ସର୍ଟନ ସର୍ବାଧିକ ପରିମାଣରେ ଅନୂଦିତ ଓଡ଼ିଆ ପାଠ୍ୟପୁସ୍ତକ ପ୍ରକାଶ କରି ତତ୍‌କାଳୀନ ପାଠ୍ୟପୁସ୍ତକ ଅଭାବ ପୂରଣ କରିଥିଲେ । ତାଙ୍କର ସେହି ଅନୁଦିତ ପାଠ୍ୟପୁସ୍ତକ ମଧ୍ୟରେ ଥିଲା ମୂଳ ବଙ୍ଗଳାରେ ତାରିଣୀଚରଣ, ରାଧାକାନ୍ତ ଦେବଙ୍କ କେତେକ ଲେଖା ସହିତ ରାମକମଳ ସେନ୍‌ଙ୍କ ରଚିତ ନୀତିଶିକ୍ଷା(୧୮୩୯) ତିନିଖଣ୍ଡ, ଏହା ବ୍ୟତୀତ ସିଭିଲ ସର୍ଭାଣ୍ଟଙ୍କ ପରୀକ୍ଷା ପାଇଁ 'ଗୀତଗୋବିନ୍ଦ'(୧୮୪୦), 'ଅମରକୋଷ'(୧୮୪୫), 'ପଦାର୍ଥ ବିଦ୍ୟାସର'(୧୮୩୨), ଯାହାକି ଉଇଲିୟମ୍ ଇଟସ୍‌ଙ୍କ ଇଂରାଜୀରୁ ବଙ୍ଗଳା ରୂପାନ୍ତରିତ ହୋଇଥିଲା । ସର୍ଟନଙ୍କ ଦ୍ୱାରା ପ୍ରସ୍ତୁତ ଓ ପ୍ରକାଶିତ ସମସ୍ତ ପୁସ୍ତକ ପ୍ରାୟ ଓଡ଼ିଶାର ବିଦ୍ୟାଳୟମାନଙ୍କରେ ପଢ଼ାଯାଉଥିଲା । ତାଙ୍କ ଦ୍ୱାରା ବଙ୍ଗଳାରୁ ଅନୂଦିତ 'ସାରସଂଗ୍ରହ' (୧ମ ଓ ୨ୟ ଭାଗ) ପ୍ରାଥମିକ ଶ୍ରେଣୀରେ ପଢ଼ା ଯାଉଥିଲା । ଏଥିରେ ଯେଉଁ 'ଜ୍ଞାନବିଜ୍ଞାନ' ମୂଳକ ବିଷୟମାନ ସନ୍ନିବିଷ୍ଟ ହେଉଥିଲା ସେଗୁଡ଼ିକ ଯଥାର୍ଥରେ ହେଲା 'ମନର ଧୈର୍ଯ୍ୟ', 'ଜଳୀୟ ବାଷ୍ପକଥା', 'ପକ୍ଷୀର କଥା' ଇତ୍ୟାଦି । ତାଙ୍କର ନୀତିକଥା ଅନୁବାଦଟି ବେଶ୍ ଲୋକପ୍ରିୟ ଥିଲା । ଯାହା ମୂଳ ବଙ୍ଗଳାରୁ ୧୮୬୬ରେ ଓଡ଼ିଆରେ ଅନୂଦିତ ହୋଇଥିଲା । ବହିଟିରେ ବିଷୟଗୁଡ଼ିକ ମଧ୍ୟରେ ଥିଲା ଦୁଇ କୁକୁର, କୌଣସି ହେଡ଼ା ବାଘ, ଅହଂକାର କଥା ଇତ୍ୟାଦି । ମିଶନ୍ ପ୍ରେସ୍ କଟକର ଗଣକ ମିଶ୍ରଙ୍କ 'ବତ୍ରିଶ ସିଂହାସନ' ପୁସ୍ତକଟି ମଧ୍ୟ ପାଠ୍ୟପୁସ୍ତକ ତାଲିକାଭୁକ୍ତ ହୋଇଥିଲା । ପାଦ୍ରୀ ପି.ଲେସି ମଧ୍ୟ ନିମ୍ନୋକ୍ତ ବଙ୍ଗଳା ବହିର ଓଡ଼ିଆ ଅନୁବାଦ ପ୍ରକାଶ କରିଥିଲେ ।

୧. ନୀତିକଥା (ମୂଳ ବଙ୍ଗଳା : ରାଜକମଳ ସେନ୍)

BINDU BIMARSHA...

୨.ନୀତିବୋଧ ଓ ପାଶ୍ଚାତ୍ୟ ଜନନାୟକ ଜୀବନୀ (ରାଜକୃଷ୍ଣ ବନ୍ଦୋପାଧ୍ୟାୟ)

୩. ବିଷ୍ଣୁଶର୍ମାଙ୍କ ପଞ୍ଚତନ୍ତ୍ର (ମୂଳ ବଙ୍ଗଳାନୁବାଦ, ରାଜକମଳ ସେନ୍ ଓ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର)

୪. ହିତୋପଦେଶ (ଓଡ଼ିଆ ଭାଷ୍ୟାନ୍ତର, ଏହା ୧୮୬୦-୬୧ ଶିକ୍ଷାବର୍ଷ ପାଇଁ ପାଠ୍ୟ ତାଲିକାଭୁକ୍ତ ହୋଇଥିଲା)

ପାଦ୍ରୀମାନଙ୍କ ଦ୍ୱାରା ଏହି ଅନୂଦିତ ସାହିତ୍ୟ ପୁସ୍ତକ ବା ପାଠ୍ୟପୁସ୍ତକଗୁଡ଼ିକ ଓଡ଼ିଆ ଅନୁବାଦ ସାହିତ୍ୟର ପ୍ରତିନିଧିତ୍ୱ କରେ ନାହିଁ ବୋଲି ପ୍ରଖ୍ୟାତ ପ୍ରବାହିକ ଚିତ୍ତରଂଜନ ଦାସ ମତବ୍ୟକ୍ତ କରନ୍ତି ।

୧୮୬୬ ମସିହାରେ ସଂଘଟିତ ନ'ଅଙ୍କ ଦୁର୍ଭିକ୍ଷ ପରେ ଇଂରେଜ ସରକାର ନାନା ଦିଗରୁ ସମାଲୋଚିତ ହୋଇଥିଲେ । ଏହି ସମୟରେ କଟକ ପ୍ରିଣ୍ଟିଂ କମ୍ପାନୀରୁ ପ୍ରକାଶିତ 'ଉତ୍କଳ ଦୀପିକା'ର ଅବଦାନ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କର୍ମବୀର ଗୌରୀଶଙ୍କର (୧୮୪୩), ଫକୀରମୋହନ (୧୮୪୩), ଇନ୍‌ସପେକ୍ଟର ନନ୍ଦକିଶୋର ଦାସ (୧୯୪୬), ରାଧାନାଥ ରାୟ (୧୮୪୮), ଉତ୍କଳ ଗୌରବ ମଧୁସୂଦନ

BY NC

ଦାସ(୧୯୪୮), ପ୍ୟାରିମୋହନ ଆଶ୍ଚର୍ଯ୍ୟ (୧୯୫୧), ମଧୁସୂଦନ ରାଓ (୧୯୫୩) ପ୍ରଭୃତି ବହୁ ଜାତୀୟ ଭାବାପନ୍ନ ନେତାଙ୍କ ଅଭ୍ୟୁଦୟ ଫଳରେ ମାତୃଭାଷା (ଓଡ଼ିଆ) ଓ ମାତୃଭୂମି (ଓଡ଼ିଶା)ର ଉନ୍ନତି ସାଧିତ ହେବା ସହିତ ଓଡ଼ିଆ ପାଠ୍ୟପୁସ୍ତକ କ୍ଷେତ୍ରରେ ମଧ୍ୟ ଉନ୍ନତି ଦେଖା ଦେଇଥିଲା । ଏହି ଗୋଷ୍ଠୀ କେବଳ ମାତୃଭାଷା ଓ ମାତୃଭୂମି ପାଇଁ ସୁରକ୍ଷା କବଚ ହୋଇନଥିଲେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ତଥା ଓଡ଼ିଆ ପାଠ୍ୟପୁସ୍ତକ ପାଇଁ ବ୍ୟାପକ ବ୍ୟବସ୍ଥାର ଆୟୋଜନ କରି ଭବିଷ୍ୟତ ପାଇଁ ମଧ୍ୟ ମାର୍ଗ ଉନ୍ମୋକ୍ତ କରିଥିଲେ ।

ଊନବିଂଶ ଶତାବ୍ଦୀ ହେଉଛି ଓଡ଼ିଆ ଭାଷା ସାହିତ୍ୟ ବିବର୍ତ୍ତନରେ ଏକ ସୁବର୍ଣ୍ଣ ଯୁଗ କହିଲେ ସତ୍ୟର ଅନ୍ୟଥାଚରଣ ହେବ ନାହିଁ । ଏଥି ନିମନ୍ତେ ମିଶରୀୟମାନଙ୍କ ଅବଦାନ ଥିଲା ଗୁରୁତ୍ୱପୂର୍ଣ୍ଣ । ସେମାନଙ୍କ ମଧ୍ୟରୁ କେରମ୍, ମାତାମାନ, ଢେଡ ମିଶରୀୟ ଜୟବଙ୍ଗ ଦେଶରେ ଖ୍ରୀଷ୍ଟଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ପୁସ୍ତକ ପ୍ରକାଶ କଲାବେଳେ ଓଡ଼ିଆ ଭାଷାରେ ଧର୍ମ ପୁସ୍ତକ ଅନୁବାଦ କରିବାରେ ମନ ବଳାଇଥିଲେ । ପୂର୍ବେ ଏ କ୍ଷେତ୍ରରେ ସମସ୍ତ ଜ୍ଞାନବିଜ୍ଞାନ ତାଳପତ୍ରରେ ଲିଖିତ ହେଉଥିଲା । ଯାନ୍ତ୍ରିକ ଯୁଗ ଆରମ୍ଭରେ ମୁଦ୍ରଣ ଯନ୍ତ୍ର ପ୍ରତିଷ୍ଠା ପାଇବାରୁ ମୁଦ୍ରଣ ଯନ୍ତ୍ର ଜ୍ଞାନପ୍ରସାରର ଏକ ପ୍ରଧାନ ମାଧ୍ମମ ଭାବରେ ଗ୍ରହଣ କରାଗଲା । ଓଡ଼ିଆ ଭାଷାରେ ବାଇବେଲ କିମ୍ବା ତତ୍ ସମ୍ପର୍କୀୟ ଧର୍ମପୁସ୍ତକର ମୁଦ୍ରଣ ପାଇଁ ସେତେବେଳେ ଫୋର୍ଟ ଉଇଲିୟମ କଲେଜରେ ୧୮୦୪ ସାଲ ସେପ୍ଟେମ୍ବର ୨୦ ତାରିଖ କାର୍ଯ୍ୟ ବିବରଣୀର ଗୋଟିଏ ବିଜ୍ଞାପନରେ 'ଓଡ଼ିଶା ନିଉ ଷ୍ଟେଟମେଣ୍ଟ' ମୁଦ୍ରଣଯନ୍ତ୍ର ପାଇଁ ପ୍ରସ୍ତୁତ ହୋଇଥିବାର ଦେଖିବାକୁ ମିଳେ । ଓଡ଼ିଶାରେ ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କ ଦ୍ୱାରା ବାଇବେଲ ପ୍ରଥମେ ଅନୂଦିତ ହୋଇଥିଲା ବୋଲି କେହି କେହି କହିଥାନ୍ତି । ୧୮୪୦ ସାଲ ପୂର୍ବରୁ ମୁଦ୍ରିତ ଓଡ଼ିଆ ପାଠ୍ୟପୁସ୍ତକର ଗୋଟିଏ ତାଲିକା ୧୮୫୭-୫୮ ସାଲରେ ଶିକ୍ଷାବିଭାଗ ରିପୋର୍ଟରେ ଦେଖିବାକୁ ମିଳେ । ଯଥା- ଡବ୍ଲୁ .ଡି ଷ୍ଟିଭାର୍ଡଙ୍କ ପଦାର୍ଥ ବିଜ୍ଞାନ (୧୮୨୯),କାଳିଆ ପାଣିଗ୍ରାହୀଙ୍କ 'ଭାରତ ଇତିହାସ(୧୯୩୪) , କେଦାରନାଥ ମହାପାତ୍ରଙ୍କ 'ଅଭିନବ ଭାରତ ଇତିହାସ(୧୯୩୮), ଯୋଗେନ୍ଦ୍ର ରାୟଙ୍କ 'ପଦାର୍ଥ ବିଜ୍ଞାନ(୧୮୧୯), ମିଷ୍ଟର ସଟନଙ୍କର 'ଇଂରାଜୀ ଓଡ଼ିଆ ବ୍ୟାକରଣ(୧୮୩୧), 'ପଦାର୍ଥ ବିଦ୍ୟାସର' (୧୮୩୨), 'ଇତିହାସ ପୁସ୍ତକ'(୧୮୩୯), 'ଓଡ଼ିଆ ଅଭିଧାନ' (୧୮୪୧), ପଣ୍ଡିତ ବିଶ୍ୱମ୍ବର ବିଦ୍ୟାଭୂଷଣଙ୍କର 'ଓଡ଼ିଆ ବ୍ୟାକରଣ'(୧୮୪୧) ଲେଖକଙ୍କ ନାମ ନଥିବା ଦୁଇଟି ପୁସ୍ତକ 'ଭୂଗୋଳର ବିବରଣ' (୧୮୩୮), 'ନୀତିକଥା (୧୮୪୦) । ଏହା ଛଡା ଅନ୍ୟ କେତକ ଅନୁବାଦ ଲେଖା ମଧ୍ୟ ପାଠ୍ୟପୁସ୍ତକରେ ସ୍ଥାନିତ ଥିବାର ସୂଚନା ମିଳିଛି। ସେଗୁଡ଼ିକ ମଧ୍ୟରେ ରହିଛି, ଗୌରୀଶଙ୍କର ରାୟଙ୍କ ଭୂଗୋଳତତ୍ତ୍ୱ,(୧୯୭୦), ବିଶ୍ୱନାଥ ଦାସଙ୍କ 'କ୍ଷେତ୍ର ଭୂବିଜ୍ଞାନ'(୧୯୭୬), ଧରଣୀଧର ପାଣିଗ୍ରାହୀଙ୍କ 'ଆନ୍ତର୍ଜାତିକ ଅର୍ଥନୀତି'(୧୯୭୫), ଶତ୍ରୁଘ୍ନ ନାଥଙ୍କ 'ଆଧୁନିକ ଶିକ୍ଷା ଦର୍ଶନ'(୨୯୭୪), ନୃସିଂହ ପୃଷ୍ଟିଙ୍କ 'ଜଳବାୟୁ ବିଜ୍ଞାନ'(୧୯୭୭), ମଧୁସୂଦନ ଦାଶଙ୍କ 'ଓଡିୟା ପାଟୀ ଗଣିତ'(୧୯୧୪), ଚନ୍ଦ୍ର ଶେଖର ମିଶ୍ରଙ୍କ 'ଓଡ଼ିଆ ଭାଷା ବ୍ୟାକରଣ'(୧୯୧୩), ରାଧାନାଥ ରାୟଙ୍କ 'ଓଡ଼ିୟା ବ୍ୟାକରଣ ପରିଚୟ'(୧୯୫୩), ଗୋପାଳ ପଟ୍ଟନାୟକଙ୍କ 'ସ୍ୱାସ୍ଥ୍ୟସାଥୀ' (୧୯୪୯) ଇତ୍ୟାଦି । ୧୮୪୦ ସାଲ ପୂର୍ବର ଯେଉଁ ମୁଷ୍ଟିମେୟ ଓଡ଼ିଆ ପାଠ୍ୟପୁସ୍ତକ ରଚିତ ହୋଇଥିଲା ସେସବୁ ଛାତ୍ରମାନଙ୍କ ବୟସ ଓ ଜ୍ଞାନକୁ ସମ୍ମୁଖରେ ରଖି ପ୍ରସ୍ତୁତ ହୋଇ ନଥିବାରୁ କାରଣ ଦର୍ଶାଇ ସେସବୁ ସରକାରୀ ସ୍କୁଲ ପାଇଁ ସମ୍ପୂର୍ଣ୍ଣ ଅନୁପଯୁକ୍ତ ବୋଲି ବିବେଚିତ କରାଯାଇଥିଲା ।

ଆଧୁନିକ ଓଡ଼ିଆ ସାହିତ୍ୟ ନିର୍ମାଣ କ୍ଷେତ୍ରରେ ବ୍ୟାସକବି ଫକୀରମୋହନ, କବିବର ରାଧାନାଥ ରାୟ ଓ ଭକ୍ତକବି ମଧୁସୂଦନ ରାଓଙ୍କ ଅବଦାନ ଅତୁଳନୀୟ । ଏହି ତିନିଜଣଙ୍କର ଏକତା ସାରସ୍ୱତ ମିଳନ କ୍ଷେତ୍ର ଥିଲା ବାଲେଶ୍ୱର ସହର । ରାଜା ବୈକୁଣ୍ଠନାଥ ଥିଲେ ସେତେବେଳେ ଓଡ଼ିଆ ସାହିତ୍ୟର ପୃଷ୍ଠପୋଷକ । ତାଙ୍କ ପ୍ରେସରୁ ପ୍ରକାଶିତ ହେଉଥିବା "ଉତ୍କଳ ଦୀପିକା'ରେ ଏହି ତିନିରଥୀଙ୍କ ବହୁ ମୌଳିକ ଲେଖା ତଥା ଇଂରାଜୀ, ସଂସ୍କୃତ, ବଙ୍ଗଳାରୁ ଅନୂଦିତ କୃତି ପ୍ରକାଶ ପାଉଥିଲା । ଫଳରେ ଓଡ଼ିଆ ସାହିତ୍ୟର ଭାଷା ମାର୍ଜିତ ଓ ସମୃଦ୍ଧ ହେବା ସହିତ ପ୍ରକାଶିତ ବିଷୟଗୁଡ଼ିକ ଜ୍ଞାନଗର୍ଭିତ ହୋଇ ବଙ୍ଗଳା ଭାଷାର ବିଦଗ୍ଧ ପାଠକକୁ ଫକୀରମୋହନଙ୍କ ଅନୁବାଦ ସାହିତ୍ୟ ଅଧିକ ରୁଚିକର ହେଲା । ଏହାର କାରଣ ଥିଲା ଲୋକମୁଖର କଥିତ ଭାଷା । ସେ ବିଦ୍ୟାସାଗରଙ୍କ 'ଜୀବନ ଚରିତ'(୧୮୪୯)କୁ ଓଡ଼ିଆ ଅନୁବାଦ କରିବା ସହିତ ରାମାୟଣର ଅଯୋଧ୍ୟାକାଣ୍ଡ, ମହାଭାରତ ସହିତ ମୁଖ୍ୟ ଉପନିଷଦଗୁଡ଼ିକର ଅନୁବାଦ କରି ପାଠକୀୟ ଆଦୃତି ଲାଭ କରିଥିଲେ । ତାଙ୍କର ବୌଦ୍ଧିକତାର କାବ୍ୟ ମଧ୍ୟ ଏକ ପ୍ରକାର ଅନୁବାଦ ଥିଲା । ଫକୀରମୋହନଙ୍କ ଅନୂଦିତ ଓ ପ୍ରଣୀୟ ପାଠ୍ୟପୁସ୍ତକ ଓ ବିଷୟଗୁଡ଼ିକ ଦୀର୍ଘଦିନ ଧରି ପିଲାଙ୍କ ପାଠ୍ୟକ୍ରମରେ ସ୍ଥାନ ପାଇଥିଲା । ସେହିପରି କବିବର ରାଧାନାଥ ରାୟ ଥିଲେ ଇଂରେଜୀ ଶିକ୍ଷିତ ତଥା ବିଦେଶୀ ସାହିତ୍ୟ ଓ ପରିପୃଷ୍ଟ ସାରସ୍ୱତ ସାଧକ, 'ଇତାଲୀୟ ଯୁବା' ହେଲା ତାଙ୍କର ଓଡ଼ିଆ ଅନୁବାଦ ଓ ପ୍ରକାଶିତ ଏକ ଲେଖା । ଅନ୍ୟ ଏକ ଓଡ଼ିଆ ଅନୁଦିତ ମେଘଦୂତ, ଫକୀରମୋହନଙ୍କ ଦ୍ୱାରା ପ୍ରକାଶିତ ବୋଧଦାୟିନୀ ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେ ଅନେକ ବିଷୟ ଇଂରାଜୀରୁ ସଂଗୃହୀତ କରି ତାକୁ ଓଡ଼ିଆ ଅନୁବାଦ କରିଥିଲେ । ତାଙ୍କ ଦ୍ୱାରା ଅନୁଦିତ ପବନ, ବିଦେଶୀ ଏପରିକି 'ପାର୍ବତୀ' କାବ୍ୟ ମଧ୍ୟ ଏକ ଛାୟା ବା ଅନୁସୃତ ରଚନା । ୧୯୧୦ଖ୍ରୀଷ୍ଟାବ୍ଦରେ ପାଦ୍ରୀ ମାର୍ସଡେନ୍ ଓ ମଧୁସୂଦନଙ୍କ ସହକର୍ମୀ ଚନ୍ଦ୍ରମୋହନ ମହାରଣାଙ୍କ ମିଳିତ ଉଦ୍ୟମରେ 'କଥାବଳୀ' ପୁସ୍ତକଟି ପ୍ରକାଶିତ ହୋଇ ପାଠ୍ୟପୁସ୍ତକ ଆତ୍ମପ୍ରକାଶ କରିଥିଲା । ସେଗୁଡ଼ିକର ଅନୁବାଦକ ଓ ସଂଗ୍ରାହକ ଥିଲେ ଯଥାର୍ଥରେ ଗୋପାଳଚନ୍ଦ୍ର ପ୍ରହରାଜ, ମୃତ୍ୟୁଞ୍ଜୟ ରଥ ,ଗୋପୀନାଥ ନନ୍ଦଶର୍ମା, ଚନ୍ଦ୍ରନାଥ ରାୟ, ଦାମୋଦର ପଟ୍ଟନାୟକ, ଚକ୍ରଧର ମହାପାତ୍ର, ଗୋଦାବରୀଶ ମହାପାତ୍ର, କେଶବ ମିଶ୍ର । ସତ୍ୟବାଦୀ ପଞ୍ଚସଖା ଯୁଗର ଦୁଇ ବରେଣ୍ୟ ସାରସ୍ୱତ ସାଧକ ହେଲେ ପଣ୍ଡିତ ନୀଳକଣ୍ଠ ଓ ପଣ୍ଡିତ ଗୋଦାବରୀଶ ମିଶ୍ର, ଏମାନେ ତାଙ୍କ ପୂର୍ବ ଅନୁବାଦ କାର୍ଯ୍ୟକୁ ରସାଳ ଓ ପ୍ରାଣବନ୍ତ କଲେ । ବିଶ୍ୱବିଖ୍ୟାତ ଇଂରାଜୀ ଓ ଫରାସୀ ଉପନ୍ୟାସ ଛାୟାରେ ଗୋଦାବରୀଶ ଲେଖିଥିଲେ 'ଅଭାଗିନୀ'(୧୯୧୭), 'କଙ୍କାଳର ଆର୍ତ୍ତନାଦ', 'ଘଟାନ୍ତର' । ଏଫହରମନ୍‌ଙ୍କ କବିତାକୁ ସେ ଓଡ଼ିଆରେ 'ଅମରବାଳକ' ନାମରେ ନିଜ ପାଠ୍ୟପୁସ୍ତକ ସ୍ଥାନ ଦେଲେ । ସେହି ଲେଖକଙ୍କ ଅନ୍ୟ ଏକ କବିତା 'ଦ ଚାଇଲଡସ୍ ଗ୍ରଫ'କୁ ଗୋଦାବରୀଶ ମିଶ୍ର 'ଶିଶୁ ପ୍ରଥମ ଶୋକ' ନାମରେ ଅନୁବାଦ କଲେ । ସେହି ଲେଖାଟି ଆକୁଳ ମିଶ୍ରଙ୍କ ସଂକଳିତ ସାହିତ୍ୟ ଶିକ୍ଷା ବହିରେ ସ୍ଥାନିତ ହୋଇଥିଲା । ୨୦୦୮ ମସିହାରେ ପଲ୍ଲବୀ ଲେଙ୍କା ଗାନ୍ଧୀଜୀ ବନ ତଥ୍ୟକୁ ଅନୁବାଦ କରି ପିଲାଙ୍କ ପୋଥି ନାମରେ ପାଠ୍ୟପୁସ୍ତକରେ ସ୍ଥାନିତ ହୋଇଥିଲା ।

**ଉପସଂହାର**

BY NC

ଅନୁବାଦ ଦ୍ୱାରା କିପରି ଆମ ଭାଷାସାହିତ୍ୟ ସମୃଦ୍ଧି ଓ ବିକାଶଶୀଳ ହୋଇଛି ତାହା ପ୍ରବନ୍ଧ ଆଲୋଚନାରେ ସୂଚନା ପ୍ରଦତ୍ତ ହୋଇଛି । ବିଦେଶୀ ଭାଷାଶିକ୍ଷା ସହ ଓଡ଼ିଆ ଭାଷାର ପାଠ୍ୟପୁସ୍ତକ ପ୍ରଣୟନ ଓ ଜାତୀୟ ସାହିତ୍ୟ ରଚନା କରିବା ପାଇଁ ଅନୁବାଦର ଯେ ପ୍ରମୁଖ ଭୂମିକା ରହିଥିଲା ଏକଥା ଆଲୋଚ୍ୟ ପ୍ରବନ୍ଧରୁ ଜଣାପଡ଼େ । ପଞ୍ଚଦଶ ଠାରୁ ଉନବିଂଶ ଶତାବ୍ଦୀର ପ୍ରାଥମିକ ପର୍ଯ୍ୟାୟ ପର୍ଯ୍ୟନ୍ତ ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ ଅନୁବାଦ(Translation)ର ପରିସର ଯେତିକି ବିସ୍ତୃତପୂର୍ଣ୍ଣ ଥିଲା, ଉନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧ ଠାରୁ ସେ କ୍ଷେତ୍ରରେ ଯଥେଷ୍ଟ ଅଧିକ ପରିବର୍ତ୍ତନ ହୋଇଛି । ଏହି ସମୟରେ ଦେଶବିଦେଶର ଉତ୍କୃଷ୍ଟ ସାହିତ୍ୟ ସୃଷ୍ଟି ଗୁଡ଼ିକୁ ଅନୁବାଦ କରିବା ନିମନ୍ତେ ଅନୁବାଦକମାନେ ଅଧିକରୁ ଅଧିକ ଆଗ୍ରହୀ ହୋଇଥିଲେ । ଏହାର ପ୍ରମୁଖ କରାଣ ଥିଲା ନବଜାଗରଣ ଓ ଯୋଗାଯୋଗ (ଗମନାଗମନ, ଯାତାୟତ, ମୌଖିକ, ଲିଖିତ)ର ସୁବିଧା । ଫଳରେ ଏହି ସମୟରେ କାବ୍ୟ, କବିତା, ଗଳ୍ପ, ଉପନ୍ୟାସ , ନାଟକ , ଜୀବନୀ ପ୍ରଭୃତି ଅନେକ ବିଭାଗରେ ଅନୁବାଦଧାରାଟି ପରିବ୍ୟାପ୍ତ ହେଲା । ଏକବିଂଶ ଶତାବ୍ଦୀରେ ଏହି ଧାରାଟି ଅଧିକରୁ ଅଧିକ ତ୍ୱରାନ୍ୱିତ ହେବାକୁ ଲାଗିଛି । ଆଜିର ଡିଜିଟାଲ ସମୟରେ ମନୁଷ୍ୟ ସମଗ୍ର ବିଶ୍ୱକୁ ହାତ ଆଙ୍ଗୁଳିରେ ଦେଖିଛୁ । ମୁହୂର୍ତ୍ତରେ ବିଶ୍ୱ ସମ୍ବନ୍ଧୀୟ ଘଟଣାମାନ ଦେଖି ହେଉଛି । ସାହିତ୍ୟ ସମ୍ପର୍କରେ ଯେଉଁ ପ୍ରସଙ୍ଗଟି ସାମାଜିକ ମୂଲ୍ୟବୋଧ କିମ୍ବା ଜାତି କଲ୍ୟାଣ ଉଦେଶ୍ୟରେ ଭୂମିକା ଗ୍ରହଣ କରି ପାରିବ ତାକୁ ସଂଗ୍ରହ କରି ପରବର୍ତ୍ତୀ ସମୟରେ ନିଜର ଦକ୍ଷତା ପ୍ରୟୋଗ କରି ଅନୁବାଦ କରାଯାଉଛି । ଏକବିଂଶ ଶତାବ୍ଦୀରେ ଏହି ଅନୁବାଦ ଧାରାଟି ଅଧିକରୁ ଅଧିକ ପ୍ରସାରିତ ହୋଇଛି । ଏହି ସମୟରେ ରାଜନେତା, ଅଭିନେତା, ଶିଳ୍ପପତି, ଠାରୁ ଆରମ୍ଭ କରି ରୋଷେଇ କଳା , ଚାଷ ପ୍ରଣାଳୀ , ବିଜ୍ଞାନ ତଥ୍ୟ, ବାଣିଜ୍ୟ ପଦ୍ଧତି, କମ୍ପ୍ୟୁଟର ଜ୍ଞାନ, ବ୍ୟାଙ୍କ କାର୍ଯ୍ୟ , ଲୋକ ସୂଚନା ସାମଗ୍ରୀ ପ୍ରଭୃତି ଅନେକ ବିଷୟରେ ଅନୁବାଦ କରି ଲୋକମାନଙ୍କୁ ପଢିବା ଆଉ ବୁଝିବାରେ ଅନୁବାଦ କଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ।

**ସହାୟକ ପୁସ୍ତକାସୂଚୀ**


୧. ଚାଟାର୍ଜୀ, ସୁବୋଧ କୁମାର : ଗବେଷଣା ପ୍ରବିଧ : ସଂପାଦନା ଓ ଅନୁବାଦ କଳା, ଷଷ୍ଠ ସଂସ୍କରଣ, ବିଦ୍ୟାପୁରୀ, କଟକ,

୨. ବଳିଆରସିଂହ, ଶକୁନ୍ତଳା : ଅନୁବାଦ ବିମର୍ଶ, ପେଜ୍‌ମେକର ପବ୍ଲିକେଶନ, ଭୁବନେଶ୍ୱର, ୨୦୨୧

୩. ମହାପାତ୍ର, ଖଗେଶ୍ୱର : ସମାଲୋଚନାର ଦିଗଦଗନ୍ତ, ଦ୍ୱିତୀୟ ସଂସ୍କରଣ, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ-୨, ୨୦୧୭

୪. ମିଶ୍ର, ଚିତ୍ତରଂଜନ : ସାମ୍ପ୍ରତିକ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ, ଦ୍ୱିତୀୟ ସଂସ୍କରଣ, ଗ୍ରନ୍ଥମନ୍ଦିର, କଟକ, ୨୦୧୨

୫. ସାମନ୍ତରାୟ, ନଟବର : ଓଡ଼ିଆ ସାହିତ୍ୟର ଇତିହାସ, ପଞ୍ଚମ ସଂସ୍କରଣ, ଏମ୍.ଏସ୍. ଇନ୍‌ଫୋଟେକ୍, ଭୁବନେଶ୍ୱର, ୨୦୨୧

୬. ସାମନ୍ତରାୟ, ନଟବର : ଆଧୁନିକ ଓଡ଼ିଆ ସାହିତ୍ୟ : ବିକାଶର ପୃଷ୍ଠଭୂମି, ୨ୟ ସଂସ୍କରଣ, ଗ୍ଲୋବାଲ ପ୍ରିଣ୍ଟର୍ସ, ଭୁବନେଶ୍ୱର, ୨୦୨୧

୭. ମହାରଣା , ସୁରେନ୍ଦ୍ର କୁମାର, ଓଡ଼ିଆ ସାହିତ୍ୟର ଇତିହାସ , ଏ.କେ ମିଶ୍ର ପବ୍ଲିଶର୍ସ , ନୂଆଁ ଦିଲ୍ଲୀ, ଏକାଦଶ ସଂସ୍କରଣ ୨୦୨୫

୮. ମିଶ୍ର, ସଂଘମିତ୍ରା, ଅନୁବାଦ କଳା : ପରିସୀମା ପୁରୋଦୃଷ୍ଟି (ସଂପାଦନା), ପଣ୍ଡିତ ଶ୍ରୀଧର ଦାସ ମେମୋରିଆଲ ଟ୍ରଷ୍ଟ, ଉତ୍କଳ ବିଶ୍ୱବିଦ୍ୟାଳୟ, ବିଣୀବିହାର, ଭୁବନେଶ୍ୱର, ପ୍ରଥମ ସଂସ୍କରଣ ୨୦୦୬



| FIELD | DETAILS | PLAGIARISM QR |
|---|---|---|
| FUNDING STATEMENT | This research received no external funding | |
| CONFLICT OF INTEREST | No | |
| PLAGIARISM TEST | Yes (Drillbit) | |
| SIMILARITY INDEX | 0 % | |
| ETHICAL APPROVAL | Not applicable | |
| CITE: | Sahu, Menon. “Odia Bhasa, Sahitya O Sikshadanare Anubadara Bhumika.” *Bindu Bimarsha*, vol. 2, no. 2, Apr. 2026, pp. 49–53. Crossref, https://doi.org/10.64647/bb.vol.2.issue.2.2026.10. | |


BY NC

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା ॥ ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II ॥ APRIL—JUNE 2026

# ଗବେଷଣା ପ୍ରକ୍ରିୟାରେ ଦ୍ୱିତୀୟ ସ୍ରୋତ ଆଧାରିତ ତଥ୍ୟର ତାତ୍ତ୍ୱିକ ଓ ପ୍ରାୟୋଗିକ ଅଧ୍ୟୟନ

ଡକ୍ଟର ସୌମ୍ୟଜିତ୍ ପଣ୍ଡା[୧], ଡକ୍ଟର ଜୟନ୍ତ କୁମାର ଦାସ[୨]
**ସହାୟକ ଅଧ୍ୟାପକ, ଦୂର ଓ ଆଭାଷୀ ଶିକ୍ଷାକେନ୍ଦ୍ର ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର[୧]**
**ସହାୟକ ଅଧ୍ୟାପକ, ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର[୨]**

**Date Of Publication:** 14-04-2026

ABSTRACT ॥ ସଂକ୍ଷିପ୍ତ ସାର

ଏହି ଅଧ୍ୟୟନରେ ଗବେଷଣା ପ୍ରକ୍ରିୟାରେ ଦ୍ୱିତୀୟକ ତଥ୍ୟର ସ୍ୱରୂପ, ପ୍ରକୃତି, ସ୍ରୋତ, ସଂଗ୍ରହ ପ୍ରକ୍ରିୟା ଓ ପ୍ରୟୋଗକୁ ସମଗ୍ର ଭାବରେ ବିଶ୍ଳେଷଣ କରାଯାଇଛି। ଦ୍ୱିତୀୟକ ତଥ୍ୟ ପୂର୍ବରୁ ସଂଗ୍ରହିତ ଓ ପ୍ରକାଶିତ କିମ୍ବା ଅପ୍ରକାଶିତ ରୂପରେ ଉପଲବ୍ଧ ଥିବାରୁ, ଏହା ଗବେଷଣାକୁ ସମୟୋପଯୋଗୀ ଓ ଅର୍ଥନୀତିକ କରେ। ଏହି ତଥ୍ୟ ଗବେଷକଙ୍କୁ ବୃହତ୍ ତଥ୍ୟ ସମୂହର ଉପଲବ୍ଧତା, ଐତିହାସିକ ପରିପ୍ରେକ୍ଷିତରେ ବିଶ୍ଳେଷଣ ଓ ଗବେଷଣା ରୂପରେଖା ପ୍ରସ୍ତୁତିରେ ସହାୟତା କରେ। ତଥାପି, ଏହାର କିଛି ସୀମାବଧତା ମଧ୍ୟ ରହିଛି, ଯଥା ତଥ୍ୟର ମମତା ଓ ସମ୍ପୃକ୍ତିର ଅଭାବ, ପୁରୁଣା ତଥ୍ୟ ହେବାର ସମ୍ଭାବନା, ବିଶ୍ୱସନୀୟତା ସମସ୍ୟା ଓ ଗବେଷକଙ୍କ ସୀମିତ ନିୟନ୍ତ୍ରଣ। ଏହି କାରଣରୁ ଦ୍ୱିତୀୟକ ତଥ୍ୟ ବ୍ୟବହାର ସମୟରେ ତାହାର ସଠିକତା, ସମୟୋପଯୋଗୀତା, ବିଶ୍ୱସନୀୟତା ଓ ପ୍ରସଙ୍ଗିକତାକୁ ମୂଲ୍ୟାୟନ କରିବା ଆବଶ୍ୟକ। ଏହି ଅଧ୍ୟୟନ ଦ୍ୱିତୀୟକ ତଥ୍ୟକୁ କେବଳ ତଥ୍ୟ ସଂଗ୍ରହ ଉପାୟ ଭାବେ ନୁହେଁ, ବରଂ ଆଲୋଚନାତ୍ମକ ବିଶ୍ଳେଷଣ ଓ ନୂତନ ଜ୍ଞାନ ସୃଷ୍ଟିର ଏକ ମୂଳ ଆଧାର ଭାବେ ପରିଗଣନା କରିଥାଏ।

**ARTICLE NUMBER:** BB-II-II-2026-11
**ORC ID:** 0009-0005-3763-6648
0000-0001-9112-5447
**DOI:** 10.64647/bb.vol.2.issue.2.2026.11
**E-MAIL:** soumyajit.ac@gmail.com
dasjk.fmu@gmail.com
**REVIEW STATUS:** Written by Editor & Examined by Reviewer
**LANGUAGE OF THE ARTICLE:** Odia
**TYPE OF ARTICLE:** Research Methodology

**ପ୍ରମୁଖ ଶବ୍ଦାବଳୀ :**
ଦ୍ୱିତୀୟକ ତଥ୍ୟ, ଗବେଷଣା ପ୍ରକ୍ରିୟା, ତଥ୍ୟ ସ୍ରୋତ, ଗବେଷଣା ରୂପରେଖା, ସହସମ୍ବନ୍ଧ ବିଶ୍ଳେଷଣ, ସାମାନ୍ୟୀକରଣଯୋଗ୍ୟତା, ବିଶ୍ୱସନୀୟତା, ଐତିହାସିକ ବିଶ୍ଳେଷଣ

ଗବେଷଣା ଏକ ସଂଗଠିତ ଓ ପ୍ରଣାଳୀବଦ୍ଧ ପ୍ରକ୍ରିୟା, ଯାହାର ମୂଳ ଉଦ୍ଦେଶ୍ୟ କୌଣସି ବିଷୟ ବା ସମସ୍ୟା ସମ୍ପର୍କରେ ବୈଜ୍ଞାନିକ ଓ ପ୍ରମାଣଭିତ୍ତିକ ଜ୍ଞାନ ସୃଷ୍ଟି କରିବା। ଏହି ପ୍ରକ୍ରିୟାରେ "ତଥ୍ୟ" (Data) ଏକ ମୂଳ ଆଧାର ଭାବରେ କାର୍ଯ୍ୟ କରେ, କାରଣ ତଥ୍ୟ ବିନା ଗବେଷଣାର କୌଣସି ନିଷ୍କର୍ଷ ଠିକ୍ ଭାବରେ ଉପସ୍ଥାପିତ ହୋଇପାରେନାହିଁ। ଗବେଷଣା ପଦ୍ଧତିର ଆଲୋଚନାରେ ସାଧାରଣତଃ ତଥ୍ୟକୁ ଦୁଇ ପ୍ରକାରରେ ବିଭକ୍ତ କରାଯାଏ, ଯଥା- ପ୍ରାଥମିକ ତଥ୍ୟ (Primary Data) ଓ ଦ୍ୱିତୀୟକ ତଥ୍ୟ (Secondary Data)। ଏହି ଦୁଇ ପ୍ରକାର ତଥ୍ୟ ଗବେଷଣାରେ ପ୍ରାସଙ୍ଗିକ ହୋଇଥିଲେ ମଧ୍ୟ, ଦ୍ୱିତୀୟ ସ୍ରୋତ ଆଧାରିତ ତଥ୍ୟ ଏକ ବିଶେଷ ଗୁରୁତ୍ୱ ବହନ କରେ, କାରଣ ଏହା ଗବେଷଣା ପ୍ରକ୍ରିୟାର ପ୍ରାରମ୍ଭିକ ଚରଣରେ ମୂଳ ଆଧାର ଭାବରେ କାର୍ଯ୍ୟ କରେ। ସେହି ସମସ୍ତ ତଥ୍ୟକୁ ଦ୍ୱିତୀୟକ ତଥ୍ୟ କୁହାଯାଇପାରେ, ଯାହା ପୂର୍ବରୁ କୌଣସି ଅନ୍ୟ ଉଦ୍ଦେଶ୍ୟ ପାଇଁ ସଂଗ୍ରହ, ବିଶ୍ଳେଷଣ ଓ ପ୍ରକାଶ କରାଯାଇଥାଏ, ଏବଂ ପରବର୍ତ୍ତୀ ଗବେଷକ ତାହାକୁ ନିଜ ଗବେଷଣା ସମସ୍ୟା ସମାଧାନ ପାଇଁ ପୁନଃ ବ୍ୟବହାର କରନ୍ତି। ଗବେଷଣା ପଦ୍ଧତିର ମୂଳ ସିଦ୍ଧାନ୍ତ ଅନୁସାରେ, କୌଣସି ନୂତନ ତଥ୍ୟ ସଂଗ୍ରହ କରିବା ପୂର୍ବରୁ ଉପଲବ୍ଧ ଦ୍ୱିତୀୟକ ତଥ୍ୟର ସମୀକ୍ଷା କରିବା ଆବଶ୍ୟକ। ଏହା ଦ୍ୱାରା ଗବେଷକ ଗବେଷଣା ସମସ୍ୟାକୁ ସ୍ପଷ୍ଟ କରିପାରନ୍ତି, ପୂର୍ବ ଗବେଷଣାର ପରିଣାମ ବିଶ୍ଳେଷଣ କରିପାରନ୍ତି ଓ ନୂତନ ଅଧ୍ୟୟନର ଦିଗ ନିର୍ଣ୍ଣୟ କରିପାରନ୍ତି।

ଗବେଷଣା ପ୍ରକ୍ରିୟାରେ ଦ୍ୱିତୀୟକ ତଥ୍ୟର ଭୂମିକା ବହୁମୁଖୀ। ପ୍ରଥମତଃ ଏହା ଗବେଷଣା ସମସ୍ୟା ନିରୂପଣରେ ସାହାଯ୍ୟ କରେ। ଦ୍ୱିତୀୟତଃ ଏହା ଗବେଷଣାର ଧାରଣାତ୍ମକ ଢାଞ୍ଚା (Conceptual Framework) ଗଠନରେ ମୂଳ ଭୂମିକା ନିର୍ବାହ କରେ। ତୃତୀୟତଃ, ଏହା ଗବେଷକଙ୍କୁ ହାଇପୋଥେସିସ୍ (Hypothesis) ଗଠନ କରିବାରେ ସହଯୋଗ କରେ। ଚତୁର୍ଥତଃ, ଦ୍ୱିତୀୟକ ତଥ୍ୟ ଆଧାରରେ ଗବେଷଣାର ପ୍ରଣାଳୀ ଓ ନମୁନା ଚୟନ (Sampling Design) ବିଷୟରେ ନିର୍ଣ୍ଣୟ କରିବା ସହଜସାଧ୍ୟ ହୋଇଥାଏ। ଅନୁରୂପ ଭାବରେ ଦ୍ୱିତୀୟକ ତଥ୍ୟ କେବଳ ଏକ ସୂଚନାର ସ୍ରୋତ ନୁହେଁ, ବରଂ ଗବେଷଣାର ସମଗ୍ର ଗଠନକୁ ପ୍ରଭାବିତ କରୁଥିବା ଏକ

BY NC

ମୂଳ ଉପାଦାନ।

ଭାଷା, ସାହିତ୍ୟ ଓ ସଂସ୍କୃତି ଗବେଷଣାରେ ଦ୍ୱିତୀୟକ ତଥ୍ୟର ବ୍ୟବହାର ଅଧିକ ପ୍ରାସଙ୍ଗିକ, କାରଣ ଏହି କ୍ଷେତ୍ରର ଗବେଷଣା ମୂଳତଃ ପାଠ୍ୟ ଆଧାରିତ (Text-based) ଓ ନଥିପତ୍ର ଆଧାରିତ (Document-based) ହୋଇଥାଏ। ସାହିତ୍ୟ ଗବେଷଣାରେ ପୂର୍ବରୁ ରଚିତ କୃତି, ଆଲୋଚନାତ୍ମକ ପୁସ୍ତକ, ପ୍ରବନ୍ଧ, ଗବେଷଣା ପତ୍ର ଓ ସମୀକ୍ଷାମୂଳକ ଲେଖାଗୁଡ଼ିକ ଦ୍ୱିତୀୟକ ତଥ୍ୟର ଅଂଶ ଭାବେ ବ୍ୟବହୃତ ହୁଏ। ଏହା ଦ୍ୱାରା ଗବେଷକ ପୂର୍ବ ସାହିତ୍ୟର ଧାରା, ଭିନ୍ନ ମତାମତ ଓ ବିଶ୍ଳେଷଣକୁ ବୁଝିପାରନ୍ତି। ଏହିପରି, ସଂସ୍କୃତି ଗବେଷଣାରେ ଐତିହାସିକ ଦଲିଲ, ଲୋକସାହିତ୍ୟ ସଂଗ୍ରହ, ଅଭିଲେଖ ଓ ପ୍ରାଚୀନ ଲିପିଗୁଡ଼ିକ ଦ୍ୱିତୀୟକ ତଥ୍ୟର ମୂଳ ଉତ୍ସ ଭାବେ ପରିଗଣିତ ହୋଇଥାଏ। ତଥାପି, ଦ୍ୱିତୀୟକ ତଥ୍ୟର ବ୍ୟବହାର ସମୟରେ ଗବେଷକଙ୍କୁ ସତର୍କ ହେବା ଆବଶ୍ୟକ। ଯେହେତୁ ଏହି ତଥ୍ୟ ଅନ୍ୟ ଉଦ୍ଦେଶ୍ୟରେ ସଂଗ୍ରହ କରାଯାଇଥାଏ, ଏଣୁ ଏହାର ପ୍ରାସଙ୍ଗିକତା, ସଠିକତା ଓ ବିଶ୍ୱସନୀୟତାକୁ ଠିକ୍ ଭାବରେ ପରୀକ୍ଷା କରିବା ଆବଶ୍ୟକ। ତଥ୍ୟର ଉତ୍ସ, ସଂଗ୍ରହ ପ୍ରଣାଳୀ, ଉଦ୍ଦେଶ୍ୟ ଓ ସମୟ ସମ୍ବନ୍ଧୀୟ ତଥ୍ୟ ପରୀକ୍ଷା ନକରି ଏହାକୁ ଗବେଷଣାରେ ବ୍ୟବହାର କରିବା ଉଚିତ ନୁହେଁ। ଏହା ସହିତ, ଦ୍ୱିତୀୟକ ତଥ୍ୟର ସୀମିତତା ବିଷୟରେ ମଧ୍ୟ ଗବେଷକଙ୍କୁ ଧ୍ୟାନଦେବା ଆବଶ୍ୟକ, ଯାହା ଗବେଷଣାର ନିଷ୍କର୍ଷକୁ ପ୍ରଭାବିତ କରିପାରେ। ଗବେଷଣା ପଦ୍ଧତିର ଦୃଷ୍ଟିକୋଣରୁ ଦ୍ୱିତୀୟକ ତଥ୍ୟ ଏକ ଅବିଭାଜ୍ୟ ଓ ଆଧାରଭୂତ ଉପାଦାନ ଭାବେ ପରିଗଣିତ। ଏହା ଗବେଷଣାର ଆରମ୍ଭରୁ ପରିସମାପ୍ତି ପର୍ଯ୍ୟନ୍ତ ସମସ୍ତ ଚରଣରେ ଗବେଷକଙ୍କୁ ମାର୍ଗଦର୍ଶିତ କରେ। ତେଣୁ, ଏହି ଅଧ୍ୟୟନରେ ଦ୍ୱିତୀୟକ ତଥ୍ୟର ସ୍ୱରୂପ, ତାହାର ସ୍ରୋତ, ସଂଗ୍ରହ ପ୍ରଣାଳୀ ଓ ଗବେଷଣାରେ ତାହାର ପ୍ରୟୋଗ ସମ୍ପର୍କରେ ଆଲୋଚନା କରାଯିବ।

## ଦ୍ୱିତୀୟକ ତଥ୍ୟର ସଂଜ୍ଞା

ଗବେଷଣା ପଦ୍ଧତିରେ "ଦ୍ୱିତୀୟକ ତଥ୍ୟ" ବୋଲି ସେହି ସମସ୍ତ ତଥ୍ୟକୁ କୁହାଯାଏ, ଯାହା ପୂର୍ବରୁ ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ସଂଗ୍ରହ, ସଂଗଠନ ଓ ବିଶ୍ଳେଷଣ କରାଯାଇଥାଏ, କିନ୍ତୁ ପରେ ଅନ୍ୟ ଗବେଷକ ତାହାକୁ ନିଜ ଗବେଷଣା ସମସ୍ୟାର ସମାଧାନ ପାଇଁ ପୁନଃ ବ୍ୟବହାର କରନ୍ତି। ଏହି ପ୍ରକାର ତଥ୍ୟ ମୂଳତଃ ପ୍ରାଥମିକ ତଥ୍ୟର ପୁନଃ ବ୍ୟବହାର ଭାବେ ଗଣ୍ୟ ହୁଏ, କାରଣ ଏହାର ସଂଗ୍ରହ ପ୍ରକ୍ରିୟାରେ ଉପଭୋକ୍ତା ଗବେଷକଙ୍କ କୌଣସି ଭୂମିକା ନଥାଏ। ବିଭିନ୍ନ ଗବେଷକ ଓ ସମାଲୋଚନା ସାହିତ୍ୟରେ ଦ୍ୱିତୀୟକ ତଥ୍ୟର ସଂଜ୍ଞାକୁ ଏକାଧିକବାର ବ୍ୟାଖ୍ୟା କରାଯାଇଛି। ଏହି ମତଗୁଡ଼ିକ ଅନୁସାରେ, ଦ୍ୱିତୀୟକ ତଥ୍ୟ ହେଉଛି ସେହି ତଥ୍ୟ, ଯାହା "ଅନ୍ୟ କୌଣସି ଉଦ୍ଦେଶ୍ୟ ପାଇଁ ସଂଗୃହୀତ ହୋଇଥିବା ତଥ୍ୟକୁ ନୂତନ ଗବେଷଣା ପ୍ରଶ୍ନର ପରିପ୍ରେକ୍ଷୀରେ ପୁନଃ ବିଶ୍ଳେଷଣ କରାଯାଏ" (Panchenko & Samovilova, 2020) । ଏହା ଦ୍ୱାରା ସ୍ପଷ୍ଟ ହୁଏ ଯେ, ଦ୍ୱିତୀୟକ ତଥ୍ୟ କେବଳ ପୂର୍ବ ସଂଗୃହିତ ତଥ୍ୟ ନୁହେଁ, ବରଂ ତାହାର ନୂତନ ଅର୍ଥବୋଧ ଓ ବିଶ୍ଳେଷଣ ଗବେଷଣାର ମୂଳ ଅଂଶ ଅଟେ। ଗବେଷଣା ପଦ୍ଧତି ବିଷୟକ ସାହିତ୍ୟରେ ଦ୍ୱିତୀୟକ ତଥ୍ୟକୁ "ଏମିତି ତଥ୍ୟ ଭାବରେ ବିବେଚନା କରାଯାଏ, ଯାହା ପୂର୍ବରୁ ସଂଗୃହୀତ ଓ ପ୍ରକାଶିତ ହୋଇଥାଏ ଏବଂ ଅନ୍ୟ ଗବେଷକମାନେ ତାହାକୁ ନିଜ ଅଧ୍ୟୟନରେ ବ୍ୟବହାର କରନ୍ତି"(Patil, 2021) । ଦ୍ୱିତୀୟକ ତଥ୍ୟର ପ୍ରମୁଖ ଲକ୍ଷଣ ହେଉଛି- ତଥ୍ୟର ପୂର୍ବ ଉପଲବ୍ଧତା ଓ ତାହାର ପୁନଃ ବ୍ୟବହାର। ଏହା ସହ, Kumara (2022) ଦ୍ୱାରା ଉଲ୍ଲେଖ ହୋଇଛି ଯେ ଦ୍ୱିତୀୟକ ତଥ୍ୟ ବିଭିନ୍ନ ସ୍ରୋତରୁ ଆସିପାରେ, ଯଥା—ଜନଗଣନା ତଥ୍ୟ, ସରକାରୀ ରିପୋର୍ଟ, ସଂସ୍ଥାଗତ ତଥ୍ୟଭଣ୍ଡାର, ବିଶ୍ୱବିଦ୍ୟାଳୟ ଅନୁସନ୍ଧାନ ଓ ସର୍ଭେ ତଥ୍ୟ । ଏହା ଦ୍ୱାରା ଏହାର ସ୍ୱରୂପ ବହୁମୁଖୀ ଓ ବ୍ୟାପକ ଥିବା ସ୍ପଷ୍ଟ ହୁଏ।

ଉପରୋକ୍ତ ସଂଜ୍ଞାଗୁଡ଼ିକ ଆଧାରରେ କୁହାଯାଇପାରେ ଯେ ଦ୍ୱିତୀୟକ ତଥ୍ୟ ହେଉଛି ପୂର୍ବରୁ ସଂଗ୍ରହ ଓ ପ୍ରସ୍ତୁତ ତଥ୍ୟ, ଯାହାକୁ ଗବେଷକ ନୂତନ ଗବେଷଣା ପ୍ରସଙ୍ଗରେ ପୁନଃ ବ୍ୟବହାର କରନ୍ତି ଓ ତାହାର ନୂତନ ବ୍ୟାଖ୍ୟା ଦେଇଥାନ୍ତି। ଗବେଷଣା ପଦ୍ଧତିର ଦୃଷ୍ଟିକୋଣରୁ ଏହା ଗବେଷଣାର ପ୍ରାରମ୍ଭିକ ଓ ଆଧାରଭୂତ ଚରଣରେ ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ। କାରଣ ଏହା ଗବେଷଣା ସମସ୍ୟା ଚିହ୍ନଟ, ଧାରଣା ଗଠନ ଓ ପ୍ରାଥମିକ ତଥ୍ୟ ସଂଗ୍ରହର ପୂର୍ବ ପ୍ରସ୍ତୁତିରେ ମୂଳ ଭୂମିକା ନିଭାଏ।

## ଦ୍ୱିତୀୟକ ତଥ୍ୟର ପ୍ରକୃତି

ଦ୍ୱିତୀୟକ ତଥ୍ୟର ପ୍ରକୃତି ବିଷୟରେ ଅଧ୍ୟୟନ କରିବା ଗବେଷଣା ପଦ୍ଧତିର ଏକ ମୂଳ ଅଂଶ, କାରଣ ଏହା ତଥ୍ୟର ଗୁଣମାନ, ଉପଯୋଗିତା ଓ ବିଶ୍ଳେଷଣ ପ୍ରଣାଳୀକୁ ସ୍ପଷ୍ଟ କରେ। ଦ୍ୱିତୀୟକ ତଥ୍ୟ ସ୍ୱଭାବତଃ ପୂର୍ବରୁ ସଂଗ୍ରହ ଓ ପ୍ରସ୍ତୁତ ହୋଇଥିବାରୁ ଏହାର ନିଜସ୍ୱ କିଛି ବିଶିଷ୍ଟ ଲକ୍ଷଣ ରହିଛି। ଏହି ତଥ୍ୟ ସାଧାରଣତଃ ଅନ୍ୟ ଗବେଷକ, ସଂସ୍ଥା କିମ୍ବା ସରକାରୀ ଅନୁଷ୍ଠାନ ଦ୍ୱାରା ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ସଂଗୃହୀତ ହୋଇଥାଏ, ଯାହା ପରେ ନୂତନ ଗବେଷଣା ପ୍ରସଙ୍ଗରେ ପୁନଃ ବ୍ୟବହୃତ ହୁଏ।

ଏହାର ପ୍ରକୃତି ବୁଝିବା ଦ୍ୱାରା ଗବେଷକ ତଥ୍ୟର ସଠିକତା, ବିଶ୍ୱସନୀୟତା ଓ ପ୍ରାସଙ୍ଗିକତାକୁ ମୂଲ୍ୟାୟନ କରିପାରନ୍ତି। ଦ୍ୱିତୀୟକ ତଥ୍ୟ ଏକାଧିକ ରୂପରେ ଉପଲବ୍ଧ ହୁଏ - ପ୍ରକାଶିତ ଓ ଅପ୍ରକାଶିତ, ସାଂଖ୍ୟିକ ଓ ଗୁଣାତ୍ମକ। ଯାହା ଗବେଷଣାର ବିଭିନ୍ନ ମାନକୁ ସମୃଦ୍ଧ କରେ। ଏହା ସହିତ, ଏହି ତଥ୍ୟ ନିର୍ଦ୍ଦିଷ୍ଟ ସମୟ, ସ୍ଥାନ ଓ ସାମାଜିକ ପରିପ୍ରେକ୍ଷିତ ସହ ଜଡିତ ଥାଏ, ଯାହାକୁ ଗବେଷକଙ୍କୁ ବିଶ୍ଳେଷଣ ସମୟରେ ଧ୍ୟାନରେ ରଖିବା ଆବଶ୍ୟକ।

ଏହିପରି, ଦ୍ୱିତୀୟକ ତଥ୍ୟର ପ୍ରକୃତି ଅନୁଧ୍ୟାନ କରିବା ଗବେଷଣାର ମୂଳ ଆଧାରକୁ ସୁଦୃଢ଼ କରେ ଓ ତଥ୍ୟ ବ୍ୟବହାରରେ ବୈଜ୍ଞାନିକ ଦୃଷ୍ଟିକୋଣ ଗଠନରେ ସାହାଯ୍ୟ କରେ।

### (କ) ପୂର୍ବ ସଂଗୃହୀତ ତଥ୍ୟ

ଦ୍ୱିତୀୟକ ତଥ୍ୟର ମୁଖ୍ୟ ପ୍ରକୃତି ହେଉଛି ଯେ, ଏହା ପୂର୍ବରୁ କୌଣସି ଅନ୍ୟ ଉଦ୍ଦେଶ୍ୟ ପାଇଁ ସଂଗୃହୀତ ଓ ବିଶ୍ଳେଷିତ ହୋଇଥାଏ। ଅର୍ଥାତ୍, ଏହି ତଥ୍ୟ ଗବେଷକଙ୍କ ନିଜସ୍ୱ କ୍ଷେତ୍ର ଅଧ୍ୟୟନର ଫଳ ନୁହେଁ, ବରଂ ପୂର୍ବରୁ ଅନ୍ୟ ଗବେଷକ, ସଂସ୍ଥା କିମ୍ବା ସରକାରୀ ଅନୁଷ୍ଠାନ ଦ୍ୱାରା ସଂଗ୍ରହ କରାଯାଇଥିବା ତଥ୍ୟକୁ ପୁନଃ ବ୍ୟବହାର କରାଯାଏ। ଏହି ପ୍ରକାର ତଥ୍ୟ ସାଧାରଣତଃ ବ୍ୟବସ୍ଥିତ ଓ ବୃହତ୍ ପରିମାଣରେ ଉପଲବ୍ଧ ଥାଏ, ଯାହା ଗବେଷଣାକୁ ଦ୍ରୁତ ଓ ସୁବିଧାଜନକ କରେ।

CC BY NC

ଗବେଷଣା ପଦ୍ଧତିର ଅନେକ ପୁସ୍ତକ ଓ ପ୍ରବନ୍ଧରେ ମଧ୍ୟ ଉଲ୍ଲେଖ ଅଛି ଯେ, ଦ୍ୱିତୀୟକ ତଥ୍ୟ ହେଉଛି "already collected and analysed data", ଯାହାକୁ ପରବର୍ତ୍ତୀ ଗବେଷକ ନୂତନ ଅଧ୍ୟୟନରେ ବ୍ୟବହାର କରନ୍ତି (Patil, 2021) । ଅନୁରୂପ ଭାବରେ, ଦ୍ୱିତୀୟକ ତଥ୍ୟ ଗବେଷଣାର ପ୍ରାରମ୍ଭିକ ଧାରାରେ ଏକ ଆଧାର ଭାବରେ କାର୍ଯ୍ୟ କରେ ଓ ପୂର୍ବ ଅଧ୍ୟୟନର ଫଳାଫଳକୁ ନୂତନ ଦୃଷ୍ଟିକୋଣରେ ବୁଝିବାର ସୁଯୋଗ ଦେଇଥାଏ (Panchenko & Samovilova, 2020) । ଉଦାହରଣ ସ୍ୱରୂପ, ଭାରତର ଜନଗଣନା (Census of India) ତଥ୍ୟ ସରକାର ଦ୍ୱାରା ପୂର୍ବରୁ ସଂଗୃହୀତ ଏକ ବିଶାଳ ତଥ୍ୟଭଣ୍ଡାର, ଯାହାକୁ ଗବେଷକମାନେ ଜନସଂଖ୍ୟା ବୃଦ୍ଧି, ଶିକ୍ଷା ହାର କିମ୍ବା ଆର୍ଥିକ ସାଂସ୍କୃତିକ ଓ ସାମାଜିକ ପରିବର୍ତ୍ତନ ଅଧ୍ୟୟନ ପାଇଁ ବ୍ୟବହାର କରନ୍ତି। ସେହିପରି, ଭାଷା ଓ ସାହିତ୍ୟ ଗବେଷଣାରେ ସାରଳା ଦାସଙ୍କ *ମହାଭାରତ*, ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ, କିମ୍ବା ପୂର୍ବରୁ ରଚନା କରାଯାଇଥିବା ଆଲୋଚନାମୂଳକ ପୁସ୍ତକ ଓ ଗବେଷଣା ପତ୍ରଗୁଡ଼ିକ ଦ୍ୱିତୀୟକ ତଥ୍ୟ ଭାବେ ବ୍ୟବହୃତ ହୁଏ। ଏହା ଦ୍ୱାରା ଗବେଷକ ପୂର୍ବ ସାହିତ୍ୟର ଧାରା, ଭିନ୍ନ ମତାମତ ଓ ବିଶ୍ଳେଷଣକୁ ଅନୁଧ୍ୟାନ କରିପାରନ୍ତି।

ଏହା ସହିତ, ବିଶ୍ୱବିଦ୍ୟାଳୟର ପରୀକ୍ଷା ଫଳାଫଳ, ପ୍ରବେଶିକା ତଥ୍ୟ, କିମ୍ବା UNESCO ଓ World Bank ଭଳି ଆନ୍ତର୍ଜାତୀୟ ସଂଗଠନଙ୍କ ଡାଟାବେସ୍ ମଧ୍ୟ ପୂର୍ବରୁ ସଂଗୃହୀତ ତଥ୍ୟର ଉଦାହରଣ। ଏହି ସମସ୍ତ ତଥ୍ୟ ଗବେଷଣାରେ ବ୍ୟବହୃତ ହୋଇ ଏକ ବୃହତ୍ ଓ ନିର୍ଭରଯୋଗ୍ୟ ତଥ୍ୟର ଆଧାର ପ୍ରଦାନ କରେ। ତେଣୁ ପୂର୍ବରୁ ସଂଗୃହୀତ ତଥ୍ୟ ଦ୍ୱିତୀୟକ ତଥ୍ୟର ମୂଳ ଆଧାର, ଯାହା ଗବେଷକଙ୍କୁ ଦ୍ରୁତ ଓ ବ୍ୟାପକ ତଥ୍ୟ ଉପଲବ୍ଧ କରାଏ, କିନ୍ତୁ ଏହାର ବ୍ୟବହାର ସମୟରେ ତଥ୍ୟର ଉତ୍ସ, ସଠିକତା ଓ ପ୍ରାସଙ୍ଗିକତାକୁ ସତର୍କତାର ସହ ପରୀକ୍ଷା କରି ନେବା ଆବଶ୍ୟକ।

### (ଖ) ପ୍ରକାଶିତ ଓ ଅପ୍ରକାଶିତ ରୂପରେ ଉପଲବ୍ଧ

ଦ୍ୱିତୀୟକ ତଥ୍ୟର ଏକ ମୂଳ ପ୍ରକୃତି ହେଉଛି ଯେ, ଏହା ପ୍ରକାଶିତ ଓ ଅପ୍ରକାଶିତ ଦୁଇ ରୂପରେ ଉପଲବ୍ଧ ଥାଏ। ଏହି ଦୁଇ ପ୍ରକାର ତଥ୍ୟ ଗବେଷଣାରେ ଭିନ୍ନ ଭିନ୍ନ ପ୍ରକାରର ସାହାଯ୍ୟ ପ୍ରଦାନ କରେ। ପ୍ରକାଶିତ ତଥ୍ୟ ସାଧାରଣତଃ ସାର୍ବଜନୀନ ଭାବରେ ଉପଲବ୍ଧ ଓ ପ୍ରମାଣିକ ଉତ୍ସରୁ ପ୍ରସ୍ତୁତ ହୋଇଥାଏ, ଯେତେବେଳେ କି ଅପ୍ରକାଶିତ ତଥ୍ୟ ଅଧିକ ଗଭୀର ସୂଚନା ଦେଇଥାଏ। ପ୍ରକାଶିତ ତଥ୍ୟରେ ସାଧାରଣତଃ ସରକାରୀ ପ୍ରତିବେଦନ(Report), ପୀୟର-ରିଭ୍ୟୁଡ୍ ଜର୍ଣ୍ଣାଲ୍ ଦ୍ୱାରା ପ୍ରକାଶିତ ପ୍ରବନ୍ଧ, ଶିକ୍ଷାଗତ ପୁସ୍ତକ ଓ ଆନ୍ତର୍ଜାତୀୟ ଡାଟାବେସ୍ ଅନ୍ତର୍ଭୁକ୍ତ। ଉଦାହରଣ ସ୍ୱରୂପ, ଏକ ଗବେଷକ ଯଦି ଭାରତର ଉଚ୍ଚ ଶିକ୍ଷା ପ୍ରଣାଳୀର ଅଧ୍ୟୟନ କରୁଛନ୍ତି, ସେ **All India Survey on Higher Education (AISHE)** ରିପୋର୍ଟକୁ ବ୍ୟବହାର କରିପାରନ୍ତି, ଯାହା ଭାରତ ସରକାରଙ୍କ ଦ୍ୱାରା ପ୍ରକାଶିତ ଏକ ପ୍ରମାଣିକ ତଥ୍ୟର ସ୍ରୋତ। ଏହିପରି ତଥ୍ୟ ଶାସ୍ତ୍ରୀୟ ଭାବରେ ବିଶ୍ୱସନୀୟ ଓ ସମ୍ପୂର୍ଣ୍ଣ ହୋଇଥାଏ। ଅନ୍ୟପକ୍ଷରେ, ଅପ୍ରକାଶିତ ତଥ୍ୟ ମଧ୍ୟ ଗବେଷଣାରେ ସମାନ ଗୁରୁତ୍ୱ ରଖେ ଯଥା- ଅପ୍ରକାଶିତ ଗବେଷଣା ଥେସିସ୍, ଫିଲ୍ଡ ନୋଟ୍ସ, ସଂସ୍ଥାଗତ ଆଭ୍ୟନ୍ତରୀଣ ରିପୋର୍ଟ ଓ ଅଭିଲେଖ। ଉଦାହରଣ ସ୍ୱରୂପ, ଏକ ସାହିତ୍ୟ ଗବେଷକ ଯଦି ଓଡ଼ିଆ ଲୋକସାହିତ୍ୟ ଅଧ୍ୟୟନ କରୁଛନ୍ତି, ସେ କୌଣସି ବିଶ୍ୱବିଦ୍ୟାଳୟର ଅପ୍ରକାଶିତ Ph.D. ଥେସିସ୍ କିମ୍ବା ଲୋକସାହିତ୍ୟ ସଂଗ୍ରହକାରୀଙ୍କ ଫିଲ୍ଡ ନୋଟ୍ସ ବ୍ୟବହାର କରିପାରନ୍ତି, ଯାହା ପ୍ରକାଶିତ ତଥ୍ୟରେ ମିଳିବା ଦୁର୍ଲଭ।

ବିଶିଷ୍ଟ ଗବେଷକ ଓ ବିଦ୍ୱାନଙ୍କ ମତାନୁସାରେ, ଗବେଷକଙ୍କୁ ଏହି ଦୁଇ ପ୍ରକାର ତଥ୍ୟର ମୂଲ୍ୟାୟନ ସତର୍କତା ସହ କରିବା ଆବଶ୍ୟକ, କାରଣ ପ୍ରକାଶିତ ତଥ୍ୟ ସାଧାରଣତଃ ଅଧିକ ପରୀକ୍ଷିତ ହୋଇଥାଏ, ଯେତେବେଳେ କି ଅପ୍ରକାଶିତ ତଥ୍ୟ ଅଧିକ ଅନୁଭୂତିମୂଳକ ଓ ଆବଶ୍ୟକ ତଥ୍ୟ ଯୋଗାଇପାରେ । ଦ୍ୱିତୀୟକ ତଥ୍ୟର ପ୍ରକାଶିତ ଓ ଅପ୍ରକାଶିତ ରୂପ ଗବେଷଣାକୁ ଦୁଇ ମାର୍ଗରେ ସମୃଦ୍ଧ କରେ। ଏକ ପକ୍ଷରେ ଏହା ସାଧାରଣ ଓ ପ୍ରାମାଣିକ ତଥ୍ୟ ଯୋଗାଉଥିବା ବେଳେ ଅନ୍ୟ ପକ୍ଷରେ ତଥ୍ୟ ନିଷ୍ଠ ଓ ଅନୁସନ୍ଧାନମୂଳକ ସୂଚନା ପ୍ରଦାନ କରେ।

### (ଗ) ସାଂଖ୍ୟିକ ଓ ଗୁଣାତ୍ମକ ଦୁଇ ପ୍ରକାର

ଦ୍ୱିତୀୟକ ତଥ୍ୟର ଅନ୍ୟତମ ମୁଖ୍ୟ ପ୍ରକୃତି ହେଉଛି ଯେ, ଏହା ସାଂଖ୍ୟିକ (Quantitative) ଓ ଗୁଣାତ୍ମକ (Qualitative) ଦୁଇ ପ୍ରକାରର ରୂପରେ ଉପଲବ୍ଧ ଥାଏ। ଏହି ଦୁଇ ପ୍ରକାର ତଥ୍ୟ ଗବେଷଣାରେ ଭିନ୍ନ ଭିନ୍ନ ପ୍ରକାରର ତଥ୍ୟାନୁସନ୍ଧାନ ଓ ବିଶ୍ଳେଷଣ ପ୍ରଣାଳୀକୁ ସମୃଦ୍ଧ କରେ। ସାଂଖ୍ୟିକ ତଥ୍ୟ ମୂଳତଃ ସଂଖ୍ୟା ଆଧାରିତ ଓ ପରିମାପଯୋଗ୍ୟ, ଯେତେବେଳେ ଗୁଣାତ୍ମକ ତଥ୍ୟ ବର୍ଣ୍ଣନାତ୍ମକ, ବ୍ୟାଖ୍ୟାତ୍ମକ ଓ ଅର୍ଥନିର୍ମାଣମୂଳକ (Panchenko & Samovilova, 2020) ।

ସାଂଖ୍ୟିକ ଦ୍ୱିତୀୟକ ତଥ୍ୟରେ ସଂଖ୍ୟାତ୍ମକ ସୂଚନା ଥାଏ, ଯାହାକୁ ସାଧାରଣତଃ ସାଂଖ୍ୟିକ ପ୍ରଣାଳୀ ମାଧ୍ୟମରେ ବିଶ୍ଳେଷଣ କରାଯାଏ। ଉଦାହରଣ ସ୍ୱରୂପ, **National Family Health Survey (NFHS)** ର ତଥ୍ୟରେ ସ୍ୱାସ୍ଥ୍ୟ ସୂଚକ, ପ୍ରଜନନ ହାର, ପୋଷଣ ସ୍ଥିତି ଇତ୍ୟାଦି ସଂଖ୍ୟାତ୍ମକ ତଥ୍ୟ ରହେ, ଯାହାକୁ ଗବେଷକମାନେ ସାମାଜିକ ଓ ଆର୍ଥିକ ଅଧ୍ୟୟନ ପାଇଁ ବ୍ୟବହାର କରନ୍ତି। ଏହିପରି ତଥ୍ୟ ଗବେଷଣାକୁ ନିଷ୍ପକ୍ଷ, ପରିମାପଯୋଗ୍ୟ ଓ ତୁଳନାମୂଳକ କରିଥାଏ (Kumara, 2022) ।

ଅନ୍ୟପକ୍ଷରେ ଗୁଣାତ୍ମକ ଦ୍ୱିତୀୟକ ତଥ୍ୟରେ ବର୍ଣ୍ଣନାତ୍ମକ ଓ ଅର୍ଥମୂଳକ ସୂଚନା ଥାଏ, ଯାହାକୁ ଅନୁଭୂତି, ଧାରଣା ଓ ସାଂସ୍କୃତିକ ପରିପ୍ରେକ୍ଷୀରେ ବିଶ୍ଳେଷଣ କରାଯାଏ। ଉଦାହରଣ ସ୍ୱରୂପ, ଏକ ସଂସ୍କୃତି ଓ ଜୀବନ ଶୈଳୀକୁ ନେଇ ଗବେଷଣା କରୁଥିବା ଗବେଷକ ଯଦି ଓଡ଼ିଶାର ଜନଜାତୀୟ ଆଚାର ବିଚାର ବିଷୟରେ ଅଧ୍ୟୟନ କରୁଛନ୍ତି, ସେ ପୂର୍ବରୁ ଏହି ସଂକ୍ରାନ୍ତୀୟ ଏଥ୍ନୋଗ୍ରାଫିକ୍ ରିପୋର୍ଟ, ଲୋକକଥା ସଂଗ୍ରହ ବା ସାମାଜିକ ଅଧ୍ୟୟନ ପତ୍ରଗୁଡ଼ିକୁ ବ୍ୟବହାର କରିପାରନ୍ତି। ଏହିପରି ତଥ୍ୟ ସମାଜର ଅନ୍ତର୍ନିହିତ ଅର୍ଥ, ଆଚରଣ ଓ ସାଂସ୍କୃତିକ ମୂଲ୍ୟକୁ ବୁଝିବାରେ ସାହାଯ୍ୟ କରେ। ଗବେଷଣା ପଦ୍ଧତିରେ ଏହି ଦୁଇ ପ୍ରକାର ତଥ୍ୟ ପ୍ରାୟତଃ ପରସ୍ପର ପରିପୂରକ ହୋଇଥାଏ। ସାଂଖ୍ୟିକ ତଥ୍ୟ ଯେଉଁଠାରେ ପ୍ରବୃତ୍ତି ଓ ପ୍ରମାଣ ବିଷୟରେ ସୂଚନା ଦିଏ, ସେଠାରେ ଗୁଣାତ୍ମକ ତଥ୍ୟ ତାହାର ଅର୍ଥ ଓ ଉଦ୍ଦେଶ୍ୟକୁ ସ୍ପଷ୍ଟ କରେ (Malhotra et al., 2017) ।

### (ଘ) ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ସୃଷ୍ଟ

ଦ୍ୱିତୀୟକ ତଥ୍ୟର ଅନ୍ୟତମ ମୁଖ୍ୟ ପ୍ରକୃତି ହେଉଛି ଯେ, ଏହା ସଦା ନିର୍ଦ୍ଦିଷ୍ଟ ସମୟ, ସ୍ଥାନ ଓ ଉଦ୍ଦେଶ୍ୟକୁ ଆଧାର କରି ସୃଷ୍ଟ

CC BY NC

ହୋଇଥାଏ। ଅର୍ଥାତ୍, ଯେଉଁ ପରିପ୍ରେକ୍ଷରେ ତଥ୍ୟ ସଂଗ୍ରହ କରାଯାଇଥାଏ, ସେହି ଉଦ୍ଦେଶ୍ୟର ତାହାର ଅର୍ଥ ଓ ବ୍ୟବହାରକୁ ନିର୍ଦ୍ଦେଶିତ କରେ। ଏହି କାରଣରୁ, ଦ୍ୱିତୀୟକ ତଥ୍ୟକୁ ନୂତନ ଗବେଷଣାରେ ବ୍ୟବହାର କଲାବେଳେ ତାହାର ମୂଳ ଉଦ୍ଦେଶ୍ୟକୁ ବୁଝିବା ଅତ୍ୟାବଶ୍ୟକ (Malhotra et al., 2017) । ଉଦାହରଣ ସ୍ୱରୂପ, **Periodic Labour Force Survey (PLFS)** ର ତଥ୍ୟ ଭାରତର ନିର୍ଦ୍ଦିଷ୍ଟ ସମୟସୀମାରେ ରୋଜଗାର ସ୍ଥିତିକୁ ମାପିବା ପାଇଁ ସଂଗ୍ରହ କରାଯାଇଥାଏ। ଯଦି ଏକ ଗବେଷକ ଏହି ତଥ୍ୟକୁ ଦୀର୍ଘକାଳୀନ ସାମାଜିକ ପରିବର୍ତ୍ତନ ଅଧ୍ୟୟନରେ ବ୍ୟବହାର କରନ୍ତି, ତେବେ ସେହି ସମୟ ଓ ଉଦ୍ଦେଶ୍ୟକୁ ଧ୍ୟାନରେ ରଖି ବିଶ୍ଳେଷଣ କରିବା ଆବଶ୍ୟକ। ନହେଲେ ତଥ୍ୟର ଭ୍ରମାତ୍ମକ ଅର୍ଥ ନିର୍ମାଣ ହେବାର ସମ୍ଭାବନା ରହେ। ସେହିପରି, ଭାଷା ଓ ସାହିତ୍ୟ ଗବେଷଣାରେ ଏକ ନିର୍ଦ୍ଦିଷ୍ଟ କୃତି ତାହାର ସମୟ, ସମାଜ ଓ ସଂସ୍କୃତି ସହ ଅବିଚ୍ଛିନ୍ନ ଭାବେ ଜଡିତ। ଯଥା- ଫକୀରମୋହନ ସେନାପତିଙ୍କ ଉପନ୍ୟାସ 'ଛମାଣ ଆଠ ଗୁଣ୍ଠ'କୁ ବିଶ୍ଳେଷଣ କରିବାବେଳେ ଏହାକୁ ଔପନେବେଶିକ ସମୟର ଜମିଦାରୀ ପ୍ରଥା ଓ ସାମାଜିକ ଢାଞ୍ଚା ସହ ଯୋଡି ଦେଖିବା ଆବଶ୍ୟକ। ଏହା ବ୍ୟତୀତ ଏହାର ସଠିକ ଅର୍ଥ ନିର୍ଣ୍ଣୟ କରିବା ଅସମ୍ଭବ। କୁମାର କେ. (2022) ତାଙ୍କ ପୁସ୍ତକରେ ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଦ୍ୱିତୀୟକ ତଥ୍ୟ ସଂଗ୍ରହ ପରିସ୍ଥିତି ଓ ଉଦ୍ଦେଶ୍ୟ ଅନୁସାରେ ଗଠିତ ହୋଇଥାଏ, ତେଣୁ ତାହାକୁ ଅନ୍ୟ ପ୍ରସଙ୍ଗରେ ବ୍ୟବହାର କଲେ ସତର୍କତାର ସହ ମୂଲ୍ୟାୟନ କରିବା ଆବଶ୍ୟକ । ଦ୍ୱିତୀୟକ ତଥ୍ୟ ସଦା ପ୍ରସଙ୍ଗ ନିର୍ଭର ଓ ତାହାର ସଠିକ ବ୍ୟବହାର ପାଇଁ ଗବେଷକଙ୍କୁ ସମୟ, ସ୍ଥାନ ଓ ଉଦ୍ଦେଶ୍ୟକୁ ଗଭୀର ଭାବରେ ବିବେଚନା କରିବା ଆବଶ୍ୟକ।

**ଦ୍ୱିତୀୟକ ତଥ୍ୟର ସ୍ରୋତ ଓ ବ୍ୟବହାର**

ଗବେଷଣା ପଦ୍ଧତିରେ ଦ୍ୱିତୀୟକ ତଥ୍ୟର ସ୍ରୋତ ସମ୍ବନ୍ଧୀୟ ଅଧ୍ୟୟନ ଅତ୍ୟନ୍ତ ଆବଶ୍ୟକ, କାରଣ ତଥ୍ୟର ଗୁଣମାନ, ବିଶ୍ୱସନୀୟତା ଓ ପ୍ରାସଙ୍ଗିକତା ତାହାର ଉତ୍ସ ଉପରେ ନିର୍ଭର କରେ। ଦ୍ୱିତୀୟକ ତଥ୍ୟ ବିଭିନ୍ନ ସ୍ରୋତରୁ ଉପଲବ୍ଧ ହୁଏ ଓ ସେଗୁଡ଼ିକ ଗବେଷଣାର ବିଷୟ, ଉଦ୍ଦେଶ୍ୟ ଓ ପ୍ରଣାଳୀ ଅନୁଯାୟୀ ଚୟନ କରାଯାଏ। ସାଧାରଣତଃ ଏହି ସ୍ରୋତଗୁଡ଼ିକୁ ପ୍ରକାଶିତ ଓ ଅପ୍ରକାଶିତ ଦୁଇଟି ମୂଳ ଶ୍ରେଣୀରେ ବିଭକ୍ତ କରାଯାଏ, ଯଦ୍ୟପି ଆଧୁନିକ ଗବେଷଣାରେ ଡିଜିଟାଲ ଡାଟାବେସ୍ ଓ ଆର୍କାଇଭ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସ୍ରୋତ ଭାବେ ପରିଚିତ ହୋଇଉଠିଛି। ଗବେଷକଙ୍କ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ ଯେ, ସେ କେଉଁ ସ୍ରୋତରୁ ତଥ୍ୟ ଗ୍ରହଣ କରୁଛନ୍ତି ଓ ସେହି ସ୍ରୋତ କେତେ ଦୃଢ଼ ଓ ଭରସାଯୋଗ୍ୟ। ସରକାରୀ ପ୍ରତିବେଦନ, ଶିକ୍ଷାଗତ ପୁସ୍ତକ, ଜର୍ଣ୍ଣାଲରେ ପ୍ରକାଶିତ ଗବେଷଣାତ୍ମକ ଲେଖା, ଆନ୍ତର୍ଜାତୀୟ ସଂଗଠନଙ୍କ ତଥ୍ୟ ଆଦି ଏକ ପକ୍ଷରୁ ଗବେଷଣାକୁ ସୁଦୃଢ କରେ, ତେବେ ଅନ୍ୟପକ୍ଷରୁ ଅପ୍ରକାଶିତ ଦଲିଲ, ଥେସିସ୍ ଓ ସଂସ୍ଥାଗତ ରେକର୍ଡ ଆଦି ଏକ ଗଭୀର ଓ ବିଶିଷ୍ଟ ସୂଚନା ଯୋଗାଇଥାଏ । ଏହା ସହିତ, ଆଧୁନିକ ତଥ୍ୟ ଯୁଗରେ ଅନଲାଇନ୍ ଡାଟାବେସ୍, ଡିଜିଟାଲ ଲାଇବ୍ରେରୀ ଓ ଗବେଷଣାତ୍ମକ ସଂଗ୍ରହାଳୟ ଦ୍ୱିତୀୟକ ତଥ୍ୟର ମୁଖ୍ୟ ଉତ୍ସ ଭାବେ ପରିଣତ ହୋଇଛି, ଯାହା ଗବେଷକଙ୍କୁ ସହଜରେ ବିପୁଳ ପରିମାଣର ତଥ୍ୟ ଉପଲବ୍ଧ କରାଇଥାଏ (Kumara, 2022) । ଦ୍ୱିତୀୟକ ତଥ୍ୟର ସ୍ରୋତ ବିବିଧ ଓ ବ୍ୟାପକ, ଏଣୁ ଗବେଷଣାର ସ୍ୱଚ୍ଛତା ପାଇଁ ସେମାନଙ୍କର ଯଥୋଚିତ ଚୟନ ଓ ମୂଲ୍ୟାୟନ ଅତ୍ୟନ୍ତ ଆବଶ୍ୟକ।

**ପ୍ରକାଶିତ ସ୍ରୋତ** (Published Sources)

ପ୍ରକାଶିତ ସ୍ରୋତ ହେଉଛି ସେହି ସମସ୍ତ ତଥ୍ୟ ଉତ୍ସ, ଯାହା ସାର୍ବଜନୀନ ଭାବରେ ଉପଲବ୍ଧ ଓ ପ୍ରମାଣିତ ଭାବରେ ପ୍ରକାଶିତ ହୋଇଥାଏ। ଏହି ସ୍ରୋତଗୁଡ଼ିକ ଗବେଷଣାରେ ଅଧିକ ବିଶ୍ୱସନୀୟ ଓ ସୁସଂଗଠିତ ତଥ୍ୟ ଯୋଗାଇଥାଏ, କାରଣ ଏଗୁଡ଼ିକ ସାଧାରଣତଃ ପରୀକ୍ଷା ଓ ସମୀକ୍ଷା ପ୍ରକ୍ରିୟା ମାଧ୍ୟମରେ ପ୍ରସ୍ତୁତ ହୁଏ।

**(କ) ସରକାରୀ ରିପୋର୍ଟ** (Government Reports)

ସରକାରୀ ରିପୋର୍ଟ ଦ୍ୱିତୀୟକ ତଥ୍ୟର ସବୁଠାରୁ ବିଶ୍ୱସନୀୟ ଓ ବ୍ୟାପକ ସ୍ରୋତମାନଙ୍କ ମଧ୍ୟରେ ଗଣ୍ୟ। ଏହି ରିପୋର୍ଟଗୁଡ଼ିକ ସରକାରୀ ସଂସ୍ଥା ଓ ବିଭାଗମାନଙ୍କ ଦ୍ୱାରା ବୈଜ୍ଞାନିକ ଓ ପ୍ରଣାଳୀବଦ୍ଧ ଉପାୟରେ ସଂଗ୍ରହ, ବିଶ୍ଳେଷଣ ଓ ପ୍ରକାଶ କରାଯାଇଥାଏ। ଏହି କାରଣରୁ ଏଗୁଡ଼ିକ ଗବେଷଣାରେ ଅଧିକ ପ୍ରମାଣିକ, ବିଶ୍ୱସନୀୟ ଓ ଆଧାରଭୂତ ତଥ୍ୟ ଯୋଗାଇଥାନ୍ତି (Kumara, 2022)।

ସରକାରୀ ରିପୋର୍ଟରେ ସାଧାରଣତଃ ଜନସଂଖ୍ୟା, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର, କୃଷି ଓ ଆର୍ଥିକ କ୍ଷେତ୍ର ସମ୍ବନ୍ଧୀୟ ବିସ୍ତୃତ ତଥ୍ୟ ଥାଏ। ଏହି ତଥ୍ୟଗୁଡ଼ିକ ଦୀର୍ଘ ସମୟ ଧରି ସଂଗୃହୀତ ଓ ସଂଗଠିତ ହୋଇଥିବାରୁ ଗବେଷକମାନେ ତଥ୍ୟ ପରିବର୍ତ୍ତନର ପ୍ରବୃତ୍ତି (trends) ଓ ତୁଳନାତ୍ମକ ବିଶ୍ଳେଷଣ କରିପାରନ୍ତି। ଉଦାହରଣ ସ୍ୱରୂପ, **National Sample Survey Office (NSSO)** ଦ୍ୱାରା ପ୍ରକାଶିତ ରୋଜଗାର ଓ ବେକାରୀ ସମ୍ବନ୍ଧୀୟ ରିପୋର୍ଟ ଭାରତର ଶ୍ରମବଜାରର ସ୍ଥିତିକୁ ତଥ୍ୟାନୁସାରେ ପ୍ରଦର୍ଶନ କରେ। ଏହି ତଥ୍ୟ ଆଧାରରେ ଗବେଷକମାନେ ଗ୍ରାମ ଓ ସହର ଅଞ୍ଚଳରେ ରୋଜଗାର ସୁଯୋଗର ତୁଳନା କରିପାରନ୍ତି। ସେହିପରି, **Census of India** ରିପୋର୍ଟ ଜନସଂଖ୍ୟାର ଗଠନ, ଭାଷାଗତ ବିତରଣ, ଶିକ୍ଷା ହାର ଓ ଲିଙ୍ଗାନୁପାତ ସମ୍ପର୍କରେ ବିସ୍ତୃତ ତଥ୍ୟ ଯୋଗାଇଥାଏ, ଯାହା ଭାଷା ଓ ସାମାଜିକ ଗବେଷଣାରେ ଅତ୍ୟନ୍ତ ଉପଯୋଗୀ। ଶିକ୍ଷା କ୍ଷେତ୍ରରେ **National Education Policy (NEP) Reports** କିମ୍ବା **AISHE (All India Survey on Higher Education)** ରିପୋର୍ଟ ଶିକ୍ଷା ପ୍ରଣାଳୀର ଗଠନ ଓ ପ୍ରଗତିକୁ ବିଶ୍ଳେଷଣ କରିବାରେ ମୂଳ ତଥ୍ୟ ଯୋଗାଇଥାଏ। ଏହିପରି ରିପୋର୍ଟଗୁଡ଼ିକ ଗବେଷଣାରେ ନୀତିଗତ ଓ ପ୍ରାୟୋଗିକ ଦୁଇ ପ୍ରକାରର ଆଲୋଚନାକୁ ସମ୍ଭବ କରେ।

**(ଖ) ପୁସ୍ତକ, ପତ୍ରିକା ଓ ଜର୍ଣ୍ଣାଲ**

ପୁସ୍ତକ, ପତ୍ରିକା ଓ ଜର୍ଣ୍ଣାଲ ଦ୍ୱିତୀୟକ ତଥ୍ୟର ଏକ ମୁଖ୍ୟ ଓ ବିଶ୍ୱସନୀୟ ସ୍ରୋତ ଭାବେ ପରିଚିତ। ଏହି ସ୍ରୋତଗୁଡ଼ିକରେ ପୂର୍ବ ଗବେଷଣା, ତତ୍ତ୍ୱ, ବିଶ୍ଳେଷଣ ଓ ଆଲୋଚନାମୂଳକ ଧାରଣା ସଂଗଠିତ ଭାବରେ ପ୍ରସ୍ତୁତ ହୋଇଥାଏ, ଯାହା ଗବେଷକଙ୍କୁ ନିଜ ଅଧ୍ୟୟନ ପାଇଁ ଦୃଢ଼, ତାତ୍ତ୍ୱିକ ଓ ପ୍ରମାଣଭିତ୍ତିକ ଆଧାର ଯୋଗାଇଥାଏ। ପ୍ରକାଶିତ ପୁସ୍ତକ ଓ ପିୟର-ରିଭ୍ୟୁଡ୍ ଜର୍ଣ୍ଣାଲ ସାଧାରଣତଃ ସମୀକ୍ଷା ଓ ସମ୍ପାଦନା ପ୍ରକ୍ରିୟା ମାଧ୍ୟମରେ ପ୍ରସ୍ତୁତ ହୋଇଥିବାରୁ ଏମାନଙ୍କର ବିଶ୍ୱସନୀୟତା ଅଧିକ ରହିଥାଏ (Malhotra et al., 2017) ।

ପୁସ୍ତକ ଗବେଷଣାରେ ମୂଳ ତତ୍ତ୍ୱ ଓ ଧାରଣାଗତ ଆଲୋଚନା ପ୍ରଦାନ କରେ। ଉଦାହରଣ ସ୍ୱରୂପ, ଭାଷା ଓ ସାହିତ୍ୟ ଗବେଷଣାରେ

CC BY NC

ଏକ ଗବେଷକ ଯଦି ଓଡ଼ିଆ ଉପନ୍ୟାସର ବିକାଶ ଅଧ୍ୟୟନ କରୁଛନ୍ତି, ସେ ବିଭିନ୍ନ ସାହିତ୍ୟ ଇତିହାସ ଗ୍ରନ୍ଥ ଓ ଆଲୋଚନାମୂଳକ ପୁସ୍ତକକୁ ତଥ୍ୟ ଭାବେ ବ୍ୟବହାର କରିପାରନ୍ତି। ଏପରି ପୁସ୍ତକଗୁଡ଼ିକ ସାହିତ୍ୟର ଧାରା, ପ୍ରବୃତ୍ତି ଓ ଲେଖକଙ୍କ ଅବଦାନକୁ ବ୍ୟାପକ ଭାବରେ ବିଶ୍ଳେଷଣ କରିଥାଏ। ସେହିପରି ପତ୍ରିକା ଗବେଷଣାରେ ସମକାଳୀନ ଚର୍ଚ୍ଚା ଓ ସାମାଜିକ ଓ ସଂସ୍କୃତିକ ପରିବର୍ତ୍ତନର ଚିତ୍ର ପ୍ରଦାନ କରେ। ଯଥା, ସାହିତ୍ୟିକ ପତ୍ରିକାରେ ପ୍ରକାଶିତ ସମୀକ୍ଷା, ନିବନ୍ଧ ଓ ସାମ୍ପ୍ରତିକ ଚର୍ଚ୍ଚା ଗବେଷକଙ୍କୁ ନୂତନ ଧାରଣା ଓ ଦୃଷ୍ଟିକୋଣ ଦେଇଥାଏ।

ଜର୍ଣ୍ଣାଲ୍/ ଅନୁସନ୍ଧାନମୂଳକ ପତ୍ରିକାରେ ପ୍ରକାଶିତ ଲେଖାଗୁଡ଼ିକ ଦ୍ୱିତୀୟକ ତଥ୍ୟର ସବୁଠାରୁ ନିର୍ଭରଯୋଗ୍ୟ ଆଧାର ଭାବେ ପରିଗଣିତ। ଏହି ଲେଖାଗୁଡ଼ିକରେ ପୂର୍ବ ଗବେଷଣାର ଫଳାଫଳ, ପ୍ରଣାଳୀ ଓ ବିଶ୍ଳେଷଣ ଉପଲବ୍ଧ ଥାଏ। ଉଦାହରଣ ସ୍ୱରୂପ, ଭାଷା ବିଜ୍ଞାନ କ୍ଷେତ୍ରରେ ଧ୍ୱନି ପରିବର୍ତ୍ତନ (phonological change) ବିଷୟରେ ପ୍ରକାଶିତ ଜର୍ଣ୍ଣାଲ ଲେଖାଗୁଡ଼ିକୁ ଏକ ଗବେଷକ ନୂତନ ଅଧ୍ୟୟନର ତତ୍ତ୍ୱାନୁସାରୀ ଓ ତଥ୍ୟାଧାର ଭାବେ ବ୍ୟବହାର କରିପାରନ୍ତି। ଏଣୁ ଏହା କୁହାଯାଇପାରେ ଯେ, ପତ୍ରିକା ଓ ଜର୍ଣ୍ଣାଲ ଗବେଷଣାରେ ତତ୍ତ୍ୱ, ବିଶ୍ଳେଷଣ ଓ ପୂର୍ବ ଅଧ୍ୟୟନର ଏକ ସମୃଦ୍ଧ ଭଣ୍ଡାର ଯୋଗାଇଥାଏ, ଯାହା ଗବେଷଣାକୁ ଶାସ୍ତ୍ରୀୟ ଭାବରେ ସୁଦୃଢ କରେ।

### (ଗ) ଆନ୍ତର୍ଜାତୀୟ ସଂଗଠନ

ଆନ୍ତର୍ଜାତୀୟ ସଂଗଠନମାନେ ଦ୍ୱିତୀୟକ ତଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଓ ବିଶ୍ୱସ୍ତରୀୟ ସ୍ରୋତ ଭାବେ ପରିଗଣିତ। ଏହି ସଂଗଠନମାନେ ବିଭିନ୍ନ ଦେଶର ସାମାଜିକ, ଆର୍ଥିକ, ଶିକ୍ଷାଗତ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟକୁ ସମାନ ମାନଦଣ୍ଡ ଓ ବୈଜ୍ଞାନିକ ପ୍ରଣାଳୀରେ ସଂଗ୍ରହ, ବିଶ୍ଳେଷଣ ଓ ପ୍ରକାଶ କରନ୍ତି। ଏହି କାରଣରୁ, ଏହାମାନଙ୍କର ତଥ୍ୟ ଆନ୍ତର୍ଜାତୀୟ ତୁଳନା ଓ ବ୍ୟାପକ ଗବେଷଣା ପାଇଁ ଅତ୍ୟନ୍ତ ଭରସାଯୋଗ୍ୟ (Kumara, 2022) ।

ଏହି ସଂଗଠନମାନଙ୍କ ମଧ୍ୟରେ United Nations (UN), World Bank, UNESCO, WHO ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ। ଏହାମାନେ ବିଭିନ୍ନ ବିଷୟରେ ନିୟମିତ ଭାବରେ ରିପୋର୍ଟ ଓ ଡାଟାସେଟ୍ ପ୍ରକାଶ କରନ୍ତି, ଯାହା ଗବେଷକମାନଙ୍କ ପାଇଁ ସହଜରେ ଉପଲବ୍ଧ। ଉଦାହରଣ ସ୍ୱରୂପ, **UNESCO Institute for Statistics (UIS)** ଦ୍ୱାରା ପ୍ରକାଶିତ ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ଏକ ଦେଶର ଶିକ୍ଷା ଅବସ୍ଥା, ନାମଲେଖା ହାର (enrolment rate) ଓ ଶିକ୍ଷାର ପ୍ରଗତିକୁ ବିଶ୍ଳେଷଣ କରିବାରେ ଗୁରୁତ୍ୱପୂରଣ ଭୂମିକା ବହନ କରେ। ଏକ ଗବେଷକ ଏହି ତଥ୍ୟକୁ ବ୍ୟବହାର କରି ଭାରତ ଓ ଅନ୍ୟ ଦେଶମାନଙ୍କ ମଧ୍ୟରେ ଶିକ୍ଷାର ତୁଳନାମୂଳକ ଅଧ୍ୟୟନ କରିପାରନ୍ତି। ସେହିପରି, **World Bank Open Data**ରେ ଦେଶମାନଙ୍କର GDP, ଦାରିଦ୍ର୍ୟ ହାର, ପ୍ରଯୁକ୍ତିଗତ ଅଭିବୃଦ୍ଧ ହାର ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ଥାଏ, ଯାହା ଆର୍ଥିକ ଓ ବିକାଶମୂଳକ ଗବେଷଣାରେ ବ୍ୟାପକ ଭାବେ ବ୍ୟବହୃତ ହୁଏ। ଏହିପରି ତଥ୍ୟ ଗବେଷଣାକୁ ବିଶ୍ୱସ୍ତରୀୟ ସ୍ୱୀକୃତି ପ୍ରଦାନ କରିବାରେ ସହାୟକ ହୋଇଥାଏ। Panchenko ଓ Samovilova (2020) ମତାନୁସାରେ, ଆନ୍ତର୍ଜାତୀୟ ଡାଟାସେଟ୍ ଗବେଷଣାରେ ବିଶ୍ଳେଷଣକୁ ଆହୁରି ବ୍ୟାପକ ଓ ତୁଳନାମୂଳକ କରିଥାଏ । ଏହିପରି, ଆନ୍ତର୍ଜାତୀୟ ସଂଗଠନ ଦ୍ୱିତୀୟକ ତଥ୍ୟର ଏକ ସୁସଂଗଠିତ ଓ ବିଶ୍ୱସ୍ତରୀୟ ସ୍ରୋତ, ଯାହା ଗବେଷକଙ୍କୁ ବିଭିନ୍ନ ଦେଶ ଓ ସମାଜର ତୁଳନାତ୍ମକ ଅଧ୍ୟୟନ କରିବାରେ ସାହାଯ୍ୟ କରେ।

BY NC

### (ଘ) ଗବେଷଣା ପତ୍ର

ଗବେଷଣା ପତ୍ର ଦ୍ୱିତୀୟକ ତଥ୍ୟର ଏକ ଅତ୍ୟନ୍ତ ମୁଖ୍ୟ ଓ ଶାସ୍ତ୍ରୀୟ ସ୍ରୋତ ଭାବେ ପରିଗଣିତ। ଏହି ପତ୍ରଗୁଡ଼ିକ ସାଧାରଣତଃ ପିୟର୍-ରିଭ୍ୟୁଡ୍ (peer-reviewed) ଜର୍ଣ୍ଣାଲ କିମ୍ବା ସମ୍ମେଳନ ପ୍ରସିଡିଂସ୍‌ରେ ପ୍ରକାଶିତ ହୋଇଥାଏ, ଯାହାରେ ପୂର୍ବ ଗବେଷଣାର ଫଳାଫଳ, ପ୍ରଣାଳୀ, ତତ୍ତ୍ୱ ଓ ବିଶ୍ଳେଷଣ ସୁସଂଗଠିତ ଭାବରେ ଉପସ୍ଥାପିତ ହୁଏ। ଏହି କାରଣରୁ ଗବେଷଣା ପତ୍ରଗୁଡ଼ିକ ନୂତନ ଗବେଷଣା ପାଇଁ ଏକ ଭରସାଯୋଗ୍ୟ ଓ ପ୍ରମାଣଭିତ୍ତିକ ଆଧାର ପ୍ରଦାନ କରନ୍ତି। ଗବେଷଣାପତ୍ର ଗବେଷକଙ୍କୁ ପୂର୍ବରୁ କୃତ ଅଧ୍ୟୟନ ସମ୍ପର୍କରେ ସଂପୂର୍ଣ୍ଣ ଧାରଣା ଦେଇଥାନ୍ତି, ଯାହା ଦ୍ୱାରା ସେ ଗବେଷଣାର ଶୂନ୍ୟସ୍ଥାନ (research gap) ଚିହ୍ନଟ କରିପାରନ୍ତି ଓ ନୂତନ ପ୍ରଶ୍ନ ଗଠନ କରିପାରନ୍ତି। ଏହା ସହିତ, ଏହି ପତ୍ରଗୁଡ଼ିକରେ ବ୍ୟବହୃତ ପ୍ରଣାଳୀ ଓ ବିଶ୍ଳେଷଣ ପ୍ରକ୍ରିୟା ଗବେଷକଙ୍କୁ ନିଜ ଅଧ୍ୟୟନ ଗଠନରେ ମାର୍ଗଦର୍ଶନ କରେ (Patil, 2021) । ଉଦାହରଣ ସ୍ୱରୂପ, ଏକ ଗବେଷକ ଯଦି ଭାଷା ନୀତି (language policy) ଓ ଶିକ୍ଷାର ସମ୍ପର୍କ ଅଧ୍ୟୟନ କରୁଛନ୍ତି, ସେ Scopus, Wab of Science କିମ୍ବା UGC-CARE ତାଲିକାଭୁକ୍ତ ଜର୍ଣ୍ଣାଲରେ ପ୍ରକାଶିତ ପୂର୍ବ ଗବେଷଣା ପତ୍ରଗୁଡ଼ିକୁ ବିଶ୍ଳେଷଣ କରି ଭିନ୍ନ ଦେଶରେ ଭାଷା ଆଧାରିତ ନୀତିର ପ୍ରଭାବ ତୁଳନା କରିପାରନ୍ତି। ସେହିପରି, ସାହିତ୍ୟ ଗବେଷଣାରେ କୌଣସି ନିର୍ଦ୍ଦିଷ୍ଟ କବିତା ଧାରା ଉପରେ ପ୍ରକାଶିତ ପତ୍ରଗୁଡ଼ିକୁ ବ୍ୟବହାର କରି ଗବେଷକ ତାହାର ଭିନ୍ନ ଆଲୋଚନାତ୍ମକ ଦୃଷ୍ଟିକୋଣ ବିଷୟରେ ଧାରଣା କରିପାରନ୍ତି। ଅନ୍ୟତ୍ର ଗବେଷଣାପତ୍ରମାନ ସମକାଳୀନ ଓ ନବୀନ ତଥ୍ୟ ପ୍ରଦାନ କରିଥାନ୍ତି, ଯାହା ଗବେଷଣାକୁ ଅଦ୍ୟତନ (up-to-date) ଓ ବୈଜ୍ଞାନିକ ଭାବରେ ସୁଦୃଢ କରେ । ଗବେଷଣା ପତ୍ର ଦ୍ୱିତୀୟକ ତଥ୍ୟର ଏକ ଶକ୍ତିଶାଳୀ ସ୍ରୋତ, ଯାହା ଗବେଷକଙ୍କୁ ପୂର୍ବ ଜ୍ଞାନ, ତତ୍ତ୍ୱ ଓ ବିଶ୍ଳେଷଣ ଆଧାରରେ ନୂତନ ଅନୁସନ୍ଧାନ ପଦ୍ଧତି ଗଠନ କରିବାରେ ସହାୟତା ପ୍ରଦାନ କରେ।

BINDU BIMARSHA...

### ଅପ୍ରକାଶିତ ସ୍ରୋତ

ଅପ୍ରକାଶିତ ସ୍ରୋତ ହେଉଛି ସେହି ସମସ୍ତ ତଥ୍ୟ, ଯାହା ସାର୍ବଜନୀନ ଭାବରେ ପ୍ରକାଶିତ ହୋଇନଥାଏ କିନ୍ତୁ ଗବେଷଣାରେ ଅତ୍ୟନ୍ତ ମୂଲ୍ୟବାନ ଓ ପ୍ରମାଣଭିତ୍ତିକ ସୂଚନା ଯୋଗାଇଥାଏ। ଏହି ସ୍ରୋତଗୁଡ଼ିକ ସାଧାରଣତଃ ବ୍ୟକ୍ତିଗତ, ସଂସ୍ଥାଗତ କିମ୍ବା ସୀମିତ ପ୍ରବେଶ (restricted access) ଭିତରେ ରହେ। ଯଦ୍ୟପି ଏହା ସର୍ବସାଧାରଣଙ୍କ ପାଇଁ ସହଜରେ ଉପଲବ୍ଧ ନୁହେଁ, ତଥାପି ଏହାର ତଥ୍ୟ ଅଧିକ ସମୃଦ୍ଧ ଓ ଅନୁସନ୍ଧାନମୂଳକ ହୋଇଥାଏ।

### (କ) ଥେସିସ୍ ଓ ଡିସର୍ଟେସନ

ଥେସିସ୍ ଓ ଡିସର୍ଟେସନ ଦ୍ୱିତୀୟକ ତଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅପ୍ରକାଶିତ ସ୍ରୋତ, ଯାହା ସାଧାରଣତଃ ବିଶ୍ୱବିଦ୍ୟାଳୟ ମାଧ୍ୟମରେ M.Phil., Ph.D. ପର୍ଯ୍ୟାୟରେ ଦାଖଲ କରାଯାଇଥାଏ। ଏହି ଗବେଷଣା କାର୍ଯ୍ୟଗୁଡ଼ିକ ଦୀର୍ଘ ସମୟ ଧରି ସଂଗଠିତ ଓ ପ୍ରଣାଳୀବଦ୍ଧ ଅଧ୍ୟୟନ ଆଧାରିତ ହୋଇଥାଇଥିବାରୁ ଏଥିରେ ଗଭୀର ତଥ୍ୟ, ବିଶ୍ଳେଷଣ ଓ ସ୍ୱତନ୍ତ୍ର ଧାରଣା ଉପଲବ୍ଧ ହୁଏ। ଏହି କାରଣରୁ,

ଗବେଷଣାତ୍ମକ ନିବନ୍ଧ ଓ ଡିସର୍ଟେସନ ଗବେଷକଙ୍କ ପାଇଁ ଏକ ଭରସାଯୋଗ୍ୟ ଓ ସମ୍ୟକ ତଥ୍ୟ ଭଣ୍ଡାର ଭାବେ କାର୍ଯ୍ୟ କରେ।

ଏହି ପ୍ରକାରର ତଥ୍ୟର ବିଶେଷତା ହେଉଛି ଯେ, ଏହା ସାଧାରଣତଃ ପ୍ରକାଶିତ ହୋଇ ନଥିଲେ ମଧ୍ୟ, ମୂଳ ଗବେଷଣା (original research), ଫିଲ୍ଡ ଡାଟା ଓ ବ୍ୟାପକ ସାହିତ୍ୟ ସମୀକ୍ଷା ଅନ୍ତର୍ଭୁକ୍ତ ଥାଏ। ଗବେଷଣା ପଦ୍ଧତି ଦୃଷ୍ଟିକୋଣରୁ, ଏହି ନିବନ୍ଧଗୁଡ଼ିକ ପୂର୍ବ ଅଧ୍ୟୟନର ଏକ ସଂଗଠିତ ଆଲୋଚନା ପ୍ରଦାନ କରେ ଓ ନୂତନ ଗବେଷଣା ପାଇଁ ତତ୍ତ୍ୱାନୁସାରୀ ଓ ପ୍ରାୟୋଗିକ ଆଧାର ଯୋଗାଇଥାଏ (Panchenko & Samovilova, 2020) । ଉଦାହରଣ ସ୍ୱରୂପ, ଏକ ଗବେଷକ ଯଦି ଓଡ଼ିଆ ଭାଷାର ଉପଭାଷା ଉପରେ ଅଧ୍ୟୟନ କରୁଛନ୍ତି, ସେ ଶୋଧଗଙ୍ଗା (Shodhganga) ପୋର୍ଟାଲରେ ଉପଲବ୍ଧ ଏକ Ph.D. ନିବନ୍ଧକୁ ବ୍ୟବହାର କରିପାରନ୍ତି, ଯେଉଁଥିରେ ଗଞ୍ଜାମ କିମ୍ବା କୋରାପୁଟ ଅଞ୍ଚଳର ଉପଭାଷାର ଧ୍ୱନି, ଶବ୍ଦ ଓ ବ୍ୟାକରଣ ଉପରେ କ୍ଷେତ୍ର ଆଧାରିତ ତଥ୍ୟ ଦିଆଯାଇଥାଏ। ଏହିପରି ତଥ୍ୟ ସାଧାରଣ ପୁସ୍ତକ କିମ୍ବା ଜର୍ଣ୍ଣାଲରେ ସହଜରେ ମିଳେନାହିଁ। ସେହିପରି ଏକ ସମାଜ ବିଜ୍ଞାନ ଗବେଷକ ଯଦି ଗ୍ରାମୀଣ ଶିକ୍ଷାର ସମସ୍ୟା ଅଧ୍ୟୟନ କରୁଛନ୍ତି, ସେ କୌଣସି ବିଶ୍ୱବିଦ୍ୟାଳୟର ଅପ୍ରକାଶିତ M.Phil. ଡିସର୍ଟେସନରୁ ତଥ୍ୟ ନେଇ ଅଞ୍ଚଳଭିତ୍ତିକ ଶିକ୍ଷା ସ୍ଥିତି ଓ ପ୍ରତିବନ୍ଧକଗୁଡ଼ିକ ବିଷୟରେ ଧାରଣା ଅର୍ଜନ କରିପାରିବେ।

### (ଖ) ବ୍ୟକ୍ତିଗତ ଦଲିଲ

ବ୍ୟକ୍ତିଗତ ଦଲିଲ ଦ୍ୱିତୀୟକ ତଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅପ୍ରକାଶିତ ସ୍ରୋତ, ଏହା ମଧ୍ୟରେ ବ୍ୟକ୍ତିଗତ ଡାଏରୀ, ଚିଠିପତ୍ର, ସ୍ମୃତିଲେଖ (memoirs), ଆତ୍ମଜୀବନୀମୂଳକ ଟିପ୍ପଣୀ ଇତ୍ୟାଦି ଆସେ। ଏହି ସମସ୍ତ ଦଲିଲ ବ୍ୟକ୍ତିର ନିଜସ୍ୱ ଅନୁଭୂତି, ଚିନ୍ତାଧାରା ଓ ସମୟ ବିଶେଷର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ପ୍ରେକ୍ଷାପଟ୍ଟକୁ ପ୍ରତିଫଳିତ କରେ। ଏହି କାରଣରୁ, ଏଗୁଡ଼ିକ ଗବେଷଣାରେ ଗଭୀର ଓ ଅନ୍ତର୍ନିହିତ ତଥ୍ୟ ପ୍ରଦାନ କରିଥାଏ । ବ୍ୟକ୍ତିଗତ ଦଲିଲର ବିଶେଷତା ହେଉଛି ଯେ, ଏହା ସର୍ବଦା ସାର୍ବଜନୀନ ଉଦ୍ଦେଶ୍ୟରେ ଲେଖାଯାଇନଥାଏ, ବରଂ ଏହା ଏକ ବ୍ୟକ୍ତିଗତ ଅଭିଜ୍ଞତାର ଅଭିବ୍ୟକ୍ତି। ତେଣୁ ଏଗୁଡିକ ଏକ ଘଟଣା କିମ୍ବା ସମୟକୁ ଅଧିକ ନିକଟରୁ ଓ ଭାବନାମୂଳକ ଭାବରେ ବୁଝିବାରେ ସାହାଯ୍ୟ କରେ। ଗବେଷଣା ପଦ୍ଧତି ଦୃଷ୍ଟିକୋଣରୁ, ଏହି ତଥ୍ୟ ଗୁଣାତ୍ମକ (qualitative) ବିଶ୍ଳେଷଣ ପାଇଁ ଅତ୍ୟନ୍ତ ଉପଯୋଗୀ (Panchenko & Samovilova, 2020) । ଉଦାହରଣ ସ୍ୱରୂପ, ଏକ ସାହିତ୍ୟ ଗବେଷକ ଯଦି କୌଣସି ଲେଖକଙ୍କ ସୃଜନଶୀଳ ମନୋଭାବ ଅଧ୍ୟୟନ କରୁଛନ୍ତି, ସେ ତାଙ୍କର ବ୍ୟକ୍ତିଗତ ଚିଠିପତ୍ର କିମ୍ବା ଡାଏରୀକୁ ବିଶ୍ଳେଷଣ କରିପାରନ୍ତି, ଯହିଁରୁ ସେହି ଲେଖକଙ୍କ ଚିନ୍ତାଧାରା, ସାମାଜିକ ପରିବେଶ ଓ ସୃଜନର ପୃଷ୍ଠଭୂମି ବିଷୟରେ ଗଭୀର ଧାରଣା ଅର୍ଜନ କରିପାରିବେ। ସେହିପରି ଜଣେ ଇତିହାସ ଗବେଷକ ଯଦି କୌଣସି ଅଞ୍ଚଳର ଦୈନନ୍ଦିନ ଜୀବନ ଅଧ୍ୟୟନ କରୁଛନ୍ତି, ସେ ସେଠାରେ ବସବାସ କରୁଥିବା ବ୍ୟକ୍ତିଙ୍କ ଡାଏରୀ ବା ସ୍ମୃତିଲେଖକୁ ବ୍ୟବହାର କରି ସେହି ସମୟର ସାମାଜିକ ପ୍ରଥା, ଜୀବନଶୈଳୀ ଓ ସାଂସ୍କୃତିକ ପରିସ୍ଥିତିକୁ ଆକଳନ କରିପାରନ୍ତି। ତଥାପି, ବ୍ୟକ୍ତିଗତ ଦଲିଲ ବ୍ୟବହାର ସମୟରେ ଗବେଷକଙ୍କୁ ସତର୍କ ହେବା ଆବଶ୍ୟକ, କାରଣ ଏହି ସ୍ରୋତଟି ବ୍ୟକ୍ତିଗତ ଦୃଷ୍ଟିକୋଣ ଓ ଧାରଣା ଦ୍ୱାରା ପ୍ରଭାବିତ ହୋଇପାରେ। ତେଣୁ, ଏହାର ସତ୍ୟତା ଓ ପ୍ରାସଙ୍ଗିକତାକୁ ଅନ୍ୟ ସ୍ରୋତ ସହ ତୁଳନା କରି ପରୀକ୍ଷା କରିବା ଆବଶ୍ୟକ (Malhotra et al., 2017) ।

### (ଗ) ସଂସ୍ଥାଗତ ରେକର୍ଡ

ସଂସ୍ଥାଗତ ରେକର୍ଡ ଦ୍ୱିତୀୟକ ତଥ୍ୟର ଏକ ମୁଖ୍ୟ ଅପ୍ରକାଶିତ ସ୍ରୋତ, ଯାହା ବିଭିନ୍ନ ସଂସ୍ଥା, ସଂଗଠନ, କାର୍ଯ୍ୟାଳୟ ଓ ପ୍ରତିଷ୍ଠାନମାନଙ୍କ ଦ୍ୱାରା ଆଭ୍ୟନ୍ତରୀଣ ଭାବରେ ସଂଗ୍ରହ ଓ ସଂରକ୍ଷିତ ହୋଇଥାଏ। ଏହି ତଥ୍ୟ ସାଧାରଣତଃ ସର୍ବସାଧାରଣ ପାଇଁ ପ୍ରକାଶିତ ନୁହେଁ, କିନ୍ତୁ ଗବେଷଣା ପାଇଁ ଏକ ଗଭୀର ଓ ପ୍ରମାଣଭିତ୍ତିକ ତଥ୍ୟ ଭଣ୍ଡାର ଭାବେ କାର୍ଯ୍ୟ କରେ। ସଂସ୍ଥାଗତ ରେକର୍ଡରେ ସାଧାରଣତଃ ପ୍ରାଶାସନିକ ତଥ୍ୟ, ରେଜିଷ୍ଟର, ବାର୍ଷିକ ପ୍ରତିବେଦନ, ଭର୍ତ୍ତି ଓ ପରୀକ୍ଷା ସମ୍ବନ୍ଧୀୟ ତଥ୍ୟ, କର୍ମଚାରୀ ତଥ୍ୟ ଇତ୍ୟାଦି ଅନ୍ତର୍ଭୁକ୍ତ ହୁଏ। ଏହି ତଥ୍ୟ ସଂଗଠିତ ଓ ପ୍ରମାଣିକ ଭାବରେ ସଂରକ୍ଷିତ ଥାଏ, ଯାହା ଗବେଷକଙ୍କୁ ନିର୍ଦ୍ଦିଷ୍ଟ ସଂସ୍ଥା ବା ବ୍ୟବସ୍ଥାର ଗଠନ, ପ୍ରବୃତ୍ତି ଓ ପରିବର୍ତ୍ତନକୁ ବୁଝିବାରେ ସହାୟତା କରେ (Kumara, 2022) । ଉଦାହରଣ ସ୍ୱରୂପ, ଏକ ଶିକ୍ଷା ସମ୍ବନ୍ଧୀୟ ଗବେଷକ ଯଦି ଉଚ୍ଚ ଶିକ୍ଷାରେ ଛାତ୍ର ପ୍ରବେଶିକା ପ୍ରବୃତ୍ତି (enrolment trends) ଅଧ୍ୟୟନ କରୁଛନ୍ତି, ସେ କୌଣସି ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ପ୍ରବେଶିକା ରେଜିଷ୍ଟର ଓ ବାର୍ଷିକ ପ୍ରତିବେଦନକୁ ବ୍ୟବହାର କରି ବିଭିନ୍ନ ବର୍ଷର ତଥ୍ୟ ତୁଳନା କରିପାରନ୍ତି। ଏହା ଦ୍ୱାରା ସେ ପ୍ରବେଶିକାର ବୃଦ୍ଧି ବା ହ୍ରାସ ପ୍ରବୃତ୍ତିକୁ ସ୍ୱଷ୍ଟ ଭାବରେ ଚିହ୍ନଟ କରିପାରିବେ। ସେହିପରି ଏକ ସାମାଜବିଜ୍ଞାନର ଗବେଷକ ଯଦି ସ୍ୱାସ୍ଥ୍ୟ ସେବାରେ ଅବସ୍ଥା ଅଧ୍ୟୟନ କରୁଛନ୍ତି, ସେ ଚିକିତ୍ସାଳୟର ରୋଗୀମାନଙ୍କର ରେକର୍ଡ, ଚିକିତ୍ସା ପ୍ରତିବେଦନ ଓ ଆଭ୍ୟନ୍ତରୀଣ ତଥ୍ୟକୁ ବ୍ୟବହାର କରି ରୋଗର ପ୍ରବୃତ୍ତି ଓ ସ୍ୱାସ୍ଥ୍ୟ ସେବାର ଗୁଣମାନ ବିଶ୍ଳେଷଣ କରିପାରନ୍ତି। ସଂସ୍ଥାଗତ ତଥ୍ୟ ଗବେଷଣାରେ ଅତ୍ୟନ୍ତ ଉପଯୋଗୀ, କିନ୍ତୁ ଏଥିପାଇଁ ପ୍ରବେଶ ସୀମିତ ଥିବାରୁ ଗବେଷକଙ୍କୁ ନୀତିଗତ ଓ ପ୍ରଶାସନିକ ଅନୁମତି ଆବଶ୍ୟକ ହୋଇପାରେ ।

### (ଘ) କ୍ଷେତ୍ରୀୟ ଟିପ୍ପଣୀ ଓ ଅଭିଲେଖଗତ ତଥ୍ୟ

କ୍ଷେତ୍ରୀୟ ଟିପ୍ପଣୀ (Field note) ଓ ଅଭିଲେଖଗତ ତଥ୍ୟ ଦ୍ୱିତୀୟକ ତଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ଅପ୍ରକାଶିତ ସ୍ରୋତ, ଯାହା ମୂଳତଃ କ୍ଷେତ୍ର ଅଧ୍ୟୟନ (fieldwork) ସମୟରେ ସଂଗ୍ରହ କରାଯାଇଥିବା ତଥ୍ୟ ଓ ପୂର୍ବରୁ ସଂରକ୍ଷିତ ଐତିହାସିକ ଓ ପ୍ରାଶାସନିକ ଅଭିଲେଖରୁ ସୃଷ୍ଟି ହୋଇଥାଏ। କ୍ଷେତ୍ରୀୟ ଟିପ୍ପଣୀ ଗବେଷକଙ୍କ ଦ୍ୱାରା ସ୍ଥାନୀୟ ସ୍ତରରେ ଅବଲୋକନ, ସାକ୍ଷାତକାର, ଅନୁଭୂତି ଓ ଘଟଣାଗୁଡ଼ିକୁ ଲିପିବଦ୍ଧ କରାଯାଇଥିବା ଟିପ୍ପଣୀ। ଅଭିଲେଖଗତ ପୁରାତନ ଦଲିଲ, ରେକର୍ଡ, ଆଧିକାରିକ ପତ୍ରାବଳୀ ଓ ସ୍ଥାନୀୟ ଟିପ୍ପଣୀ ଯାହା ପୂର୍ବରୁ ସଂରକ୍ଷିତ ଅଛି ସେହି ସମସ୍ତ ଏହାର ଅନ୍ତର୍ଗତ। ଏହି ସ୍ରୋତଗୁଡ଼ିକର ବିଶେଷତା ହେଉଛି ଯେ, ଏଗୁଡ଼ିକ ଗଭୀର ଭାବେ ବିଷୟ ନିର୍ଭର ଓ ଅନୁଭୂତିମୂଳକ ତଥ୍ୟ ପ୍ରଦାନ କରେ। ଫିଲ୍ଡ ନୋଟ୍ସ ଗବେଷକଙ୍କ ସିଧାସଳଖ ଅନୁଭୂତିକୁ ଦର୍ଶାଏ, ଯେତେବେଳେ କି ଅଭିଲେଖ ଏକ ସମୟ ବିଶେଷର ପ୍ରମାଣିକ ଐତିହାସିକ ତଥ୍ୟ ଯୋଗାଇଥାଏ। ଏହା ଦ୍ୱାରା ଗବେଷକ ତଥ୍ୟକୁ ପ୍ରସଙ୍ଗମୂଳକ ଭାବରେ ବିଶ୍ଳେଷଣ କରିପାରନ୍ତି (Kumara, 2022) । ଉଦାହରଣ ସ୍ୱରୂପ, ଏକ ନୃତତ୍ତ୍ୱବିଜ୍ଞାନର ଗବେଷକ ଯଦି ଓଡ଼ିଶାର କୌଣସି ଜନଜାତିର ଆଚାର-ବିଚାର ଓ ଚିକିତ୍ସା ପ୍ରଣାଳୀ ଅଧ୍ୟୟନ କରୁଛନ୍ତି, ସେ ନିଜର

କ୍ଷେତ୍ରୀୟ ଟିପ୍ପଣୀ ଯେଉଁଥିରେ ସାକ୍ଷାତକାର, ଦୈନନ୍ଦିନ ଅବଲୋକନ ଓ ପରମ୍ପରାଗତ ଆଚାର ଲିପିବଦ୍ଧ ଅଛି ତାହାକୁ ତଥ୍ୟ ଭାବେ ବ୍ୟବହାର କରନ୍ତି। ସେହିପରି, ଏକ ଇତିହାସ ଗବେଷକ ଯଦି କୌଣସି ମନ୍ଦିର କିମ୍ବା ପୀଠର ଇତିହାସ ଅଧ୍ୟୟନ କରୁଛନ୍ତି, ସେ ତାମ୍ରପତ୍ର, ଶିଳାଲେଖ, ପୁରାତନ ରେକର୍ଡ ଓ ସ୍ଥାନୀୟ ଅଭିଲେଖକୁ ବିଶ୍ଳେଷଣ କରି ଏହାର ଐତିହାସିକ ବିକାଶ ଓ ସଂସ୍କୃତିକ ମହତ୍ତ୍ୱ ଆକଳନ କରିପାରିବେ। ଏପରି ତଥ୍ୟ ଗବେଷଣାରେ ଗୁଣାତ୍ମକ ଓ ଗଭୀର ବିଶ୍ଳେଷଣ ପାଇଁ ଅତ୍ୟନ୍ତ ଉପଯୋଗୀ ।

### ତଥ୍ୟ ସଂଗ୍ରହରେ ଇଣ୍ଟରନେଟର ପ୍ରୟୋଗ

ଆଧୁନିକ ଗବେଷଣାରେ ଇଣ୍ଟରନେଟ ଡାଟାବେସ୍ ଦ୍ୱିତୀୟକ ତଥ୍ୟ ସଂଗ୍ରହର ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସୁବିଧାଜନକ ପ୍ରକ୍ରିୟା ଭାବେ ପରିଚିତ। ଏହି ପ୍ରକ୍ରିୟାରେ ଗବେଷକ ଅନଲାଇନ୍ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ବିଭିନ୍ନ ଡାଟାବେସ୍, ରିପୋଜିଟୋରି ଓ ଇ-ଲାଇବ୍ରେରୀରୁ ତଥ୍ୟ ସଂଗ୍ରହ କରନ୍ତି। ଏହାଦ୍ୱାରା ଗବେଷକ ସମୟ ଓ ସ୍ଥାନର ସୀମା ବାହାରେ ବିପୁଳ ପରିମାଣର ତଥ୍ୟକୁ ସହଜରେ ପ୍ରାପ୍ତ କରିପାରନ୍ତି (Kumara, 2022) । ଇଣ୍ଟରନେଟ ଡାଟାବେସ୍‌ରେ ସାଧାରଣତଃ ଗବେଷଣା ପତ୍ର, ଥେସିସ୍, ଇ-ବୁକ୍, ସରକାରୀ ରିପୋର୍ଟ, ସାଂଖ୍ୟିକ ତଥ୍ୟ ଓ ଆନ୍ତର୍ଜାତୀୟ ସଂଗଠନଙ୍କ ଡାଟାସେଟ୍ ଉପଲବ୍ଧ ଥାଏ। ଏହି ତଥ୍ୟଗୁଡ଼ିକ ନିୟମିତ ଭାବରେ ଅଦ୍ୟତନ (Up to date) ହେଉଥିବାରୁ ଗବେଷଣାକୁ ସମକାଳୀନ ଓ ପ୍ରାସଙ୍ଗିକ ରଖିଥାଏ। ଉଦାହରଣ ସ୍ୱରୂପ, ଏକ ଗବେଷକ ଯଦି ଭାଷା ଓ ଶିକ୍ଷା ବିଷୟରେ ଅଧ୍ୟୟନ କରୁଛନ୍ତି, ସେ ଶୋଧଗଙ୍ଗା (**Shodhganga**) ରେ ଉପଲବ୍ଧ ଭାରତୀୟ ବିଶ୍ୱବିଦ୍ୟାଳୟର Ph.D. ଥେସିସ୍, **Google Scholar** ରେ ଉପଲବ୍ଧ ଗବେଷଣା ପତ୍ର ଓ Research Gate, Academia, **JSTOR** ଭଳି ଡାଟାବେସ୍‌ରୁ ଶିକ୍ଷାଗତ ତଥ୍ୟ ସଂଗ୍ରହ କରିପାରନ୍ତି। ସେହିପରି, ସେ **data.gov.in** ପୋର୍ଟାଲରୁ ସରକାରୀ ସାଂଖ୍ୟିକ ତଥ୍ୟ ଡାଉନଲୋଡ୍ କରି ନୀତି ଓ ପ୍ରବୃତ୍ତି ବିଶ୍ଳେଷଣ କରିପାରନ୍ତି। ଇଣ୍ଟରନେଟ ଆଧାରିତ ତଥ୍ୟ ସଂଗ୍ରହରେ ଗବେଷକଙ୍କୁ ତଥ୍ୟର ବିଶ୍ୱସନୀୟତା, ଉତ୍ସ ଓ ପ୍ରାମାଣିକତାକୁ ସତର୍କତା ସହ ଯାଞ୍ଚ କରିବା ଆବଶ୍ୟକ, କାରଣ ସମସ୍ତ ଅନଲାଇନ୍ ତଥ୍ୟ ସମାନ ଭାବରେ ଭରସାଯୋଗ୍ୟ ନୁହେଁ। ତେବେ ଗବେଷଣା ପାଇଁ ଉପଯୁକ୍ତ କେତେକ ଅଭାଷୀ ମଞ୍ଚ ବିଷୟରେ ଆଲୋଚନା କରାଯାଇପାରେ।

### (କ) ସରକାରୀ ପୋର୍ଟାଲ

ଦ୍ୱିତୀୟକ ତଥ୍ୟ ସଂଗ୍ରହରେ ସରକାରୀ ପୋର୍ଟାଲ ଏକ ଆଧୁନିକ ଓ ଭରସାଯୋଗ୍ୟ ପ୍ରକ୍ରିୟା ଭାବେ ପରିଚିତ। ସରକାର ବିଭିନ୍ନ ବିଭାଗ ଓ ମନ୍ତ୍ରଣାଳୟ ମାଧ୍ୟମରେ ଯେତେକ ତଥ୍ୟ ସଂଗ୍ରହ କରେ, ସେଗୁଡ଼ିକୁ ଡିଜିଟାଲ ମାଧ୍ୟମରେ ପୋର୍ଟାଲ ଆକାରରେ ସାର୍ବଜନୀନ ଭାବରେ ଉପଲବ୍ଧ କରାଯାଏ। ଏହି ପୋର୍ଟାଲଗୁଡ଼ିକ ଗବେଷକଙ୍କୁ ପ୍ରମାଣିକ, ଅଦ୍ୟତନ ଓ ବିସ୍ତୃତ ତଥ୍ୟ ସହଜରେ ଉପଲବ୍ଧ କରାଇଥାଏ (Kumara, 2022) । ସରକାରୀ ପୋର୍ଟାଲରେ ସାଧାରଣତଃ ସାଂଖ୍ୟିକ ତଥ୍ୟ, ଜନଗଣନା ସୂଚନା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ରୋଜଗାର ଓ ଆର୍ଥିକ କ୍ଷେତ୍ର ସମ୍ବନ୍ଧୀୟ ତଥ୍ୟ ଉପଲବ୍ଧ ଥାଏ। ଏହି ତଥ୍ୟଗୁଡ଼ିକ ନିୟମିତ ଭାବରେ ସଂସ୍କରିତ ହେଉଥିବାରୁ ଗବେଷଣାକୁ ସମକାଳୀନ ଓ ପ୍ରମାଣଭିତ୍ତିକ ତଥ୍ୟ ପ୍ରଦାନ କରିପାରେ।

ଉଦାହରଣ ସ୍ୱରୂପ, ଏକ ଗବେଷକ ଯଦି ଭାରତର ଡିଜିଟାଲ ଶାସନ ବ୍ୟବସ୍ଥା ଅଧ୍ୟୟନ କରୁଛନ୍ତି, ସେ **data.gov.in** ପୋର୍ଟାଲରୁ ବିଭିନ୍ନ ସରକାରୀ ବିଭାଗର ମୁକ୍ତ ତଥ୍ୟ (open data) ସଂଗ୍ରହ କରିପାରନ୍ତି। ସେହିପରି, **Ministry of Education**ର ଆଧିକାରିକ ପୋର୍ଟାଲରୁ ଶିକ୍ଷା ସମ୍ବନ୍ଧୀୟ ତଥ୍ୟ ଓ ରିପୋର୍ଟ ଡାଉନଲୋଡ୍ କରି ଶିକ୍ଷା ପ୍ରଣାଳୀର ବିକାଶ ବିଶ୍ଳେଷଣ କରିପାରନ୍ତି। ଅନୁରୂପ ଭାବରେ ଏକ ସମାଜବିଜ୍ଞାନର ଗବେଷକ ଯଦି ଗ୍ରାମୀଣ ବିକାଶ ଯୋଜନା ଅଧ୍ୟୟନ କରୁଛନ୍ତି, ସେ **nrega.dord.gov.in** ପୋର୍ଟାଲରୁ କାମର ତଥ୍ୟ, ଶ୍ରମିକଙ୍କ ଯୋଗଦାନ ଓ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରିପାରନ୍ତି। ସରକାରୀ ଡିଜିଟାଲ ସ୍ରୋତଗୁଡ଼ିକ ଗବେଷଣାକୁ ସଂଗଠିତ ଓ ତୁଳନାମୂଳକ ବିଶ୍ଳେଷଣ ପାଇଁ ସହଜ କରେ ।

### (ଘ) ରିସର୍ଚ୍ଚ ରିପୋଜିଟୋରି

ରିସର୍ଚ୍ଚ ରିପୋଜିଟୋରି ଦ୍ୱିତୀୟକ ତଥ୍ୟ ସଂଗ୍ରହର ଏକ ଆଧୁନିକ ଓ ଶାସ୍ତ୍ରୀୟ ପ୍ରକ୍ରିୟା, ଯାହା ମାଧ୍ୟମରେ ଗବେଷକ ବିଭିନ୍ନ ଡିଜିଟାଲ ଭଣ୍ଡାରରେ ସଂରକ୍ଷିତ ଗବେଷଣା ପତ୍ର, ଥେସିସ୍, ଡିସର୍ଟେସନ ଓ ଡାଟାସେଟ୍‌କୁ ସଂଗ୍ରହ କରିପାରନ୍ତି। ଏହି ରିପୋଜିଟୋରିମାନେ ସଂଗଠିତ ଓ ବିଭାଗୀକୃତ ରୂପରେ ତଥ୍ୟ ଯୋଗାଇଥାନ୍ତି, ଯାହା ଗବେଷଣାକୁ ସୁବିଧାଜନକ ଓ ବ୍ୟବସ୍ଥିତ କରେ (Kumara, 2022) । ଉଦାହରଣ ସ୍ୱରୂପ, ଏକ ପରିବେଶ ଗବେଷକ ଯଦି ଜଳବାୟୁ ପରିବର୍ତ୍ତନ (climate change) ବିଷୟରେ ଅଧ୍ୟୟନ କରୁଛନ୍ତି, ସେ **Zenodo** କିମ୍ବା **Figshare** ଭଳି ରିପୋଜିଟୋରିରୁ ମୁକ୍ତ ତଥ୍ୟ ସାରଣୀ (open datasets) ସଂଗ୍ରହ କରି ପରିବେଶ ପରିବର୍ତ୍ତନର ପ୍ରବୃତ୍ତି ବିଶ୍ଳେଷଣ କରିପାରନ୍ତି। ସେହିପରି ଏକ ସମାଜ ବିଜ୍ଞାନ ଗବେଷକ ଯଦି ଶ୍ରମ ବଜାର (labour market) ଉପରେ ଅଧ୍ୟୟନ କରୁଛନ୍ତି, ସେ **ICPSR (Inter-university Consortium for Political and Social Research)** ରିପୋଜିଟୋରିରୁ ସାମାଜିକ ଓ ଆର୍ଥିକ ସର୍ଭେ ତଥ୍ୟ ଆଣି ବିଭିନ୍ନ ଦେଶର ତୁଳନାମୂଳକ ବିଶ୍ଳେଷଣ କରିପାରନ୍ତି। ଆଉ ଏକ ଉଦାହରଣ ଭାବେ, ଏକ ଶିକ୍ଷାନୀତି ଗବେଷକ ଯଦି ମୁକ୍ତ ଶିକ୍ଷା (open education) ବିଷୟରେ ଅଧ୍ୟୟନ କରୁଛନ୍ତି, ସେ **ERIC (Education Resources Information Centre)** ରିପୋଜିଟୋରିରୁ ଶିକ୍ଷାସମ୍ବନ୍ଧୀୟ ଗବେଷଣା ପତ୍ର ଓ ରିପୋର୍ଟ ସଂଗ୍ରହ କରି ତାହାର ତତ୍ତ୍ୱାନୁସାରୀ ଆଧାର ତିଆରି କରିପାରନ୍ତି। ଏପରି ଡିଜିଟାଲ ରିପୋଜିଟୋରି ଗବେଷଣାରେ ବ୍ୟାପକ ତଥ୍ୟ ଓ ତୁଳନାମୂଳକ ବିଶ୍ଳେଷଣକୁ ସହଜ କରେ ।

### (ଙ) ଡାଟା ଆର୍କାଇଭ ଓ ସର୍ଭେ ଡାଟା

ଡାଟା ଆର୍କାଇଭ ଓ ସର୍ଭେ ଡାଟା ଦ୍ୱିତୀୟକ ତଥ୍ୟ ସଂଗ୍ରହର ଏକ ଗୁରୁତ୍ୱପୂର୍ଣ୍ଣ ଓ ବୈଜ୍ଞାନିକ ପ୍ରକ୍ରିୟା। ଡାଟା ଆର୍କାଇଭର ଅର୍ଥ ସେହି ସମସ୍ତ ସଂଗଠିତ ଡିଜିଟାଲ କିମ୍ବା ପ୍ରତିଷ୍ଠାନଗତ ଭଣ୍ଡାର, ଯେଉଁଠାରେ ବିଭିନ୍ନ ସର୍ଭେ, ଜନଗଣନା, ଗବେଷଣା ପ୍ରକଳ୍ପ ଓ ପ୍ରାଶାସନିକ ତଥ୍ୟ ସଂରକ୍ଷିତ ରହେ। ସର୍ଭେ ଡାଟା ହେଉଛି ବିଭିନ୍ନ ସଂସ୍ଥା ଦ୍ୱାରା ନମୁନା ଆଧାରିତ (sample-based) ଭାବରେ ସଂଗୃହୀତ ସାଂଖ୍ୟିକ ତଥ୍ୟ, ଯାହା ପରେ ଗବେଷଣା ପାଇଁ ଉପଲବ୍ଧ କରାଯାଏ (Kumara, 2022) । ଏହି ପ୍ରକାରର ତଥ୍ୟ ସାଧାରଣତଃ ବୃହତ ପରିମାଣରେ ଓ ବୈଜ୍ଞାନିକ ପ୍ରଣାଳୀରେ ସଂଗ୍ରହ କରାଯାଇଥାଇଥିବାରୁ ଗବେଷଣାରେ ଏହାର ବିଶ୍ୱସନୀୟତା ଅଧିକ

cc BY NC

ଥାଏ। ଗବେଷକମାନେ ଏହି ତଥ୍ୟକୁ ବ୍ୟବହାର କରି ପ୍ରବୃତ୍ତି (trends), ସମ୍ପର୍କ (correlation) ଓ ତୁଳନାମୂଳକ ବିଶ୍ଳେଷଣ କରିପାରନ୍ତି। ଉଦାହରଣ ସ୍ୱରୂପ, ଏକ ଜନସାଂଖ୍ୟିକ (demographic) ଗବେଷକ ଯଦି ପରିବାର ଗଠନ ଓ ଜନସଂଖ୍ୟା ପ୍ରବୃତ୍ତି ଅଧ୍ୟୟନ କରୁଛନ୍ତି, ସେ **National Family Health Survey (NFHS)** ର ତଥ୍ୟ ବ୍ୟବହାର କରି ବିଭିନ୍ନ ରାଜ୍ୟର ସ୍ୱାସ୍ଥ୍ୟ ଓ ପରିବାର ଯୋଜନାର ସ୍ଥିତି ବିଶ୍ଳେଷଣ କରିପାରନ୍ତି। ସେହିପରି, ଏକ ଅର୍ଥନୀତି ଗବେଷକ ଯଦି ଉପଭୋକ୍ତା ବ୍ୟୟ ଓ ଆୟ ବିଷୟରେ ଅଧ୍ୟୟନ କରୁଛନ୍ତି, ସେ **Consumer Expenditure Survey (CES)** ଡାଟାକୁ ବ୍ୟବହାର କରି ଗ୍ରାମ ଓ ସହର ଅଞ୍ଚଳର ଜୀବନମାନର ତୁଳନା କରିପାରନ୍ତି। ସେହିପରି ଏକ ଶିକ୍ଷା ଗବେଷକ ଯଦି ପ୍ରାଥମିକ ଶିକ୍ଷାର ଗୁଣମାନ ଅଧ୍ୟୟନ କରୁଛନ୍ତି, ସେ **ASER (Annual Status of Education Report)** ସର୍ଭେ ତଥ୍ୟ ବ୍ୟବହାର କରି ଛାତ୍ରମାନଙ୍କ ପଠନ କ୍ଷମତା ଓ ଶିକ୍ଷାର ଗୁଣମାନ ବିଶ୍ଳେଷଣ କରିପାରନ୍ତି। ସର୍ଭେ ଆଧାରିତ ତଥ୍ୟ ଗବେଷଣାରେ ସାଂଖ୍ୟିକ ବିଶ୍ଳେଷଣ ଓ ନୀତି ଗଠନ ପାଇଁ ଅତ୍ୟନ୍ତ ଉପଯୋଗୀ ।

### ଦ୍ୱିତୀୟକ ତଥ୍ୟର ଉପଯୋଗିତା ବା ଲାଭ:

#### (କ) ସମୟ ଓ ଖର୍ଚ୍ଚ ସଞ୍ଚୟ

ଦ୍ୱିତୀୟକ ତଥ୍ୟର ପ୍ରମୁଖ ଲାଭ ହେଉଛି ଯେ, ଏହା ପୂର୍ବରୁ ସଂଗ୍ରହ, ସଂପାଦନା ଓ ସଂଗଠନ କରାଯାଇଥାଏ, ଯାହା ଫଳରେ ଗବେଷକଙ୍କୁ ନୂତନ ତଥ୍ୟ ସଂଗ୍ରହ ପାଇଁ ଦୀର୍ଘ ସମୟ ଓ ଅଧିକ ଆର୍ଥିକ ବ୍ୟୟ କରିବାକୁ ପଡ଼େନାହିଁ। ପ୍ରାଥମିକ ତଥ୍ୟ ସଂଗ୍ରହରେ ଯେଉଁଠାରେ କ୍ଷେତ୍ରକାର୍ଯ୍ୟ, ସର୍ଭେ, ସାକ୍ଷାତକାର ଓ ଯାତାୟାତ ଇତ୍ୟାଦିର ଆବଶ୍ୟକତା ରହେ, ସେଠାରେ ଦ୍ୱିତୀୟକ ତଥ୍ୟ ସହଜରେ ଉପଲବ୍ଧ ଥିବାରୁ ଗବେଷଣା ପ୍ରକ୍ରିୟା ଅଧିକ ତ୍ୱରିତ ଓ ସଂକ୍ଷିପ୍ତ ହୋଇଥାଏ। ଏହା ସହିତ, ଦ୍ୱିତୀୟକ ତଥ୍ୟ ବ୍ୟବହାର କରିବାରେ ତଥ୍ୟ ସଂଗ୍ରହ ସମ୍ବନ୍ଧୀୟ ପରିଚାଳନାତ୍ମକ ଜଟିଳତା କମିଯାଏ ଓ ଗବେଷକ ସହଜରେ ବିଶ୍ଳେଷଣ ଓ ବ୍ୟାଖ୍ୟା ପର୍ଯ୍ୟାୟରେ ଉପନୀତ ହୋଇପାରନ୍ତି।

#### (ଖ) ବୃହତ୍ ତଥ୍ୟ ଉପଲବ୍ଧତା

ଦ୍ୱିତୀୟକ ତଥ୍ୟର ଗୁରୁତ୍ୱପୂର୍ଣ୍ଣ ଗୁଣ ହେଉଛି ଏହାର ବୃହତ୍ ଓ ବ୍ୟାପକ ତଥ୍ୟ ଉପଲବ୍ଧତା। ସାଧାରଣତଃ ଏହି ପ୍ରକାରର ତଥ୍ୟ ସରକାରୀ ସଂସ୍ଥା, ଆନ୍ତର୍ଜାତୀୟ ସଂଗଠନ, ବିଶ୍ୱବିଦ୍ୟାଳୟ ଓ ବୃହତ୍ ଗବେଷଣା ପ୍ରକଳ୍ପମାନଙ୍କ ଦ୍ୱାରା ବୈଜ୍ଞାନିକ ଓ ପଦ୍ଧତିମୂଳକ ଭାବରେ ସଂଗୃହୀତ। ଏହି ତଥ୍ୟଗୁଡ଼ିକ ଅନେକ ସମୟରେ ଦୀର୍ଘ ସମୟ ଧରି ଏବଂ ବିଶାଳ ଜନସମୂହ କିମ୍ବା ଭୌଗୋଳିକ ପରିସରକୁ ଆଧାର କରି ସଂଗୃହ ହୋଇଥିବାରୁ, ଏହାର ବିସ୍ତାର ଓ ପ୍ରତିନିଧିତ୍ୱ କ୍ଷମତା ଅଧିକ ଥାଏ।

ଏହି ବୃହତ୍ ତଥ୍ୟ ସମୂହ ଗବେଷକଙ୍କୁ ବିଭିନ୍ନ ପରିବର୍ତ୍ତନଶୀଳ (variables) ଘଟକ ମଧ୍ୟରେ ସମ୍ପର୍କ ସ୍ଥାପନ, ପ୍ରବୃତ୍ତିଗତ (trends) ବିଶ୍ଳେଷଣ ଓ ତୁଳନାମୂଳକ ଅଧ୍ୟୟନ କରିବାର ସୁବିଧା ପ୍ରଦାନ କରେ। ଏହା ସହିତ ବୃହତ୍ ପରିମାଣର ତଥ୍ୟ ଉପଲବ୍ଧ ଥିବାରୁ ଗବେଷଣାର ନିଷ୍କର୍ଷ ଅଧିକ ସର୍ବଜନଗ୍ରାହୀ (generalizable) ଓ ପ୍ରମାଣଭିତ୍ତିକ ହୋଇଥାଏ। ଏହା ଗବେଷଣାର ବୈଜ୍ଞାନିକ ନିର୍ଭରଯୋଗ୍ୟତାକୁ ବଢ଼ାଇଥାଏ ଓ ନୀତିଗତ ବିଶ୍ଳେଷଣ ପାଇଁ ମଧ୍ୟ ଦୃଢ଼ ଆଧାର ସୃଷ୍ଟି କରେ (Kumara, 2022)।

#### (ଗ) ଐତିହାସିକ ତଥ୍ୟ ବିଶ୍ଳେଷଣ ସମ୍ଭବ

ଦ୍ୱିତୀୟକ ତଥ୍ୟର ଏକ ମୂଳ ଶକ୍ତି ହେଉଛି ଏହା ଗବେଷଣାକୁ ଐତିହାସିକ ପରିପ୍ରେକ୍ଷୀରେ ସ୍ଥାପିତ କରିବାର ସାମର୍ଥ୍ୟ ପ୍ରଦାନ କରେ। ପୂର୍ବରୁ ଭିନ୍ନ ଭିନ୍ନ ସମୟ କାଳରେ ସଂଗୃହୀତ ତଥ୍ୟ ଉପଲବ୍ଧ ଥିବାରୁ, ଗବେଷକ ସମୟକ୍ରମ (time-series) ଆଧାରରେ ପରିବର୍ତ୍ତନର ଧାରା, ପ୍ରବୃତ୍ତି ଓ ବିକାଶ ପର୍ଯ୍ୟାୟକୁ ବିଶ୍ଳେଷଣ କରିପାରନ୍ତି। ଏହା ଗବେଷଣାକୁ କେବଳ ବର୍ତ୍ତମାନ ତଥ୍ୟରେ ସୀମିତ ନରଖି, ତାହାକୁ ଏକ ଦୀର୍ଘକାଳୀନ ଓ ଗତିଶୀଳ ପ୍ରାସଙ୍ଗିକତା ମାଧ୍ୟମରେ ବୁଝିବାର ସୁଯୋଗ ପ୍ରଦାନ କରେ।

ଐତିହାସିକ ତଥ୍ୟ ବିଶ୍ଳେଷଣ ମାଧ୍ୟମରେ ଗବେଷକ ବିଭିନ୍ନ ପରିବର୍ତ୍ତନଶୀଳ (variables) ଉପାଦାନଗୁଡ଼ିକ ମଧ୍ୟରେ ସମୟାନୁକ୍ରମିକ ସମ୍ପର୍କ (chronological relationships) ଅନୁଧ୍ୟାନ କରିପାରନ୍ତି ଓ ପରିବର୍ତ୍ତନର ଗତି ଓ ପ୍ରକୃତିକୁ ଆକଳନ କରିପାରନ୍ତି। ଏହା ସହିତ, ଏହି ପ୍ରକାରର ବିଶ୍ଳେଷଣ କାରଣ ଓ ଫଳ (cause–effect) ସମ୍ପର୍କ ବୁଝିବାରେ ମଧ୍ୟ ସହାୟକ ହୋଇଥାଏ, କାରଣ ଏହା ପୃଷ୍ଠଭୂମି ଓ ପରିବର୍ତ୍ତନର କ୍ରମିକତାକୁ ସ୍ପଷ୍ଟ କରେ। ଏହା ଗବେଷଣାର ବ୍ୟାଖ୍ୟାତ୍ମକ ଶକ୍ତିକୁ ବଢ଼ାଏ ଓ ନିଷ୍କର୍ଷକୁ ଅଧିକ ଯୁକ୍ତିସଙ୍ଗତ ଓ ପ୍ରମାଣଭିତ୍ତିକ କରେ (Panchenko & Samovilova, 2020)।

#### (ଘ) ଗବେଷଣା ରୂପରେଖ ପ୍ରସ୍ତୁତିରେ ସାହାଯ୍ୟ

ଦ୍ୱିତୀୟକ ତଥ୍ୟ ଗବେଷଣାର ରୂପରେଖ (research design) ପ୍ରସ୍ତୁତିରେ ମୂଳ ଆଧାର ଭାବେ କାର୍ଯ୍ୟ କରେ। ପୂର୍ବରୁ ଉପଲବ୍ଧ ଗବେଷଣା ପତ୍ର, ପ୍ରତିବେଦନ ଓ ସାହିତ୍ୟକୁ ଆଲୋଚନାତ୍ମକ ଭାବରେ ଅଧ୍ୟୟନ କରି ଗବେଷକ ନିଜ ଅଧ୍ୟୟନର ସମସ୍ୟାକୁ ସ୍ପଷ୍ଟ କରିପାରନ୍ତି ଓ ତାହାର ଯୁକ୍ତିସଙ୍ଗତ ସୀମା ନିର୍ଦ୍ଧାରଣ କରନ୍ତି। ଏହି ପ୍ରକ୍ରିୟା ଗବେଷଣାର ଦିଗନିର୍ଦ୍ଦେଶକ ଭାବେ କାର୍ଯ୍ୟ କରି ଅଧ୍ୟୟନକୁ ଏକ ସଂଗଠିତ ଓ ଶୃଙ୍ଖଳିତ ରୂପ ପ୍ରଦାନ କରେ।

ଦ୍ୱିତୀୟକ ତଥ୍ୟ ମାଧ୍ୟମରେ ଗବେଷକ ପୂର୍ବ ଅଧ୍ୟୟନର ଧାରା, ବ୍ୟବହୃତ ପ୍ରଣାଳୀ ଓ ତତ୍ତ୍ୱାନୁସାରୀ ଆଧାର ବିଷୟରେ ଜ୍ଞାନ ଲାଭ କରନ୍ତି, ଯାହା ତାଙ୍କୁ ଉପଯୁକ୍ତ ଗବେଷଣା ପ୍ରଣାଳୀ, ପରିବର୍ତ୍ତନଶୀଳ ଉପାଦାନର ଚୟନ ଓ ତଥ୍ୟ ବିଶ୍ଳେଷଣ ପଦ୍ଧତି ନିର୍ଦ୍ଧାରଣରେ ସହାୟତା କରେ। ଏହା ସହିତ, ଦ୍ୱିତୀୟକ ତଥ୍ୟ ଗବେଷକଙ୍କୁ ଗବେଷଣାର ଶୂନ୍ୟସ୍ଥାନ (research gap) ଚିହ୍ନଟ କରିବାରେ ମଧ୍ୟ ସହାୟତା କରିଥାଏ, ଯାହା ନୂତନ ଅଧ୍ୟୟନ ପାଇଁ ଯୁକ୍ତିସଂଗତ ଆଧାର ସୃଷ୍ଟି କରେ (Patil, 2021)।

### ଦ୍ୱିତୀୟକ ତଥ୍ୟର ସୀମାବଦ୍ଧତା

#### (କ) ତଥ୍ୟ ସମତା ଓ ସମ୍ପୃକ୍ତିର ଅଭାବ

ଦ୍ୱିତୀୟକ ତଥ୍ୟର ମୁଖ୍ୟ ସୀମିତତାଗୁଡ଼ିକ ମଧ୍ୟରୁ ତଥ୍ୟର ସମତା ଓ ସମ୍ପୃକ୍ତିର ଅଭାବ ଏକ ପ୍ରମୁଖ ଅସୁବିଧା ଅଟେ। ଏହି ପ୍ରକାରର ତଥ୍ୟ ପୂର୍ବରୁ ଅନ୍ୟ କୌଣସି ଉଦ୍ଦେଶ୍ୟ ଓ ପ୍ରସଙ୍ଗକୁ ଧ୍ୟାନରେ ରଖି ସଂଗ୍ରହ କରାଯାଇଥାଏ, ସେଥିପାଇଁ ସେଗୁଡ଼ିକ ସର୍ବଦା

CC BY NC

ନୂତନ ଗବେଷଣା ପ୍ରଶ୍ନ ସହ ପୂର୍ଣ୍ଣ ଭାବେ ସାମଞ୍ଜସ୍ୟ ରକ୍ଷା କରିପାରେନାହିଁ। ଏହା ଫଳରେ ତଥ୍ୟର କିଛି ଅଂଶ ଗବେଷଣାର ଉଦ୍ଦେଶ୍ୟ ସହ ଅସମ୍ପୃକ୍ତ ବା ଅପ୍ରୟୋଜନୀୟ ହୋଇପାରେ। ଏହା ସହିତ, ଦ୍ୱିତୀୟକ ତଥ୍ୟରେ ବ୍ୟବହୃତ ପରିମାପ ମାନଦଣ୍ଡ, ପରିବର୍ତ୍ତନଶୀଳ ଘଟକର ପରିଭାଷା ଓ ବର୍ଗୀକରଣ ପ୍ରଣାଳୀ ଗବେଷକଙ୍କ ଆବଶ୍ୟକତା ସହ ସମତା ରଖିପାରେନାହିଁ, ଯାହା ତଥ୍ୟର ବ୍ୟାଖ୍ୟା ଓ ବିଶ୍ଳେଷଣକୁ ସୀମିତ କରେ। ଏହିପରି ବିଷମତା ଗବେଷଣାର ନିଷ୍କର୍ଷକୁ ପ୍ରଭାବିତ କରିପାରେ ଓ ତଥ୍ୟର ବ୍ୟବହାରକୁ ଆଂଶିକ ଭାବେ ସୀମିତ କରିପାରେ। ଏଣୁ ଏହି ପ୍ରକାର ତଥ୍ୟ ବ୍ୟବହାର ସମୟରେ ତାହାର ପ୍ରାସଙ୍ଗିକତାକୁ ସତର୍କତାର ସହିତ ମୂଲ୍ୟାୟନ କରିବା ଅତ୍ୟାବଶ୍ୟକ, ନଚେତ୍ ଗବେଷଣାର ଉଦ୍ଦେଶ୍ୟ ଓ ତଥ୍ୟ ମଧ୍ୟରେ ସାମ୍ୟର ଅଭାବ ସୃଷ୍ଟି ହୋଇପାରେ।

### (ଖ) ପୁରୁଣା ତଥ୍ୟ ବ୍ୟବହାର ସମ୍ଭାବନା

ଦ୍ୱିତୀୟକ ତଥ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ସୀମାବଦ୍ଧତା ହେଉଛି ଏହାର ସମୟୋପଯୋଗିତାର ଅଭାବ, ଅର୍ଥାତ୍ ଉପଲବ୍ଧ ତଥ୍ୟ ପୁରୁଣା ହୋଇଥିବାର ସମ୍ଭାବନା ରହିଥାଏ। ଯେହେତୁ ଏହି ପ୍ରକାରର ତଥ୍ୟ ପୂର୍ବରୁ କୌଣସି ନିର୍ଦ୍ଦିଷ୍ଟ ସମୟରେ ସଂଗୃହୀତ, ତେଣୁ ଏହା ବର୍ତ୍ତମାନ ପରିସ୍ଥିତି, ପରିବର୍ତ୍ତନଶୀଳ ପ୍ରବୃତ୍ତି ଓ ନୂତନ ସାମାଜିକ, ସାଂସ୍କୃତିକ ଓ ଆର୍ଥିକ ପ୍ରସଙ୍ଗକୁ ପ୍ରତିଫଳିତ କରିପାରେନାହିଁ। ସମୟକ୍ରମରେ ଘଟୁଥିବା ପରିବର୍ତ୍ତନ ଯଥା, ପ୍ରଯୁକ୍ତିଗତ ଉନ୍ନତି, ନୀତିଗତ ପରିବର୍ତ୍ତନ ଓ ସାମାଜିକ ଗଠନର ବିକାଶ ଆଦି ପୂର୍ବତନ ତଥ୍ୟରେ ପ୍ରତିବିମ୍ବିତ ନ ହେବାରୁ, ଏହାକୁ ଆଧାରକରି କରାଯାଇଥିବା ବିଶ୍ଳେଷଣ ଆଂଶିକ କିମ୍ବା ଅସମ୍ପୂର୍ଣ୍ଣ ରହିଯିବାର ସମ୍ଭାବନା ରହିଥାଏ। ଏହା ଗବେଷଣାର ନିଷ୍କର୍ଷକୁ ବର୍ତ୍ତମାନ ପ୍ରେକ୍ଷାପଟରେ କମ୍ ପ୍ରାସଙ୍ଗିକ କରିଦେଇପାରେ (Kumara, 2022)। ଏଣୁ ଦ୍ୱିତୀୟ ସ୍ରୋତ ଆଧାରିତ ତଥ୍ୟ ବ୍ୟବହାର ସମୟରେ ତାହାର ସମୟସୀମା (time frame) ଓ ଅଦ୍ୟତନତା(up to date)କୁ ସତର୍କତା ସହିତ ବିବେଚନା କରିବା ଆବଶ୍ୟକ, ଯାହାଦ୍ୱାରା ଗବେଷଣାର ଫଳାଫଳ ଯଥାସମ୍ଭବ ସମକାଳୀନ ଓ ଯୁକ୍ତିସଂଗତ ହେବ।

### (ଗ) ବିଶ୍ୱସନୀୟତା ସମସ୍ୟା

ଦ୍ୱିତୀୟକ ତଥ୍ୟ ବ୍ୟବହାରରେ ବିଶ୍ୱସନୀୟତା (reliability) ଏକ ମୁଖ୍ୟ ଚିନ୍ତାର ବିଷୟ । କାରଣ ଏହି ତଥ୍ୟଗୁଡ଼ିକ ଗବେଷକଙ୍କ ଦ୍ୱାରା ସ୍ୱୟଂ ସଂଗୃହୀତ ନୁହେଁ, ବରଂ ଅନ୍ୟ ସଂସ୍ଥା ବା ବ୍ୟକ୍ତି ଦ୍ୱାରା ପୂର୍ବରୁ ସଂଗ୍ରହ କରାଯାଇଥାଏ। ଯାହା ଫଳରେ ତଥ୍ୟ ସଂଗ୍ରହ ପ୍ରଣାଳୀ, ନମୁନା ଚୟନ, ପରିମାପକ ପଦ୍ଧତି ଓ ତଥ୍ୟ ପ୍ରସ୍ତୁତିରେ ଥିବା ସମ୍ଭାବ୍ୟ ତ୍ରୁଟି ବା ପକ୍ଷପାତ (bias) ସମ୍ପର୍କରେ ଗବେଷକଙ୍କର ପୂର୍ଣ୍ଣ ନିଶ୍ଚିତତା ରହେନାହିଁ। ଏହା ସହିତ, ସମସ୍ତ ଦ୍ୱିତୀୟକ ତଥ୍ୟ ସମାନ ଭାବରେ ପ୍ରମାଣିତ ଉତ୍ସରୁ ଆସେନାହିଁ; କେତେକ ତଥ୍ୟ ଅପ୍ରମାଣିତ ବା ଅପୂର୍ଣ୍ଣ ହୋଇପାରେ, ଯାହା ତଥ୍ୟର ନିଷ୍ପକ୍ଷତା ଓ ସଠିକତାକୁ ପ୍ରଭାବିତ କରେ। ତଥ୍ୟ ସଂଗ୍ରହ ସମୟରେ ବ୍ୟବହୃତ ପରିମାପ ମାନଦଣ୍ଡ ଓ ପରିଭାଷାର ଭିନ୍ନତା ମଧ୍ୟ ବିଶ୍ୱସନୀୟତାରେ ପ୍ରଭାବ ପକାଏ, ଯାହା ଗବେଷଣାର ଫଳାଫଳକୁ ଅସ୍ଥିର କରିପାର।

### (ଘ) ଗବେଷକଙ୍କ ସୀମିତ ନିୟନ୍ତ୍ରଣ

ଦ୍ୱିତୀୟକ ତଥ୍ୟ ବ୍ୟବହାରରେ ଗବେଷକଙ୍କର ନିୟନ୍ତ୍ରଣ ସୀମିତ। ଏଣୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସୀମାବଦ୍ଧତା ଅଟେ। ଯେହେତୁ ଏହି ତଥ୍ୟ ପୂର୍ବରୁ ଅନ୍ୟ ଗବେଷକ ବା ସଂସ୍ଥା ଦ୍ୱାରା ସଂଗ୍ରହିତ, ସେଥିପାଇଁ ତଥ୍ୟ ସଂଗ୍ରହ ପ୍ରକ୍ରିୟା, ନମୁନା ଚୟନ ଓ ପରିମାପ ପଦ୍ଧତି ଉପରେ ବର୍ତ୍ତମାନର ଗବେଷକଙ୍କ କୌଣସି ସିଧାସଳଖ ନିୟନ୍ତ୍ରଣ ରହିନଥାଏ। ଏହାର ଫଳରେ ଗବେଷକ ନିଜ ଅଧ୍ୟୟନର ଆବଶ୍ୟକତା ଅନୁଯାୟୀ ତଥ୍ୟକୁ ପରିବର୍ତ୍ତନ କିମ୍ବା ସମନ୍ୱୟ କରିପାରନ୍ତିନାହିଁ। ତଥ୍ୟ ସଂଗ୍ରହ ସମୟରେ ଗୃହୀତ ନିଷ୍ପତ୍ତି, ପ୍ରୟୋଗ ହୋଇଥିବା ପ୍ରଣାଳୀ ଓ ସୀମାବଦ୍ଧତା ବର୍ତ୍ତମାନ ଗବେଷଣାରେ ଅପରୋକ୍ଷ ଭାବରେ ପ୍ରଭାବ ପକାଏ, ଯାହାକୁ ଗବେଷକ ପୁନଃନିୟନ୍ତ୍ରଣ କରିପାରନ୍ତି ନାହିଁ। ଏହା ଗବେଷକର ସ୍ୱାଧୀନତାକୁ ସୀମିତ କରି ତଥ୍ୟ ବ୍ୟବହାରରେ ନିର୍ଭରଶୀଳତା ସୃଷ୍ଟି କରିଥାଏ। ଏଣୁ ଏହିପରି ତଥ୍ୟ ବ୍ୟବହାର କରିବା ସମୟରେ ଗବେଷକଙ୍କୁ ଏହାର ସୀମିତ ନିୟନ୍ତ୍ରଣକୁ ମନେରଖି ସତର୍କତା ସହିତ ତଥ୍ୟ ବିଶ୍ଳେଷଣ କରିବା ଓ ନିଷ୍କର୍ଷ ଉପସ୍ଥାପନ କରିବା ଆବଶ୍ୟକ।

## ଗବେଷଣାରେ ପ୍ରୟୋଗ

### (କ) ସମସ୍ୟା ଚିହ୍ନଟ

ଦ୍ୱିତୀୟକ ତଥ୍ୟ ଗବେଷଣାରେ ସମସ୍ୟା ଚିହ୍ନଟ କରିବାରେ ମୂଳ ଭୂମିକା ନିର୍ବାହ କରେ। ପୂର୍ବରୁ ଥିବା ତଥ୍ୟ, ରିପୋର୍ଟ ଓ ଗବେଷଣା ପତ୍ରଗୁଡ଼ିକୁ ବିଶ୍ଳେଷଣ କରି ଗବେଷକ ଗବେଷଣାର ସମସ୍ୟା ବା ଅଭାବ (research gap)କୁ ସ୍ପଷ୍ଟ ଭାବରେ ଚିହ୍ନଟ କରିପାରନ୍ତି (Kumara, 2022) । ଉଦାହରଣ ସ୍ୱରୂପ, ଯଦି ଗବେଷକ ଓଡ଼ିଶାର ଜନଜାତୀୟ ଶିକ୍ଷା ବିଷୟରେ ପୂର୍ବ ରିପୋର୍ଟ ବିଶ୍ଳେଷଣ କରନ୍ତି ଓ ଦେଖନ୍ତି ଯେ ଝିଅମାନଙ୍କ ଶିକ୍ଷା ଉପରେ ଗବେଷଣା କମ୍, ତେବେ ସେହିଠାରୁ ଗବେଷଣା ସମସ୍ୟା ଉଦ୍ଭବ ହୁଏ।

### (ଖ) ହାଇପୋଥେସିସ୍ ଗଠନ

ଦ୍ୱିତୀୟକ ତଥ୍ୟ ଗବେଷକଙ୍କୁ ତତ୍ତ୍ୱ ଓ ପୂର୍ବ ଗବେଷଣାର ଆଧାରରେ ଯୁକ୍ତିସଙ୍ଗତ ଧାରଣା (hypothesis) ଗଠନ କରିବାରେ ସାହାଯ୍ୟ କରେ। ପୂର୍ବ ତଥ୍ୟରୁ ପ୍ରବୃତ୍ତି ଓ ସମ୍ପର୍କ ବିଷୟରେ ବୁଝି ଗବେଷକ ନୂତନ ଧାରଣା ତିଆରି କରନ୍ତି। ଉଦାହରଣ ସ୍ୱରୂପ, ଯଦି ପୂର୍ବରୁ ସର୍ଭେ ହୋଇଥିବା ତଥ୍ୟରେ ଦେଖାଯାଏ ଯେ ଗ୍ରାମ୍ୟ ଅଞ୍ଚଳରେ ଇଣ୍ଟରନେଟ୍ ଉପଲବ୍ଧତା କମ୍, ତେବେ ଗବେଷକ ଏକ ହାଇପୋଥେସିସ୍ ଦେଇପାରନ୍ତି ଯେ, "ଇଣ୍ଟରନେଟ୍ ଉପଲବ୍ଧତା ଶିକ୍ଷାର ଗୁଣମାନକୁ ପ୍ରଭାବିତ କରେ।"

### (ଗ) ସାଂଖ୍ୟିକ ବିଶ୍ଳେଷଣ

ଦ୍ୱିତୀୟକ ତଥ୍ୟ ସାଂଖ୍ୟିକ ବିଶ୍ଳେଷଣ ପାଇଁ ଏକ ଦୃଢ଼ ଆଧାର ଯୋଗାଇଥାଏ। ବୃହତ୍ ତଥ୍ୟ ସମୂହ ଉପଲବ୍ଧ ଥିବାରୁ ଗବେଷକ ବିଭିନ୍ନ ସାଂଖ୍ୟିକ ପ୍ରଣାଳୀ (correlation, regression, trend analysis) ବ୍ୟବହାର କରି ନିଷ୍କର୍ଷରେ ପହଞ୍ଚିପାରନ୍ତି। ଉଦାହରଣ ସ୍ୱରୂପ, ଜଣେ ଗବେଷକ ଯଦି ଆୟ ଓ ଶିକ୍ଷା ମଧ୍ୟରେ ସମ୍ପର୍କ ଅଧ୍ୟୟନ କରୁଛନ୍ତି, ସେ ସର୍ଭେ ଡାଟାକୁ ବ୍ୟବହାର କରି ସହସମ୍ବନ୍ଧ ବିଶ୍ଳେଷଣ (correlation analysis) କରିପାରନ୍ତି।

### (ଘ) ନୀତି ନିର୍ମାଣ ଓ ନିଷ୍ପତ୍ତି ନେବା

ଦ୍ୱିତୀୟକ ତଥ୍ୟ ସରକାର ଓ ସଂଗଠନମାନଙ୍କୁ ନୀତି ନିର୍ମାଣ

cc BY NC

ଓ ନିଷ୍ପତ୍ତି ନେବାରେ ସହାୟତା କରେ। ଏହି ତଥ୍ୟ ଆଧାରରେ ସମାଜିକ, ଆର୍ଥିକ ଓ ଶିକ୍ଷାଗତ ସମସ୍ୟାର ସଠିକ ମୂଲ୍ୟାୟନ କରାଯାଇପାରେ। ଉଦାହରଣ ସ୍ୱରୂପ, ସରକାର ଯଦି ଦାରିଦ୍ର୍ୟ ହାର କମେଇବା ପାଇଁ ଯୋଜନା କରୁଛି, ସେ ପୂର୍ବରୁ ଥିବା ସର୍ଭେ ଓ ଜନଗଣନା ତଥ୍ୟ ବ୍ୟବହାର କରି ଲକ୍ଷିତ ଗୋଷ୍ଠୀ ଚିହ୍ନଟ କରିବେ।

## ନିଷ୍କର୍ଷ

ଦ୍ୱିତୀୟକ ତଥ୍ୟ ଆଧାରିତ ଗବେଷଣାକୁ ଆମେ ସାଧାରଣତଃ ସୁବିଧାଜନକ ଓ ପ୍ରମାଣଭିତ୍ତିକ ପଦ୍ଧତି ଭାବେ ଦେଖିଥାଉ, କିନ୍ତୁ ଏହାର ଗଭୀରତାରେ ପ୍ରବେଶ କଲେ କିଛି ମୌଳିକ ପ୍ରଶ୍ନ ଓ ଦ୍ୱନ୍ଦ୍ୱ (conceptual tensions) ଦେଖାଯାଏ। ପ୍ରଥମେ ପ୍ରଶ୍ନ ଉଠେ ଯେ, ଗବେଷଣାର ସତ୍ୟତା କେବଳ ତଥ୍ୟର ପରିମାଣରେ ନିର୍ଭର କରେ କିମ୍ବା ତାହାର ପ୍ରସଙ୍ଗ ଓ ଅର୍ଥବୋଧରେ ନିର୍ଭର କରେ ? ଦ୍ୱିତୀୟକ ତଥ୍ୟ ଆମକୁ ବିପୁଳ ସୂଚନା ଦେଇଥାଏ, କିନ୍ତୁ ସେହି ସୂଚନାର ପୃଷ୍ଠଭୂମି, ଉତ୍ପାଦନ ପ୍ରକ୍ରିୟା ଓ ସାମାଜିକ ପ୍ରାସଙ୍ଗିକତାକୁ ନବୁଝିଲେ ତାହାର ବ୍ୟାଖ୍ୟା ସଦା ଅସମ୍ପୂର୍ଣ୍ଣ ରହିଯାଏ।

ଏଥିରୁ ଏକ ଗୁରୁତ୍ୱପୂର୍ଣ୍ଣ ତର୍କ ଉପସ୍ଥାପିତ ହୁଏ ଯେ, ଦ୍ୱିତୀୟକ ତଥ୍ୟ ଗବେଷଣାକୁ ଶକ୍ତିଶାଳୀ କରେ, କିନ୍ତୁ ଏହା ଗବେଷକଙ୍କୁ ପୂର୍ବ ଗବେଷକଙ୍କ ଦୃଷ୍ଟିକୋଣ ଉପରେ ମଧ୍ୟ ନିର୍ଭରଶୀଳ କରେଇଦିଏ। ଅର୍ଥାତ୍, ତଥ୍ୟ ଯେପରି ସଂଗ୍ରହ ହୋଇଛି, ସେପରି ଏହା ଆମର ଚିନ୍ତନକୁ ପ୍ରଭାବିତ କରେ। ଏହି ପରିସ୍ଥିତିରେ ଗବେଷକଙ୍କ ମୂଳ କାର୍ଯ୍ୟ କେବଳ ତଥ୍ୟ ସଂଗ୍ରହ ନୁହେଁ, ବରଂ ତାହାର ଆଲୋଚନାତ୍ମକ ପଠନ (critical reading) ଓ ପୁନଃବ୍ୟାଖ୍ୟା (reinterpretation) କରିବା ଅତ୍ୟାବଶ୍ୟକ। ଏହା ସହିତ, ଦ୍ୱିତୀୟକ ତଥ୍ୟ ଗବେଷଣାରେ ନୀତିଗତ (ethical) ଓ ଜ୍ଞାନଶାସ୍ତ୍ରୀୟ (epistemological) ପ୍ରଶ୍ନମାନ ସୃଷ୍ଟିକରେ। ଯଥା- କୌଣସି ତଥ୍ୟ କେଉଁ ଉଦ୍ଦେଶ୍ୟରେ ସଂଗ୍ରହ ହେଲା, କାହାର ଦୃଷ୍ଟିକୋଣକୁ ପ୍ରତିନିଧିତ୍ୱ କରୁଛି ଓ କାହାର ଆବଶ୍ୟକତାର ଅଭାବ ରହିଗଲା? ଏହି ପ୍ରଶ୍ନଗୁଡ଼ିକ ଗବେଷଣାର ନିଷ୍ପକ୍ଷତାକୁ ନୂତନ ଭାବରେ ପ୍ରଶ୍ନ କରେ। ବିଶେଷତଃ ଭାଷା, ସାହିତ୍ୟ ଓ ସଂସ୍କୃତି ଅଧ୍ୟୟନରେ ଏହା ଦେଖାଯାଏ ଯେ, ଅନେକ ଉପାନ୍ତ୍ୟ ସମୁଦାୟର ତଥ୍ୟ ଉପଲବ୍ଧ ନଥାଏ କିମ୍ବା ଭୁଲ୍ ଭାବରେ ପ୍ରତିନିଧିତ୍ୱ ହୋଇଥାଏ। ଏହିପରି ପରିସ୍ଥିତିରେ ଏହା କୁହାଯାଇପାରେ ଯେ, ଦ୍ୱିତୀୟକ ତଥ୍ୟ ଗବେଷଣାରେ ଏକମାତ୍ର ଉପାୟ ନୁହେଁ, ବରଂ ଏକ ସହାୟକ ଓ ସମନ୍ୱୟମୂଳକ (complementary) ପଦ୍ଧତି ଭାବେ ବ୍ୟବହୃତ ହେବା ଉଚିତ। ପ୍ରାଥମିକ ତଥ୍ୟ ସହ ଏହାର ସମନ୍ୱୟ ଗବେଷଣାକୁ ଅଧିକ ସାମଗ୍ରିକ ଓ ନିଷ୍ପକ୍ଷ କରିପାରେ।

ଭବିଷ୍ୟତ ଗବେଷଣା ପ୍ରସଙ୍ଗରେ, ଡିଜିଟାଲ ଓ ପ୍ରଯୁକ୍ତି ଯୁଗ ଦ୍ୱିତୀୟକ ତଥ୍ୟ ପାଇଁ ନୂତନ ସମ୍ଭାବନା ସୃଷ୍ଟି କରିଛି। ବୃହତ ତଥ୍ୟ (Big Data), ଡିଜିଟାଲ ଆର୍କାଇଭ, ଓପେନ୍ ଆକ୍ସେସ୍ ରିପୋଜିଟୋରି ଓ କୃତ୍ରିମ ବୁଦ୍ଧିମତା (AI) ଆଧାରିତ ବିଶ୍ଳେଷଣ ପ୍ରଣାଳୀ ଗବେଷଣାକୁ ନୂତନ ମାର୍ଗ ଦେଖାଉଛି। ଅନ୍ୟପଟେ ଆଞ୍ଚଳିକ ଭାଷା ଓ ସାଂସ୍କୃତିକ ତଥ୍ୟକୁ ଡିଜିଟାଲ ରୂପରେ ସଂରକ୍ଷଣ ଓ ପ୍ରଚାର କରିବା ଭବିଷ୍ୟତରେ ଗବେଷଣାର ଏକ ଅତ୍ୟନ୍ତ ସମ୍ଭାବନାମୟ ମାର୍ଗ ହେବ। ବିଶେଷତଃ ଓଡ଼ିଆ ଭାଷା ଓ ଜନଜାତୀୟ ସଂସ୍କୃତି ସମ୍ପର୍କିତ ତଥ୍ୟକୁ ସୁସଂଗଠିତ ଡାଟାବେସ୍ ଆକାରରେ ତିଆରି କରିବା ଆଗାମୀ ଗବେଷଣା ପାଇଁ ମୂଲ୍ୟବାନ ତଥ୍ୟର ଭଣ୍ଡାର ସୃଷ୍ଟି କରିବ। ସର୍ବଶେଷରେ ଏହା କହିବା ସମୀଚୀନ ହେବ ଯେ, ଦ୍ୱିତୀୟକ ତଥ୍ୟ ଗବେଷଣାକୁ ସହଜ କରେ, କିନ୍ତୁ ସେହି ସହଜଲବ୍ଧତା ମଧ୍ୟରେ ଲୁକ୍କାୟିତ ଥିବା ସୀମାବଦ୍ଧତା ଓ ପ୍ରତିବନ୍ଧକଗୁଡିକୁ ଖୋଜି ବାହାରକରିବା ହିଁ ଏକ ସତ୍ୟନିଷ୍ଠ ଗବେଷକଙ୍କ ଦାୟିତ୍ୱ। ତେଣୁ, ଦ୍ୱିତୀୟକ ତଥ୍ୟକୁ କେବଳ ସୂଚନାର ଭଣ୍ଡାର ଭାବେ ନୁହେଁ, ବରଂ ଆଲୋଚନାତ୍ମକ ଚିନ୍ତନର ଏକ ଉପକରଣ ଭାବେ ଦେଖିବା ନିହାତି ଆବଶ୍ୟକ।

## ସଙ୍କେତ ସୂଚୀ


୧. Kumara, K. (2022). Secondary data analysis in social science research. *Journal of Social Research, 8*(1), 67–75.

୨. Malhotra, N. K., Nunan, D., & Birks, D. F. (2017). *Marketing research: An applied approach* (5th ed.). Pearson Education Limited.

୩. Panchenko, T. V., & Samovilova, I. A. (2020). Secondary data in modern research: Opportunities and limitations. *International Journal of Scientific & Technology Research, 9*(3), 1234–1238.

୪. Patil, S. (2021). Use of secondary data in research: A study. *Journal of Research Methodology, 6*(2), 45–52.

୫. Saxena, R. (n.d.). *Research methodology.* Laxmi Publications.



| FIELD | DETAILS | PLAGIARISM QR |
|---|---|---|
| FUNDING STATEMENT | This research received no external funding | |
| CONFLICT OF INTEREST | No | |
| PLAGIARISM TEST | Yes (Drillbit) | |
| SIMILARITY INDEX | 0 % | |
| ETHICAL APPROVAL | Not applicable | |
| CITE: | Panda, Dr. Soumyajit, and Dr. Jayanta Kumar Das. "Gabeshana Prakriyare Dwitīya Srota Adharita Tathyara Tattwika O Prayogika Adhyayana." *Bindu Bimarsha*, vol. 2, no. 2, Apr. 2026, pp. 54–63. Crossref, https://doi.org/10.64647/bb.vol.2.issue.2.2026.11. | |


CC BY NC

ବିନ୍ଦୁ ବିମର୍ଶ
Bindu Bimarsha
ISSN NO: 3049-2807(O)
ଦ୍ୱିତୀୟ ଅଙ୍କ, ଦ୍ୱିତୀୟ ସଂଖ୍ୟା ॥ ଏପ୍ରିଲ୍ - ଜୁନ୍ ୨୦୨୬
VOLUME NO: II, ISSUE NO: II ॥ APRIL—JUNE 2026



ପ୍ରକାଶ ସମୟ: ୧୪ -୦୪ -୨୦୨୬

# ଯୁବ ସାହିତ୍ୟିକ ଡିଲେଶ୍ୱର ରଣାଙ୍କ ସହ ସୃଜନ ଆଳାପ

**ସଂଗ୍ରାହକ:** ଡକ୍ଟର ଶାନ୍ତନୁ କୁମାର ନାୟକ
(ସହ-ସମ୍ପାଦକ, ବିନ୍ଦୁ ବିମର୍ଶ)

| ନାମ | ଠିକଣା | ପ୍ରକାଶିତ ପୁସ୍ତକ | ପୁରସ୍କାର |
|---|---|---|---|
| **ଡିଲେଶ୍ୱର ରଣା** | ଗ୍ରାମ - ଧଅଁରାମାଲ, ପୋ - ରୁପ୍ରା, ଭାୟା - ରୁପ୍ରାରୋଡ, ଜିଲ୍ଲା - କଳାହାଣ୍ଡି, ଓଡ଼ିଶା | **୧. ସୈଁର୍‌ରା (ଗଳ୍ପ ସଂକଳନ),<br>୨. ମେଳିଭୁଇଁ (ଉପନ୍ୟାସ)** | ୧. କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର (୨୦୨୩)<br>୨. ପ୍ରଧାନମନ୍ତ୍ରୀ ଯୁବା ମେଣ୍ଟରଶିପ (୨୦୨୧), NBT, ଭାରତ ସରକାର<br>୩. କଥା ନବପ୍ରତିଭା ସମ୍ମାନ (୨୦୧୮), ଭୁବନେଶ୍ୱର<br>୪. କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର (୨୦୧୯), ଭୁବନେଶ୍ୱର<br>୫. ତପସ୍ୟା ସମ୍ଭାବନା ପୁରସ୍କାର (୨୦୧୯), ଭୁବନେଶ୍ୱର<br>୬. ଫକୀରମୋହନ ଯୁବ ଗାଳ୍ପିକ ପୁରସ୍କାର (୨୦୨୫), ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର |

ଡିଲେଶ୍ୱର ରଣା ଓଡ଼ିଆ ସାହିତ୍ୟର ନବ ପିଢ଼ିର ଏକ ପ୍ରତିଭାଶାଳୀ ଓ ପ୍ରତିଶ୍ରୁତିସମ୍ପନ୍ନ ସାହିତ୍ୟିକ। କଳାହାଣ୍ଡି ଜିଲ୍ଲାର ଧଅଁରାମାଲ ଗ୍ରାମରେ ତାଙ୍କର ଜନ୍ମ, ସେ ଗ୍ରାମୀଣ ଜୀବନର ସ୍ପନ୍ଦନକୁ ନିଜ ଅନୁଭୂତିରେ ଆତ୍ମସାତ କରିଛନ୍ତି। ଏହି ଗ୍ରାମୀଣ ପରିବେଶ ତାଙ୍କ ଲିଖନ ପ୍ରତିଭାରେ ଗଭୀର ପ୍ରଭାବ ପକାଇଛି ଓ ତାଙ୍କୁ ଅନ୍ୟ ସାହିତ୍ୟିକମାନଙ୍କଠାରୁ ଅଲଗା ପରିଚୟ ପ୍ରଦାନ କରିଛି।

ଡିଲେଶ୍ୱର ରଣାଙ୍କ ସାହିତ୍ୟିକ ଯାତ୍ରା ଗଳ୍ପ ଓ ଉପନ୍ୟାସ ମାଧ୍ୟମରେ ବିଶେଷ ଭାବେ ପ୍ରକାଶିତ। ତାଙ୍କର ପ୍ରଥମ ଗଳ୍ପ ସଂକଳନ **'ସୈଁର୍‌ରା' (୨୦୨୧)** ତାଙ୍କୁ ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି । ଏହି କୃତି ପାଇଁ ସେ **କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର (୨୦୨୩)** ରେ ସମ୍ମାନିତ, ଯାହା ତାଙ୍କ ସୃଜନଶୀଳତାର ଏକ ମହତ୍ୱପୂର୍ଣ୍ଣ ସ୍ୱୀକୃତି। ଏହି ସଂକଳନର ଗଳ୍ପମାନ ଗ୍ରାମୀଣ ଜୀବନର ନିଚ୍ଛକ ଚିତ୍ର, ଦୁଃଖ-ସଂଘର୍ଷ ଓ ମାନବୀୟ ସମ୍ପର୍କର ସୂକ୍ଷ୍ମତାକୁ ଗଭୀର ଭାବରେ ଉପସ୍ଥାପନ କରେ। ତାଙ୍କ ଦ୍ୱିତୀୟ ପ୍ରମୁଖ କୃତି **'ମେଳିଭୁଇଁ' (୨୦୨୨)** ଏକ ଉପନ୍ୟାସ, ଯାହାକି National Book Trust (NBT) ଭାରତ ସରକାରଙ୍କଦ୍ୱାରା ପ୍ରକାଶିତ।

ଡିଲେଶ୍ୱର ରଣାଙ୍କ ଲିଖନଶୈଳୀ ସରଳ, ସ୍ୱାଭାବିକ ଓ ଗଭୀର ଅର୍ଥବହ। ସେ ଆଞ୍ଚଳିକ ଭାଷା, ଲୋକସଂସ୍କୃତି, ଲୋକ ଜୀବନ ତଥା ଆଧୁନିକ ଜୀବନ ଶୈଳୀକୁ ତାଙ୍କ ରଚନାରେ ଅତ୍ୟନ୍ତ ସୁନ୍ଦର ଓ ଭାବଗର୍ଭକ ଭାବେ ପାଠକକୁ ପରଷି ଦେଇଛନ୍ତି । ତାଙ୍କର ଗଳ୍ପଗୁଡ଼ିକ ପାଠକଙ୍କୁ ସେହି ପରିବେଶରେ ନେଇଯାଏ, ଯେଉଁଠାରେ ସେମାନେ ଚରିତ୍ରମାନଙ୍କ ସହ ଆତ୍ମୀୟତା ଅନୁଭବ କରନ୍ତି। ସେ ସମାଜର ଅବହେଳିତ, ଅସହାୟ ଓ ବିଡ଼ମ୍ବିତ ଅବସ୍ଥାରେ ଥିବା ଲୋକଙ୍କ ଜୀବନକୁ ତାଙ୍କ ସାହିତ୍ୟର କେନ୍ଦ୍ରବିନ୍ଦୁ କରିଛନ୍ତି।

ତାଙ୍କର ସାହିତ୍ୟିକ ଯାତ୍ରାର ସଫଳତା ଯୋଗୁଁ ପ୍ରତିଷ୍ଠିତ ସାହିତ୍ୟ ଅନୁଷ୍ଠାନମାନ ତାଙ୍କୁ ବିଭିନ୍ନ ସମ୍ମାନ ଓ ପୁରସ୍କାରରେ ସୁଶୋଭିତ କରିଛନ୍ତି । ସେ **କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର (୨୦୨୩)** ଛଡ଼ା **ପ୍ରଧାନମନ୍ତ୍ରୀ ଯୁବା ମେଣ୍ଟରଶିପ (୨୦୨୧)** ଦ୍ୱାରା ଚୟନ ହୋଇଥିଲେ। ଏହା ସହିତ ସେ **କଥା ନବପ୍ରତିଭା ସମ୍ମାନ (୨୦୧୮), କାଦମ୍ବିନୀ ଗଳ୍ପ ଉନ୍ମେଷ ପୁରସ୍କାର (୨୦୧୯), ତପସ୍ୟା ସମ୍ଭାବନା ପୁରସ୍କାର (୨୦୧୯)** ଓ **ଫକୀରମୋହନ ଯୁବ ଗାଳ୍ପିକ ପୁରସ୍କାର (୨୦୨୫)** ପାଇ ନିଜ ପ୍ରତିଭାକୁ ସ୍ଥାପିତ କରିଛନ୍ତି। ଏହି ସମ୍ମାନଗୁଡ଼ିକ ତାଙ୍କ ସୃଜନର ଗୁଣଗତ ମୂଲ୍ୟକୁ ସ୍ୱୀକୃତି ଦେଇଛି।

ଡିଲେଶ୍ୱର ରଣା ଓଡ଼ିଆ ସାହିତ୍ୟରେ ଗ୍ରାମୀଣ ଜୀବନ ଓ ସାମାଜିକ ସତ୍ୟକୁ ନୂତନ ଭାବରେ ପ୍ରକାଶ କରୁଥିବା ଓଡ଼ିଆ ସାହିତ୍ୟର ଅଗ୍ରଗାମୀ ସ୍ୱର। ତାଙ୍କ ରଚନାରେ ମାନବତା, ସଂଘର୍ଷ, ଆଶା ଓ ଜୀବନର ଗଭୀର ଦର୍ଶନ ଅନୁଭୂତ ହୁଏ। ସେ କେବଳ ଜଣେ ଲେଖକ ନୁହନ୍ତି ବରଂ ସମାଜର ଅନୁଭୂତିକୁ ସାହିତ୍ୟରେ ରୂପାନ୍ତର କରୁଥିବା ଜଣେ ସୃଜନଶୀଳ ଚିନ୍ତକ। ଓଡ଼ିଆ ସାହିତ୍ୟର ଏହି ଉଦୀୟମାନ ନକ୍ଷତ୍ର, ଯିଏ ନିଜ ସର୍ଜନଦ୍ୱାରା ସାହିତ୍ୟକୁ ନୂଆ ଦିଗ ଦେଉଛନ୍ତି। ତାଙ୍କର ସୃଜନ ଆଗାମୀ ପିଢ଼ି ପାଇଁ ଏକ ମୂଲ୍ୟବାନ ସଂପଦ ସାବ୍ୟସ୍ତ ହେବ ଏହା ଆଶା ପୋଷଣ କରି ଆପଣଙ୍କ ନିକଟରେ ତାଙ୍କ ସହ ଏହି ଆଳାପ ପ୍ରସ୍ତୁତ କରୁଛୁ।

**୧. ଆପଣଙ୍କ ସାହିତ୍ୟ ଯାତ୍ରା କେବେଠାରୁ ଆରମ୍ଭ ହୋଇଥିଲା ?**

**ଉତ୍ତର** - ନବମ ଶ୍ରେଣୀରୁ ନାଟକ ପ୍ରତି ଗୋଟେ ସ୍ୱତନ୍ତ୍ର ଦୁର୍ବଳତା ଥିଲା। ସମୟକ୍ରମେ ସିଟି ଟ୍ରେନିଂ ସମୟରୁ ୨୦୧୨ ମସିହାରୁ ପ୍ରତ୍ୟକ୍ଷ ଭାବେ ଲେଖାଲେଖି ଆରମ୍ଭ ହୋଇଥିଲା।

**୨. ଆପଣ କବିତା ଗଳ୍ପ ଉପନ୍ୟାସ ନାଟକ ସବୁଥିରେ ରୁଚି ରଖିଛନ୍ତି। ପ୍ରକୃତରେ ଆପଣଙ୍କୁ କେଉଁ ବିଭାଗଟି ଅଧିକ ଭଲ ଲାଗେ ଏବଂ କାହିଁକି ?**

**ଉତ୍ତର** - ସୃଜନ ଆଦ୍ୟପର୍ବରେ କବିତା ମୋର ପ୍ରିୟ କ୍ଷେତ୍ର ଥିଲା। ପରେ ଗପ, ଉପନ୍ୟାସ ଓ ନାଟକ ସହ ଆବେଗ ବଢ଼ିଲା। ତେବେ ଗପରେ ମୁଁ ନିଜକୁ ଖୁବ୍ ସହଜ ମନେ କରେ। କାହିଁକି ନା ଗୋଟେ ପ୍ରଶସ୍ତ କ୍ଷେତ୍ର ଆମ ପାଖରେ ଉପଲବ୍ଧ ଥାଏ, ଯାହାଦ୍ୱାରା ଆମେ ମନର ଭାବକୁ ମୁକ୍ତ ଭାବେ ପରିପ୍ରକାଶ କରିପାରିଥାଉ। ଯେଉଁ କଥା ଗୁଡ଼ିକୁ ବିସ୍ତାରିତ ଭାବେ ଅନ୍ୟ ମାଧ୍ୟମରେ କହି ହୁଏ ନାହିଁ, ତାହା ପାଇଁ ଗପ ମତେ ସର୍ବଶ୍ରେଷ୍ଠ ମାଧ୍ୟମ ଲାଗେ। ସେଥିପାଇଁ ମତେ ଲାଗେ ନାହିଁ ଯେ ମୁଁ ଗପ ଲେଖେ, ବରଂ ଲାଗେ ଗପ ମୋର ରକ୍ତରେ ଅଛି।

**୩. ଆପଣ କେମିତି ପ୍ରସଙ୍ଗକୁ ଧରିରଖି ଚରିତ୍ରମାନଙ୍କୁ ଉପସ୍ଥାପନା କରନ୍ତି। କାହାଣୀକୁ ନେଇ ଆପଣ ଚରିତ୍ରକୁ ଖୋଜନ୍ତି କି ଚରିତ୍ରକୁ ନେଇ ସାରିଲା ପରେ କାହାଣୀ ଗଢ଼ନ୍ତି।**

**ଉତ୍ତର** - ମୁଁ ଜିଉଁଥିବା ପରିବେଶ ହିଁ ନିର୍ଦ୍ଧାରଣ କରେ ଯେ ମୁଁ କି ପ୍ରକାର ଗପ ଲେଖିବି। ଚରିତ୍ର ଓ କାହାଣୀ ବି ଅନୁରୂପ ଭାବେ ମୋର ଆତଯାତ ପରିବେଶରୁ ହିଁ ଥାଆନ୍ତି। କେତେବେଳେ ଚରିତ୍ର ତ କେତେବେଳେ କାହାଣୀ ମତେ ଗପ ଲେଖିବାକୁ ବାଧ୍ୟ କରନ୍ତି, ଯାହା ମୁଁ ଭୋଗୁଥିବା ପରିବେଶରୁ ପାଇଥାଏ। ତେବେ ଗପର ଅନ୍ତିମ ପରିଣତି ନ ଗଢ଼ିବା ପର୍ଯ୍ୟନ୍ତ କୌଣସି ପ୍ରସଙ୍ଗ ଗପ ହୋଇ ଉତୁରିପାରେନା।

**୪. ଜଣେ ଶିକ୍ଷକ ଓ ଜଣେ ଲେଖକ ଏହି ଦୁଇ ପରିଚୟ ମଧ୍ୟରୁ କେଉଁଟି ଆପଣଙ୍କୁ ଅଧିକ ଗଢୁଛି।**

**ଉତ୍ତର** - ମୁଁ ଜଣେ ସାଧାରଣ ମଣିଷ । ଯିଏ ନିଜର ସବୁଦିନିଆ କାମ ଓ ତେଲ ଲୁଣର ସଂସାରରେ ଜୀଏଁ। ମତେ ପରିଚୟ ଏଯାଏଁ ନିର୍ମାଣ କରିପାରିନାହିଁ।

**୫. ଆପଣ ଲେଖିଲାବେଳେ ନିଜକୁ କେମିତି ଦେଖନ୍ତି। ଲେଖିଲାବେଳେ ନିଜ ଭିତରେ ନିଜେ କେବେ ଭାଙ୍ଗି ପଡିଛନ୍ତି କି ?**

**ଉତ୍ତର** - ମୁଁ ଭୋଗୁଥିବା ସମୟର ବିଫଳତା ହିଁ ମତେ ଗପ ଲେଖେଇଛି। ମୁଁ ଭାଙ୍ଗି ସାରିଲା ପରେ ସାହିତ୍ୟ ମତେ ପୁଣି ଥରେ ପ୍ରେମର ପୃଥିବୀ ସହ ପରିଚିତ କରେଇଛି।

**୬. ଆପଣଙ୍କ ମତରେ ଗଠନଗତ ଦୃଷ୍ଟିରୁ ଗଳ୍ପଟିଏ କେଉଁଭଳି ହେବା ଦରକାର।**

**ଉତ୍ତର** - ଏ କଥା ସମାଲୋଚକଙ୍କ ଉପରେ ଛାଡ଼ିଦିଆଯାଉ ନଚେତ୍ ପାଠକଙ୍କ ରୁଚିକୁ ଗୁରୁତ୍ୱ ଦିଆଯାଉ। ଏତେ କଥା ଯଦି ଗାଳ୍ପିକଟିଏ ଭାବିବ, ଗପ ଲେଖିବ କେତେବେଳେ। ଅତଏବ ଗାଳ୍ପିକ ନିଜ ମର୍ଜିରେ ଲେଖୁ।

**୭. ସାହିତ୍ୟରେ ପୁରସ୍କାରକୁ ନେଇ ଆପଣଙ୍କ ମତ କଣ। ଅନ୍ୟ ବିଭାଗ ତୁଳନାରେ ସାହିତ୍ୟ ବିଭାଗରେ ଅନେକ ଅନୁଷ୍ଠାନ ଅନେକ ପୁରସ୍କାର ତେଣୁ ଜଣେ ସାହିତ୍ୟିକ ସହଜରେ ସ୍ୱୀକୃତି ପାଇଯାଏକି ?**

**ଉତ୍ତର** - ପୁରସ୍କାର ଏକ ଉତ୍ସାହର ବିଷୟ। ଏହାକୁ ନେଇକି ବେଶୀ ଚର୍ଚ୍ଚା ଆଲୋଚନା ହେବା ଅପେକ୍ଷା ସାହିତ୍ୟ ସୃଷ୍ଟି ଦିଗରେ ନିଜକୁ ନିୟୋଜନ କରିପାରିଲେ ଭଲ। ସହଜ ସ୍ୱୀକୃତିକୁ ଯେଉଁ ଲେଖକ ଆପଣେଇ ନିଜକୁ ସୃଜନରୁ ଦୂରେଇ ରଖୁଛି, ତାହା ସାହିତ୍ୟ ପାଇଁ ଶୁଭଙ୍କର ନୁହଁ।

**୮. ଓଡ଼ିଆ ଭାଷା ଓ କୋଶଳୀ ଭାଷା ଏ ଦୁଇ ଭାଷା ସାହିତ୍ୟ ସର୍ଜନା କରିଲା ବେଳେ ଆପଣଙ୍କୁ ଦ୍ୱନ୍ଦ୍ୱ ରେ ପକାଏ ନା ସନ୍ତୋଷ ଦିଏ ?**

**ଉତ୍ତର** - ଆତ୍ମତୃପ୍ତି ମିଳେ। ଜଣେ ଲେଖକ ପାଇଁ ଅଧିକ ଭାଷା ଜାଣିବା ସାହିତ୍ୟ ପରିସରକୁ ଆହୁରି ବ୍ୟାପକ କରିଥାଏ। ପ୍ରତ୍ୟେକ ଭାଷାର ନିଜସ୍ୱ ମହତ୍ତ୍ୱ ଓ ଇତିହାସ ରହିଛି। ତେଣୁ ଏହି ଉଭୟ ଭାଷାରେ ମୁଁ ନିଜକୁ ସହଜ ଓ ସରଳ ମନେ କରେ।

**୯. ବର୍ତ୍ତମାନର ଯୁବ ଲେଖକ ଲେଖିକାଙ୍କୁ ନେଇ ଓଡ଼ିଆ ସାହିତ୍ୟର ଭବିଷ୍ୟତ କେଉଁପରି ?**

**ଉତ୍ତର** - ଭବିଷ୍ୟତ ଉଜ୍ଜ୍ୱଳ। ତେବେ ନୂତନତ୍ୱ ନାଁରେ ଯେଉଁମାନେ ଅଣଓଡ଼ିଆ ସାହିତ୍ୟର ଅନୁକରଣ କରୁଛନ୍ତି, ତାହା ଠିକ୍ ନୁହଁ ବୋଲି ଭାବୁଛି। ଆମ ଭାଷା, ଭାବ ଓ ଉପାଦାନକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

**୧୦. ଆପଣଙ୍କ ଦୃଷ୍ଟିରେ ଅଭିଜ୍ଞ ଲେଖକଙ୍କର ନୂତନ ପିଢ଼ିର ଲେଖକଙ୍କ ପ୍ରତି ଦାଇତ୍ୱବଦ୍ଧତା କ'ଣ ରହିବା ଉଚିତ ?**

ଉତ୍ତର - ପିଠି ଥାପୁଡେଇବାର ଆବଶ୍ୟକତା ରହିଛି। ଚଳନ୍ତି ସମୟରେ ସାହିତ୍ୟର ବେଗ ଓ ଦିଗ ସମ୍ପର୍କରେ ସମସ୍ତଙ୍କୁ ଯତ୍ନବାନ କରେଇବା ଦାୟିତ୍ୱ ତାଙ୍କର ବୋଲି ମୁଁ ଭାବେ।

ବିନ୍ଦୁ ବିମର୍ଶ
BINDU BIMARSHA...


| FIELD | DETAILS | PLAGIARISM QR |
|---|---|---|
| FUNDING STATEMENT | This research received no external funding | Not Applicable |
| CONFLICT OF INTEREST | No | |
| PLAGIARISM TEST | Not applicable | |
| SIMILARITY INDEX | Not applicable | |
| ETHICAL APPROVAL | Yes | |


cc BY NC

"କୌଣସି ସାଧୁ କାର୍ଯ୍ୟରେ ନିଃସ୍ୱାର୍ଥ ଭାବରେ ପ୍ରାଣପଣେ ଲାଗି ପଡ଼ିଲେ
ଦୟାମୟ ପ୍ରଭୁ ସହାୟ ହୁଅନ୍ତି"

-ବ୍ୟାସକବି ଫକୀରମୋହନ ସେନାପତି
ବାଲେଶ୍ୱରରେ ପ୍ରଥମ ଛାପାଖାନା, ଆତ୍ମଜୀବନୀଚରିତ


ଆମ ସହିତ ଯୋଡ଼ି ହୁଅନ୍ତୁ ଓ ନିଜର ମତାମତ ପ୍ରଦାନ କରନ୍ତୁ ।
ଇ-ମେଲ୍- bindubimarsha@gmail.com
ଦୂରଭାଷ- ୯୪୩୯୫୧୫୫୭୯
www.bindubimarsha.in



3049-2807
9 773049 280009


Price - ₹200/-